ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୪/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, April 14/2023 | Page 20 | ₹ 7.00

୪୯ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 139 | ମୂଲ୍ୟ₹୭/-



## ଶ୍ରେଷ୍ଠ ଜ୍ଞାନୀ ମାନବ
## ସାମାଜିକ ସମାନତାର ସଦ୍‌ଭାବନା ଜାଗରଣକାରୀ

ସମାଜ ସଂସ୍କାରକ, ଆମ ସମ୍ବିଧାନର ସ୍ଥପତି

**ଭାରତ ରତ୍ନ**
**ବାବାସାହେବ ଡ଼ଂ ବିଂଆରଂ ଆମ୍ବେଦକରଙ୍କ**
**୧୨୫ ଫୁଟ୍ କାଂସ୍ୟ ପ୍ରତିମୂର୍ତ୍ତିର ଅନାବରଣ**

ଶୁକ୍ରବାର, ୧୪ ଅପ୍ରେଲ ୨୦୨୩, ଅପରାହ୍ଣ ୨ ଘ.

ଆସନ୍ତୁ ବିଶ୍ୱର ସର୍ବୋଚ୍ଚ
ଆମ୍ବେଦକର ପ୍ରତିମୂର୍ତ୍ତିକୁ ଆମର

**ମାନ୍ୟବର ମୁଖ୍ୟ ମନ୍ତ୍ରୀ**
**ଶ୍ରୀ କେଂ ଚନ୍ଦ୍ରଶେଖର ରାଓଙ୍କ**

ସହିତ ଅନାବରଣ କରିବା
ଏବଂ ବିଶ୍ୱର ସବୁଠାରୁ ଜ୍ଞାନୀ ବ୍ୟକ୍ତିଙ୍କୁ
ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା

## ତେଲଙ୍ଗାନା :
## ଅନୁସୂଚୀତ ଜାତି କଲ୍ୟାଣ
## କ୍ଷେତ୍ରରେ ଦେଶର ରୋଲ୍ ମଡ଼େଲ



ସମ୍ମାନିତ ଅତିଥି

**ଶ୍ରୀ ପ୍ରକାଶ ଆମ୍ବେଦକର**
ପୂର୍ବତନ ସାଂସଦ, ଲୋକସଭା
ଡ଼. ବି.ଆର. ଆମ୍ବେଦକରଙ୍କ ନାତି

# ତେଲଙ୍ଗାନା ଦଳିତ ବନ୍ଧୁ
# ଏକ ସ୍ୱତନ୍ତ୍ର ଓ ବୈପ୍ଳବିକ ଯୋଜନା

## ଦେଶରେ କେଉଁଠାରେ ନାହିଁ, ବିଶ୍ୱରେ କେଉଁଠାରେ ନାହିଁ

ଏହି ସ୍ୱତନ୍ତ୍ର ଓ ବୈପ୍ଳବିକ ଯୋଜନା ଦ୍ୱାରା ଦଳିତଙ୍କ ସଶକ୍ତିକରଣ। ଏହା କେବଳ ଦେଶରେ ନୁହେଁ ଏହା ସାରା ବିଶ୍ୱରେ, ଏକ ସର୍ବବୃହତ ନଗଦ ହସ୍ତାନ୍ତରଣ ଯୋଜନା।

- ସରକାର ପ୍ରତ୍ୟେକ ଦଳିତ ପରିବାରକୁ ସେମାନଙ୍କ ଅଭିଜ୍ଞତା ଓ ପସନ୍ଦ ଅନୁସାରେ ବ୍ୟବସାୟ / ସ୍ୱରୋଜଗାର ସ୍ଥାପନା ଉଦ୍ଦେଶ୍ୟରେ ଟ.୧୦,୦୦,୦୦୦ ମାଗଣ ମଞ୍ଜୁରୀ ପ୍ରଦାନ କରୁଛନ୍ତି।
- ବିନା ବ୍ୟାଙ୍କ ଲିଙ୍କେଜ୍‌ରେ ଏବଂ ଏହାକୁ ପରିଶୋଧ କରିବାର ଆବଶ୍ୟକତା ନାହିଁ।
- ଏପର୍ଯ୍ୟନ୍ତ ୩୮,୩୨୩ ଦଳିତ / ଏସସି ପରିବାର ୩,୮୩୨ କୋଟି ଟଙ୍କା ଲାଭ ପାଇଛନ୍ତି। ସେମାନେ ଏକ ଲାଭଦାୟକ ନିଯୁକ୍ତି / ବ୍ୟବସାୟକୁ ଚୟନ କରିଛନ୍ତି ଏବଂ ଉତ୍ତମ ଜୀବନ ନିର୍ବାହ କରୁଛନ୍ତି।
- ଏହି ଆର୍ଥିକ ବର୍ଷରେ ଟ.୧୭,୭୦୦ କୋଟି ବଜେଟ୍ ସହିତ ୧,୭୭,୦୦୦ ଏସସି ପରିବାର ଲାଭବାନ ହୋଇଛନ୍ତି।
- ପର୍ଯ୍ୟାୟକ୍ରମେ ଦେଶର ପ୍ରତ୍ୟେକ ଦଳିତ ପରିବାର ଏହି ଯୋଜନାରୁ ଲାଭ ପାଉଛନ୍ତି।

## ଏସସି ସବ୍ ପ୍ଲାନ - ମାତ୍ର ୭ ବର୍ଷରେ ଅନୁସୂଚୀତ ଜାତିର କଲ୍ୟାଣ ପାଇଁ ଟଂ୧,୧୩,୧୯୨ କୋଟି

**ତେଲଙ୍ଗାନା ସରକାର ପ୍ରଣୟନ କରିଛନ୍ତି ଏକ ସ୍ୱତନ୍ତ୍ର ଅନୁସୂଚୀତ ଜାତି ବିକାଶ ପାଣ୍ଠି ନିୟମ, ଯାହାକି ଦେଶରେ କୌଣସି ଠାରେ ଏହା କରାଯାଇନାହିଁ। ଏହି ନିୟମ ଦ୍ୱାରା ଅନୁସୂଚୀତ ଜାତି ଜନସଂଖ୍ୟା ଅନୁପାତ ଅନୁସାରେ ପାଣ୍ଠି ଆବଣ୍ଟନ।**

- ଏକ ଆର୍ଥିକ ବର୍ଷରେ ପାଣ୍ଠି ବିନିଯୋଗ ହୋଇନପାରିଲେ ଏହାକୁ ପରବର୍ତ୍ତୀ ଆର୍ଥିକ ବର୍ଷ ପାଇଁ ବିନିଯୋଗ କରାଯିବ - ତେଲଙ୍ଗାନା ସରକାର ଏପରି ବ୍ୟବସ୍ଥା ପ୍ରଣୟନ କରିବାରେ ହେଉଛନ୍ତି ପ୍ରଥମ।
- ପୂର୍ବରୁ ଥିବା ସରକାର ଅନୁସୂଚୀତ ଜାତି ବର୍ଗଙ୍କ କଲ୍ୟାଣ ନିମନ୍ତେ ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ୧୦ ବର୍ଷରେ ମାତ୍ର ଟ.୧୬,୦୦୦ କୋଟି ଖର୍ଚ୍ଚ କରିଥିଲେ।
- ଅନୁସୂଚୀତ ବର୍ଗଙ୍କ କଲ୍ୟାଣ ପାଇଁ ୭ ବର୍ଷରେ ତେଲଙ୍ଗାନା ସରକାର ଖର୍ଚ୍ଚ କରିଛନ୍ତି ଟ.୧,୧୩,୧୯୨ କୋଟି।
- ଅନୁସୂଚୀତ ବର୍ଗଙ୍କ କଲ୍ୟାଣ ପାଇଁ ତେଲଙ୍ଗାନା ସରକାରଙ୍କ ତ୍ୟାଗ ଓ ପ୍ରତିଶ୍ରୁତି ଏଥିରୁ ପ୍ରମାଣିତ।

## ଦଳିତଙ୍କ କଲ୍ୟାଣ ପାଇଁ ଏପରି ପ୍ରୋତ୍ସାହନ ପୂର୍ବରୁ କଦାପି ପ୍ରଦାନ କରାଯାଇନଥିଲା- ବାଣିଜ୍ୟ ଓ ବ୍ୟବସାୟରେ ୧୫% ସଂରକ୍ଷଣ

ଯାହା ଦେଶରେ କୌଣସି ସ୍ଥାନରେ ହୋଇନାହିଁ, ଲାଭଦାୟକ ବ୍ୟବସାୟ ଯଥା ସାର ଦୋକାନ, ଔଷଧ ଦୋକାନ ଓ ମଦ ଦୋକାନ ପାଇଁ ଅନୁସୂଚୀତ ଜାତିର ପ୍ରାର୍ଥୀମାନଙ୍କୁ ଲାଇସେନ୍ସ ଆବଣ୍ଟନରେ ୧୫% ସଂରକ୍ଷଣ ବ୍ୟବସ୍ଥା।

## ବିଦେଶରେ ଶିକ୍ଷା ପାଇଁ ଟଂ୨୦,୦୦,୦୦୦ ବୃତ୍ତି

ତେଲଙ୍ଗାନା ସରକାର ବିଦେଶରେ ଶିକ୍ଷା ଗ୍ରହଣ କରୁଥିବା ଅନୁସୂଚୀତ ଜାତିର ଛାତ୍ରଛାତ୍ରୀମାନଙ୍କୁ ଟ.୨୦ ଲକ୍ଷ ଆମ୍ବେଦକର ଓଭରସିଜ୍ ସ୍କଲାରସିପ୍ ପ୍ରଦାନ କରୁଛନ୍ତି। ଏପରି ବୃହତ ପରିମାଣ ପ୍ରଦାନ କରିବାରେ ତେଲଙ୍ଗାନା ହେଉଛି ଏକମାତ୍ର ରାଜ୍ୟ।

**ତେଲଙ୍ଗାନା କାର୍ଯ୍ୟାନ୍ୱୟନ କରୁଛି... ରାଷ୍ଟ୍ର ଅନୁସରଣ କରୁଛି**

## ୧୦୦୧ ଆବାସିକ ଶିକ୍ଷା ପ୍ରତିଷ୍ଠାନ

- ତେଲଙ୍ଗାନା ସରକାର ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଗୁଣମାନର ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ୧୦୦୧ ଟି ଆବାସିକ ଶିକ୍ଷା ପ୍ରତିଷ୍ଠାନ ବ୍ୟବସ୍ଥିତ କରିଛନ୍ତି।
- ଇଂରାଜୀ ମାଧ୍ୟମରେ ଗୁଣମାନର ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଓ ଏହା ସହିତ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ଏବଂ ଆନ୍ତର୍ଜାତୀୟ ସ୍ତରରେ ତୀବ୍ର ପ୍ରତିଯୋଗିତାରେ ସମ୍ମୁଖୀନ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତୁତି।
- ଆମର ଆବାସିକ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରୁଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ତାଙ୍କର ପ୍ରତିଭାକୁ ପ୍ରମାଣିତ କରୁଛନ୍ତି ଏବଂ ତେଲଙ୍ଗାନାର ଗୌରବ ବୃଦ୍ଧି କରୁଛନ୍ତି।

ଆୟୋଗ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତେଲଙ୍ଗାନା ସରକାରଙ୍କ ଦ୍ୱାରା ଜାରୀ

# ପ୍ରଶ୍ନ ଘେରରେ ଏନ୍‌କାଉଣ୍ଟର

## ଏସ୍‌ଟିଏଫ୍ ଚଳାଇଛି ୪୨ ରାଉଣ୍ଡ୍ ଗୁଳି

**ଲକ୍ଷ୍ନୌ/ନୂଆଦିଲ୍ଲୀ, ୧୩।୪**

ଉତ୍ତର ପ୍ରଦେଶର ପ୍ରୟାଗରାଜ ସମେତ ଆଖପାଖ ଅଞ୍ଚଳରେ ୩ ଦଶନ୍ଧି ଧରି କ୍ରାଇମ୍ ସିଣ୍ଡିକେଟ୍ ଚଳାଇଥିବା ଅତିକ୍ ଅହମ୍ମଦଙ୍କୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମାଟିରେ ମିଶାଇ ଦିଆଯିବ ବୋଲି ଫେବୃୟାରୀ ୨୫ରେ ବିଧାନସଭାରେ ଘୋଷଣା କରିଥିଲେ। ଆଇନଜୀବୀ ଉମେଶ ପାଲ୍ ହତ୍ୟାକାଣ୍ଡର ଦିନକ ପରେ ଯୋଗୀ ଦେଇଥିବା ଏହି ଚେତାବନୀକୁ ତାଙ୍କ ପୋଲିସ ଅକ୍ଷରେ ଅକ୍ଷରେ ପାଳନ କରିଛି। ଉମେଶଙ୍କ ହତ୍ୟାର ୫୦ ଦିନ ନ ପୂରୁଣୁ ଅତିକ୍‌ଙ୍କ ପୁଅ ଅସାଦ୍ ଓ ଶାର୍ପ ଶୁଟର ଗୁଲାମଙ୍କୁ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାନ୍ସୀର ବବିନା ଜଙ୍ଗଲରେ ୪୨ ରାଉଣ୍ଡ ଗୁଳି ଚଳାଇ ହତ୍ୟା କରିଛି। ଯୋଗୀ ଏବଂ ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ନିଜ ପୋଲିସ ତଥା ଏସ୍‌ଟିଏଫ୍ ଟିମ୍‌ର ପିଠି ଆପୁଡ଼ାଇ ପ୍ରଶଂସା କରିଛନ୍ତି। କିନ୍ତୁ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏହାକୁ ଫେକ୍ ଏନ୍‌କାଉଣ୍ଟର କହି ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି।

ଅସାଦ ଓ ଗୁଲାମଙ୍କୁ ଗୁରୁବାର ଅପରାହ୍ନ ୧୨ ଟା ୩୦ ମିନିଟରୁ ୧ଟା ମଧ୍ୟରେ ଏନ୍‌କାଉଣ୍ଟର କରାଯାଇଥିଲା। ଏହାର କିଛି ସମୟ ପରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ୟୁପିର ଭାଜପା ସରକାର ଅସଲ ପ୍ରସଙ୍ଗଗୁଡ଼ିକ ଉପରୁ ଧ୍ୟାନ ହଟାଇବା ପାଇଁ ଫେକ୍ ଏନ୍‌କାଉଣ୍ଟର ଭଳି ପନ୍ଥା ଆପଣାଇଛନ୍ତି। ଭାଜପା ଅଦାଲତଙ୍କୁ ବିଶ୍ୱାସ କରେନାହିଁ। ସଦ୍ୟ ଓ ଅନ୍ୟ ଏନ୍‌କାଉଣ୍ଟରଗୁଡ଼ିକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ଜରୁରୀ। ଦୋଷୀଙ୍କୁ ଛଡ଼ା ନ ଯାଉ। ଠିକ୍ ଭୁଲ୍‌ର ନିଷ୍ପତ୍ତି ନେବା ଅଧିକାର ସରକାରଙ୍କର ନାହିଁ। କିଏ ବଞ୍ଚିବେ କିଏ ମରିବେ ତାହା କ୍ଷମତାରେ ଥିବା ଲୋକେ ସ୍ଥିର କରିପାରିବେ ନାହିଁ। ଏହି ଦଳ ଭାଇଚାରା ବିରୋଧୀ ବୋଲି ଅଖିଳେଶ ଟୁଇଟ୍ କରିଛନ୍ତି। ସେହିପରି ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି, ଏହି ହତ୍ୟା ବିକାଶ ଦୁବେ ଏନ୍‌କାଉଣ୍ଟରର ପୁନରାବୃତ୍ତି ହୋଇଥାଇପାରେ।


ଏନ୍‌କାଉଣ୍ଟରସ୍ଥଳରେ ଅସାଦ୍ ଓ ଗୁଲାମଙ୍କ ମୃତଦେହ


ଅସଲ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଫେକ୍ ଏନ୍‌କାଉଣ୍ଟର: ଅଖିଳେଶ


ଏହା ବିକାଶ ଦୁବେ ଏନ୍‌କାଉଣ୍ଟରର ପୁନରାବୃତ୍ତି। ତଦନ୍ତ ହେଉ: ମାୟାବତୀ

### ଉଚ୍ଚସ୍ତରୀୟ ତଦନ୍ତ ଦାବି

ତେଣୁ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ତଥ୍ୟ ଓ ସତ୍ୟ ପଦାକୁ ଅଣାଯାଉ ବୋଲି ମାୟାବତୀ ଟୁଇଟ୍ କରିଛନ୍ତି। ଗ୍ୟାଙ୍ଗଷ୍ଟର ବିକାଶ କାନପୁର ବାସିନ୍ଦା ଥିଲେ, ଯାହାଙ୍କୁ ମଧ୍ୟପ୍ରଦେଶରୁ ୟୁପିକୁ ଅଣାଯାଉଥିବାବେଳେ ଗାଡ଼ି ଓଲଟିଯିବାରୁ ସେ ଖସି ପଳାଇବା ବେଳେ ପୋଲିସ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିବା ସେତେବେଳେ କୁହାଯାଇଥିଲା।

### ୧୪ ଦିନିଆ ରିମାଣ୍ଡରେ ଅତିକ୍, ଅଶ୍ରଫ୍

ଉମେଶ ପାଲ୍‌ଙ୍କୁ ଅପହରଣ ଓ ହତ୍ୟା କରିବା ଅଭିଯୋଗରେ ସମାଜବାଦୀ ପାର୍ଟିର ପୂର୍ବତନ ବିଧାୟକ ୬୦ ବର୍ଷୀୟ ଅତିକ୍‌ଙ୍କୁ ଗୁଜରାଟର ସାବରମତୀ ଜେଲରୁ ମାସକ ମଧ୍ୟରେ ଦ୍ୱିତୀୟ ଥର ପାଇଁ ପ୍ରୟାଗରାଜକୁ ଅଣାଯାଇଥିଲା। ଗୁରୁବାର ଅତିକ୍ ଓ ତାଙ୍କ ଭାଇ ଅଶ୍ରଫ୍‌ଙ୍କୁ ୧୪ ଦିନିଆ ପୋଲିସ ହାଜତକୁ ପଠାଇଦିଆଯାଇଥିଲା।


ଅତିକ୍ ଅହମ୍ମଦ


ଅଶ୍ରଫ୍ ଅହମ୍ମଦ

### ସିସିଟିଭିରେ କଏଦ୍ ହୋଇଥିଲା ଉମେଶ ପାଲ୍ ହତ୍ୟା ଦୃଶ୍ୟ

ଫେବୃୟାରୀ ୨୪ରେ ଉମେଶ ପାଲ୍‌ଙ୍କୁ ହତ୍ୟା କରାଯିବାବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିଲା। ଅସାଦ, ଗୁଲାମ ଓ ଅନ୍ୟ ଅଭିଯୁକ୍ତମାନେ ଉମେଶଙ୍କୁ ଗୁଳି ମାରୁଥିଲେ, ବୋମା ଫିଙ୍ଗୁଥିଲେ। ପୋଲିସ ସେମାନଙ୍କ ମୁଣ୍ଡ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା। ହତ୍ୟା ପରେ ଅସାଦ ଲକ୍ଷ୍ନୌ ଫେରାର ହୋଇଥିଲେ। ପରେ ସେ କାନ୍‌ପୁର ଓ ମିରଟ ଯାଇ ସେଠାରୁ ଦିଲ୍ଲୀ ଫେରାର ହୋଇଥିଲେ। ଧରା ନ ପଡ଼ିବା ପାଇଁ ବାରମ୍ବାର ମୋବାଇଲ ଓ ସିମ୍ ବଦଳାଉଥିଲେ।

### କ'ଣ କହୁଛି ୟୁପି ପୋଲିସ

ୟୁପି ପୋଲିସର କହିବା ହେଲା, ଅସାଦ ଓ ଗୁଲାମଙ୍କୁ ଏସ୍‌ଟିଏଫ୍ ଟିମ୍ ଝାନ୍ସୀରେ ଟ୍ରାକ୍ କରିଥିଲା। ସେମାନଙ୍କୁ ଧରିବା ପାଇଁ ୨ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ଟିମ୍ ଗଠନ କରାଯାଇଥିଲା। ଦୁହେଁ ଏକ ବାଇକ୍‌ରେ ଫେରାରହେବାକୁ ଉଦ୍ୟମ କରୁଥିବାବେଳେ କାବୁ କରିବାକୁ ଚେଷ୍ଟା କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ଏସ୍‌ଟିଏଫ୍ ଟିମ୍ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି। ଏହି ଅପରେଶନରେ ୪୨ ରାଉଣ୍ଡ ଗୁଳି ଚଳାଯାଇଥିଲା। ସେମାନଙ୍କ ମୃତଦେହ ନିକଟରୁ ବିଦେଶରେ ନିର୍ମିତ ଦାମୀ ବନ୍ଧୁକ ଜବତ ହୋଇଛି।


ରାଜୁ ପାଲ୍


ଉମେଶ ପାଲ୍

▶▶ଅତିକ୍ ଅହମ୍ମଦଙ୍କ ଭଉଣୀ ଆୟେଶା ନୁରିଙ୍କ ଝିଅ ସହ ଅସାଦଙ୍କ ବିବାହ ସ୍ଥିର ହୋଇଥିଲା। ଗତବର୍ଷ ଉଭୟଙ୍କ ନିର୍ବନ୍ଧ ସରିଥିଲା। ବିବାହ ପୂର୍ବରୁ ଏନ୍‌କାଉଣ୍ଟରରେ ଜୀବନ ଗଲା।

▶▶ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏବଂ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି) ସହ ଅତିକ୍ ଅହମ୍ମଦଙ୍କ ଥିବା ନେଇ ୟୁପି ପୋଲିସର ରିମାଣ୍ଡ୍ କପିରୁ ପ୍ରଘଟ ହୋଇଛି।

▶▶ୟୁପି ସରକାର ମାଫିଆଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଆପଣାଇଛନ୍ତି। ଏହାର ପରିଣାମ ଆଜି ସମସ୍ତଙ୍କ ସମ୍ମୁଖରେ ବୋଲି ସ୍ପେଶାଲ ଡିଜି (ଆଇନ ଶୃଙ୍ଖଳା) ପ୍ରଶାନ୍ତ କୁମାର କହିଛନ୍ତି।

### ମାଟିରେ ମିଶାଇଦେବୁ: ଯୋଗୀଙ୍କ ମନ୍ତବ୍ୟ ଭାଇରାଲ



ଫେବୃୟାରୀ ୨୫ରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଧାନସଭାର ବଜେଟ ଅଧିବେଶନକୁ ସମ୍ବୋଧନ କରୁଥିବାବେଳେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ସ୍ପଷ୍ଟ ଦିବାଲୋକରେ ଉମେଶଙ୍କୁ ହତ୍ୟା କରାଯାଇଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଦର୍ଶାଇ ସେ ଯୋଗୀଙ୍କୁ ଘେରିଥିଲେ। ସେତେବେଳେ ଅଖିଳେଶଙ୍କ ଦଳ ଅପରାଧୀମାନଙ୍କୁ ଆଶ୍ରୟ ଦେଉଥିବା କହି ଯୋଗୀ ବର୍ଷିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ମାଫିଆମାନଙ୍କୁ ମାଟିରେ ମିଶାଇ ଦିଆଯିବ। ଯୋଗୀଙ୍କ ସେହି ମନ୍ତବ୍ୟର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବାରେ ଲାଗିଛି।



❝ ଦଣ୍ଡ ଦେବା ଆଇନର କାମ। କିନ୍ତୁ ୟୁପିରେ ଆଇନକୁ ଉପହାସ କରାଯାଉଛି। ଯୋଗୀ ଆଦିତ୍ୟନାଥ ସରକାର ଯଦି ଗୁଳି ଚଳାଇ ନ୍ୟାୟ ପ୍ରଦାନ କରିବାକୁ ଚାହୁଁଛନ୍ତି, ତେବେ ଅଦାଲତଗୁଡ଼ିକୁ ବନ୍ଦ କରିଦିଅନ୍ତୁ।
-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ

## ସଂକ୍ଷେପରେ

### ଅଣଭାଜପା ଶାସିତ ରାଜ୍ୟଙ୍କୁ ଚିଠି ଲେଖିଲେ ଷ୍ଟାଲିନ୍

**ବିଲ୍ ଅଟକାଉଛନ୍ତି ରାଜ୍ୟପାଳ**

**ଚେନ୍ନାଇ, ୧୩।୪:** ବିଧାନସଭାରେ ଗୃହୀତ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ଦେବା ଲାଗି ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବାକୁ ଦାବିକରି ତାମିଲନାଡୁ ବିଧାନସଭାରେ ପ୍ରସ୍ତାବ ଗୃହୀତ ହୋଇଛି। ଅନ୍ୟମାନେ ମଧ୍ୟ ଅନୁରୂପ ପ୍ରସ୍ତାବ ଗୃହୀତ କରାଇବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ପତ୍ର ଲେଖିଛନ୍ତି। ବିଧାନସଭାରେ ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିବାରେ ରାଜ୍ୟପାଳମାନେ ଜାଣିଶୁଣି ବିଳମ୍ବ କରୁଛନ୍ତି। ଫଳରେ ଭାରତୀୟ ଗଣତନ୍ତ୍ର ଆଜି ଏକ ଦୋଛକିରେ ଛିଡ଼ାହୋଇଛି। ସହଯୋଗ ଭିତ୍ତିକ ସଂଘବାଦ ଫିକା ପଡ଼ିଯାଉଥିବା ଦେଖିବାକୁ ମିଳିଛି ବୋଲି ଷ୍ଟାଲିନ୍ ପତ୍ରରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାରଗୁଡ଼ିକର ସାର୍ବଭୌମତ୍ୱ ଏବଂ ଆତ୍ମସମ୍ମାନ ରକ୍ଷା ଲାଗି ଅଣଭାଜପା ରାଜ୍ୟ ସରକାରମାନେ ସେମାନଙ୍କ ବିଧାନସଭାରେ ଅନୁରୂପ ପ୍ରସ୍ତାବ ଗୃହୀତ କରାଇବା ଜରୁରୀ ବୋଲି ଷ୍ଟାଲିନ୍ କହିଛନ୍ତି।



### ଏଆଇଏମ୍‌ପିଏଲ୍‌ବି ଅଧ୍ୟକ୍ଷଙ୍କ ପରଲୋକ

**ନୂଆଦିଲ୍ଲୀ, ୧୩।୪:** ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି)ର ଅଧ୍ୟକ୍ଷ ମୌଲାନା ରାବେ ହସ୍‌ନି ନଦ୍‌ଭିଙ୍କର ଗୁରୁବାର ଅପରାହ୍ନରେ ଲକ୍ଷ୍ନୌସ୍ଥିତ ଇସ୍‌ଲାମୀୟ ଶିକ୍ଷାନୁଷ୍ଠାନ ନାଦ୍ୱାତୁଲ ଉମଲାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ନିମୋନିଆରେ ପୀଡ଼ିତ ହେବାରୁ ତାଙ୍କୁ ଗତ ୯ ତାରିଖରେ ରାଏବରେଲି ଘରୁ ଲକ୍ଷ୍ନୌକୁ ସ୍ଥାନାନ୍ତର କରାଯାଇଥିଲା। ନଦ୍‌ଭି ଗତ ୨୧ ବର୍ଷ ହେଲା ଏଆଇଏମ୍‌ପିଏଲ୍‌ବିର ଅଧ୍ୟକ୍ଷ ରହିଆସିଥିଲେ। ଶୁକ୍ରବାର ରାଏବରେଲିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ।


ମୌଲାନା ରାବେ ହସ୍‌ନି ନଦ୍‌ଭି

### ମୋଦି ନିଯୁକ୍ତିପତ୍ର ବାଣ୍ଟିବାକୁ ତାମସା କହିଲା କଂଗ୍ରେସ

**ନୂଆଦିଲ୍ଲୀ, ୧୩।୪:** ରାଷ୍ଟ୍ରୀୟ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ୭୧,୦୦୦ ନବନିଯୁକ୍ତ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏହି ଅବସରରେ ଭର୍ଚୁଆଲି ଉଦ୍‌ବୋଧନ ଦେଇ ସେ କହିଥିଲେ, ଷ୍ଟାର୍ଟଅପ୍‌ଗୁଡ଼ିକ ଦେଶରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯକ୍ତି ସୃଷ୍ଟି କରିଛନ୍ତି। ଯୁବପିଢ଼ି ମଧ୍ୟରେ ଆଗ୍ରହ ବଢ଼ାଇବା ଏବଂ ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ଲାଗି ସରକାରଙ୍କ ପ୍ରତିବଦ୍ଧତା ରାଷ୍ଟ୍ରୀୟ ରୋଜଗାର ମେଳା ପ୍ରଦର୍ଶିତ କରୁଛି ବୋଲି ମୋଦି କହିଥିଲେ। ତେବେ ମୋଦି ନିଯୁକ୍ତି ପତ୍ର ବାଣ୍ଟିବାକୁ କଂଗ୍ରେସ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀଙ୍କ ପାଇଁ ଶାସନ ସର୍ବାଧିକ ତାମ୍‌ସାରେ ପରିଣତ ହୋଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସରକାର ଦଶମ ବର୍ଷରେ ପହଞ୍ଚୁଥିବାବେଳେ ବହୁ ବିଳମ୍ବରେ ଅଳ୍ପ କେତେକଙ୍କୁ ନିଯୁକ୍ତି ଦିଆଯାଉଛି। ରେଲ୍‌ୱେରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଥିବାବେଳେ ବିଭିନ୍ନ ମନ୍ତ୍ରଣାଳୟରେ ୩୦ ଲକ୍ଷ ପଦବୀ ଖାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ବେରୋଜଗାରୀ ଓ ଦରଦାମ୍ ବୃଦ୍ଧିକୁ ନେଇ କଂଗ୍ରେସ କେନ୍ଦ୍ରକୁ ସମାଲୋଚନା କରିଆସୁଛି।

### ଭାରତର ପ୍ରଥମ ଗାଁ କିବିଥୁ ବୁଲିଯିବାକୁ ଶାହାଙ୍କ ଅନୁରୋଧ

**ନୂଆଦିଲ୍ଲୀ, ୧୩।୪:** ଭାରତର ପ୍ରଥମ ଗାଁ କୁହାଯାଉଥିବା ହିମାଚଳ ପ୍ରଦେଶର କିବିଥୁ ବୁଲିଯିବା ପାଇଁ ଦେଶବାସୀଙ୍କୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ବିନମ୍ର ଅନୁରୋଧ କରିଛନ୍ତି। ଗୁରୁବାର ଟୁଇଟରରେ ଶାହା ଏକ ଫଟୋ ଶେୟାର କରିଛନ୍ତି। କିବିଥୁ ଗାଁ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ବୋଲି ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ଏଥିସହ ଥରୁଟିଏ କିବିଥୁ ଆସି ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ପାଇଁ ଶାହା କହିଛନ୍ତି। ଗତ ୧୦ ତାରିଖରେ ଭାରତର ପୂର୍ବାଞ୍ଚଳରେ ଥିବା କିବିଥୁ ବୁଲିବା ସହ ସେଠାରେ ରାତି କାଟିଥିଲେ।

# ସାମରିକ ନିଯୁକ୍ତି ନିୟମ ବଦଳାଇଲା ଚାଇନା

**ବେଜିଂ, ୧୩।୪**

ତାଇୱାନ୍‌କୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ଚାଇନା ଏହାର ଯୁଦ୍ଧ ସମୟର ନିଯୁକ୍ତି ନିୟମାବଳୀରେ ସଂଶୋଧନ କରିଛି। ଏଥିରେ ବର୍ଷୀୟାନଙ୍କୁ ପ୍ରାଥମିକତା ଦିଆଯିବ। ତାଇୱାନ ସହ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ଚାଇନା ଷ୍ଟେଟ୍ କାଉନସିଲ ଏବଂ କେନ୍ଦ୍ରୀୟ ମିଲିଟାରି କମିଶନଙ୍କ ପକ୍ଷରୁ ଏହି ସଂଶୋଧିତ ସାମରିକ ନିଯୁକ୍ତି ନିୟମ ପ୍ରକାଶ ପାଇଛି। ଆସନ୍ତା ମାସରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ମଜଭୁତ ଜାତୀୟ ପ୍ରତିରକ୍ଷାକୁ ଆନୁଷ୍ଠାନିକ ଗ୍ୟାରେଣ୍ଟି ଦେବା ଏବଂ ସଶକ୍ତ ସଶସ୍ତ୍ର ବାହିନୀ ଗଠନ କରିବା ଏହି ସଂଶୋଧିତ ନିୟମାବଳୀର ଲକ୍ଷ୍ୟ ବୋଲି କୁହାଯାଉଛି। ନୂଆ ନିୟମ ଅନୁଯାୟୀ ଅଧିକ ହାଇକାଲିବର ସୈନ୍ୟ ନିଯୁକ୍ତ ହେବା ସହ ସାମରିକ ବ୍ୟବସ୍ଥାର ସାମର୍ଥ୍ୟ ବୃଦ୍ଧି ପାଇବ। ଯୁଦ୍ଧ ପ୍ରସ୍ତୁତିକୁ ଫୋକସ୍ ଓ ସାମର୍ଥ୍ୟ ବୃଦ୍ଧିକୁ ଲକ୍ଷ୍ୟରେ ରଖି ନିଯୁକ୍ତି ଦିଆଯିବା ଆବଶ୍ୟକ। ପ୍ରଥମ ଥର ପାଇଁ ୱାରଟାଇମ୍ ରିକ୍ରୁଟ୍‌ମେଣ୍ଟ ନାମରେ ଏକ ନୂଆ ଅଧ୍ୟାୟ ନିୟମାବଳୀରେ ସାମିଲ ହୋଇଛି, ଯେଉଁଥିରେ ପୂର୍ବତନ ସୈନ୍ୟଙ୍କୁ ପ୍ରାଥମିକତା ଭିତ୍ତିରେ ସେମାନଙ୍କ ମୂଳ ୟୁନିଟ କିମ୍ବା ଅନୁରୂପ ପଦବୀରେ ନିଯୁକ୍ତି ଦିଆଯାଇପାରିବ।



### ସମଭାବାପନ୍ନ ରାଷ୍ଟ୍ରଙ୍କୁ ସାମରିକ ସହାୟତା ଯୋଗାଇବ ଜାପାନ

**ତାଇପେଇ, ୧୩।୪**

ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକୁ ସାମରିକ ସହାୟତା ଯୋଗାଇଦେବା ଲାଗି ଜାପାନ ଏକ ନୂଆ ଫ୍ରେମ୍‌ୱାର୍କ ସ୍ଥାପନ ପାଇଁ ଯୋଜନା କରୁଛି। ଚାଇନାର ପ୍ରଭାବ ବଢୁଥିବାବେଳେ ଉକ୍ତ ଅଞ୍ଚଳରେ ଟୋକିଓ ଅଧିକ ସକ୍ରିୟ ଭୂମିକା ନେବାକୁ ଚାହୁଁଥିବା ବିଶେଷଜ୍ଞମାନେ କହିଛନ୍ତି। ଜାପାନ ନିଜସ୍ୱ କଟକଣାରୁ ପ୍ରଥମ ଥର ପାଇଁ ଓହରିଯାଇ ଦରିଆପାରି ସୁରକ୍ଷା ସହାୟତା (ଓଏସ୍‌ଏ) କାର୍ଯ୍ୟକ୍ରମ ସ୍ଥାପନ କରିବାକୁ ଯାଉଛି। ଜାପାନ ସରକାର ସାମରିକ ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ସହାୟତାକୁ ବ୍ୟବହାର କରିବ ନାହିଁ ବୋଲି ପୂର୍ବରୁ କଟକଣା ରଖିଥିଲା। ଓଏସ୍‌ଏ ସହାୟତା ଚାହୁଁଥିବା ରାଷ୍ଟ୍ରଗୁଡ଼ିକୁ ଓଏସ୍‌ଏ ଅଣଘାତକ ସରଞ୍ଜାମ ଏବଂ ଭିତ୍ତିଭୂମି ବିକାଶ ପାଇଁ ସହାୟତା ଯୋଗାଇଦେବ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବଳ ପ୍ରୟୋଗ କରି ଏକପାଖିଆ ଭାବେ ସ୍ଥିତାବସ୍ଥାରେ ପରିବର୍ତ୍ତନ ଉଦ୍ୟମ କରୁଥିବା ଶକ୍ତିକୁ ରୋକିବା ଲାଗି ଏହି ନୂଆ କାର୍ଯ୍ୟକ୍ରମ ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକର ସୁରକ୍ଷା ଓ ମୁକାବିଲା କ୍ଷମତା ବଢ଼ାଇବା ସହ ଉକ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବ ବୋଲି ଜାପାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ସେସନ୍ସ କୋର୍ଟରେ ରାୟ ସଂରକ୍ଷିତ

### ରାହୁଲ ଗାନ୍ଧୀ ମାନହାନି ମାମଲା

**ସୁରଟ, ୧୩।୪**

'ସବୁ ମୋଦି ଚୋର' ମନ୍ତବ୍ୟ ପାଇଁ ମାନହାନି ମାମଲାରେ ମାଜିଷ୍ଟ୍ରେଟ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ତଥା ପୂର୍ବତନ ଏମ୍‌ପି ରାହୁଲ ଗାନ୍ଧୀ ଏହା ଉପରେ ସ୍ଥଗିତାଦେଶ ଲାଗି ସୁରଟ ସେସନ୍ସ କୋର୍ଟରେ ଆବେଦନ କରିଥିଲେ। ଗୁରୁବାର ଉକ୍ତ ଅଦାଲତ ଉକ୍ତ ପିଟିଶନ୍‌ର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ୨୦ ତାରିଖରେ ସେସନ୍ସ ଜଜ୍ ରବିନ ମୋଗେରା ରାୟ ଶୁଣାଇବେ। ରାୟ ସଂରକ୍ଷିତ ରଖିବା ପୂର୍ବରୁ ବିଚାରପତି ଉଭୟ ରାହୁଲ ଏବଂ ଅଭିଯୋଗକାରୀ ଭାଜପା ନେତା ପୂର୍ଣ୍ଣେଶ ମୋଦିଙ୍କ ବୟାନ ଶୁଣିଥିଲେ।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନ ପୂର୍ବରୁ କର୍ଣ୍ଣାଟକର କୋଲାରରେ ରାହୁଲ ଭାଷଣ ଦେଲାବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି କହିଥିଲେ। ଏନେଇ ପୂର୍ଣ୍ଣେଶ ଦାଏର କରିଥିବା ମାନହାନି ମାମଲାରେ ସୁରଟ ମାଜିଷ୍ଟ୍ରେଟ କୋର୍ଟ ଗତ ମାସ ୨୩ରେ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହାର ଦିନକ ପରେ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା। ଉକ୍ତ ରାୟକୁ ଚ୍ୟାଲେଞ୍ଜ କରି ରାହୁଲ ସୁରଟ ସେସନ୍ସ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆର୍.ଏସ୍. ଚିମା ଉପସ୍ଥିତ ରହି ଅଦାଲତଙ୍କୁ କହିଥିଲେ, ମାନହାନି ଆଇନ ଅନୁଯାୟୀ ଯାହାଙ୍କର ସମ୍ମାନ ହାନି ହୋଇଥିବ, କେବଳ ସେହି ବ୍ୟକ୍ତି ହିଁ ମାମଲା ଦାଏର କରିପାରିବେ। ପୂର୍ଣ୍ଣେଶ ମୋଦି ମାନହାନି ମାମଲା ଦାଏର କରିବା କେତେଦୂର ଯୁକ୍ତିଯୁକ୍ତ, ଅଦାଲତ ତାହା ଅନୁଧ୍ୟାନ କରିବାକୁ ଚିମା ଅନୁରୋଧ କରିଥିଲେ। ମୋଦି ସାଙ୍ଗିଆଧାରୀ ସବୁ ବ୍ୟକ୍ତିଙ୍କୁ ଅପମାନିତ କରିବା ରାହୁଲଙ୍କ ଭାଷଣର ଉଦ୍ଦେଶ୍ୟ ଥିଲା କି ନାହିଁ ତାହା ମଧ୍ୟ ଅନୁଶୀଳନ କରାଯିବା ଆବଶ୍ୟକ ବୋଲି ଚିମା କହିଥିଲେ।


କଂଗ୍ରେସ ନେତା ରାହୁଲ ଗାନ୍ଧୀ

# ଏନ୍‌ସିଇଆର୍‌ଟି ଏକାଦଶ ଶ୍ରେଣୀ ପାଠ୍ୟପୁସ୍ତକରୁ ମୌଲାନା ଅବୁଲ କାଲାମ ଆଜାଦଙ୍କ ନାମ ହଟିଲା

**ନୂଆଦିଲ୍ଲୀ, ୧୩।୪**

ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଏକାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକରୁ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ନାମକୁ ହଟାଇଦେଇଛି। ମହାତ୍ମା ଗାନ୍ଧୀଙ୍କୁ ହତ୍ୟା ଏବଂ ସ୍ୱାଧୀନତା ପରେ ତାଙ୍କ କାର୍ଯ୍ୟ ସମ୍ପର୍କିତ ବିଷୟ ପାଠ୍ୟପୁସ୍ତକରୁ ବାଦ୍ ଦେବାକୁ ନେଇ ବିବାଦ ଲାଗିରହିଥିବାବେଳେ ଏବେ ଅବୁଲ କାଲାମଙ୍କ ନାଁ ବାଦ୍ ପଡ଼ିବାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଇତିହାସର ପୁନର୍ଲିଖନ ଲାଗି ସମ୍ମିଳିତ ଉଦ୍ୟମ ହେଉଥିବା କଂଗ୍ରେସ ଅଭିଯୋଗ କରିଛି। ପାଠ୍ୟପୁସ୍ତକର ପ୍ରଥମ ଅଧ୍ୟାୟ 'ସମ୍ବିଧାନ-କାହିଁକି ଓ କିପରି'ରେ ସମ୍ବିଧାନ ସଭା କମିଟିରୁ ମୌଲାନା ଆଜାଦଙ୍କ ନାମକୁ ହଟାଇବା ପାଇଁ ଗୋଟିଏ ଧାଡ଼ିରେ ସଂଶୋଧନ କରାଯାଇଛି। ଜବାହରଲାଲ ନେହେରୁ, ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ପଟେଲ କିମ୍ବା ବି.ଆର୍. ଆମ୍ବେଦ୍‌କର ଉକ୍ତ କମିଟିଗୁଡ଼ିକରେ ଅଧ୍ୟକ୍ଷତା କରିଥିଲେ ବୋଲି ଉକ୍ତ ସଂଶୋଧିତ ଧାଡ଼ିରେ ରହିଛି। ୧୯୪୬ରେ ଆଜାଦ ସମ୍ବିଧାନ ପ୍ରଣୟନ ଲାଗି ନୂଆ ସମ୍ବିଧାନ ସଭା ନିର୍ବାଚନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବ୍ରିଟିଶ କ୍ୟାବିନେଟ ମିଶନ ସହ ବୁଝାମଣା ପାଇଁ ଗଠିତ ପ୍ରତିନିଧି ଦଳର ସେ ନେତୃତ୍ୱ ନେଇଥିଲେ।

# ଇରାନ୍‌ରେ ଫାଶୀ ଦଣ୍ଡାଦେଶ ୭୫% ବଢ଼ିଛି

### ୨୦୨୨ରେ ମିଳିଛି ସର୍ବାଧିକ ମୃତ୍ୟୁଦଣ୍ଡ

**ପ୍ୟାରିସ୍, ୧୩।୪**

ଗତବର୍ଷ ଇରାନ୍‌ରେ ଦଣ୍ଡାଦେଶ ୭୫% ବୃଦ୍ଧି ପାଇଛି। ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଇରାନ୍ ସରକାର ଏପରି କରିଥିବା ମାନବ ଅଧିକାର ଗ୍ରୁପ୍ ପକ୍ଷରୁ କୁହାଯାଇଛି। ୨୦୨୧ରେ ଦେଶରେ ମୋଟ ୩୩୩ ଜଣଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିବାବେଳେ ୨୦୨୨ରେ ଦେଶରେ ସର୍ବାଧିକ ୫୮୨ ଜଣଙ୍କୁ ଫାଶୀଦଣ୍ଡ ମିଳିଛି। ଏ ନେଇ ନରୱେସ୍ଥିତ ଇରାନ୍‌ର ମାନବାଧିକାର (ଆଇଏଚ୍‌ଆର୍) ଏବଂ ପ୍ୟାରିସ୍‌ରେ ଥିବା ଟୁଗେଦର ଏଗେନ୍‌ଷ୍ଟ ଡେଥ୍ ପେନାଲ୍ଟି ପକ୍ଷରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

ମହସା ଅମିନଙ୍କ ମୃତ୍ୟୁ ପରେ ଗତ ସେପ୍ଟେମ୍ବରରେ ଦେଶବ୍ୟାପୀ ହିଜାବ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଆନ୍ଦୋଳକୁ ସମର୍ଥନ କରୁଥିବା ଏବଂ ଇରାନ୍‌ର ରକ୍ଷଣଶୀଳ ସରକାର ଓ ପୋଲିସକୁ ସମାଲୋଚନା କରିଥିବା ଅନେକଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଆନ୍ଦୋଳନରେ ସାମିଲଥିବା ପ୍ରାୟ ୪ ଜଣ ପୁରୁଷଙ୍କୁ ଫାଶୀ ଦଣ୍ଡ ଦିଆଯାଇଥିଲା। ଲୋକଙ୍କୁ ଭୟଭୀତ କରିବା ପାଇଁ ଇରାନୀୟ ସରକାରଙ୍କ ପକ୍ଷରୁ ଏ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇଏଚ୍‌ଆଇ ନିର୍ଦ୍ଦେଶକ ମହମୁଦ ଅମରି ମୋଘାଦାମ କହିଛନ୍ତି। ୨୦୧୭ରେ ଦେଶରେ ଆଣ୍ଟି-ନାର୍କୋଟିକ୍ ଆଇନ ଆସିବା ପରେ ଡ୍ରଗ୍ସ ସମ୍ବନ୍ଧୀୟ ଅପରାଧରେ ଫାଶୀ ଦଣ୍ଡାଦେଶର ମାତ୍ରା କମିଛି। ଗତବର୍ଷ ବିଭିନ୍ନ ଆପରାଧିକ ମାମଲାରେ ଫାଶୀ ପାଇଥିବା ମୋଟ ୫୮୨ ଜଣଙ୍କ ମଧ୍ୟରୁ ୪୪% ଲୋକ ଡ୍ରଗ୍ସ କାରବାରରେ ଲିପ୍ତ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ଫାଶୀ ଦଣ୍ଡାଦେଶ ମିଳିଥିବା ମୋଟ ଇରାନୀୟଙ୍କ ମଧ୍ୟରୁ ୩୦% ସୁନି ମୁସଲିମ୍ ବାଲୁଚ ସଂଖ୍ୟାଲଘୁ ଥିବାବେଳେ ୨ରୁ ୬% ଇରାନୀୟ ଅଟନ୍ତି। ହତ୍ୟା ମାମଲାରେ ମୋଟ ୨୮୮ ଜଣଙ୍କୁ ଫାଶୀ ଦଣ୍ଡାଦେଶ ମିଳିଥିବାବେଳେ ୧୫ ବର୍ଷ ମଧ୍ୟରେ ଏହା ସବୁଠାରୁ ସର୍ବାଧିକ। ରିପୋର୍ଟ ଅନୁସାରେ ଦୁଇ ଜଣଙ୍କୁ ସର୍ବସମ୍ମୁଖରେ ଫାଶୀରେ ଝୁଲାଯାଇଥିବାବେଳେ ୩ ନାବାଳକ ଏବଂ ୧୬ ମହିଳାଙ୍କୁ ଗତବର୍ଷ ଇରାନ୍ ସରକାର ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୪/୨୦୨୩ Bhubaneswar, Friday, April 14/2023




## ଅମନ ଶେରାୱ୍ରତଙ୍କୁ ସ୍ୱର୍ଣ୍ଣ ପଦକ

ଭାରତୀୟ ରେସ୍‌ଲର ଅମନ ଶେରାୱ୍ରତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୪

୦୬

## ଶୀତବସ୍ତ୍ର ପାଇଁ ଦୀପିକାଙ୍କୁ ଟ୍ରୋଲ

ମୁମ୍ବାଇ ବିମାନବନ୍ଦରରୁ ବାହାରୁଥିବାବେଳେ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଶୀତ ପୋଷାକ ପିନ୍ଧିଥିବାରୁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି।








## ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

**ଆଜିର ସମ୍ପାଦକୀୟ**

ଆକ୍ରମଣ ଅପରାଧ ଓ ପୁଟିନ୍

**ଆଜିର ମନ୍ତବ୍ୟ**

"ଆମ ଦେଶ, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଭାଜପାକୁ ପରାସ୍ତ କରି କେନ୍ଦ୍ରରେ ବିରୋଧୀ ଦଳ ମିଳିତ ସରକାର ଗଢ଼ିବା ଜରୁରୀ। ଅଣଭାଜପା ଭୋଟ ବିଭାଜନକୁ ରୋକିବା ଆମର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ।

- ସୀତାରାମ ୟେଚୁରୀ, ସିପିଆଇ(ଏମ୍) ନେତା

## ଭିତର ପୃଷ୍ଠାରେ


ସମ୍ବଲପୁର ହିଂସା: ୪୮ ଘଣ୍ଟା ଇଣ୍ଟରନେଟ୍ ବନ୍ଦ

ହରିଶ୍ଚନ୍ଦ୍ର ସହାୟତା ରାଶି ବଢ଼ିଲା

ଡଙ୍ଗା ବୁଡ଼ି ଜଣେ ମୃତ, ୩ ନିଖୋଜ

ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଭୁବନେଶ୍ୱର

ଚାକିରି ସର୍ତ୍ତାବଳୀ ପ୍ରସଙ୍ଗ: କର୍ମଚାରୀ ନୁହଁନ୍ତି, ସଙ୍ଗଠନ ସ୍ମାରକପତ୍ର ଦେଇପାରିବ

ରାଷ୍ଟ୍ରପତିଙ୍କ ଗ୍ରାମରେ ମିଶନ 'ସୌରାୟଣ'ର ଶୁଭାରମ୍ଭ









ଲାଲ୍‌ଚାନ୍ଦ୍ ପ୍ରତିଶ୍ରୁତି

★ ସର୍ବନିମ୍ନ ଗଢ଼ାମୂଲ୍ୟ ★ ଆଜୀବନ ରକ୍ଷଣାବେକ୍ଷଣ ★ ବାଏବ୍ୟାକ୍‌ର ଗ୍ୟାରେଣ୍ଟି ★ ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ୍ ମିଟର୍

ଭୁବନେଶ୍ୱର, ରଘୁନାଥପୁର ୦୬୭୪-୨୪୬୯୧୪୯/୧୫୦/୧୫୧ | ଭୁବନେଶ୍ୱର, ଷ୍ଟେସନ୍ ସ୍କୋୟାର ୦୬୭୪-୨୫୩୪୦୧୬/୧୭/୧୮ | ବ୍ରହ୍ମପୁର, ଧର୍ମ ନଗର ୦୬୮୦-୨୨୨୯୪୦୧/୦୨/୦୪ | କଟକ, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ୦୬୭୧-୨୩୦୨୫୦୫/୩୫୦୫/୪୫୦୫ | ନୂଆଦିଲ୍ଲୀ, ଲାଜ୍‌ପତ୍ ନଗର ୦୧୧-୪୫୭୬୯୫୬୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଏପ୍ରିଲ, ୨୦୨୩

## ଶାହାଙ୍କୁ ଭେଟିଲେ ଜିତନରାମ ମାନ୍‌ଝି

ନୂଆଦିଲ୍ଲୀ, ୧୩।୪: ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହଯୋଗୀ ଜିତନରାମ ମାନ୍‌ଝି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ପରେ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଭାଜପା ବିରୋଧରେ ବିପକ୍ଷ ଦଳଗୁଡ଼ିକୁ ଏକାଠି କରିବା ଲାଗି ନୀତୀଶ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବାବେଳେ ଶାହାଙ୍କ ସହ ମାନ୍‌ଝିଙ୍କ ସାକ୍ଷାତ୍ ପରେ ସେ ଭାଜପାକୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଉକ୍ତ ଚର୍ଚ୍ଚାର ଅବସାନ ଘଟାଇବାକୁ ଯାଇ ପ୍ରଧାନମନ୍ତ୍ରୀ ହେବାର ସମସ୍ତ ଗୁଣ ନୀତୀଶଙ୍କଠାରେ ରହିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମାନ୍‌ଝି କହିଛନ୍ତି। ତାଙ୍କର ଭାଜପା ସହ ହାତ ମିଳାଇବାର ସମ୍ଭାବନା ନ ଥିବା ସେ ସ୍ପଷ୍ଟ କରିଦେଇଛନ୍ତି। ଦୁଇ ଦଶନ୍ଧି ଧରି ଅକ୍ଳାନ୍ତ ପରିଶ୍ରମ ବଳରେ ପାହାଡ଼ ଖୋଳି ରାସ୍ତା ତିଆରି କରିଥିବା ଦଶରଥ ମାନ୍‌ଝିଙ୍କୁ ଭାରତରତ୍ନରେ ସମ୍ମାନିତ କରିବା ଲାଗି ହିନ୍ଦୁସ୍ତାନୀ ଆୱାମି ମୋର୍ଚ୍ଚା (ଧର୍ମନିରପେକ୍ଷ) ଦାବି କରିଆସୁଛି। ଏହି ପ୍ରସଙ୍ଗରେ ଆଲୋଚନା ଲାଗି ମାନ୍‌ଝି ଶାହାଙ୍କୁ ଭେଟିଥିଲେ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣତି
ବୁଢ଼ା କୋଉ ମଣିଷରେ ଗଣତି।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେକରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ହେୟ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଡ଼ା ବଡ଼ି ଥୋଡ଼
ଥୋଡ଼ ବଡ଼ି ଖଡ଼ା।**

ଏକ ବିଷୟର ପୁନରାବୃତ୍ତି। ଥୋଡ଼ର ଅର୍ଥ କଦଳୀ ମଞ୍ଜା ହୋଇଥିବାବେଳେ ଗୋଟିଏ ପ୍ରକାର ତରକାରିକୁ ଏଠାରେ ଭିନ୍ନ ଭିନ୍ନ ପ୍ରକାରରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପ୍ରତ୍ୟେକ କାମକୁ ଶୃଙ୍ଖଳିତ ଭାବରେ ସମାପନ କରିବାରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ସାମୟିକ ଅସୁସ୍ଥତା ଅନୁଭବ କରିବେ। ଆଜି ଦୋକାନବାଡ଼ି, ଗାଡ଼ିମୋଟର କିଣାବିକା ପ୍ରଭୃତି ପ୍ରତ୍ୟେକ କାମରେ ଶୁଭଫଳ ମିଳିବ। ପରିସ୍ଥିତି ବଶତଃ ଭଙ୍ଗା ପଡ଼ିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ବୃଷ**
ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ରାହୁଙ୍କ ପ୍ରଭାବରେ ନିଷ୍ପତ୍ତି ନେବାରେ ଭୁଲ୍ କରିପାରନ୍ତି। ଅନ୍ୟମାନଙ୍କୁ ସରଳଭାବେ ଗ୍ରହଣକରି ପାରିବାରିକ ସ୍ଥିତି ବିଗିଡ଼ି ଯାଇପାରେ। ପରିବହନ କ୍ଷେତ୍ରରେ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟିଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ**
ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। ଆର୍ଥିକ ସମସ୍ୟାକୁ ସୁଧାରିନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିବେ।

**କର୍କଟ**
ମନ ଭଲ ଚାହୁଁଥିଲେ ମଧ୍ୟ ଆଜିର ପରିସ୍ଥିତି ତାହାକୁ ସହଜରେ କରାଇଦେବ ନାହିଁ। ନୂତନ ଘର କିମ୍ବା ଯାନବାହନ କିଣିବା ସକାଶେ ମନ ବଳାଇପାରନ୍ତି। ପିଲାମାନଙ୍କ କୌଣସି ବ୍ୟତିକ୍ରମକୁ ସଜାଡ଼ିବା ପାଇଁ ଆଲୋଚନା କରିପାରନ୍ତି। ନିଜ ସ୍ୱାସ୍ଥ୍ୟପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିପାରନ୍ତି।

**ସିଂହ**
ଘରେ ସତର୍କରେ ନ ଚଳିଲେ ବିବାଦଘେରରେ ପଡ଼ିବେ। କାର୍ଯ୍ୟବ୍ୟସ୍ତ କାରଣରୁ କୌଣସି କଥା ଠିକ୍ ରହିବ ନାହିଁ କିମ୍ବା ଠିକଣା ସମୟରେ ମନେ ପଡ଼ି ନ ପାରେ। ଅପେକ୍ଷା କରିଥିବା ଲୋକଟିର ଦେଖା ପାଇବେନାହିଁ ଫଳରେ ବିରକ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

**କନ୍ୟା**
ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ପ୍ରତିକୂଳ ବାତାବରଣ ମଧ୍ୟରେ ଅଶାନ୍ତ ରଖିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରିନେବାରେ ସମର୍ଥ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପରିବାରରେ ସ୍ନେହ, ଶ୍ରଦ୍ଧା ଓ ଅନାଦର ଭାବକୁ ନେଇ ଦୁଶ୍ଚିନ୍ତା ଲାଗିରହିବ।

**ତୁଳା**
ଆଜିର କାମରେ ଆପଣଙ୍କୁ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପାରିବାରିକସ୍ତରରେ ପିଲାମାନଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହନ୍ତୁ। ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଲାଗି ଚେଷ୍ଟିତ ହେବେ।

**ବିଛା**
ପ୍ରତ୍ୟେକ କାମକୁ ସାହସର ସହ ସମ୍ପନ୍ନ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ,କିନ୍ତୁ ବେଶି ତକ୍‌ଲିଫ ହେବାକୁ ପଡ଼ିବ। ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ପାରିବାରିକ ସମସ୍ୟାର ସମାପ୍ତି ଘଟାଇବେ। ଅବଶ୍ୟ ଜଣେ ପଡ଼ୋଶୀଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ଧନୁ**
ଆଜି ମାନସିକ, ଶାରୀରିକ ଓ ଆର୍ଥିକ ଦିଗରୁ ଉନ୍ନତ ଫଳ ପାଇବେ। ପରିବାର ଓ ପରିବହନରେ ମତାନ୍ତରଜନିତ କଳହର ସମ୍ଭାବନାକୁ ଏଡ଼ିହେବ ନାହିଁ। ଘରୋଇ କଥାକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ମତପାର୍ଥକ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର**
କର୍ମକ୍ଷେତ୍ରର ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସୁସମ୍ପର୍କ ବ୍ୟାହତ ହୋଇପାରେ, ମାତ୍ର କିଛି ଅସୁବିଧା ହେବନାହିଁ। ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି ଅଟକି ରହିଥିବା କାମଗୁଡ଼ିକୁ ଆଜି କରିପାରିବେ। ପରିସ୍ଥିତିକୁ ଆଖି ଆଗରେ ରଖି ନିଜକୁ ସଂଯତ କରିପାରିଲେ ଉପକୃତ ହେବେ।

**କୁମ୍ଭ**
ବିଭିନ୍ନ ଦୁଶ୍ଚିନ୍ତା କାରଣରୁ ମାନସିକ ଅସ୍ଥିରତା ସାମୟିକ ଭାବେ ଲାଗିରହିବ। ସମସ୍ୟା ଭିତରେ ବୁଡ଼ିରହିଥିଲେ ମଧ୍ୟ କାମର ଚାପ ଆଦୌ ବିଶ୍ରାମ ନେବା ସକାଶେ ଅବସର ଦେବନାହିଁ। ମିତ୍ରମାନେ ପରୋକ୍ଷରେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ ନିଜ ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି।

**ମୀନ**
ଆଜି ଅସହିଷ୍ଣୁ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ପରିବାରରେ ମଧ୍ୟ ବିନା କାରଣରେ ଭୁଲ୍ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ। ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟିହେବାର ଆଶଙ୍କା ରହିଛି। କଚେରି ମାମଲା ତଥା ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

ଆଜି ଓଡ଼ିଆ ନବବର୍ଷ, ମହାବିଷୁବ ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଡ. ଆମ୍ବେଦ୍‌କର ଜୟନ୍ତୀ, ଅଗ୍ନିଶମ ଦିବସ, ବୈଶାଖ କୃଷ୍ଣ ନବମୀ ଶୁକ୍ରବାର, ଏପ୍ରିଲ ୧୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର ଘ.୦୯।୧୪ମି. ଗତେ ଶ୍ରବଣା ନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୩ମି. ଗତେ ଘ.୦୬।୨୩ମି. ମଧ୍ୟେ, ଘ.୦୭।୧୩ମି. ଗତେ ଘ.୦୮।୪୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୩ମି. ଗତେ ଘ.୧୧।୪୭ମି. ମଧ୍ୟେ ରାହୁକାଳ।

# ମନ୍ତ୍ରୀଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

### ମହିଳା ଥାନାରେ ଏତଲା ଦେଲେ ନିଜ ଦଳର ନେତ୍ରୀ

**ଭୁବନେଶ୍ୱର,୧୩।୪ (ବ୍ୟୁରୋ):** ଶାସକ ଦଳର ଜଣେ ମନ୍ତ୍ରୀଙ୍କ ନାଁରେ ବଳାତ୍କାର ଅଭିଯୋଗ ଆସିଛି। ଭୁବନେଶ୍ୱର ମହିଳା ଥାନାରେ ନିଜ ଦଳର ଜଣେ ନେତ୍ରୀ ଗୁରୁବାର ମନ୍ତ୍ରୀଙ୍କ ବିରୋଧରେ ଏହି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ତେବେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି। ପୋଲିସ ଟିମ୍ ସମ୍ପୃକ୍ତା ନେତ୍ରୀଙ୍କୁ ପଚରାଉଚରା କରିବା ସହ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇ ଡାକ୍ତରୀ ପରୀକ୍ଷା କରିଥିଲା। ହସ୍ପିଟାଲରୁ ବାହାରିବା ପରେ ନେତ୍ରୀ କହିଛନ୍ତି, କେସ ହୋଇଛି, ଏତଲା କପିରୁ ଜାଣିପାରିବେ। କମ୍ପ୍ରମାଇଜ କରିବାର ପ୍ରଶ୍ନ ଉଠୁ ନାହିଁ, ମାନସିକ ସ୍ତରରେ ଠିକ ନାହିଁ। ଏହା ମୋର ବ୍ୟକ୍ତିଗତ ବ୍ୟାପାର। ଆଇନ ଉପରେ ମୋର ଭରସା ଅଛି, ମୋତେ ନ୍ୟାୟ ମିଳିବ। ଦଳର ମୁଖିଆ ମୁଖ୍ୟମନ୍ତ୍ରୀଙ୍କ ଉପରେ ଯଥେଷ୍ଟ ଭରସା ଅଛି ବୋଲି ନେତ୍ରୀ ଜଣଙ୍କ କହିଛନ୍ତି। ଏ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ କହିଛନ୍ତି, ସ୍ପଷ୍ଟ ଭାବେ ମନ୍ତ୍ରୀଙ୍କ ନାଁରେ ମହିଳା ଜଣଙ୍କ ଅଭିଯୋଗ ଆଣିନାହାନ୍ତି। ଅଭିଯୋଗରେ କିଛି ଗୋଲମାଲିଆ ରହୁଛି। ପ୍ରାଥମିକ ଯାଞ୍ଚରୁ ଅଭିଯୋଗର ସତ୍ୟାସତ୍ୟ କିଛି ବାହାରି ନ ଥିବା ସିଂ କହିଛନ୍ତି। ତେବେ ଏହି ଘଟଣାକୁ ଚପାଇବାକୁ ଏତଲାକାରୀ ନେତ୍ରୀଙ୍କ ଉପରେ ମନ୍ତ୍ରୀଙ୍କ ପକ୍ଷରୁ ପ୍ରବଳ ଚାପ ପକାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏନେଇ ଶୁକ୍ରବାର ଅଧିକ ସୂଚନା ମିଳିପାରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

# କର୍ମଚାରୀ ନୁହନ୍ତି, ସଙ୍ଗଠନ ସ୍ମାରକପତ୍ର ଦେଇପାରିବେ

**ଚାକିରି ସର୍ତ୍ତାବଳୀ ପ୍ରସଙ୍ଗ**

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସଂକ୍ରାନ୍ତରେ କେବଳ କର୍ମଚାରୀ ସଙ୍ଗଠନ ସ୍ମାରକପତ୍ର ଦେଇପାରିବେ। କୌଣସି କର୍ମଚାରୀ ବ୍ୟକ୍ତିଗତ ଭାବରେ ଦାବିପତ୍ର ପ୍ରଦାନ କରିପାରିବେ ନାହିଁ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ଗୁରୁବାର ସ୍ପଷ୍ଟ କରାଯାଇଛି। ରାଜ୍ୟ ସରକାରଙ୍କ କର୍ମଚାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକର କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ବାବଦରେ ବିଭିନ୍ନ କର୍ମଚାରୀ ସଂଗଠନଗୁଡ଼ିକ ପକ୍ଷରୁ ଆଗତ ହେଉଥିବା ବିଭିନ୍ନ ଦାବି/ସ୍ମାରକପତ୍ରଗୁଡ଼ିକ ଅନୁଧ୍ୟାନ କରିବା ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨୦୨୩ ଫେବୃୟାରୀ ୧୯ ତାରିଖରେ ପ୍ରକାଶିତ ନିର୍ଦ୍ଦେଶନାମା ନଂ. ୪୪୭୯ ଅନୁସାରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟ-ଆବାହକ ତଥା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ରଙ୍କ ନିକଟରେ ବିଭିନ୍ନ ସଙ୍ଗଠନର ପ୍ରତିନିଧିବୃନ୍ଦ ଉପରୋକ୍ତ ଦାବିପତ୍ରମାନ ସିଧାସଳଖ ସାକ୍ଷାତ କ୍ରମେ କିମ୍ବା ଡାକ ଯୋଗେ ପ୍ରଦାନ କରିପାରିବେ ବୋଲି କୁହାଯାଇଛି।

# କ୍ଷମା ମାଗିଲେ ସୋହେଲା ବାର୍ ଆସୋସିଏଶନ୍‌ର ୧୦ ଆଇନଜୀବୀ

**ଓକିଲ ଆନ୍ଦୋଳନ**

**ନୂଆଦିଲ୍ଲୀ, ୧୩।୪:** ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ଧର୍ମଘଟ ଓ ପିକେଟିଂରେ ସାମିଲ ହୋଇ କୋର୍ଟ କାର୍ଯ୍ୟରେ ବ୍ୟାଘାତ ଘଟାଇଥିବା ବରଗଡ଼ ଜିଲା ସୋହେଲା ବାର୍ ଆସୋସିଏଶନ୍‌ର ୧୦ ଜଣ ଆଇନଜୀବୀ ସୁପ୍ରିମକୋର୍ଟଙ୍କୁ ନିଃସର୍ତ୍ତ କ୍ଷମା ମାଗିଛନ୍ତି। ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ବିକାଶ ଚନ୍ଦ୍ର ଭୋଇ, ସୁଶାନ୍ତ କୁମାର ପାଣିଗ୍ରାହୀ, ରୁଦ୍ରଦାଶ ମେହେର, ଚନ୍ଦ୍ରକାନ୍ତ ବାରିକ, ଅଶୋକ କୁମାର ବାରିକ, ଭୁବନେଶ୍ୱର ବାରିକ, ମିର୍ଜା ଆକବର ବେଗ୍, ରାଜକିଶୋର ମହାପାତ୍ର ଏବଂ ବୀରେନ୍ଦ୍ର ପଣ୍ଡା ଏକ ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ କ୍ଷମା ମାଗିଛନ୍ତି। ଓକିଲ ଆନ୍ଦୋଳନ ମାମଲାର ଶୁଣାଣି ଆସନ୍ତା ୧୭ ତାରିଖରେ ହେବ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ନୂଆ ବେଞ୍ଚ୍ ଦାବିରେ ଆନ୍ଦୋଳନ, ପିକେଟିଂ ଏବଂ ଭଙ୍ଗାରୁଜାରେ ସାମିଲ ହୋଇଥିବା ୧୯୧ ଜଣ ଓକିଲଙ୍କୁ ଗତ ଜାନୁୟାରୀରେ ସୁପ୍ରିମକୋର୍ଟ ଅଦାଲତ ଅବମାନନା ନୋଟିସ୍ ପଠାଇଥିଲେ। ପୂର୍ବରୁ ଓକିଲମାନେ କ୍ଷମା ମାଗିଥିଲେ ମଧ୍ୟ ତାହାକୁ ଗ୍ରହଣ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ। ଭବିଷ୍ୟତରେ ଏଭଳି ଆନ୍ଦୋଳନରେ ସାମିଲ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବାକୁ ସେମାନଙ୍କୁ କୁହାଯାଇଥିଲା।

# ଲାଲୁଙ୍କ ଝିଅ ରାଗିଣୀଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୩।୪:** ଚାକିରି ପାଇଁ ଜମି ଦୁର୍ନୀତିର ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଝିଅ ରାଗିଣୀଙ୍କୁ ଜେରା କରିଛି। ମନିଲଣ୍ଡରିଂ ନିରୋଧୀ ଆଇନ୍ (ପିଏମ୍‌ଏଲ୍‌ଏ) ଅନ୍ତର୍ଗତ ରାଗିଣୀଙ୍କ ବୟାନ ରେକର୍ଡ କରାଯାଇଛି। ଗତ ମାର୍ଚ୍ଚରେ ଚାକିରି ପାଇଁ ଜମି ଦୁର୍ନୀତିରେ ସମ୍ପୃକ୍ତି ନେଇ ଇଡି ରାଗିଣୀଙ୍କ ସମେତ ଭଉଣୀ ଚନ୍ଦା ଯାଦବ, ହେମା ଯାଦବ ଏବଂ ପୂର୍ବତନ ଆର୍‌ଜେଡି ବିଧାୟକ ଅବୁ ଦୋଜାନାଙ୍କ ଘରେ ଚଢ଼ାଉ କରିଥିଲା। ମାମଲାରେ ମଙ୍ଗଳବାର ବିହାର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଇଡି ୯ ଘଣ୍ଟା ଧରି ଜେରା କରିଥିଲା।

# ହରିଶ୍ଚନ୍ଦ୍ର ସହାୟତା ରାଶି ବଢ଼ିଲା

- ପ୍ରତି ପଞ୍ଚାୟତ ପାଇଁ ୧୫ ହଜାର ଟଙ୍କାର ରିଭଲଭିଂ ଫଣ୍ଡ
- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦.୧୯ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜ୍ୟ ସରକାର ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶିବୃଦ୍ଧିକରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଏହି ସହାୟତା ରାଶିକୁ ଗ୍ରାମାଞ୍ଚଳ ପାଇଁ ୨ ହଜାରରୁ ୩ ହଜାର ଟଙ୍କା ଏବଂ ସହରାଞ୍ଚଳ ଓ ପୁରୀ ସ୍ୱର୍ଗଦ୍ୱାର ପାଇଁ ୩ ହଜାରରୁ ୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିନିମନ୍ତେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏକ ରିଭଲଭିଂ ଫଣ୍ଡ ଖୋଲାଯାଇ ଏଥିପାଇଁ ୧୫ ହଜାର ଟଙ୍କା ଲେଖାଏ ଅର୍ଥ ପ୍ରଦାନ କରାଯାଇଛି।

ଗରିବ ଲୋକମାନେ ଯେପରି ତାଙ୍କ ପ୍ରିୟଜନଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ହରିଶ୍ଚନ୍ଦ୍ର ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଅନ୍ତ୍ୟେଷ୍ଟି ପାଇଁ ଗ୍ରାମାଞ୍ଚଳରେ ୨ ହଜାର ଟଙ୍କା ଓ ସହରାଞ୍ଚଳରେ ୩ ହଜାର ଟଙ୍କା ସହାୟତା ମିଳୁଥିଲା। ସୂଚନାଯୋଗ୍ୟ, ହରିଶ୍ଚନ୍ଦ୍ର ସହାୟତା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯାଉଛି। ସାରା ରାଜ୍ୟର ସମସ୍ତ ପଞ୍ଚାୟତର ରିଭଲଭିଂ ଫଣ୍ଡ ପାଇଁ ୧୦ କୋଟି ୧୯ ଲକ୍ଷ ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମଞ୍ଜୁର କରାଯାଇଛି।

ଏହି ନୂତନ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ଗ୍ରାମ ପଞ୍ଚାୟତ ଏକ୍ସଟେନଶନ ଅଫିସର କିମ୍ବା ଅନ୍ୟ କୌଣସି ବ୍ଲକସ୍ତରୀୟ ଏକ୍ସଟେନଶନ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ଦ୍ଧିତ ସହାୟତା ପାଇଁ ଯୋଜନାର ସଫ୍ଟୱେରରେ ଆବଶ୍ୟକ ପରିବର୍ତ୍ତନ କରାଯିବା ସହ ଜିଲାୱାରି ଗ୍ରାମପଞ୍ଚାୟତ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି।

# ରାଷ୍ଟ୍ରପତିଙ୍କ ଗ୍ରାମରେ ମିଶନ 'ସୌରାୟଣ'ର ଶୁଭାରମ୍ଭ

ବାରିପଦା ଅଫିସ,୧୩।୪

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ୍ ବାଦାମପାହାଡ଼ସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସମୃଦ୍ଧ ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟରେ ଅଭିଳାଷପୂର୍ଣ୍ଣ ମିଶନ 'ସୌରାୟଣ'ର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ସରକାରଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଅକ୍ଷୟ ଶକ୍ତି ନୀତି-୨୦୨୨ ଓ ଟାଟାପାୱାରର ସଷ୍ଟେନେବଲ ଇଜ୍ ଆଟେନେବଲ ମିଶନ ଅନୁସାରେ ରୁଫଟପ୍ ସୋଲାର ୟୁନିଟ ଜରିଆରେ ସୌରଶକ୍ତିକରଣ ଆରମ୍ଭ କରାଯାଇଛି। ଏଥିରେ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଉପସ୍ଥିତ ରହି କାର୍ବନ ନ୍ୟୁଟ୍ରିଲିଟି ହାସଲ କରିବା ପାଇଁ ରୁଫଟପ୍ ୟୁନିଟକୁ କାର୍ଯ୍ୟକ୍ଷମ କରାଯାଇଥିବା କହିଛନ୍ତି। ସୌରାୟଣ ମାଧ୍ୟମରେ ଟିପିଏନ୍‌ଓଡିଏଲ ୩ ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟାଳୟ କୋଠା ଏବଂ ସମସ୍ତ ସମ୍ଭାବ୍ୟ ଘରୋଇ ବାସସ୍ଥାନକୁ ରୁଫଟପ ସୋଲାର ମିଶନକୁ ସମ୍ପ୍ରସାରିତ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଏହି ମିଶନ ଅଧୀନରେ ସୋଲାର ସ୍ଥାପନ କରିବା ପାଇଁ ଭାରତ ସରକାରଙ୍କ ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଟିପିଏନଓଡିଏଲକୁ ୨୫ଶହ ମେଗାୱାଟ ରୁଫଟପ୍ ସୋଲାର କ୍ଷମତା ଆବଣ୍ଟନ କରାଯାଇଛି। କେନ୍ଦ୍ର ସରକାରଙ୍କ ପିଏମ କୁସୁମ ସି ସ୍କିମ ଅଧୀନରେ କୃଷି ଉଠାଜଳସେଚନ ପମ୍ପ ସେଟର ସୌର ଶକ୍ତିକରଣକୁ ମଧ୍ୟ ଆଗକୁ ନିଆଯାଇଛି।



ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡର ଅଧିକାରୀଙ୍କ ସମେତ ଅନ୍ୟମାନେ।

# ବିବିସି ଇଣ୍ଡିଆ ବିରୋଧରେ ଇଡି ମାମଲା

### ଏଫ୍‌ଡିଆଇ ଉଲ୍ଲଂଘନ

ନୂଆଦିଲ୍ଲୀ, ୧୩।୪

ବିଦେଶ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଅଭିଯୋଗରେ ଖବର ପ୍ରସାରଣକାରୀ ସଂସ୍ଥା ବିବିସି ଇଣ୍ଡିଆ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରିଛି। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)ରେ ଏଫ୍‌ଇଏମ୍‌ଏ ଉଲ୍ଲଂଘନ ଅଭିଯୋଗ ହୋଇଛି। ଏନେଇ ଇଡି ବିବିସି ଇଣ୍ଡିଆର ଦସ୍ତାବିଜ୍ ମଗାଇବା ସହ ଏହାର କାର୍ଯ୍ୟନିର୍ବାହୀମାନଙ୍କ ବୟାନ ରେକର୍ଡ କରିବ। ବିବିସି ଇଣ୍ଡିଆ ଭାରତୀୟ ତଦନ୍ତକାରୀ ସଂସ୍ଥାର ତଦନ୍ତ ଅଧୀନକୁ ଆସିବା ନୂଆ କଥା ନୁହେଁ। ଗତ ଫେବୃୟାରୀରେ ଭାରତରେ ଥିବା ବିବିସି କାର୍ଯ୍ୟାଳୟଗୁଡ଼ିକରେ ଆୟକର ବିଭାଗ ଚଢ଼ାଉ କରିଥିଲା। ଗୁଜରାଟ ଦଙ୍ଗା ଉପରେ ବିବିସି 'ଇଣ୍ଡିଆ: ଦି ମୋଦି କୋଶ୍ଚିନ୍' ଡକ୍ୟୁମେଣ୍ଟାରି ପ୍ରକାଶ କରିବା ପରେ ବିବାଦ ଘେରକୁ ଆସିଥିଲା। ଏଫ୍‌ଇଏମ୍‌ଏର ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦସ୍ତାବିଜ୍ ଏବଂ କେତେକ କମ୍ପାନୀର କାର୍ଯ୍ୟନିର୍ବାହୀଙ୍କ ରେକର୍ଡ ହୋଇଥିବା ମନ୍ତବ୍ୟ ଉପସ୍ଥାପନ କରିବାକୁ ଇଡି ବିବିସି ଇଣ୍ଡିଆକୁ କହିଛି। ଗତ ଫେବୃୟାରୀରେ ଆୟକର ଚଢ଼ାଉ ବେଳେ ବିବିସି ହିସାବ ଖାତାରେ ଅନିୟମିତତା ଥିବା ଜଣାପଡ଼ିଥିଲା। ବିବିସି ଇଣ୍ଡିଆ ଏହାର କେତେକ ଆୟ ଉପରେ ଟ୍ୟାକ୍ସ ଦେଇ ନ ଥିବା ଏଥିରୁ ସୂଚନା ମିଳିଥିଲା।

# ଛାଡ଼ପତ୍ର ପାଇଥିବା କର୍ମଜୀବୀ ମହିଳାଙ୍କୁ ସନ୍ତାନ ପୋଷ୍ୟ ଅନୁମତି ନ ମିଳିବା ମଧ୍ୟଯୁଗୀୟ ରକ୍ଷଣଶୀଳତା: ବମ୍ବେ ହାଇକୋର୍ଟ

ମୁମ୍ବାଇ, ୧୩।୪

ଛାଡ଼ପତ୍ର ପାଇଥିବା ଜଣେ କର୍ମଜୀବୀ ମହିଳାଙ୍କୁ ତାଙ୍କ ଭଉଣୀଙ୍କ ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଅନୁମତି ଦିଆ ନ ଯିବା ମଧ୍ୟଯୁଗୀୟ ପରିବାରର ରକ୍ଷଣଶୀଳ ମନୋଭବ ବୋଲି ବମ୍ବେ ହାଇକୋର୍ଟ କହିବା ସହ ତଳକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ଉକ୍ତ ମହିଳା ଏକାକୀ ଓ କର୍ମଜୀବୀ ହୋଇଥିବାରୁ ପିଲା ପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନ ଦେଇପାରିବେ ନାହିଁ ଦର୍ଶାଇ ଭୁସୱାଲର ଏକ ସିଭିଲ କୋର୍ଟ ତାଙ୍କୁ ପୋଷ୍ୟ ଗ୍ରହଣ ଲାଗି ଅନୁମତି ଦେଇ ନ ଥିଲେ। ମଧ୍ୟପ୍ରଦେଶର ଉକ୍ତ ୪୭ ବର୍ଷୀୟ ମହିଳା ଏହାକୁ ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ୍ ଗୌରୀ ଭି. ଗଡ୍‌ସେଙ୍କ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରିବା ପରେ ଉପରୋକ୍ତ ରାୟ ଦେଇଛନ୍ତି। ଜଣେ ଏକାକିନୀ ମାଆଙ୍କୁ ପୋଷ୍ୟ ଗ୍ରହଣକାରୀ ପ୍ୟାରେଣ୍ଟର ମାନ୍ୟତା ମିଳୁଥିବାବେଳେ ଜିଲା କୋର୍ଟଙ୍କ ରାୟ ଏହାର ଉଲ୍ଲଂଘନ କରୁଛି। ଜଣେ ଏକାକିନୀ ପ୍ୟାରେଣ୍ଟ କର୍ମଜୀବୀ ହେବାକୁ ବାଧ୍ୟ ବୋଲି ହାଇକୋର୍ଟ କହିଥିଲେ।

# ସିଭିଲ୍ ଜଜ୍ ନିଯୁକ୍ତି ପାଇଁ କମ୍ ଅଭିଜ୍ଞତା ପ୍ରସ୍ତାବରେ ଓଡ଼ିଶା ହାଇକୋର୍ଟ ଅରାଜି

ନୂଆଦିଲ୍ଲୀ, ୧୩।୪

ସିଭିଲ୍ ଜଜ୍(ସିନିୟର ଡିଭିଜନ) ନିଯୁକ୍ତି ଲାଗି ସର୍ବନିମ୍ନ ଆବଶ୍ୟକ ଅଭିଜ୍ଞତା କମାଇବା ଏବଂ ସୀମିତ ବିଭାଗୀୟ କମ୍ପିଟେଟିଭ୍ ପରୀକ୍ଷା (ଏଲ୍‌ଡିସିଇ) ଲାଗି ଦିଆଯାଇଥିବା ପ୍ରସ୍ତାବରେ ଓଡ଼ିଶା ହାଇକୋର୍ଟ ସହମତ ହୋଇ ନାହାନ୍ତି। ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରି ଆମିକସ୍ କ୍ୟୁରି ସିଦ୍ଧାର୍ଥ ଭଟନାଗରଙ୍କ ପ୍ରସ୍ତାବରେ ସହମତ ନୁହନ୍ତି ବୋଲି ଜଣାଇଥିଲେ। ସୂଚନାଯୋଗ୍ୟ, ଏଲ୍‌ଡିସିଇ କୋଟା ପ୍ରଥମେ ୨୫ ପ୍ରତିଶତ ଧାର୍ଯ୍ୟ ହୋଇଥିବାବେଳେ ପରେ ଏହାକୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିଲା। ଏହାକୁ ପୁନର୍ବାର ୨୫ ପ୍ରତିଶତ କରିବା ଲାଗି ଆମିକସ୍ କ୍ୟୁରି ଆବେଦନ କରିଥିଲେ। ସେହିପରି ସିଭିଲ୍ ଡିଭିଜନ (ସିନିୟର ଡିଭିଜନ) ନିଯୁକ୍ତି ଲାଗି ସର୍ବନିମ୍ନ ଅଭିଜ୍ଞତା ୫ ବର୍ଷ ଥିବାବେଳେ ଏହାକୁ ୨ ବର୍ଷକୁ ହ୍ରାସ କରିବା ଲାଗି ସେ ଆବେଦନ କରିଥିଲେ। ଗତ ଫେବୃୟାରୀ ୨୮ରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ ହାଇକୋର୍ଟଙ୍କୁ ନୋଟିସ୍ ଜାରି କରି ଏପ୍ରିଲ ୪ ସୁଦ୍ଧା ଉପରୋକ୍ତ ପ୍ରସ୍ତାବ ଉପରେ ଜବାବ ଦାଖଲ ଲାଗି କହିଥିଲେ।

# ଭାରତ ବିରୋଧୀ ତତ୍ତ୍ୱ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ

### ସୁନକଙ୍କୁ ଫୋନ୍ କଲେ ମୋଦି

ଭୋପାଳ,୧୩।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବ୍ରିଟେନ ପ୍ରତିପକ୍ଷ ଋଷି ସୁନକଙ୍କୁ ଫୋନ୍ କରି ଅନେକ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଅଗ୍ରଗତିର ସମୀକ୍ଷା କରିଛନ୍ତି। ନିକଟରେ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସରେ ଖଲିସ୍ତାନୀ ସମର୍ଥକମାନେ ଜାତୀୟ ପତାକା କାଢ଼ିବା ସହ ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ। ମୋଦି ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଏହି ପ୍ରସଙ୍ଗ ଉଠାଇଛନ୍ତି। ଏଥିସହ ଭାରତ ବିରୋଧୀ ତତ୍ତ୍ୱ ବିରୋଧରେ ବ୍ରିଟେନ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ସୁନକ କହିଛନ୍ତି, ଭାରତୀୟ ହାଇକମିଶନ ଉପରେ ଆକ୍ରମଣ ବ୍ରିଟେନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ସେଠାରେ ଥିବା ଭାରତୀୟ ଅଧିକାରୀମାନଙ୍କୁ ସୁରକ୍ଷା ଦିଆଯିବ ବୋଲି ମୋଦିଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଜି୨୦ରେ ସମ୍ମିଳନୀରେ ସାମିଲ ହେବା ପାଇଁ ମୋଦି ସୁନକଙ୍କୁ ନିମନ୍ତ୍ରଣ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୪/୨୦୨୩ | Bhubaneswar, Friday, April 14/2023 



ସମ୍ବଲପୁର ସହରରେ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ଗୁରୁବାର ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବି. ଗଙ୍ଗାଧର ଏବଂ ପୋଲିସ ଅଧିକାରୀମାନେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି।

# ଅତିକ୍‌ଙ୍କ ପୁଅ, ସହଯୋଗୀଙ୍କୁ ଏନ୍‌କାଉଣ୍ଟର

- ଉମେଶ ପାଲ୍ ହତ୍ୟାକାଣ୍ଡରେ ୱାଣ୍ଟେଡ୍ ଥିଲେ ଅସାଦ ଓ ଗୁଲାମ
- ୟୁପି ଏସ୍‌ଟିଏଫ୍‌କୁ ଅଭିନନ୍ଦନ ଜଣାଇଲେ ଯୋଗୀ
- ଏନ୍‌କାଉଣ୍ଟରକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ଲକ୍ଷ୍ନୌ/ଝାନ୍ସି,୧୩।୪

ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଅତିକ୍ ଅହମ୍ମଦଙ୍କ ଖରାପ ସମୟ ଆରମ୍ଭ ହୋଇଛି। ଉମେଶ ପାଲ୍ ହତ୍ୟାକାଣ୍ଡରେ ୱାଣ୍ଟେଡ୍ ଥିବା ଅତିକ୍‌ଙ୍କ ତୃତୀୟ ପୁଅ ଅସାଦ ଅହମ୍ମଦ ଏବଂ ତାଙ୍କ ସହଯୋଗୀ ଗୁଲାମଙ୍କୁ ଗୁରୁବାର ଉତ୍ତର ପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଝାନ୍ସିର ବବିନା ଜଙ୍ଗଲରେ ଏନ୍‌କାଉଣ୍ଟର କରିଛି। ଏଥିରେ ଉଭୟଙ୍କ ମୃତ୍ୟୁ ଘଟିଛି।

୨୦୦୫ରେ ତତ୍କାଳୀନ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବିଧାୟକ ରାଜୁ ପାଲ୍‌ଙ୍କୁ ହତ୍ୟା କରାଯାଇଥିଲା। ଅତିକ୍ ଏହି ହତ୍ୟାକାଣ୍ଡର ଅଭିଯୁକ୍ତ। ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ



ଅସାଦ ଅହମ୍ମଦ

ପାଲ(ଆଇନଜୀବୀ)ଙ୍କୁ ଗତ ଫେବୃୟାରୀ ୨୪ରେ ପ୍ରୟାଗରାଜର ଧୁମାନଗରସ୍ଥିତ ତାଙ୍କ ଘର ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ଆକ୍ରମଣରେ ଉମେଶଙ୍କ ୨ ପୋଲିସ ସୁରକ୍ଷା ଗାର୍ଡ ସନ୍ଦୀପ ନିଷାଦ ଓ ରାଘବେନ୍ଦ୍ର ସିଂ ମଧ୍ୟ ପ୍ରାଣ ହରାଇଥିଲେ। ଫେବୃୟାରୀ ୨୫ରେ ଉମେଶଙ୍କ ସ୍ତ୍ରୀ ଜୟା ପାଲ୍ ଥାନାରେ ଏତଲା ଦେଇଥିଲେ। ଅତିକ୍, ତାଙ୍କ ଭାଇ ଖାଲିଦ୍ ଅଜିମ୍ ଓରଫ ଅଶ୍ରଫ୍ ଅସାଦ, ଶୁଟର ଗୁଲାମ ଓ ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୧୪୭ (ଦଙ୍ଗା), ୧୪୮ (ଘାତକ ଅସ୍ତ୍ର ଧରି ଦଙ୍ଗା ଭିଆଇବା), ୧୪୯ (ସମାନ ଆପରାଧିକ ଉଦ୍ଦେଶ୍ୟ ରଖି ବେଆଇନ ☞ପୃଷ୍ଠା-୪

# ୪୮ ଘଣ୍ଟା ଇଣ୍ଟରନେଟ୍ ବନ୍ଦ

**ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ଆୟୋଜିତ ବାଇକ୍ ଶୋଭାଯାତ୍ରାରେ ଘଟିଥିବା ସାମ୍ପ୍ରଦାୟିକ ହିଂସା ପରେ ଏବେ ସହରରେ ଚାପା ଉତ୍ତେଜନା ଲାଗି ରହିଛି। ଶୁକ୍ରବାର ହନୁମାନ ଜୟନ୍ତୀ କିପରି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିସହ ସମ୍ବଲପୁର ଜିଲାରେ ୪୮ ଘଣ୍ଟା ପାଇଁ ଇଣ୍ଟରନେଟ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି। ଅପରପକ୍ଷରେ ହନୁମାନ ଜୟନ୍ତୀ କମିଟି ପକ୍ଷରୁ ଦୋକାନ ବଜାର ବନ୍ଦ କରାଯିବା ସହ ଏଭଳି ଅପ୍ରୀତିକର ଘଟଣା ଲାଗି ଗୋଇନ୍ଦା ବିଫଳତାକୁ ଦାୟୀ କରାଯାଇଛି। ସେପଟେ କୋରାପୁଟ ଜିଲା ଜୟପୁରରେ ମଧ୍ୟ ହନୁମାନ ଜୟନ୍ତୀ ପୂର୍ବରୁ ସହରରେ କୌଣସି ପ୍ରକାର ଅସ୍ୱାଭାବିକ ସ୍ଥିତି ଯେଭଳି ନ ଉପୁଜେ, ସେଥିଲାଗି ଗୁରୁବାରଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ୧୪୪(୧) ଧାରା ଲାଗୁ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏଥିରେ ସାମାନ୍ୟ କୋହଳ କରାଯାଇଛି।**

ସମ୍ବଲପୁର, ୧୩।୪ (ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ବାଇକ୍ ଶୋଭାଯାତ୍ରା ସମୟରେ ପଥର ମାଡ଼, ପୋଡ଼ାଜଳା ଓ ମରଣାନ୍ତକ ଆକ୍ରମଣ ଘଟଣା ପରଠାରୁ ସହରରେ ଉତ୍ତେଜନା ଲାଗି ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲାରେ ୪୮ ଘଣ୍ଟା ଧରି ନେଟ୍ ସେବା ବନ୍ଦ କରି ଦିଆଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ପରେ ସମସ୍ତ କମ୍ପାନୀର ନେଟୱର୍କ ବନ୍ଦ ହୋଇଯାଇଛି। ଆସନ୍ତା ଶନିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଇଣ୍ଟରନେଟ ସେବା ବନ୍ଦ ଦ୍ୱାରା ସରକାରୀ କାର୍ଯ୍ୟାଳୟ ସହ ବ୍ୟାଙ୍କ ଓ ବ୍ୟବସାୟିକ

**ସମ୍ବଲପୁରରେ ଦଙ୍ଗା ଘଟଣା**

- ୨୬ ଗିରଫ, ୨୦ ଅଟକ
- ଘରେ ଥିଲା ପେଟ୍ରୋଲ ବୋମା, ଗୋଇନ୍ଦା ଫେଲ୍
- ଶାନ୍ତି ଶୃଙ୍ଖଳାରେ ଶୋଭାଯାତ୍ରା ପାଇଁ ପ୍ରଶାସନ ପ୍ରସ୍ତୁତ

ପ୍ରତିଷ୍ଠାନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦଙ୍ଗା ଘଟଣାରେ ପୋଲିସ ଏପର୍ଯ୍ୟନ୍ତ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖିଛି। ଏହାଛଡ଼ା ଭିଡିଓ ଓ ଫଟୋକୁ ଆଧାର କରି ୨୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇ ☞ପୃଷ୍ଠା-୪

## ଟେକ୍ସାସ୍ ଡେଏରି ଫାର୍ମରେ ବିସ୍ଫୋରଣ: ୧୮ ହଜାର ଗୋରୁ ମୃତ

ଟେକ୍ସାସ୍, ୧୩।୪

ଆମେରିକା ଟେକ୍ସାସର ଡିମିଟ ସହରରେ ଥିବା ଡେଏରି ଫାର୍ମରେ ସୋମବାର ବିସ୍ଫୋରଣ ଘଟି ୧୮,୦୦୦ ଗୋରୁଙ୍କ ମୃତ୍ୟୁ ଘଟିଛି। ଡେଏରି ଫାର୍ମରେ ଲାଗିଥିବା ମେସିନ ଉତ୍ତପ୍ତ ହେବା ଯୋଗୁ ଉକ୍ତ ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡ ଯୋଗୁ ମିଥେନ୍ ଗ୍ୟାସ୍ ନିର୍ଗତ ହେବା ସହ ନିଆଁ ଚାରିଆଡ଼େ ଖେଳେଇଯିବାରୁ ଗୋରୁଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ବିସ୍ଫୋରଣରୁ କିଛି ଗାଈ ବର୍ତ୍ତିଯାଇଥିବାବେଳେ ଅନେକ ଗୁରୁତର ଆହତ ମଧ୍ୟ ହୋଇଛନ୍ତି। ଏହା ଏକ ବଡ଼ ଧରଣର ଆତ୍ମଘାତୀ ☞ପୃଷ୍ଠା-୪

## ଡଙ୍ଗା ବୁଡ଼ି ଜଣେ ମୃତ, ୩ ନିଖୋଜ

### କୋଲାବ ଜଳଭଣ୍ଡାରରେ ଅଘଟଣ

କୋରାପୁଟ,୧୩।୪(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ଥାନା ଅନ୍ତର୍ଗତ ରାଜପୁଟ ପଞ୍ଚାୟତର କୋଲାବ ଜଳଭଣ୍ଡାରର ପୋଡ଼ାଗଡ଼ ଡଙ୍ଗାଘାଟ ନିକଟରେ ଗୁରୁବାର ଏକ ଅଘଟଣ ଘଟିଛି। ଏକ ଦେଶୀ ଡଙ୍ଗା ଭାରସାମ୍ୟ ହରାଇ ପାଣିରେ ବୁଡ଼ିଯାଇଛି। ଫଳରେ ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩ ମହିଳାଙ୍କ ସମେତ ୪ ଜଣ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ବବିତା ହନ୍ତାଳ ବୋଲି ଜଣାପଡ଼ିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳିଯାଇଛି। ନିଖୋଜ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସାବିତ୍ରୀ କିରସାନି, ରମା କିରସାନି ଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା କୁହାଯାଉଛି।

ଖବରରୁ ଜଣାପଡ଼ିଛି, ମୁଖିବିଡ଼ାଇଓ ତେନ୍ତୁଳିପଦାର ଗ୍ରାମର ୮ ଜଣ ଗ୍ରାମବାସୀ ଏକ ଦେଶୀଡଙ୍ଗାରେ ଗୁରୁବାର ଅପରାହ୍ନରେ କୌଣସି କାର୍ଯ୍ୟରେ ପୋଡ଼ଗଡ଼ ଘାଟକୁ ଯାଉଥିଲେ। ☞ପୃଷ୍ଠା-୪



ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। –ଶ୍ରୀମା

# ଆକ୍ରମଣ ଅପରାଧ ଓ ପୁଟିନ୍



ଗର୍ଡନ ବ୍ରାଉନ୍

କିଛି ସପ୍ତାହ ପୂର୍ବେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି) ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନାମରେ ଗିରଫ ପରୱାନା ଜାରି କରିଥିଲା। ୟୁକ୍ରେନ୍ ଅଧିକୃତ ଅଞ୍ଚଳରେ ଥିବା ପିଲାମାନଙ୍କୁ ବେଆଇନ ଭାବେ ରୁଷିଆକୁ ଦେଶାନ୍ତର ଓ ସ୍ଥାନାନ୍ତର କରିବା ଅଭିଯୋଗରେ ଆଇସିସି ଏଭଳି ନିଷ୍ପତ୍ତି ନେଇଥିଲା। ୟୁକ୍ରେନ ଯୁଦ୍ଧରେ ଘଟାଇଥିବା ଅପରାଧ ପାଇଁ ପୁଟିନ୍ ଏବଂ ତାଙ୍କ ଅନୁଗାମୀମାନଙ୍କୁ ଉତ୍ତରଦାୟୀ କରିବା ସକାଶେ ଆଇସିସିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ପଦକ୍ଷେପ। ଏତିକିରେ ବସିଗଲେ ହେବ ନାହିଁ, ବରଂ ଏହାଠାରୁ ଅଧିକ ପଦକ୍ଷେପ ନେବାକୁ ପଡ଼ିବ। ୟୁକ୍ରେନ୍‌ରେ ଘଟୁଥିବା ହତ୍ୟା, ବଳାତ୍କାର, ନିର୍ଯାତନା ; ନାଗରିକ, ନାଗରିକ ଭିତ୍ତିଭୂମି ଏବଂ ଅଣ ସେନା ସ୍ଥଳ ଉପରେ ଲକ୍ଷ୍ୟ କରି କରାଯାଉଥିବା ଆକ୍ରମଣର ପ୍ରମାଣ ଲଗାତର ସଂଗ୍ରହ କରିବାକୁ ହେବ। ଗତ ମାସରେ ଜାତିସଂଘ ସହଯୋଗରେ କରାଯାଇଥିବା ସମୀକ୍ଷାର ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏଥିରେ ରୁଷିଆ ଉପରେ ଯୁଦ୍ଧ ଅପରାଧ ଏବଂ ମାନବତା ବିରୋଧୀ ଅପରାଧ ଅଭିଯୋଗ ଆସିଥିଲା। ତେବେ ପୁଟିନ୍ ଓ ତାଙ୍କ ସାଥୀମାନଙ୍କ ବିରୋଧରେ ଆଇସିସି ଆଣିଥିବା ଔପଚାରିକ ଅଭିଯୋଗ ସମ୍ଭବତଃ ଏକ ମାତ୍ର ବୈଧ ପଦକ୍ଷେପ ହୋଇ ନ ପାରେ, କିନ୍ତୁ ସେମାନଙ୍କ ବିରୋଧରେ ଅଭିଯୋଗ ଅଣାଯିବାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଇପାରେ। ଆଇସିସିର ପ୍ରୋସେକ୍ୟୁଟର ବା ମକଦ୍ଦମା ସଞ୍ଚାଳକ ନିଶ୍ଚିତ ଯେ, ଅନ୍ତର୍ଜାତୀୟ ଅପରାଧ ପାଇଁ ଆଇନଗତ ଭାବେ ଅଭିଯୁକ୍ତ ହେବାକୁ ଯାଉଥିବା ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ଥାୟୀ ସଦସ୍ୟର ପ୍ରଥମ ନେତା ଭାବେ ପୁଟିନ୍ ଇତିହାସରେ ସ୍ମରଣୀୟ ହୋଇ ରହିବେ।

ଆଇସିସିର ଉକ୍ତ ପଦକ୍ଷେପ କେବଳ ସାଙ୍କେତିକ ନୁହେଁ। ଯେଉଁମାନେ ଭାବୁଛନ୍ତି ଯେ, ପୁଟିନ୍‌ଙ୍କୁ ଜେଲରେ ଭର୍ତ୍ତି କରିବା ଏକ ଅସମ୍ଭବ କାର୍ଯ୍ୟ, ସେମାନେ ମନେରଖିବା ଉଚିତ, ଲାଇବେରିଆ ଯୁଦ୍ଧ ଅପରାଧୀ ଚାର୍ଲ୍ସ ଟେଲର ୫୦ ବର୍ଷର ଜେଲ ଦଣ୍ଡ ବ୍ରିଟିଶ ଜେଲରେ ଭୋଗୁଛନ୍ତି। ଏହା ବ୍ୟତୀତ ସର୍ବିଆର ପୂର୍ବତନ ନେତା ସ୍ଲୋବୋଦାନ ମିଲୋସେଭିକଙ୍କ ଯୁଦ୍ଧ ଅପରାଧର ବିଚାର ଚାଲିଥିବାବେଳେ ନେଦରଲାଣ୍ଡର ହେଗ୍ ସହରର ଜେଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାସହ ଯେଉଁମାନେ ଏହା ଭାବୁଛନ୍ତି ଯେ, ଯୁଦ୍ଧ ଅପରାଧ ଅଭିଯୋଗରେ ପୁଟିନ୍‌ଙ୍କ ବିରୋଧରେ ଜାରି ଗିରଫ ପରୱାନର କୌଣସି ପ୍ରଭାବ ନାହିଁ, ସେମାନେ ଲକ୍ଷ୍ୟ କରିବା ଉଚିତ ଯେ ପୁଟିନ୍‌ଙ୍କ ନେତୃତ୍ୱ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହା ନିଃସନ୍ଦେହ, ସେଥିରେ ଥିବା ନେତାମାନେ ଖୁବ୍ ଶୀଘ୍ର ଆଇନଗତ ଅଭିଯୋଗର ସମ୍ମୁଖୀନ ହେବେ ବୋଲି ସେମାନଙ୍କ ମନରେ ବି ଭୟ ସୃଷ୍ଟିହେଉଛି। ଏହା ମଧ୍ୟ ସ୍ୱୀକାର ଯୋଗ୍ୟ ଯେ, ଏହି ଘଟଣାରେ ଆଇସିସି ଅଧ୍ୟକ୍ଷ ହେଗ୍‌ର କୋର୍ଟରେ ପୁଟିନ୍‌ଙ୍କ ବିଚାର କରିବାକୁ ଅତ୍ୟଧିକ ଇଚ୍ଛୁକ ଥିବା ଏକ ବିବୃତିରେ କହିଛନ୍ତି। ହେଲେ ପୁଟିନ୍ ଆଇସିସିର ୧୨୩ ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରବେଶ କରି ନିଜକୁ ଗିରଫ ହେବାର ସୁଯୋଗ ଦେବା ଅସମ୍ଭବ ଲାଗୁଛି। ଦୁଃଖର ବିଷୟ, ରୁଷିଆ ଆଇସିସିକୁ ସ୍ୱୀକୃତି ଦେଇନାହିଁ (ଏପରିକି ଆମେରିକା ବି ଦେଇନାହିଁ)। ତେବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଇସିସିକୁ ବିରୋଧ କରିବା ସତ୍ତ୍ୱେ ବି ଏବେ ଏହାର ପଦକ୍ଷେପକୁ ସ୍ୱାଗତ କରିଛନ୍ତି।




ରୁଷିଆର ଆକ୍ରମଣ ଅପରାଧ ଧାରା ୨୦୧୪ରେ କ୍ରିମିଆ ଆକ୍ରମଣରୁ ଆରମ୍ଭ ହୋଇଛି। ଏହା ହେଉଛି ପୁଟିନ୍‌ଙ୍କ ମୂଳ ପାପ ଏବଂ ଏବକାର ସମସ୍ତ ଅତ୍ୟାଚାରର ପ୍ରତୀକ। ୟୁନିଭର୍ସିଟି କଲେଜ ଲଣ୍ଡନର ଆଇନ ପ୍ରାଧ୍ୟାପକ ଫିଲିପ୍ ସାଣ୍ଡସ୍ ଯୁକ୍ତି ବାଢ଼ିଛନ୍ତି ଯେ, ଯୁଦ୍ଧ ଏବଂ ମାନବୀୟ ଅପରାଧ ଅପେକ୍ଷା ଆକ୍ରମଣ ଅପରାଧ ଉପରେ ସିଧାସଳଖ ମକଦ୍ଦମା ଚଳାଇହେବ। କାରଣ, ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ସିଧା ସମ୍ପର୍କ କ୍ରିମେଲିନ ବା ରୁଷିଆ ସରକାରଙ୍କ ସହ ଅଛି। ଆକ୍ରମଣ ଅପରାଧ ଉପରେ ଆଇସିସି ତା'ଆଇନଗତ କାର୍ଯ୍ୟାନୁଷ୍ଠାନକୁ ବିସ୍ତାର କରୁ ନ ଥିଲେ ବି ଏଭଳି ନେତୃତ୍ୱଭିତ୍ତିକ ଅପରାଧ ଉପରେ ଧ୍ୟାନ ଦେଇ ଏକ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ ଗଠନ କରିପାରିବ। ତେବେ ପ୍ରେରଣାଦାୟକ ଖବର ହେଉଛି, ୟୁରୋପିଆନ ୟୁନିୟନ ଓ କାଉନ୍‌ସିଲ ଅଫ୍ ୟୁରୋପ ସମେତ ସମସ୍ତ ପ୍ରମୁଖ ୟୁରୋପୀୟ ଦେଶ ଆକ୍ରମଣ ଅପରାଧ ପାଇଁ ପୁଟିନ୍ ଓ ତାଙ୍କ ସାଥୀମାନଙ୍କ ବିରୋଧରେ ମକଦ୍ଦମା ଚଳାଇବା ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କରିଥିବା ଅନୁରୋଧକୁ ସମର୍ଥନ କରିଛନ୍ତି। ସେଥିପାଇଁ ଆଗକୁ ଏକ ଟ୍ରିବ୍ୟୁନାଲ ଗଠନ ସମ୍ଭାବନା ଦେଖାଦେଇଛି। କିନ୍ତୁ ଏଭଳି ଟ୍ରିବ୍ୟୁନାଲ ପାଇଁ ଆମେରିକାର ସମର୍ଥନ ଜରୁରୀ ଓ ଏଥିପାଇଁ ବାଇଡେନ୍ ଭୟ କରିବା ଦରକାର ନାହିଁ। ପୁଟିନ୍‌ଙ୍କ ଉପରେ ଏକ ତଦନ୍ତକୁ ସମର୍ଥନ କରିବା ସାମ୍ପ୍ରତିକ ସ୍ଥିତିରେ ଫଳପ୍ରଦ ହେବ। ୟୁକ୍ରେନ୍ ପ୍ରତିରକ୍ଷାକୁ ସମର୍ଥନ କରିବାଠାରୁ ଆରମ୍ଭ କରି ରୁଷିଆ ବିରୋଧରେ ସକ୍ରିୟ ଆକ୍ରମଣ ଯାଏ ସବୁକିଛି ସେ ଅତି ସତର୍କତାର ସହ ସଞ୍ଚାଳନ କରୁଛନ୍ତି। ଏପରିକି ଆମେରିକା ନିୟମିତ ଭାବେ ବିଶେଷକରି କାମ୍ବୋଡିଆ, ଲୋବାନନ୍, ରୱାଣ୍ଡା, ସିଏରା ଲିଓନ ଏବଂ ପୂର୍ବତନ ଯୁଗୋସ୍ଲାଭିଆର ଅନ୍ତର୍ଜାତୀୟ ଅପରାଧ ଉପରେ ଆଇନଗତ ବିଚାର ପାଇଁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲକୁ ସମର୍ଥନ କରିଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଜି ନେତୃତ୍ୱ ଉପରେ ମକଦ୍ଦମା ଚଳାଇ ଦଣ୍ଡିତ କରିବା ଲାଗି ଅନ୍ତର୍ଜାତୀୟ ମିଲିଟାରି ଟ୍ରିବ୍ୟୁନାଲ ଦ୍ୱାରା କରାଯାଇଥିବା 'ନୁରେମବର୍ଗ ଟ୍ରାଏଲ'ରେ ଆମେରିକାର ପ୍ରୋସେକ୍ୟୁଟରମାନେ ଆଗରେ ରହିଥିଲେ। ପୂର୍ବ ଓ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ପାଇଁ ଅନ୍ତର୍ଜାତୀୟ ମିଲିଟାରି ଟ୍ରିବ୍ୟୁନାଲ ଜାପାନିଜ୍ ଯୁଦ୍ଧ ଅପରାଧ ଲାଗି 'ଟୋକିଓ ଟ୍ରାଏଲ' କରିଥିଲା। ଏଥିରେ ବି ଆମେରିକୀୟ ପ୍ରୋସେକ୍ୟୁଟରମାନେ ଆଗରେ ଥିଲେ। ଏହି ଉଭୟ ଟ୍ରିବ୍ୟୁନାଲ ସେଣ୍ଟ ଜେମ୍ସ ପ୍ୟାଲେସର ୧୯୪୧ ଘୋଷଣାନାମା କିମ୍ବା ଲଣ୍ଡନ ଘୋଷଣାନାମା ଅନୁଯାୟୀ ଗଠନ କରାଯାଇଥିଲା। ଉକ୍ତ ଘୋଷଣାନାମାରେ ମିତ୍ର ଶକ୍ତିଗୁଡ଼ିକ ଏକମତ ହୋଇଥିଲେ ଯେ, ଆକ୍ରମଣର ଦୋଷୀମାନଙ୍କ ପାଇଁ କୌଣସି ସୁରକ୍ଷିତ ଆଶ୍ରୟ ରହିବ ନାହିଁ। ତେବେ ସେହିଭଳି ପୁଟିନ୍‌ଙ୍କୁ ଆଇନଗତ ଭାବେ ଅଭିଯୁକ୍ତ କରିବା ଦାୟିତ୍ୱ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ବହନ କରିପାରିବ।

ୟୁକ୍ରେନ୍ ଆକ୍ରମଣ ଅପରାଧ ଉପରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଗଠନ ୟୁକ୍ରେନ୍ ସରକାର ଓ ତାଙ୍କ ନାଗରିକମାନଙ୍କ ତରଫରୁ କରାଯାଇଥିବା ଜେଲେନ୍‌ସ୍କିଙ୍କ ଅନୁରୋଧର ଏକ ପ୍ରତିକ୍ରିୟା ହେବ। ଟ୍ରିବ୍ୟୁନାଲର ଅଧିକାର ୟୁକ୍ରେନ୍ ଆଇନରୁ ଅଣାଯାଇପାରିବ । ଆକ୍ରମଣ ଅପରାଧଗୁଡ଼ିକ ଉପରେ କଟକଣା ଅନ୍ତର୍ଜାତୀୟ ଆଇନର ଅଂଶ ହେବ। ଏହା ସ୍ୱତନ୍ତ୍ର ଭାବେ ୟୁକ୍ରେନ୍ ସ୍ଥିତି ଉପରେ ଦୃଷ୍ଟି ରଖି ଭୁଲ୍ କାର୍ଯ୍ୟର ପ୍ରମାଣ ସଂଗ୍ରହ କରିପାରିବ। ତେବେ ଏକ ସମ୍ଭାବ୍ୟ ଟ୍ରାଏଲ ବା ମକଦ୍ଦମା ପୁଟିନ୍‌ଙ୍କ ଶାନ୍ତି ଆଲୋଚନାର ଇଚ୍ଛାରେ ଭଟା ପକାଇବାର ଆଶଙ୍କା ରହିଛି। ଇଂଲଣ୍ଡର ଉଭୟ ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ରୁଷିଆ ଛାଡ଼ି ଇଂଲଣ୍ଡର ନାଗରିକତ୍ୱ ନେଇଥିବା ଆଲେକଜାଣ୍ଡର ଲିଟ୍‌ଭିନେଙ୍କୋ (ପୂର୍ବତନ ରୁଷିଆନ ଫେଡେରାଲ ସିକ୍ୟୁରିଟି ସର୍ଭିସ ଅଫିସର) ଙ୍କ ହତ୍ୟା ଉପରେ ପୁଟିନଙ୍କ ସହ ସିଧାସଳଖ ଆଲୋଚନା କରିଥିଲି। ସେହି ଅନୁଭବ ମୋତେ ଶିକ୍ଷା ଦେଇଥିଲା ଯେ, ଯଦି ପୁଟିନ୍ କୌଣସି ଭାଷା ବୁଝୁଥାନ୍ତି, ତେବେ ତାହା କେବଳ କ୍ଷମତାର ଭାଷା।

ରୁଷିଆର କ୍ରୂରତାକୁ ଦୃଷ୍ଟିରେ ରଖି ୟୁକ୍ରେନ୍‌ର ଲୋକମାନେ ଏକାଠି ହୋଇ ବୀର ଭଳି ଲଢୁଛନ୍ତି। ଆମେରିକା ନେତୃତ୍ୱରେ ଅବଶିଷ୍ଟ ବିଶ୍ୱ ମଧ୍ୟ ସେହିଭଳି ସାହସ ପ୍ରଦର୍ଶନ କରିଛନ୍ତି ଏବଂ ରୁଷିଆର ଶୀର୍ଷ ନେତାମାନଙ୍କ ସହ କିଭଳି ନ୍ୟାୟ କରାଯାଇପାରିବ ତାହା ନିଶ୍ଚିତ କରିବାକୁ ସଙ୍କଳ୍ପ ନେଇଛନ୍ତି। ପୁଟିନ ଓ ତାଙ୍କ ସାଥୀମାନଙ୍କୁ ଯୁଦ୍ଧ ପାଇଁ ଦାୟୀ କରିବାକୁ ଆମେରିକା ଶେଷରେ ତା' ଇଚ୍ଛା ପ୍ରକାଶ କରିଛି। ଏହା କରିବାକୁ ଏବେ ତାହା ୟୁରୋପ ସହ ହାତ ମିଳାଇବା ଦରକାର।

**ପୂର୍ବତନ ପ୍ରଧାନମନ୍ତ୍ରୀ, ଇଂଲଣ୍ଡ**

## ଏଇ ଭାରତରେ

ଜାତିଗତ ପ୍ରମାଣପତ୍ର ପ୍ରଦାନକୁ ନେଇ ଏକ ବିଚିତ୍ର ଖବର ସାମନାକୁ ଆସିଛି ମେଘାଳୟରେ। କେବଳ ମାତାଙ୍କ ଉପନାମ ଥିଲେ ପ୍ରମାଣପତ୍ର ମିଳୁଛି, ଅପରପକ୍ଷେ ପିତାଙ୍କ ଉପନାମ ଥିଲେ ଏଥିରୁ ବଞ୍ଚିତ ହେବାକୁ ପଡୁଛି । ଖାସି ପାହାଡ଼ ସ୍ୱାୟତ୍ତ ଜିଲା ଖାସି ସୋସିଆଲ କଷ୍ଟମ୍ ଅଫ୍ ଲାଇନ୍ ଆକ୍ଟ, ୧୯୯୭ର ଧାରା ୩ ଏବଂ ୧୨ ଅନୁଯାୟୀ ମାତାଙ୍କର ଉପନାମ ବ୍ୟବହାର କରୁଥିବା ଲୋକଙ୍କୁ ଆଦିବାସୀ ପ୍ରମାଣପତ୍ର ପ୍ରଦାନ କରିବାକୁ ଖାସି ହିଲ୍ ଡେଭଲପମେଣ୍ଟ କର୍ପୋରେଶନ(କେଏଚ୍‌ଡିସି)ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଅନୁଯାୟୀ ମାତାଙ୍କର ଉପନାମ ବ୍ୟବହାର କରାଯିବା ଜରୁରୀ ବୋଲି ଦର୍ଶାଯାଇଛି । ଯେଉଁମାନେ ମାତାଙ୍କ ଉପନାମ ବ୍ୟବହାର କରିବେ ସେମାନେ କେବଳ ଖାସି ଭାବରେ ମାନ୍ୟତା ପାଇବେ ଏବଂ ଯେଉଁମାନେ ପିତାଙ୍କ ଉପନାମ ବ୍ୟବହାର କରୁଛନ୍ତି ସେମାନଙ୍କୁ ଖାସି ଭାବରେ ବିବେଚନା କରାଯିବ ନାହିଁ। କେବଳ ଏତିକି ନୁହେଁ ପାରମ୍ପରିକ ଗ୍ରାମ ମୁଖିଆମାନଙ୍କୁ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିବାକୁ କିମ୍ବା କୌଣସି ରାଜନୈତିକ ଦଳର ସଦସ୍ୟ ହେବାକୁ ବାରଣ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଏପ୍ରିଲ ୧୯୯୮

- ଅକଟ ଥିବା ଏକ ସାମରିକ ଶିବିରରୁ ଖସି ପଳାଇଯିବାକୁ ଉଦ୍ୟମ କଲାବେଳେ ସୁଦାନ ସୈନ୍ୟମାନେ ଆଖିବୁଜା ଗୁଳି ଚଳାଇବା ଫଳରେ ୭୪ ବିଦ୍ରୋହୀ ଛାତ୍ର ନିହତ।
- ପାକିସ୍ତାନ ପ୍ରଥମ କରି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକ ଆଣବିକ ରିଆକ୍ଟର ପ୍ରସ୍ତୁତ କରିଛି।
- ଜାପାନର ଏକ୍ସିମ ବ୍ୟାଙ୍କ ଭାରତର କୋଲ ଇଣ୍ଡିଆକୁ ୫୩୦୦ ନିୟୁତ ଡଲାର ଋଣ ସହାୟତା ଯୋଗାଇଦେବା ନେଇ ଏକ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | | 6 | |
| | 2 | | 4 | | | 7 | | |
| | 6 | | | | | 9 | 8 | |
| 8 | | 5 | | | | | | |
| | | | 2 | 4 | 1 | 6 | | |
| | | | 8 | | 9 | | | |
| | | 7 | | | | | | 9 |
| | 8 | | 9 | | 7 | | 1 | |
| 4 | | | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 9 | 7 | 3 | 2 | 5 | 6 |
| 9 | 5 | 3 | 2 | 4 | 6 | 7 | 8 | 1 |
| 6 | 7 | 2 | 1 | 5 | 8 | 9 | 4 | 3 |
| 7 | 3 | 5 | 6 | 2 | 4 | 8 | 1 | 9 |
| 4 | 2 | 9 | 7 | 8 | 1 | 6 | 3 | 5 |
| 8 | 1 | 6 | 3 | 9 | 5 | 4 | 2 | 7 |
| 2 | 9 | 1 | 4 | 3 | 7 | 5 | 6 | 8 |
| 5 | 6 | 4 | 8 | 1 | 9 | 3 | 7 | 2 |
| 3 | 8 | 7 | 5 | 6 | 2 | 1 | 9 | 4 |

ଗତକାଲିର ଉତ୍ତର

# ଜନନାୟକ ଡ. ଆମ୍ବେଡ୍‌କର



ସର୍ବେଶ୍ୱର ବେହେରା

ସମ୍ବିଧାନ ନିର୍ମାତା ଓ ଭାରତରତ୍ନ ଡ. ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡ୍‌କରଜୀ (ବାବାସାହେବ) ଦଳିତ, ନିଷ୍ପେଷିତ ତଥା ଅସ୍ପୃଶ୍ୟମାନଙ୍କ ପାଇଁ ଆଜୀବନ ସଂଘର୍ଷ କରିଥିଲେ ବୋଲି ଆମେ ସମସ୍ତେ ଜାଣିଛୁ। କିନ୍ତୁ ଡ. ଆମ୍ବେଡ୍‌କର ଜଣେ ଶ୍ରେଷ୍ଠ ଅର୍ଥନୀତିଜ୍ଞ ଥିଲେ ବୋଲି ବହୁତ କମ୍ ଜାଣିଛନ୍ତି। ତାଙ୍କର ସମସ୍ତ ଗବେଷଣା ଆର୍ଥିକ ବିଷୟରେ ଥିଲା। କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପିଏଚ୍.ଡି, ଲଣ୍ଡନ ସ୍କୁଲ୍ ଅଫ ଇକୋନୋମିକ୍ସରୁ ଡି.ଏସ୍‌ସି(ଡକ୍ଟର ଅଫ ସାଇନ୍ସ) ଓ ଲଣ୍ଡନରୁ ଗ୍ରେଡ୍ ଇନ୍ ବାର ଆଟ୍ ଲ' (ବାରିଷ୍ଟର)ଉପାଧିରୁ ଜଣାପଡ଼େ ସେ ଜଣେ ମହାନ୍ ବିଦ୍ୱାନ୍ ଓ ଅର୍ଥନୀତିଜ୍ଞ ଥିଲେ। ତାଙ୍କର ବହୁ ପ୍ରବନ୍ଧ ଓ ଗବେଷଣାପତ୍ର ଆର୍ଥିକ ବିଷୟରେ ଥିଲା। 'ଆଡ୍‌ମିନିଷ୍ଟ୍ରେଶନ ଅଫ୍ ଫାଇନାନ୍ସ ଅଫ୍ ଇଷ୍ଟ ଇଣ୍ଡିଆ କମ୍ପାନୀ'ନାମରେ ସେ ଏମ୍.ଏ. (ସ୍ନାତକୋତ୍ତର)ରେ ଥେସିସ୍ (ଗବେଷଣାପତ୍ର) ଉପସ୍ଥାପନା କରିଥିଲେ। ଲଣ୍ଡନରେ ଅଧ୍ୟୟନ କରି ଇଂରେଜମାନଙ୍କର ଭାରତରେ ଶୋଷଣ ବିରୋଧରେ ଏହି ଗବେଷଣାପତ୍ର ଉପସ୍ଥାପନା କରିଥିଲେ। ଏଥିରୁ ତାଙ୍କର ସାହସିକତାର ପ୍ରମାଣ ମିଳୁଛି। ସେହିପରି ତାଙ୍କର ଡି.ଏସ୍‌ସି.ର ଥେସିସ୍ ବିଷୟ ଥିଲା 'ପ୍ରୋବ୍ଲେମ୍ ଅଫ୍ ରୁପି।' ଏଥିରେ ସେ ଇଂରେଜମାନେ ଭାରତକୁ କିପରି ଲୁଣ୍ଠନ କରି ଭାରତର ଅର୍ଥନୀତିକୁ ଦୁର୍ବଳ କରୁଛନ୍ତି, ସେ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଏଥିରୁ ତାଙ୍କର ପ୍ରଖର ରାଷ୍ଟ୍ରବାଦର ପରିଚୟ ମିଳୁଛି।

ଇଂରେଜମାନଙ୍କ ବିରୋଧରେ ତତ୍କାଳୀନ ଦୁଇଜଣ ଅର୍ଥନୀତିଜ୍ଞ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ଦାଦାଭାଇ ନାରୋଜୀ(୧୮୨୫–୧୯୧୭) ସର୍ବପ୍ରଥମେ ୧୮୭୬ରେ 'ପଭର୍ଟି ଅଫ୍ ଇଣ୍ଡିଆ' ପୁସ୍ତକ ରଚନା କରିଥିଲେ। ରମେଶ ଚନ୍ଦ୍ର ଦତ୍ତ (୧୮୪୮–୧୯୦୯) ୧୮୬୬ରେ 'ଦି ଇକୋନୋମିକ୍ ହିଷ୍ଟ୍ରି ଅଫ୍ ଇଣ୍ଡିଆ' ପୁସ୍ତକ ରଚନା କରିଥିଲେ। ଏହି ଦୁଇଜଣ ଅର୍ଥନୀତିଜ୍ଞ ସେତେବେଳେ ନିଜ ରଚନାରେ ଇଂରେଜମାନଙ୍କ ଆର୍ଥିକ ଶୋଷଣ ବିରୋଧରେ ଲେଖିଥିଲେ। ଏମାନଙ୍କ ପରେ ତୃତୀୟ ଅର୍ଥଶାସ୍ତ୍ରୀ ହେଉଛନ୍ତି ଡ. ଆମ୍ବେଡ୍‌କର। ଡ. ଆମ୍ବେଡ୍‌କର ଜଣେ କୁଶଳୀ ରାଜନୀତିଜ୍ଞ ସହିତ ଶ୍ରେଷ୍ଠ ଅର୍ଥନୀତିଜ୍ଞ ଥିଲେ। ଏପରି ଦୁର୍ଲଭ ଚରିତ୍ର ବହୁତ କମ୍ ଦେଖାଯାଆନ୍ତି। ତତ୍କାଳୀନ ମହାରାଷ୍ଟ୍ରରୁ ୧୯୦୪ ମସିହାରୁ 'ଦେଶର କଥା' ନାମକ ପତ୍ରିକାକୁ ସଖାରାମ ଗଣେଶ ଦେଉସକର ପ୍ରକାଶିତ କରୁଥିଲେ। ଏଥିରେ ୧୯୧୫ରୁ ୧୯୨୫ ପର୍ଯ୍ୟନ୍ତ ଦେଶର ଅର୍ଥନୀତି ସମ୍ବନ୍ଧରେ ଡ. ଆମ୍ବେଡ୍‌କରଙ୍କ ଗବେଷଣା ମୂଳକ ଲେଖା ନିୟମିତ ପ୍ରକାଶ ପାଉଥିଲା।

ଡ. ଆମ୍ବେଡ୍‌କର ୧୯୨୦ରେ 'ମୂକନାୟକ' ନାମକ ପାକ୍ଷିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ। ୧୯୨୭ରେ ସେ 'ବହିଷ୍କୃତ ସମାଜ' ନାମକ ସାପ୍ତାହିକ ପତ୍ରିକା, ୧୯୩୦ରେ 'ଜନତା' ନାମକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ। ୧୯୫୬ରେ ସେ ଏହି ପତ୍ରିକାର ନାମ 'ଜନତା' ପରିବର୍ତ୍ତେ 'ପ୍ରବୁଦ୍ଧ ଭାରତ' ରଖିଥିଲେ। ପ୍ରକାଶଥାଉ କି, ସ୍ୱାମୀ ବିବେକାନନ୍ଦ ୧୮୯୬ରେ ଯେଉଁ ସାପ୍ତାହିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ତା'ର ନାମ ମଧ୍ୟ 'ପ୍ରବୁଦ୍ଧ ଭାରତ' ଥିଲା। ବୋଧହୁଏ ଏହି ଦୁଇଜଣ ମହାପୁରୁଷଙ୍କ ମନ ମସ୍ତିଷ୍କରେ ସମାନ ଭାରତର ଚିତ୍ର ପ୍ରତିଫଳିତ ହୋଇଥିଲା। ଡ. ଆମ୍ବେଡ୍‌କର ଏହିସବୁ ପତ୍ରିକାରେ ଆର୍ଥିକ ସମାନତା ଓ ସାମାଜିକ ବିଷମତା ଆଦି ବିଷୟ ଉପରେ ଉଲ୍ଲେଖ କରୁଥିଲେ । ପରାଧୀନତାର କାଳଖଣ୍ଡରେ ଏହିପରି ରାଜନୈତିକ ନେତା ଦୁର୍ଲଭ ଥିଲେ। ଗାନ୍ଧିଜୀ ଓ ତିଳକଙ୍କ ପରେ ଡ. ଆମ୍ବେଡ୍‌କର ତୃତୀୟ ଏହିପରି ବ୍ୟକ୍ତି ଥିଲେ।



୧୯୨୪ରେ ସେ 'ବହିଷ୍କୃତ ହିତକାରିଣୀ ସଭା', ୧୯୨୭ରେ ସେ 'ସମାଜ ସମତା ସଂଘ', ୧୯୩୭ରେ ସେ 'ଇଣ୍ଡିପେଣ୍ଡେଣ୍ଟ ଲେବର ପାର୍ଟି', ୧୯୪୨ରେ ସେ 'ସ୍ୟୁଡୁଲ୍‌ଡ କାଷ୍ଟ ଫେଡେରେଶନ' ଓ ୧୯୫୬ରେ ସେ 'ରିପବ୍ଲିକାନ୍ ପାର୍ଟି' ପ୍ରତିଷ୍ଠା କରିଥିଲେ । ଏହି ସମସ୍ତ ସଙ୍ଗଠନରେ ସେ ବହୁ ବୁଦ୍ଧିଜୀବୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ତାଙ୍କର ମହାନ୍ ଆଦର୍ଶ ଓ ସଙ୍ଗଠନ କୁଶଳତାରେ ଅନୁପ୍ରାଣିତ ହୋଇ ଶହ ଶହ କାର୍ଯ୍ୟକର୍ତ୍ତା ଏହି ସଙ୍ଗଠନଗୁଡ଼ିକରେ ଜଡ଼ିତ ଥିଲେ। ସାଧାରଣ ଜନତାଙ୍କ ସ୍ୱରକୁ ଏହି ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ମାଧ୍ୟମରେ ସରକାର ଓ ପ୍ରଶାସନ ନିକଟରେ ଉପସ୍ଥାପନ କରୁଥିଲେ।

ଡ. ଆମ୍ବେଡ୍‌କର ଜଣେ ମହାନ୍ ଶିକ୍ଷାବିତ୍ ଥିଲେ। ସେ ମହାବିଦ୍ୟାଳୟରେ କିଛିବର୍ଷ ଅଧ୍ୟାପକ ରୂପେ କାର୍ଯ୍ୟ କରିଛନ୍ତି। ସେ ମହାବିଦ୍ୟାଳୟର ଅଧ୍ୟକ୍ଷ ରୂପେ ମଧ୍ୟ ଅବସ୍ଥାପିତ ହୋଇଛନ୍ତି। ୧୯୨୫ରେ ସେ ଦଳିତ ଛାତ୍ରମାନଙ୍କ ପାଇଁ ଛାତ୍ରାବାସ ଆରମ୍ଭ କରିଥିଲେ। ୧୯୪୫ରେ ସେ 'ପିପୁଲ୍ସ ଏଜୁକେଶନ ସୋସାଇଟି' ନାମରେ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ। ଏହି ସଂସ୍ଥା ଆଜି ମଧ୍ୟ ମହାରାଷ୍ଟ୍ରର ୪୦ଟି ସ୍ଥାନରେ କାର୍ଯ୍ୟରତ । ମୁମ୍ବାଇଠାରେ ସେ 'ସିଦ୍ଧାର୍ଥ' ନାମକ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହି ମହାବିଦ୍ୟାଳୟ ଭାରତର ପ୍ରଥମ ମହାବିଦ୍ୟାଳୟ, ଯେଉଁଠାରେ ସାମାଜିକ ବିଜ୍ଞାନର ବିଷୟ ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଉଥିଲା। ସାମାଜିକ ବିଜ୍ଞାନର ବିଷୟ ଛାତ୍ରମାନଙ୍କ ନିମିତ୍ତ କେତେ ଆବଶ୍ୟକ ତାହାକୁ ସେ ସେତେବେଳେ ଅନୁଭବ କରି ପ୍ରଚଳନ କରିଥିଲେ। ଏଥିରୁ ତାଙ୍କ ଦୂରଦ୍ରଷ୍ଟାର ପ୍ରମାଣ ମିଳିଛି ।

୧୯୫୬ରେ ଯେତେବେଳେ ସେ ରିପବ୍ଲିକାନ୍ ପାର୍ଟି ପ୍ରତିଷ୍ଠା କରିଥିଲେ, ସେ ଅନୁଭବ କଲେ ଯେ ଯେଉଁ ଯୁବକମାନେ ଏଥିରେ ସାମିଲ ହେଉଛନ୍ତି ସେମାନଙ୍କର ରାଜନୀତି ସମ୍ବନ୍ଧରେ ବିଶେଷ ଜ୍ଞାନ ନାହିଁ। ସେମାନେ କେବଳ ସ୍ୱାର୍ଥ ପାଇଁ କିମ୍ବା ସ୍ୱଳ୍ପ ସମୟ ମଧ୍ୟରେ ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ଚାହୁଁଛନ୍ତି। ଏଣୁ ଡ. ଆମ୍ବେଡ୍‌କର ଅନୁଭବ କଲେ ସେମାନଙ୍କୁ ଠିକ୍ ପ୍ରଶିକ୍ଷଣ ଦେବା ଆବଶ୍ୟକ। ଏଣୁ ସେ ରିପବ୍ଲିକାନ୍ ପାର୍ଟିରେ ଯୁବତୀ ଯୁବକମାନଙ୍କୁ ରାଜନୀତିର ପ୍ରଥମ ସୋପାନ ରାଷ୍ଟ୍ରୀୟତା ସହିତ ସଂସଦୀୟ ପ୍ରଣାଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ସଂସ୍ଥା ପ୍ରତିଷ୍ଠା କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟ ଜଣେ ବ୍ୟକ୍ତି କିପରି ସମ୍ପାଦନ କରିପାରୁଥିଲେ ତାହା ଆଶ୍ଚର୍ଯ୍ୟର ବିଷୟ। ଗୋଟିଏ ସାଧାରଣ ପରିବାରରେ ଜନ୍ମଗ୍ରହଣ କରି ତତ୍କାଳୀନ ଦାରିଦ୍ର୍ୟର କଷାଘାତ ସହିତ ଅସ୍ପୃଶ୍ୟତାର ତାଡ଼ନାର ଘୋର ଶିକାର ହୋଇଥିବା ବ୍ୟକ୍ତିଙ୍କର ଏହିପରି ହିମାଳୟ ସଦୃଶ୍ୟ କାର୍ଯ୍ୟାବଳୀ କେବଳ ଜଣେ ମହାମାନବ ପକ୍ଷେ ସମ୍ଭବ। ଏହିପରି ଅନେକ କାର୍ଯ୍ୟ ଓ ଦର୍ଶନ ଦ୍ୱାରା ସମକାଳୀନ ନେତୃମଣ୍ଡଳ ମଧ୍ୟରେ ସେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିଥିଲେ। ବାସ୍ତବରେ ସେ ଜଣେ ଅସାଧାରଣ ଜନନାୟକ ଓ ଚିନ୍ତାନାୟକ।

**ଆଡ୍‌ଭୋକେଟ**
**ଖଟ୍‌ବିନସାହି, କଟକ**
**ମୋ–୯୪୩୭୦୧୬୩୮୪**

# ଓଡ଼ିଆ ସାହିତ୍ୟରେ ବ୍ରଜନାଥ



ଡ. ଉଦ୍ଧବଚରଣ ନାୟକ

କବି ବ୍ରଜନାଥ ବଡ଼ଜେନା (୧୭୩୦–୧୮୦୦) ହେଉଛନ୍ତି ଅଷ୍ଟାଦଶ ଶତକର ମହାନ୍ କବି। ପୂର୍ବ ଭାରତୀୟ ସାହିତ୍ୟ ଜଗତର ପ୍ରଥମ ଗଦ୍ୟସ୍ରଷ୍ଟା। ପ୍ରଥମ ଓଡ଼ିଆ ସମର କବି। ପ୍ରଥମ ଓଡ଼ିଆ ହିନ୍ଦୀ କବି। ପ୍ରଥମ ଓଡ଼ିଆ ବହୁଭାଷୀ କବି ତଥା ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କର ପ୍ରକୃତ ନାମ ବ୍ରଜନାଥ ପଟ୍ଟନାୟକ। 'ବଡ଼ଜେନା' ତାଙ୍କର ରାଜଦତ୍ତ ଉପାଧି। ତାଙ୍କର ଅମର ସୃଷ୍ଟି ସମ୍ଭାରଗୁଡ଼ିକ ହେଲା, 'ସମର ସାହିତ୍ୟ', 'ସମର ତରଙ୍ଗ', ଗଦ୍ୟରଚନା–ଚତୁରବିନୋଦ ; ହିନ୍ଦୀ ରଚନା–ଗୁଣ୍ଡିଚା ବିଜେ ; ବୈଷ୍ଣବ ସାହିତ୍ୟ–ଦଶପୋଇ, ଗୋପୀବିଳାପ ଓ ଶ୍ୟାମ ରସୋତ୍ସବ ; କାଳ୍ପନିକ ସାହିତ୍ୟ– ବିଦେଶୀନୁଚିନ୍ତା ଓ କେଳିକଳାନିଧି ; ପୌରାଣିକ କାବ୍ୟ– 'ଅ' ଅକ୍ଷର ନିୟମରେ ରଚିତ ଅମ୍ବିକା ବିଳାସ ଏବଂ ପ୍ରଶସ୍ତିମୂଳକ ସାହିତ୍ୟ–ରାଜସଭା ଓ ରାଜନଙ୍କୁ ଛଳୋକ୍ତି। ଏହା ବ୍ୟତୀତ ସେ ଅନେକ ଭଜନ ଜଣାଣ, ଚଉତିଶୀ, ଚଉପଦୀ ଇତ୍ୟାଦି ରଚନା କରିଯାଇଛନ୍ତି।

କବିଙ୍କ ରଚିତ 'ସମର ତରଙ୍ଗ', 'ଚତୁର ବିନୋଦ' ଓ ହିନ୍ଦୀ କାବ୍ୟ 'ଗୁଣ୍ଡିଚା ବିଜେ' ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ। ସମର ତରଙ୍ଗ ବାସ୍ତବଧର୍ମୀ ଐତିହାସିକ କାବ୍ୟ। ଏହି କାବ୍ୟର ପ୍ରତିଟି ପଦ ବୀର ରସରେ ରସାଣିତ। ଏହି କାବ୍ୟ ବୀରମାନଙ୍କ ନିମନ୍ତେ ରଚିତ। ୧୭୮୧ ମସିହା ଢେଙ୍କାନାଳ ରାଜା ବୀର ତ୍ରିଲୋଚନ ସିଂହ ମହୀନ୍ଦ୍ର ବାହାଦୁରଙ୍କର ମରହଟ୍ଟାମାନଙ୍କର ଐତିହାସିକ ଯୁଦ୍ଧ ଏବଂ କେନ୍ଦୁଝରର ଢେଙ୍କାନାଳ ଆକ୍ରମଣ ଓ ପରାଜୟ ବିବରଣୀ ଏଥିରେ ବର୍ଣ୍ଣିତ। ବିଶେଷ ଭାବେ ମରହଟ୍ଟାମାନେ ଢେଙ୍କାନାଳ ରାଜାଙ୍କ ପାଖରୁ ପରାଜୟ ବରଣ କରି ସବୁଦିନ ଯାଏ ଓଡ଼ିଶା ତ୍ୟାଗ କରିଥିବା କଥା ଓ ଗାଥା ଏହି କାବ୍ୟର ବର୍ଣ୍ଣନା କରିଛନ୍ତି କବି ବ୍ରଜନାଥ ବଡ଼ଜେନା।

'ଚତୁର ବିନୋଦ' କଥା ସାହିତ୍ୟ ପୂର୍ବ ଭାରତ ସାହିତ୍ୟ ଜଗତର ପ୍ରଥମ ଗଦ୍ୟ ରଚନା, ଏହା ସଂସ୍କୃତ ସାହିତ୍ୟର ପଞ୍ଚତନ୍ତ୍ର ଓ ହିତୋପଦେଶ ଭଳି ବିଭିନ୍ନ କଥା, ଉପକଥା, ଶାଖାକଥା ଓ କଥାର ଲଥାକୁ ନେଇ ରଚିତ। ଚତୁର ବିନୋଦ ହାସ ବିନୋଦ, ରସ ବିନୋଦ, ନୀତି ବିନୋଦ ଓ ପ୍ରୀତି ବିନୋଦ ନାମରେ ଚାରି ଭାଗରେ ବିଭକ୍ତ। ଏହି ପୁସ୍ତକରେ ହାସ୍ୟ, ରସ, ପ୍ରୀତି ଓ ନୀତି ମିଶନ ଭାବରେ କଥାଛଳରେ ବର୍ଣ୍ଣିତ। ସେହିପରି ଗୁଣ୍ଡିଚା ବିଜେ ହିନ୍ଦୀ କାବ୍ୟଟି ହିନ୍ଦୀ, ମଗଧି, ଅର୍ଦ୍ଧମଗଧି, ଭୋଜପୁରୀ, ଛତିଶଗଡ଼ି ଆଦି ଭାଷାର ସମ୍ମିଶ୍ରଣରେ ରଚିତ। ଏହି କାବ୍ୟରେ କବି ପ୍ରଭୁଶ୍ରୀ ଜଗନ୍ନାଥଙ୍କ ଭୋଗ, ପୂଜାର୍ଚ୍ଚନା ଓ ଘୋଷଯାତ୍ରାର ବିବରଣୀ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ଉକ୍ତ କାବ୍ୟଟି କବି ଜୀବନର ଶେଷ ଭାଗରେ ପୁରୀଠାରେ ଅବସ୍ଥାନ କାଳରେ ରଚନା କରି ତତ୍‌କାଳୀନ ଗଜପତି ରାଜା ଦିବ୍ୟସିଂହ ଦେବଙ୍କଠାରୁ 'ବଡ଼ଜେନା'ଉପାଧି ପ୍ରାପ୍ତ ହୋଇଥିଲେ।

କବି ବ୍ରଜନାଥ ବଡ଼ଜେନାଙ୍କ ଓଡ଼ିଆ, ବଙ୍ଗଳା, ସଂସ୍କୃତ, ହିନ୍ଦୀ, ମରାଠୀ ଆଦି ଭାଷାରେ ଗଭୀର ବ୍ୟୁତ୍ପତ୍ତି ଥିବାର ଜଣାଯାଏ। ଏହା ବ୍ୟତୀତ କବି ଥିଲେ ଜଣେ ଉତ୍ତମ ଚିତ୍ର ଶିଳ୍ପୀ। ତାଳପତ୍ର, କାଗଜ, କଟକଡ଼ା ଓ ବଉଳ ମଞ୍ଜି ଉପରେ ଚିତ୍ର ରଚନା କରିବାରେ ଥିଲେ ସିଦ୍ଧ ହସ୍ତ। ଏହା ସେ ସ୍ୱରଚନାରେ ବିଭିନ୍ନ ସ୍ଥାନରେ ଉଲ୍ଲେଖ କରିଛନ୍ତି। ପଥରରେ ଖୋଦେଇ କରି ସୁନ୍ଦର ହନୁମାନ ମୂର୍ତ୍ତିଟିଏ ନିର୍ମାଣପୂର୍ବକ ପୂଜା କରୁଥିଲେ ; ଯାହା କି ଆଜି ତାଙ୍କର ବାସସ୍ଥାନ କାବେରା ଗ୍ରାମରେ ପୂଜା ପାଉଛନ୍ତି।

କବିଙ୍କର ଜନ୍ମ ୧୭୩୦ ମସିହା ପଣା ସଂକ୍ରାନ୍ତି ତିଥିରେ ବୋଲି ବିଶିଷ୍ଟ ଗବେଷକ ସ୍ୱର୍ଗତ ସୁଧାକର ପଟ୍ଟନାୟକ ନିର୍ଣ୍ଣୟ କରିଛନ୍ତି। କବି ହେଉଛନ୍ତି ପୁରାଣ ବର୍ଣ୍ଣିତ ରଘୁ ଅରକ୍ଷିତଙ୍କର ବଂଶଧର। ତାଙ୍କର ଜନ୍ମସ୍ଥାନ ଢେଙ୍କାନାଳ ସହରରେ ବୋଲି କବି ସ୍ୱରଚିତ ଗୋପୀ ବିଳାପ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି– ମୋର ଘର ଢେଙ୍କାନାଳ ନଗରେ, ମୁକ୍ତା ଦେଈଙ୍କ ଶାସନ ଆଗରେ। କବି ଓଡ଼ିଶା, ମଧ୍ୟପ୍ରଦେଶ ଓ ଦକ୍ଷିଣର ବହୁ ରାଜାଙ୍କର ରାଜସଭାରେ ପୁରାଣ ଶାସ୍ତ୍ର ଆଦି ଆଲୋଚନା କରି ରାଜାମାନଙ୍କୁ ବିସ୍ମିତ କରି ଦେଉଥିଲେ। ୧୮୦୦ ମସିହାରେ କବି ଶ୍ରୀକ୍ଷେତ୍ର ପୁରୀଠାରେ ଇହଲୀଳା ସମ୍ବରଣ କରିଥିଲେ। କବି ଆଜି ସଶରୀରେ ନ ଥିଲେ ମଧ୍ୟ ସ୍ୱରଚନାରାଜି ତାଙ୍କୁ ଚିର ଅମର କରି ରଖିଛି, ରଖିଥିବ ମଧ୍ୟ ଚିରକାଳ ପାଇଁ।

**ମୋ–୯୪୩୮୨୯୯୧୭୪**

## ଚିରନ୍ତନୀ

ତ୍ୟାଗର ମହିମା ଯେଣୁ ଏ ଦେଉଳ ଘୋଷଇ ପବନେ,
ତ୍ୟାଗର ଜୟ ପତାକା ଉଡ଼ାଉଛି ଅନନ୍ତ ଗଗନେ।
ବିରାଟ ଯେ ଆତ୍ମା ଏହି ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି ନମ୍ର ମୋର ଚିତ୍ତ,
ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର
ବାରମ୍ବାର ! –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରାଇଭିଂ ଟ୍ରେନିଂ ଡାକୁଛି ଦୁର୍ଘଟଣା

ମହାଶୟ,

ହଜାର ବର୍ଷର ସହର କଟକରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେବେ ଏହି ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ଚାରିଚକିଆ ଯାନ ଡ୍ରାଇଭିଂ ଶିଖିବା ଅନ୍ୟତମ । ଏଥିପାଇଁ ନିୟମ କାନୁନ ଥିବାବେଳେ ଏହାକୁ ପ୍ରାୟ ସଂସ୍ଥା ଲାଗୁ କରୁନାହାନ୍ତି। ଏଥିପ୍ରତି ପରିବହନ ବିଭାଗର ବି ନଜର ନାହିଁ। ଟ୍ରେନିଂ ଦେଉଥିବା ସଂସ୍ଥା ଆରଟିଓରୁ ୫ ବର୍ଷ ପାଇଁ ଲାଇସେନ୍ସ ପାଇସାରିବା ପରେ ଡ୍ରାଇଭିଂ ଶିଖିବାକୁ ଆସୁଥିବା ଲୋକଙ୍କୁ ପ୍ରଥମେ ନିଜ ସଂସ୍ଥାରେ ଥିଓରି ତାଲିମ ଦେଇଥାନ୍ତି। ପ୍ରାକ୍ଟିକାଲ ତାଲିମ ପାଇଁ ସଂସ୍ଥା ନିଜର ବିସ୍ତୀର୍ଣ୍ଣ ପଡ଼ିଆରେ ଟ୍ରାକ୍ ତିଆରି କରି ତାଲିମ ଦେବା କଥା। ମାତ୍ର ଅଧିକାଂଶ ସଂସ୍ଥାର ପଡ଼ିଆ ନାହିଁ। ତାଲିମର ଅବଧି ମଧ୍ୟ ଏକମାସ ରହୁଛି। ଏହି ସଂସ୍ଥାଗୁଡ଼ିକ ବିପୁଳ ପରିମାଣର ଟଙ୍କା ଲୋକଙ୍କଠାରୁ ନେଇ ଜନଗହଳିପୂର୍ଣ୍ଣ ରାସ୍ତାରେ ତାଲିମ ଦେଉଛନ୍ତି। ବିଶେଷକରି ସକାଳେ ଓ ସନ୍ଧ୍ୟାରେ ଉକ୍ତ ସଂସ୍ଥାଗୁଡ଼ିକ ଗାଡ଼ି ଚାଳନା ଶିଖାଉଥିବାରୁ ପଥଚାରୀ ତଥା ସ୍କୁଲ, କଲେଜ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକେ ଅକାରଣରେ ଗାଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଡ୍ରାଇଭିଂ ସଂସ୍ଥାଗୁଡ଼ିକ ତାଲିମ ଦେବା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିସାରିବା ପରେ ହିଁ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା ଉଚିତ। ସୂଚନାଥାଉକି କଟକ ସହରରେ ୮ଟି ସଂସ୍ଥାକୁ ଅନୁମତି ଦିଆଯାଇଛି। ଯଦି ଲାଇସେନ୍ସ ନେଇ ଗହଳି ସ୍ଥାନରେ କେହି ତାଲିମ ଦେଉଛନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ।

**–ତ୍ରିନାଥ ଓଝା, ଧବଳେଶ୍ୱରଗଡ଼ା, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




୭୫ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍‌ଘାଟନ ଅବସରରେ ଗୁରୁବାର ବିଧାନସଭା ସମ୍ମୁଖରେ ଥିବା 'ରାଜଧାନୀ ଶିଳାନ୍ୟାସ ଫଳକ' ନିକଟରେ ବାଚସ୍ପତି, ମେୟର, ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟମାନେ।

# ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଭୁବନେଶ୍ୱର

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଆମ ରାଜଧାନୀ ଭୁବନେଶ୍ୱର ଭାରତବର୍ଷର ଶ୍ରେଷ୍ଠ ସହର ଭାବେ ପରିଗଣିତ ହେବା ସହ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, କ୍ରୀଡ଼ା, ପର୍ଯ୍ୟଟନ, ଭିତ୍ତିଭୂମି ଆଦି ସମସ୍ତ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରି ସାରା ଦେଶରେ ବିକାଶର ନୂଆ ଧାରା ସୃଷ୍ଟି କରିଛି। ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଗୁରୁବାର ୭୫ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଏହା କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ପକ୍ଷରୁ ତିନିଦିନିଆ ଉତ୍ସବ ଆରମ୍ଭ ହୋଇଛି। ତେବେ ଉତ୍ସବର ଉଦ୍‌ଘାଟନ ଅବସରରେ ଆୟୋଜିତ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରି ବାଚସ୍ପତି ଆରୁଖ କହିଲେ, ୨୦୧୬ରେ ଭୁବନେଶ୍ୱରକୁ ଦେଶର ସ୍ମାର୍ଟ ସହର ଭାବେ ବଛାଯିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରକୁ ଆହୁରି ସମୃଦ୍ଧ ଏବଂ ପ୍ରଗତିଶୀଳ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।




ବାଚସ୍ପତି ବିକ୍ରମ କେଶରୀ ଆରୁଖ ଆୟୋଜିତ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ବିଶିଷ୍ଟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଭୁବନେଶ୍ୱର ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ଅନ୍ୟ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏକ ଐତିହାସିକ ପୃଷ୍ଠଭୂମି ଉପରେ ରାଜଧାନୀ ଭୁବନେଶ୍ୱର ଗଢ଼ାହୋଇଥିବା କହିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଲେ, ମାତ୍ର ହାତଗଣତି କିଛି ଜଣଙ୍କ ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ରାଜଧାନୀ ପ୍ରତିଷ୍ଠା ଦିବସ ଏକ ମହାଦ୍ରୁମରେ ପରିଣତ ହୋଇଛି। ବରିଷ୍ଠ ବିଧାୟକ ସୁରେଶ କୁମାର ରାଉତରାୟ କହିଲେ, ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରର ବିକାଶ ତ୍ୱରାନ୍ୱିତ ହେଉଛି। ବ୍ୟାପକ ବୃକ୍ଷରୋପଣ ଜରିଆରେ ଭୁବନେଶ୍ୱରକୁ ଏକ ସୁନ୍ଦର ସହରରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ସହରର ଅଧିକ ବିକାଶ ଉପରେ ମତ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଏବଂ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇଥିଲେ।

## ୭୫ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଉଦ୍‌ଘାଟିତ

ବିଏମ୍‌ସି ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେଡ୍‌ରେ ଭୁବନେଶ୍ୱରର ୧୮ ସରକାରୀ ତଥା ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଓଏସ୍‌ଏପି ସପ୍ତମ ବାଟାଲିୟନ୍‌ର ବ୍ୟାଣ୍ଡଦଳ, ସିଆର୍‌ପିଏଫ୍ ବ୍ୟାଣ୍ଡ, ସୈନିକ ସ୍କୁଲ ବ୍ୟାଣ୍ଡ, ଓଡ଼ିଶା ସ୍କେଟିଂ ଏକାଡେମୀ ଏବଂ ମହର୍ଷି କଲେଜର ଡେୟାରଡେଭିଲ୍ସ ଟିମ୍‌ର ଛାତ୍ରୀଛାତ୍ର ଯୋଗଦେଇଥିଲେ। ପରେଡ୍‌କୁ ସୁଷମା ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ସୂଚନା ଭବନରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଓ ଉତ୍କଳ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଆଉ ୬.୫୨ କୋଟିର ସମ୍ପତ୍ତି ଆଟାଚ୍

ଭୁବନେଶ୍ୱର,୧୩।୪(ବ୍ୟୁରୋ)

## 'ରୋଜ୍ ଭ୍ୟାଲି' ଚିଟ୍‌ଫଣ୍ଡ ଠକେଇ

ଜମାକାରୀଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିବା ଚିଟଫଣ୍ଡ ସଂସ୍ଥା 'ରୋଜ୍ ଭ୍ୟାଲି'ର ୬.୫୨ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଟାଚ୍ ହୋଇଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ହୋଇଥିବା ଆଟାଚ୍ ଆବେଦନକୁ କଟକ ଓପିଆଇଡି କୋର୍ଟ ଗ୍ରହଣ କରିଛନ୍ତି। ଏହି ସମ୍ପତ୍ତିକୁ ଅଧିଗ୍ରହଣ କରି ଅର୍ଥରାଶିକୁ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ବାଣ୍ଟିବାକୁ କଟକ ଅତିରିକ୍ତ ଜିଲାପାଳଙ୍କୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ମାମଲାରେ ପୂର୍ବରୁ ୨ଟି ପର୍ଯ୍ୟାୟରେ 'ରୋଜ୍ ଭ୍ୟାଲି'ର ୯୫ କୋଟିର ସମ୍ପତ୍ତି ମଧ୍ୟ ଆଟାଚ୍ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଏମ୍/ଏସ୍ ରୋଜ୍ ଭ୍ୟାଲି ଗ୍ରୁପ୍ ପକ୍ଷରୁ ୧୦ବର୍ଷ ତଳେ ବିଭିନ୍ନ ସ୍କିମ୍ ଜରିଆରେ ଜମାକାରୀଙ୍କୁ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦିଆଯାଇ ଟଙ୍କା ସଂଗ୍ରହ କରାଯାଇଥିଲା। ଏଥିପାଇଁ ସଂସ୍ଥା ପକ୍ଷରୁ ରାଜ୍ୟରେ ୬୫ଟି ଶାଖା ଖୋଲାଯାଇଥିଲା। ସଂସ୍ଥାର ନିର୍ଦ୍ଦେଶକ ଓଡ଼ିଶାରୁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସଂକ୍ରାନ୍ତରେ ୨୦୧୩ରେ ବାଲେଶ୍ୱର ଜିଲା ସୋର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଏପ୍ରିଲ ୧୦ରେ ପୋଲିସ ଏକ ମାମଲା (ନଂ.୧୮୨/୨୦୧୩) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେବା ସହ ଏକ ନୂଆ ମାମଲା (ନଂ.୧୫/୨୦୧୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ରୋଜ୍ ଭ୍ୟାଲି ଚେୟାରମ୍ୟାନ ଗୌତମ କୁଣ୍ଡୁ, ପରିଚାଳନା ସଦସ୍ୟ ଶିବମୟ ଦତ୍ତ, ଓଡ଼ିଶା ମୁଖ୍ୟ ବିକ୍ରମଜିତ ଭୌମିକ ପ୍ରମୁଖ ଗିରଫ ହୋଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ୫ଟି ଚାର୍ଜଶିଟ ଦାଖଲ କରାଯାଇଥିଲା। ତେବେ ସଂସ୍ଥାର ସମ୍ପତ୍ତିକୁ ଆଟାଚ୍ ପାଇଁ ଅର୍ଥ ବିଭାଗ ପକ୍ଷରୁ ଅନୁମତି ଦିଆଯିବା ପରେ କୋର୍ଟଙ୍କ ନିକଟରେ ଇଓଡବ୍ଲ୍ୟୁ ପକ୍ଷରୁ ଆବେଦନ କରାଯାଇଥିଲା।

# ଶୁଆ ସହ ଭିଡିଓ, ଯୁବକ ଗିରଫ

କେନ୍ଦୁଝର,୧୩।୪(ସ୍ୱ.ପ୍ର.)

ଶୁଆ ସହ ଭିଡିଓ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। କେନ୍ଦୁଝର ବନ ବିଭାଗ ବେଆଇନ ଭାବେ ବିରଳ ପ୍ରଜାତିର ଶୁଆ ରଖିବା ଓ ନିର୍ଯାତନା ଦେବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାଂଶପାଳ ବ୍ଲକ୍ କୁମୁଣ୍ଡି ଗ୍ରାମର ଚିନ୍ମୟ ମହାନ୍ତ (୨୫)। ତାଙ୍କ ନିକଟରୁ ଶୁଆ ଉଦ୍ଧାର କରାଯାଇଛି। ଏକ ପଞ୍ଜୁରି, ସୋରିଷ ତେଲ, ମୋବାଇଲ, ଲୁହା ରଡ ଜବତ କରାଯାଇଛି।

ବନ ବିଭାଗ ସୂଚନା ମୁତାବକ, ଆଲେକ୍ଜାଣ୍ଡ୍ରିନ ପରକିଟ (ନାହକ ଶୁଆ)କୁ ଉକ୍ତ ଯୁବକ ରଖିଥିଲେ। କିଛିଦିନ ହେବ ଯୁବକ ଶୁଆକୁ ଧରି ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବରେ ଛାଡୁଥିଲେ। କେମିତି ଶୁଆ କଥା କହୁଛି, କେମିତି କାମୁଡ଼ିବ ନାହିଁ ଶୀର୍ଷକ ଦୁଇଟି ଭିଡିଓ ପ୍ରସ୍ତୁତ କରି ଛାଡ଼ିଥିଲେ। ଭିଡିଓରେ ଶୁଆ କାନରେ ସୋରିଷ ତେଲ ପକାଇବା, ଲୁହା ରଡ଼କୁ କାମୁଡ଼େଇବା ଭଳି ଦୃଶ୍ୟ ଦେଖାଯାଇଥିଲା, ଯାହାକି ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ଖିଲାପ। ସେହିପରି ଶୁଆକୁ ଧରି ନିର୍ଯାତନା ଦେବା ମଧ୍ୟ ଆଇନ ବିରୁଦ୍ଧ। ଏନେଇ ଖୋର୍ଦ୍ଧା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାରେ ଭୂୟା ଜୁଆଙ୍ଗ ପୀଢ଼ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଥିବା ଏସିଏଫ୍ ଅଶୋକ କୁମାର ଦାସ କହିଛନ୍ତି।



ଶୁଆ ସହ ଅଭିଯୁକ୍ତ ଚିନ୍ମୟ ମହାନ୍ତ।

# ୧୬୭ ବୁଥ୍‌ରେ ଭୋଟ୍ ଦେବେ ୩୪୯୦୮ ଆଇନଜୀବୀ

କଟକ ଅଫିସ,୧୩।୪

## ୧୫ରେ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ

- କଟକରେ ସର୍ବାଧିକ ୭୩୯୯ ଭୋଟର, ଭୁବନେଶ୍ୱରରେ ୪୧୪୫
- ପ୍ରଥମ ଥର ନିର୍ବାଚନ ପାଇଁ ରାଜ୍ୟର ସବୁ କୋର୍ଟ ଛୁଟି
- ପୋଲିଂ ଅଧିକାରୀ ଦାୟିତ୍ୱ ତୁଲାଇବେ ବିଚାର ବିଭାଗୀୟ ଅଧିକାରୀ

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଦିନକ ପରେ ଅର୍ଥାତ ଏପ୍ରିଲ ୧୫ ତାରିଖ ଶନିବାର ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରେ ଭୋଟ ଗ୍ରହଣ ନିମନ୍ତେ ୧୬୭ଟି ପୋଲିଂ ବୁଥ୍ କରାଯାଇଛି। ମୋଟ ୩୪୯୦୮ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। କଟକରେ ସର୍ବାଧିକ ୨୫ଟି ଓ ଭୁବନେଶ୍ୱରରେ ୧୫ଟି ବୁଥ ରହିଛି। ସେହିପରି କଟକରେ ୭୩୯୯ ଜଣ ଆଇନଜୀବୀ ଓ ଭୁବନେଶ୍ୱରରେ ୪୧୪୫ ଜଣ ଆଇନଜୀବୀ ନିର୍ବାଚନରେ ମତଦାନ ସାବ୍ୟସ୍ତ କରିବେ। ୯୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ବିଭିନ୍ନ କର୍ମକର୍ତ୍ତା ପଦରେ ୨୫ ଜଣ ନିର୍ବାଚିତ ହେବେ। ଏହି ନିର୍ବାଚନ ନିମନ୍ତେ ପ୍ରଥମ ଥର ପାଇଁ ହାଇକୋର୍ଟ ରାଜ୍ୟର ସମସ୍ତ ନ୍ୟାୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ଏଥିସହ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିବା ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ରିଟର୍ନିଂ ଅଧିକାରୀ ତଥା ଅବସରପ୍ରାପ୍ତ ବିଚାରପତି ପ୍ରମଥ ପଟ୍ଟନାୟକ ଏଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ରିଟର୍ନିଂ ଅଧିକାରୀ ପଟ୍ଟନାୟକ ନିର୍ବାଚନ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ କରି କହିଲେ, ନିର୍ବାଚନ ପାଇଁ ବାଲଟ ବାକ୍ସ, ବାଲଟ ପେପର ସମେତ ଆନୁସଙ୍ଗିକ ନିର୍ବାଚନ ସାମଗ୍ରୀ ରାଜ୍ୟସାରା ପୋଲିଂ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇସାରିଛି। ୧୫ ତାରିଖ ଶନିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲୁରହିବ। ଜଣେ ମତଦାତା ସର୍ବନିମ୍ନ ୫ଟି ଭୋଟ ଦେବାକୁ ବାଧ୍ୟ। ୫ଟିରୁ କମ୍ ହେଲେ ତାଙ୍କର ମତଦାନ ନାକଚ ହୋଇଯିବ। ସେହିପରି ସର୍ବାଧିକ ୨୫ଟି ଭୋଟ ଦେଇପାରିବେ। ବୁଥ୍‌ରେ ମତଦାନ ବେଳେ ବାର୍ କାଉନ୍‌ସିଲ ପରିଚୟପତ୍ର, ଭୋଟର କାର୍ଡ, ପାନ୍ କାର୍ଡ, ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ମଧ୍ୟରୁ ଯେକୌଣସି ଗୋଟିଏ ଦେଖାଇବାକୁ ହେବ। ଆଇନଜୀବୀମାନେ ପୋଲିଂ ବୁଥ୍ ମଧ୍ୟକୁ ଓ ନିକଟବର୍ତ୍ତୀ ଅଞ୍ଚଳରେ ମୋବାଇଲ୍ ଫୋନ୍, କ୍ୟାମେରା ସମେତ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନ ନେବାକୁ କୁହାଯାଇଛି। ମତଦାତମାନଙ୍କର ସଂଖ୍ୟାକୁ ଦୃଷ୍ଟିରେ ରଖି ଶୃଙ୍ଖଳାରେ ମତଦାନ କାର୍ଯ୍ୟ ପରିଚାଳନା ପାଇଁ ପୋଲିସ ପ୍ରଶାସନ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିବେଦନ କରାଯାଇଛି। ମତଦାତାମାନେ ଯେପରି ଟ୍ରାଫିକ ଜାମ୍‌ରେ ଅଟକି ନ ଯାଆନ୍ତି ସେଥିପାଇଁ ସମସ୍ତେ ସଚେତନ ରହିବାକୁ ରିଟର୍ନିଂ ଅଧିକାରୀ ନିବେଦନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ନିର୍ଦ୍ଦେଶାବଳୀଗୁଡ଼ିକୁ ପାଳନ କରିବା ନିମନ୍ତେ ରାଜ୍ୟର ସବୁ ବାର୍ କାଉନ୍‌ସିଲ୍‌କୁ ବାରମ୍ବାର ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦୁଇ ଆସିଷ୍ଟାଣ୍ଟ ରିଟର୍ନିଂ ଅଧିକାରୀ ଆଇନ୍‌ଜୀବୀ ପ୍ରଫୁଲ୍ଲ କୁମାର ରଥ ଏବଂ ଆଇନ୍‌ଜୀବୀ ବାସୁଦେବ ପୂଜାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୦ ବର୍ଷ ପରେ ଚଳିତବର୍ଷ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ନିର୍ବାଚନ ଶେଷ ଥର ପାଇଁ ୨୦୧୩ ନଭେମ୍ବରରେ ହୋଇଥିଲା।

# ଛେଳି ବେପାରୀଙ୍କୁ ଗୁଳିକରି ହତ୍ୟା

ସୁନ୍ଦରଗଡ଼/ଲେଫ୍ରିପଡ଼ା, ୧୩।୪(ଡି.ଏନ.ଏ.)

## ୯ ଲକ୍ଷ ଟଙ୍କା ଲୁଟି ନେଇ ଦୁର୍ବୃତ୍ତ ଫେରାର

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସୁନ୍ଦରଗଡ-ଏମ୍‌ସିଏଲ୍ ରାସ୍ତାର ସୁର୍ଗୁଡ଼ା ତାରିଣୀ ମନ୍ଦିର ନିକଟରେ ଗୁରୁବାର ସକାଳେ ଜଣେ ଛେଳି ବେପାରୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁଳିମାଡ଼ ପରେ ଦୁର୍ବୃତ୍ତମାନେ ନଅ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଝାରସୁଗୁଡ଼ା ଜିଲା ତାଲମୁଣ୍ଡା ଗ୍ରାମର ପ୍ରଭାତ ନାଏକ। ସେ ସୁନ୍ଦରଗଡ଼ ଜିଲାର ଭସ୍ମା ଥାନା ଅନ୍ତର୍ଗତ ଗୁଲଠା ଗ୍ରାମରେ ଗତ କିଛି ବର୍ଷ ହେଲା ରହିଆସୁଥିଲେ। ପ୍ରଭାତ ଓ ଅନ୍ୟ ୨ଜଣ ମିଳିତ ହୋଇ ଏକ ବାଇକ୍ ଦ୍ୱାରା ଛତିଶଗଡ଼ ରାଜ୍ୟର ହାଣ୍ଡିପାନୀ ହାଟକୁ ଛେଳି କିଣିବାକୁ ଯାଉଥିଲେ। ସୁର୍ଗୁଡ଼ା ତାରିଣୀ ମନ୍ଦିର ନିକଟରେ ପଛପଟୁ ଏକ ବାଇକ୍ ଯୋଗେ ତିନି ଜଣ ହେଲମେଟ ପିନ୍ଧିଥିବା ଯୁବକ ଆସି ଛେଳିବେପାରୀଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ଛେଳି ବେପାରୀମାନେ ବାଇକ୍ ସହ ତଳେ ପଡ଼ିଯାଇଥିଲେ। ଦୁର୍ବୃତ୍ତମାନେ ବେପାରୀ ଧରିଥିବା ଟଙ୍କା ମୁଣି ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହା ଦେଖି ପ୍ରଭାତ ଟଙ୍କା ମୁଣି ଧରି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲାବେଳେ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ଗୁଳି ପ୍ରଭାତଙ୍କ ଛାତିରେ ବାଜିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେ ଧରିଥିବା ୯ଲକ୍ଷ ଟଙ୍କା ମୁଣିକୁ ଦୁର୍ବୃତ୍ତମାନେ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ଲେଫ୍ରିପଡ଼ା ଥାନା ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ହେମଗିର ପଟକୁ ଫେରାର ହୋଇଯାଇଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଉଦ୍ୟମ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସୁନ୍ଦରଗଡ଼ ସରକାରୀ ଚିକିତ୍ସାଳୟକୁ ପଠାଇଛି। ଅନ୍ୟ ୨ଜଣ ଛେଳି ବେପାରୀ ସାମାନ୍ୟ ଆହତ ହୋଇଛନ୍ତି।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

# ରାଷ୍ଟ୍ରୀୟ ରୋଜଗାର ମେଳା: ୨୩୧ ଜଣଙ୍କୁ ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଭୁବନେଶ୍ୱର ରେଳ ଅଡିଟୋରିୟମ୍ ପରିସରରେ ଗୁରୁବାର ଓଡ଼ିଶାରେ ରାଷ୍ଟ୍ରୀୟ ରୋଜଗାର ମେଳାର ୪ର୍ଥ ପର୍ଯ୍ୟାୟ ଶୁଭାରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ୨୩୧ ନବନିଯୁକ୍ତଙ୍କୁ ସ୍ଥାୟୀ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ନବନିଯୁକ୍ତମାନେ ରେଳ, ଡାକ, ଅର୍ଥ ବିଭାଗ, ଆଇଆଇଟି ଭୁବନେଶ୍ୱର, ଇଏସ୍‌ଆଇସି, ନାଲକୋ, ଟେଲିକମ୍, ରାଉରକେଲା ଇସ୍ପାତ କାରଖାନା, ଏନଟିପିସି, ଏମ୍ସ ଭୁବନେଶ୍ୱର ଏବଂ ଜିଏସଆଇରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ଦେଶରେ ରୋଜଗାରର ସୁଯୋଗ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ବଜେଟରେ ୧୦ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଇଛନ୍ତି। ମୋଦି ସରକାରଙ୍କ ନୀତି କାରଣରୁ ଓଡ଼ିଶା ଖଣି ରାଜସ୍ୱ ଆକାରରେ ୫୦ ହଜାର କୋଟି ଟଙ୍କା ପାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୨ କୁଇଣ୍ଟାଲ ଚନ୍ଦନକାଠ ଜବତ

ପଟ୍ଟାଙ୍ଗି/ସୁନାବେଡ଼ା,୧୩।୪ (ଡି.ଏନ.ଏ./ସ୍ୱ.ପ୍ର.)

## ପାଡୁଆ ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିଲା

ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଚୋରାରେ ଚନ୍ଦନକାଠ ଚାଲାଣ ବେଳେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ପୋଲିସ ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଜବତ ଚନ୍ଦନକାଠାର ପରିମାଣ ୨ କୁଇଣ୍ଟାଲ ୨୩ କେଜି ୪୮୦ ଗ୍ରାମ ବୋଲି ଜଣାପଡିଛି।

ଖବରରୁ ଜଣାପଡିଛି, ଛତିଶଗଡ଼ରୁ କୋରାପୁଟ ଜିଲା ଦେଇ ଜାତୀୟ ରାଜପଥର ସୁଙ୍କି ଥାନା ଅଧୀନ ଦେଶାମ୍ମା ମନ୍ଦିର ନିକଟରେ ବୁଧବାର ସକାଳ ୯ଟାରେ ଏଏସ୍‌ଆଇ ରୋହିଦାସ ବିଡ଼ିକା ପୋଲିସ ଟିମ୍ ସହ ପାଟ୍ରୋଲିଂ କରି ଗାଡିମୋଟର ଯାଞ୍ଚ କରୁଥିଲେ। ଏହି ସମୟରେ ପଟ୍ଟାଙ୍ଗି ଦେଇ ଆନ୍ଧ୍ର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଏପି୩୯ୟୁକେ-୬୪୨୭)କୁ ଦେଖି ପୋଲିସ ଏହାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଭ୍ୟାନ୍‌ର ତଳ ପଟେ ଏକ ସିକ୍ରେଟ ଚାମ୍ବର କରାଯାଇ ସେଥିରେ ଚନ୍ଦନ କାଠ ଚାଲାଣ ହେଉଥିବା ପୋଲିସ ଦେଖିବାକୁ ପାଇଥିଲା। ସଙ୍ଗେ ସଙ୍ଗେ ଭ୍ୟାନ୍‌ରୁ ଉପରୋକ୍ତ ପରିମାଣର ଚନ୍ଦନକାଠ ଜବତକରି ଡ୍ରାଇଭରଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ଗିରଫ ଡ୍ରାଇଭର ଜଣକ ହେଲେ ଚମ୍ପାପୁଟ ନିକଟସ୍ଥ ପାଡୁଆ ଅଞ୍ଚଳର ସ୍ୱର୍ଗତ ଉଦ୍ଧବ ଖରାଙ୍କ ପୁଅ ଲକ୍ଷ୍ମଣ ଖରା (୩୮)। ଜବତ ଚନ୍ଦନକାଠର ବଜାର ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ। ଗିରଫ ଲକ୍ଷ୍ମଣଙ୍କ ନିକଟରୁ ଏକ ମୋବାଇଲ ଫୋନ ସହ ଡ୍ରାଇଭିଂ ଲାଇସେନ୍ସ ଓ ୨୭୩୦ ଟଙ୍କା ଜବତ ହୋଇଛି। ଏହି ଚନ୍ଦନକାଠ ପାଡୁଆ ଅଞ୍ଚଳରୁ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିଲା। ସୁଙ୍କି ଥାନାରେ କେସ୍ ନଂ. ୧୭/୨୩ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମୟରେ ସୁଙ୍କି ଓଆଇସି କରୁଣାକର ଶବର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପଟ୍ଟାଙ୍ଗି ସୁଙ୍କି ଅଞ୍ଚଳରୁ ଚନ୍ଦନକାଠ ଜବତ କରାଯାଇ ଏଠାରୁ ୫୦ କି.ମି. ଦୂର ସୁନାବେଡ଼ାରେ ଖବରଦାତା ସମ୍ମିଳନୀ କରି ତଥ୍ୟ ଦେବା ନେଇ ପଟ୍ଟାଙ୍ଗି ବ୍ଲକରେ କାର୍ଯ୍ୟରତ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ କରିଛି। ଏପରି କରିବା ନିୟମ ନ ଥିଲେ ମଧ୍ୟ ପୋଲିସର ଏପରି କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ଏସ୍‌ପି ଦୃଷ୍ଟିଦେବାକୁ ଖବରଦାତାମାନେ ଦାବି କରିଛନ୍ତି।




ଜବତ ଚନ୍ଦନ କାଠ।

# ଜଳଛତ୍ର ପାଇଁ ଆଗେଇ ଆସ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

'ରାଜଧାନୀ ପ୍ରତିଷ୍ଠା ଦିବସ' ଅବସରରେ ଗୁରୁବାର ଭୁବନେଶ୍ୱର ଗୋପବନ୍ଧୁ ଛକଠାରେ ଭାଜପା ପକ୍ଷରୁ ଏକ ଜଳଛତ୍ର ଶିବିରକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଏହାଦ୍ୱାରା ପଥଚାରୀ ଉପକୃତ ହେବେ। ପ୍ରଧାନମନ୍ତ୍ରୀଙ୍କ ସରକାର ଚଳାଇବାର ପଦ୍ଧତି ହେଉଛି ସେବା। ଭାଜପା ସାମାଜିକ ସଙ୍ଗଠନ ଭାବେ ସମାଜର ସେବା କରୁଅଛି। ସେବା ପରମ୍ପରା ସମାଜରେ ବଢ଼ିବା ଦରକାର। ଗ୍ରୀଷ୍ମ ପ୍ରବାହ ନ କମିବା ପର୍ଯ୍ୟନ୍ତ ଦଳୀୟ କାର୍ଯ୍ୟକର୍ତ୍ତାମାନେ ନିଜ ଗାଁ ଓ ଅଞ୍ଚଳରେ ଜଳଛତ୍ର କରନ୍ତୁ। ବିଭିନ୍ନ ସାମାଜିକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ସବୁଠି ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ଆଗେଇ ଆସିବାକୁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ: ପ୍ରକାଶ ପାଇଲା ବିଜ୍ଞପ୍ତି**

ଭୁବନେଶ୍ୱର, (ବ୍ୟୁରୋ): ଝାରସୁଗୁଡା ଉପନିର୍ବାଚନ ଲାଗି ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମେ ୧୦ ତାରିଖରେ ଏହି ଆସନ ଲାଗି ମତାମତ ଗ୍ରହଣ ହେବ। ୧୩ ତାରିଖରେ ଉପନିର୍ବାଚନର ଫଳାଫଳ ପ୍ରକାଶ ପାଇବ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିପାରିବେ। ୨୧ ତାରିଖରେ ପ୍ରାର୍ଥୀ ପତ୍ର ଯାଞ୍ଚ ହେବ। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

# ବାମନେତାଙ୍କୁ ଭେଟିଲେ ନୀତୀଶ

## ବିରୋଧୀ ଏକତା ନେଇ ଆଲୋଚନା

ନୂଆଦିଲ୍ଲୀ, ୧୩।୪(ଆଇଏଏନ୍ଏସ୍)

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଅଣ୍ଟା ଭିଡ଼ିଛନ୍ତି। ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ନୀତୀଶ ସବୁ ଅଣଭାଜପା ଦଳଙ୍କୁ ଏକାଠି କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଏହି କ୍ରମରେ ସେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଭେଟି ମିଳିତ ରଣନୀତି ଉପରେ ଆଲୋଚନା କରିଥିଲେ। ଗୁରୁବାର ସେ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା ଏବଂ ଅନ୍ୟ ନେତାମାନଙ୍କୁ ଭେଟି ବିରୋଧୀ ଏକତା ନେଇ କଥା



ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ଓ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ

ହୋଇଛନ୍ତି। ଧର୍ମନିରପେକ୍ଷ ନୀତି ଆଦର୍ଶର ସମସ୍ତ ଗଣତାନ୍ତ୍ରିକ ଦଳ ଏକାଠି ହେବା ଆବଶ୍ୟକ। ବାମଦଳ ସବୁବେଳେ ଏହା ଉପରେ ବିଶ୍ୱାସ କରେ ବୋଲି ଆଲୋଚନା ଶେଷରେ ୟେଚୁରୀ ଗଣମାଧ୍ୟମକୁ କହିଛନ୍ତି। ଆଜି ଆମକୁ ଆମ ଦେଶ, ସମ୍ବିଧାନ ଓ ଗଣତନ୍ତ୍ରକୁ ସୁରକ୍ଷା ଦେବାକୁ ହେବ। ଏଥିପାଇଁ ଭାଜପାକୁ ପରାସ୍ତ କରି କେନ୍ଦ୍ରରେ ସରକାର ଗଢ଼ିବା ଜରୁରୀ। ଅଣଭାଜପା ଭୋଟ ବିଭାଜନକୁ ରୋକିବା ଆମର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ। ଏଥିପାଇଁ ସବୁ ଦଳ ଏକାଠି ହେବାକୁ ପଡ଼ିବ ବୋଲି ୟେଚୁରୀ କହିଥିଲେ। ଖୁବ୍‌ଶୀଘ୍ର ସବୁ ବିରୋଧୀ ଦଳ ବୈଠକରେ ସାମିଲ ହେବେ। ସେଠାରେ ମିଳିତ ରଣନୀତି ପ୍ରସ୍ତୁତ ହେବ ବୋଲି ସିପିଆଇ(ଏମ୍) ନେତା କହିଛନ୍ତି। ଆଗକୁ ନୀତୀଶ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଏବଂ ଏନ୍‌ସିପି ନେତା ଶରଦ ପାୱାରଙ୍କୁ ଭେଟିବେ ବୋଲି ସୂତ୍ରରୁ ଜଣାପଡ଼ିଛି। ବିହାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଐତିହାସିକ ବୋଲି କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କହିଥିଲେ।



ପଞ୍ଜାବର ଜଳନ୍ଧର ଲୋକ ସଭା ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ କରମଜିତ୍ କୌର୍ ନାମାଙ୍କନ ଦାଖଲ କରୁଛନ୍ତି।

## କର୍ଣ୍ଣାଟକ ନିର୍ବାଚନ | ଗୋଟିଏ ଆସନରେ ଦୁଇଭାଇଙ୍କ ମଧ୍ୟରେ ଲଢ଼େଇ



କୁମାର ବାଙ୍ଗାରାପ୍ପା



ମଧୁ ବାଙ୍ଗାରାପ୍ପା

ଶିବମୋଗା, ୧୩।୪

କର୍ଣ୍ଣାଟକ ଶିବମୋଗା ଜିଲାର ସୋରାବା ଆସନରେ ଦୁଇଭାଇ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗାରାପ୍ପାଙ୍କ ଦୁଇ ପୁଅ କୁମାର ବାଙ୍ଗାରାପ୍ପା ଏବଂ ମଧୁ ବାଙ୍ଗାରାପ୍ପା ଯଥାକ୍ରମେ ଭାଜପା ଏବଂ କଂଗ୍ରେସରୁ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ଏସ୍. ବାଙ୍ଗାରାପ୍ପା ୧୯୬୭ରୁ ୧୯୯୪ ପର୍ଯ୍ୟନ୍ତ ସୋରାବା ଆସନରୁ ପ୍ରତିନିଧିତ୍ୱ କରିଆସୁଥିଲେ। ଭାଜପାରୁ ପ୍ରାର୍ଥୀ ହୋଇଥିବା କୁମାର ସୋରାବାରୁ ପୁନର୍ବାର ନିର୍ବାଚିତ ହେବାକୁ ଚାହୁଁଥିବାବେଳେ ତାଙ୍କ ସାନଭାଇ ମଧୁ କଂଗ୍ରେସ ଟିକେଟରେ ପୁଣିଥରେ ସେହି ଆସନରୁ ଲଢ଼ିବେ। ୨୦୧୮ ନିର୍ବାଚନରେ କୁମାର ମଧୁଙ୍କୁ ୩,୨୮୬ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ।

## ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ପ୍ରସଙ୍ଗ | ବର୍ଷିଲେ ବିରୋଧୀ

- ସୁପ୍ରିମକୋର୍ଟଙ୍କ ରାୟ ଶାସକ ଦଳର ଷଡ଼ଯନ୍ତ୍ରକୁ ସ୍ପଷ୍ଟ କରିଦେଇଛି: ସସ୍ମିତ
- ବେଦାନ୍ତକୁ ଏତେ ଅନୁକମ୍ପା ଦେଖାଇବା ପଛର କାରଣ କ'ଣ: ଶରତ
- ରାଜ୍ୟ ସଭାପତିଙ୍କୁ ଭାଜପାର ଗୋଟେ ଗୋଷ୍ଠୀ ବିରୋଧ କରୁଛି: ସସ୍ମିତ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ପୁରୀରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ଲାଗି କରାଯାଇଥିବା ଜମି ଅଧିଗ୍ରହଣ ଅବୈଧ ବୋଲି ସୁପ୍ରିମ କୋର୍ଟ ରାୟ ଦେବାପରେ ଉଭୟ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନକୁ ବଡ଼ ଝଟକା ଲାଗିଥିଲା। ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ମଙ୍ଗଳବାର ଏହି ରାୟ ପ୍ରକାଶ ପାଇବାପରେ ରାଜ୍ୟ ସରକାରଙ୍କୁ ଉଭୟ ଭାଜପା ଏବଂ କଂଗ୍ରେସ କଡ଼ା ସମାଲୋଚନା କରିଛନ୍ତି। ବିଜେଡି ମଧ୍ୟ ଏହି ପ୍ରସଙ୍ଗରେ ପାଲଟା ଭାଜପା ନେତାଙ୍କୁ ଘେରିଛି।

ଭାଜପା ନେତା ସମ୍ବିତ ପାତ୍ର ଗୁରୁବାର ଦଳର ରାଜ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ନେଇ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ସାଧାରଣ ଲୋକଙ୍କ ସମ୍ପତ୍ତିକୁ ଏକ କମ୍ପାନୀକୁ ଟେକିଦେବା ଚିନ୍ତାର ବିଷୟ। ଘରୋଇ କମ୍ପାନୀ ସହ ମିଶି ରାଜ୍ୟ ସରକାର ଚାଷୀଙ୍କ ଜମିକୁ ହଡ଼ପ କରୁଛନ୍ତି। କେବଳ ଜମି ନୁହେଁ ବରଂ ଦୁଇ ନଦୀକୁ ମଧ୍ୟ ବିକ୍ରି କରିଦେବାର ଷଡ଼ଯନ୍ତ୍ର କରିଥିଲେ। ଜମି ଅଧିଗ୍ରହଣ ପାଇଁ ଯେଉଁ ସବୁ ନିୟମାବଳୀ ରହିଛି, ତାକୁ ପାଳନ କରିବା ତ ଦୂରର କଥା ଷଡ଼ଯନ୍ତ୍ର କରି ଜମି ହଡ଼ପ କରିବା କାର୍ଯ୍ୟରେ ଶାସକ ଦଳ ଲାଗିପଡ଼ିଛି। ସୁପ୍ରିମକୋର୍ଟଙ୍କ ରାୟ ବିଜେଡି ସରକାରର ଅସଲ ମୁଖା ଖୋଲିଦେଇଛି। ବହୁ ବିବାଦୀୟ ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ଅଧିଗ୍ରହଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବିଜେଡି ସରକାରର ବିରାଟ ଷଡ଼ଯନ୍ତ୍ରକୁ ପଦାରେ ପକାଇଦେଇଛି। ଲୋକଙ୍କ ସହ ସରକାର ବିଶ୍ୱାସଘାତକତା କରିଛନ୍ତି ବୋଲି ସମ୍ବିତ କହିଛନ୍ତି।

ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ଅଧିଗ୍ରହଣ ମାମଲାର ସୁପ୍ରିମ କୋର୍ଟଙ୍କ ରାୟ ପ୍ରକାଶ ପରେ କାହିଁକି ମୁଖ୍ୟମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦେଉନାହାନ୍ତି। ଏ ସରକାର ଆଇନକୁ ସର୍ବମାନ୍ୟ ବୋଲି ଦ୍ୱାହି ଦେଉଥିଲା ବେଳେ ସୁପ୍ରିମକୋର୍ଟର ରାୟ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ କାହିଁକି ପୁଣି ନିଜ ପଦବୀକୁ ମାଡ଼ି ବସିଛନ୍ତି। ସୁପ୍ରିମକୋର୍ଟ କେବେହେଲେ ପୂର୍ବରୁ ଏଭଳି କଟୁ ଭାଷାରେ ଓଡ଼ିଶା ସରକାରଙ୍କୁ ଭର୍ତ୍ସନା କରିନାହାନ୍ତି। ରାଜ୍ୟ ସରକାର କାହିଁକି ଗୋଟିଏ ଘରୋଇ କମ୍ପାନୀକୁ ଏତେ ଅନୁକମ୍ପା ଦେଖାଇବା ପଛରେ ମୂଳ କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ମନମୋହନ ସାମଲ ରାଜ୍ୟ ଭାଜପାର ସଭାପତି ହେବା ନେଇ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅସନ୍ତୁଷ୍ଟ ଥିବା କଥା ଯାହା ଶୁଣାଯାଉଥିଲା ତାହା ସତ୍ୟ ପ୍ରମାଣିତ ହୋଇଛି। ସସ୍ମିତ ପାତ୍ର ତାଙ୍କ ଦଳର ରାଜ୍ୟ ସଭାପତିଙ୍କୁ କାଠଗଡାରେ ଛିଡା କରାଇଛନ୍ତି। କାରଣ ବେଦାନ୍ତକୁ ବିଶ୍ୱବିଦ୍ୟାଳୟ ପାଇଁ ଜମି ପ୍ରଦାନ ସମୟରେ ମନମୋହନ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଥିଲେ । କେବଳ ସେତିକି ନୁହେଁ, ଏହି ବିଶ୍ୱବିଦ୍ୟାଳୟର ପରିକଳ୍ପନା ବେଳେ ତତ୍କାଳୀନ ଶିକ୍ଷା ମନ୍ତ୍ରୀ ସମୀର ଦେ କରିଥିଲେ । ସେ ମଧ୍ୟ ଭାଜପାର ବରିଷ୍ଠ ନେତା ଥିଲେ । ଏହି ଜମି ହସ୍ତାନ୍ତରକୁ ନେଇ ସେତେବେଳର ରାଜସ୍ୱ ମନ୍ତ୍ରୀ ମନମୋହନ ବିଧାନସଭାରେ ଏହାକୁ ଦୃଢଭାବେ ସମର୍ଥନ କରିଥିଲେ। ହେଲେ ଏବେ ସମ୍ବିତଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ ମନମୋହନ ସାମଲଙ୍କୁ ଜାଣିଶୁଣି ଅକଳରେ ପକାଇବା ପାଇଁ ସେ ଏଭଳି କହିଛନ୍ତି।

## କୋଟିଆକୁ ନେଇ ମୁହାଁମୁହିଁ

- ରାଜ୍ୟର ସୁରକ୍ଷା ପାଇଁ ସମସ୍ତେ ଏକାଠି ହେବା ଦରକାର: ଧର୍ମେନ୍ଦ୍ର
- କୋଟିଆକୁ ନେଇ ଧର୍ମେନ୍ଦ୍ର କେବଳ ଡ୍ରାମା କରୁଛନ୍ତି: ସସ୍ମିତ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଇଂରେଜମାନେ ବନ୍ଦେ ମାତରମ୍ ହେଉ କିମ୍ବା ଭାରତ ମାତା କି ଜୟ, ଏହି ସ୍ଲୋଗାନରେ ଭାରତ ଛାଡ଼ି ନ ଥିଲେ। କୋଟିଆ ପ୍ରସଙ୍ଗରେ ଦଳ ମତ ନିର୍ବିଶେଷରେ ଆମେ ସମସ୍ତେ ଏକାଠି ହୋଇ ଲଢ଼ିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାର ସୀମାରେ ଠିଆହୋଇ ଜଣେ ଓଡ଼ିଶା ବିରୋଧୀ କଥା କହିଲେ ସେ ଥରେ ନୁହେଁ ବାରମ୍ବାର କହିବେ ଓଡ଼ିଶା ବିରୋଧୀ ଶକ୍ତି ଗୋ ବ୍ୟାକ୍। ଓଡ଼ିଶାର ଭୌଗୋଳିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ବରପୁତ୍ରଙ୍କ ତ୍ୟାଗ ବ୍ୟର୍ଥ ଯିବନାହିଁ। ଓଡ଼ିଆ ଭାବେ ଏହି ଅସ୍ମିତା ପାଇଁ ଲଢ଼େଇ ଜାରି ରହିବ। ଓଡ଼ିଶା ସୀମାନ୍ତରେ ପାଖାପାଖି ୧୫ କି.ମି. ବ୍ୟାସାର୍ଦ୍ଧରେ ତେଲୁଗୁ ଭାଷାଭାଷୀ ବୋର୍ଡ ଲାଗିଛି। ଆନ୍ଧ୍ରର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ପ୍ରସାର ବୋର୍ଡ ଲାଗିଲାଣି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ପାଖରେ ଏହାର କୌଣସି ଉତ୍ତର ନାହିଁ। ଏହି ପ୍ରସଙ୍ଗରେ ଏଠାକାର ସ୍ଥାନୀୟ ମନ୍ତ୍ରୀ ଯେତେ ଗାଳି, ଅପମାନ ଦିଅନ୍ତୁ ତାଙ୍କର ଆପତ୍ତି ନାହିଁ , କିନ୍ତୁ ବିଭାଗୀୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରନ୍ତୁ। ରାଜନୀତିରେ ଭିନ୍ନ ମତ ରହିବ, ମାତ୍ର ରାଜ୍ୟର ସୁରକ୍ଷା ପାଇଁ ଏକାଠି ହେବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

ତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, କୋଟିଆ ପ୍ରସଙ୍ଗରେ ଭାଜପା ରାଜନୀତି କରୁଛି। ୯ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ବି ଆପଣ ଏ ପ୍ରସଙ୍ଗ ଉଠାଇଛନ୍ତି କି। କେନ୍ଦ୍ରକୁ ହସ୍ତକ୍ଷେପ କରିବାକୁ କେବେ ଅନୁରୋଧ କରିଛନ୍ତି କି। ଆନ୍ତଃ ରାଜ୍ୟ ପରିଷଦ ବୈଠକରେ କେବେ ଏ ପ୍ରସଙ୍ଗରେ ଉଠାଇଛନ୍ତି କି ବୋଲି ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମରେ କେବଳ କୋଟିଆକୁ ନେଇ କେନ୍ଦ୍ରମନ୍ତ୍ରୀ ଡ୍ରାମା କରୁଛନ୍ତି ବୋଲି ସସ୍ମିତ କହିଛନ୍ତି।

## ନବ ଦାସଙ୍କ ହତ୍ୟା ହିଁ ଝାରସୁଗୁଡ଼ାର ମୁଖ୍ୟ ପ୍ରସଙ୍ଗ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ଦଳୀୟ ପ୍ରସଙ୍ଗ କ'ଣ ରହିବ, ସେ ସମ୍ପର୍କିତ ପ୍ରଶ୍ନରେ ଧର୍ମେନ୍ଦ୍ର କହିଛନ୍ତି, ଦୁର୍ଭାଗ୍ୟବଶତଃ ଝାରସୁଗୁଡ଼ା ଉପନିର୍ବାଚନ ଯେଉଁଥିପାଇଁ ହେଉଛି, ତାହା ହିଁ ଦଳର ମୂଳ ପ୍ରସଙ୍ଗ ହେବ। ଦିବାଲୋକରେ ଓଡ଼ିଶା ସରକାରଙ୍କ ପୋଲିସ ଅଧିକାରୀଙ୍କ ଗୁଳିରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ମୃତ୍ୟୁ ହେଲା। ଏହାର କିଛି ମାସ ପରେ ଝାରସୁଗୁଡ଼ାରେ ନାବାଳକର ଅପହରଣ ସହ ହତ୍ୟା କରାଗଲା। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ଗରିବ ଲୋକର ହିତ ଓ ସ୍ୱାର୍ଥକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ପଛୁଆ ଜାତି, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ସବୁଠୁ କ୍ଷତିରେ ଅଛନ୍ତି। ଏହା ହିଁ ଓଡ଼ିଶାର ମୂଳ ପ୍ରସଙ୍ଗ। ଏସବୁ ନିର୍ବାଚନରେ ପ୍ରସଙ୍ଗ ହେବ। ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଭାଜପା ବୁଧବାର ପ୍ରାର୍ଥୀ ଘୋଷଣା କରିଛି। ଟଙ୍କଧର ତ୍ରିପାଠୀ ହେଉଛନ୍ତି ଜଣେ ଦକ୍ଷ ସଙ୍ଗଠକ, ଲଢୁଆ ଯୁବନେତା। ସେ ରାଜ୍ୟ ସମ୍ପାଦକ ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ରାଜ୍ୟ ଯୁବମୋର୍ଚ୍ଚାର ସଭାପତି ଦାୟିତ୍ୱରେ ରହିଥିଲେ। ତାଙ୍କ ଭଳି ଯୁବନେତାଙ୍କୁ ଦଳ ପ୍ରାର୍ଥୀ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଉପନିର୍ବାଚନରେ ତିନୋଟି ରାଜନୈତିକ ଦଳ ଯୁବନେତାଙ୍କୁ ପ୍ରାର୍ଥୀ କରିବା ଓଡ଼ିଶା ରାଜନୀତି ପାଇଁ ଶୁଭ ଲକ୍ଷଣ ବୋଲି ଧର୍ମେନ୍ଦ୍ର ମତବ୍ୟକ୍ତ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ୪୮ ଘଣ୍ଟା...

କୋର୍ଟ ଚାଲାଣ କରାଯାଇଛି। ଆଗକୁ ଗିରଫଦାରି ସଂଖ୍ୟା ବୃଦ୍ଧି ପାଇବ ବୋଲି ପୋଲିସ କହିଛି। ଗୋଇନ୍ଦା ବିଭାଗ ଏଭଳି ହିଂସାକୁ ନେଇ ପୂର୍ବରୁ ସୂଚନା ଦେବାରେ ବିଫଳ ହୋଇଛି। କେତେଜଣ ସଂଖ୍ୟାଲଘୁ ପରିବାରରୁ ୧୫ରୁ ଉର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ପୋଲିସ ଜବତ କରିଛି। ଏନେଇ ୧୯ ଗୋଟି ଦଫାରେ ଏକ ମାମଲା ରୁଜୁ ହୋଇଛି। ଗିରଫଦାରି ଭୟରେ ଦଙ୍ଗାରେ ସଂପୃକ୍ତ ଥିବା ଯୁବକମାନେ ଘର ଛାଡି ଫେରାର ହୋଇଯାଇଛନ୍ତି। ଉତ୍ତେଜନାପୂର୍ଣ୍ଣ ଛକ ଓ ରାସ୍ତାରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିଛି। ହେଲେ ଆକ୍ରମଣ ପାଇଁ ପୂର୍ବରୁ କେତେଜଣଙ୍କ ଘରେ ପଥର ରଖାଯିବା ସହ ବୋମା ତିଆରି କରାଯାଉଥିଲା। ଏପରି କି ମାରଣାସ୍ତ୍ର ଧରି ଶୋଭାଯାତ୍ରା ଉପରେ ଆକ୍ରମଣ କରିବା ପାଇଁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ପୋଲିସର ପରିଚାଳନାଗତ ତ୍ରୁଟି ଅଧିକାରୀଙ୍କ ଅପାରଗତାକୁ ନେଇ ସମ୍ବଲପୁର ଜନ ସାଧାରଣ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଗୁରୁବାର ସକାଳେ ଜିଲା ପ୍ରଶାସନ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରିଛି। ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧର ଶାନ୍ତି କମିଟି ବୈଠକ କରିଥିଲେ। ଶନିବାର ହନୁମାନ ଜୟନ୍ତୀ ଭବ୍ୟ ଶୋଭାଯାତ୍ରା ସହ କିଭଳି ହେବ ସେନେଇ ସମସ୍ତଙ୍କୁ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ବୈଠକରେ ଶୋଭାଯାତ୍ରାକୁ ଅନୁମତି ରହିଛି। ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଶୁକ୍ରବାର ୧୪୪ ଧାରା ନିର୍ଦ୍ଦେଶକୁ ପୁନଃ ବିଚାର କରାଯାଇପାରେ ବୋଲି ଜିଲାପାଳ ଦାସ କହିଛନ୍ତି। ଅପରପକ୍ଷରେ ଶାନ୍ତି କମିଟି ବୈଠକ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଯୋଗ ଦେଇନାହିଁ। ଅଶାନ୍ତ କରୁଥିବା ସମ୍ପ୍ରଦାୟ ଓ ନିୟନ୍ତ୍ରଣ କରି ପାରୁ ନ ଥିବା ପୋଲିସ ସହିତ ଶାନ୍ତି କମିଟି ବୈଠକ କଲେ ମଧ୍ୟ କୌଣସି ସୁଫଳ ହେବ ନାହିଁ ବୋଲି କହିଥିଲେ। ସୁରକ୍ଷା ଦୃଷ୍ଟିରୁ ୩୦ ପ୍ଲାଟୁନ ଫୋର୍ସ ବୁଧବାର ନିୟୋଜିତ ଥିବା ବେଳେ ଗୁରୁବାର ୧୦ ପ୍ଲାଟୁନ ବୃଦ୍ଧି କରି ମୋଟ ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛି। ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରୁଛି। ସନ୍ଧ୍ୟା ୬ଟାରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଜିଲାସ୍କୁଲ ଛକ, ଭୁତାପଡ଼ା ଛକ, ଭିଏସ୍ଏସ୍ ଷ୍ଟାଡିୟମ, ମହିଳା କଲେଜ ନେଇ ସୁନାପାଲି ପର୍ଯ୍ୟନ୍ତ ଫ୍ଲାଗ୍ ମାର୍ଚ୍ଚ ହୋଇଥିଲା। ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜିଲା ପୋଲିସ ନିଜ ପକ୍ଷରୁ ଏକ ମାମଲା ରୁଜୁ କରିଥିବା ବେଳେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମଧ୍ୟ ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜିଲା ସାମ୍ବାଦିକ ଭବନରେ ଗୁରୁବାର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ ସମିତିର ସଭାପତି ରାଜକୁମାର ବଡପଣ୍ଡା, ସମୀର ରଞ୍ଜନ ବାବୁ ଯୋଗଦେଇ ବୁଧବାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପଥରମାଡ଼ରେ ୪୦ରୁ ଉର୍ଦ୍ଧ୍ୱ ହନୁମାନ ଭକ୍ତ ଆହତ ହୋଇଛନ୍ତି। ଏହା ସୁଚିନ୍ତିତ ଯୋଜନା ରହିଥିଲା। ପୋଲିସ ଓ ଜିଲା ପ୍ରଶାସନ ଅବହେଳା କଲେ ବୋଲି ଏଭଳି ଘଟଣା ଘଟିଲା। ଶୁକ୍ରବାର ସ୍ୱାଭାବିକ ଭାବେ ପୂର୍ବ ବର୍ଷ ଭଳି ଜୟନ୍ତୀ ଶୋଭାଯାତ୍ରା ହେବ। ଏଥିରେ ସମସ୍ତେ ସହଯୋଗ କରି ଶାନ୍ତି ଶୃଙ୍ଖଳାରେ ଶେଷ କରିବାକୁ ଅନୁରୋଧ କରାଯାଇଛି।

## ସ୍ଥିତି ଅନୁଧ୍ୟାନ ପାଇଁ ପ୍ରତିନିଧି ଦଳ ପଠାଇଲା ଭାଜପା

**ଭୁବନେଶ୍ୱର, ୧୩।୪(ବ୍ୟୁରୋ):** ସମ୍ବଲପୁରଠାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଘଟିଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଓ ପ୍ରଶାସନିକ ଅବ୍ୟବସ୍ଥା ଘଟଣାରେ ରାଜ୍ୟ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରିଛନ୍ତି। ଦଳର ନିର୍ଦ୍ଦେଶକ୍ରମେ ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ବିଧାୟକ ମୁକେଶ ମହାଲିଙ୍ଗ, ସୁବାସ ପାଣିଗ୍ରାହୀ, ନାଉରି ନାଏକ ଓ ରାଜ୍ୟ ମୁଖପାତ୍ର ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରିବେ। ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ଡାକ୍ତରଖାନାକୁ ଯାଇ ଆହତ ବ୍ୟକ୍ତିଙ୍କୁ ଭେଟିବେ। ଏହାପରେ ବିଭିନ୍ନ ସଙ୍ଗଠନ, ଜିଲାପାଳ ଓ ପୋଲିସ ପ୍ରଶାସନକୁ ଭେଟି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିବେ। ତେବେ ସମ୍ବଲପୁରରେ ଅଭାବନୀୟ ସ୍ଥିତି ପାଇଁ ରାଜ୍ୟ ଶାସନର ଅପାରଗତାର ଚରମ ନିଦର୍ଶନ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏଭଳିସ୍ଥଳେ ସେ ସବୁବର୍ଗର ନାଗରିକଙ୍କୁ ଶାନ୍ତି ଓ ଭାଇଚାରା ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି।

## ଜୟପୁରରେ ୧୪୪ ଧାରା ଜାରି

### ଅପରାହ୍ନ ୩ଟାରୁ ସକାଳ ୯ଟା ଯାଏ ରହିବ ବଳବତ୍ତର

**ଜୟପୁର, ୧୩।୪ (ନି.ପ୍ର.):** ସମ୍ବଲପୁର ସହରରେ ବୁଧବାର ହନୁମାନ ଜୟନ୍ତୀ ଅବସରରେ ବାଇକ୍ ଶୋଭାଯାତ୍ରା ବେଳେ ଘଟିଥିବା ପୋଡ଼ାଜଳା ଘଟଣାର ପ୍ରଭାବ ଜୟପୁର ଉପରେ ପଡ଼ିଛି। ଗୁରୁବାର ସହରରେ ୧୪୪ (୧) ଧାରା ଜାରି ହୋଇଛି। ଗୁରୁବାରଠାରୁ ଆସନ୍ତା ୨୦ ତାରିଖ ଯାଏ ଏହା ବଳବତ୍ତର ରହିବ ବୋଲି ଉପଜିଲାପାଳ ବେଦବର ପ୍ରଧାନ କହିଛନ୍ତି। ଅପରାହ୍ନ ୩ ଟାରୁ ସକାଳ ୯ଟା ଯାଏ ଏହି ୧୪୪ ଧାରା ଲାଗୁ ହେବ। ଜୟପୁର ଉପଖଣ୍ଡରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏସ୍‌ଡିପିଓ ସମୀକ୍ଷା କରିବା ପରେ ପୋଲିସର ରିପୋର୍ଟକୁ ଆଧାରକରି ଏହି ଧାରା ଲାଗୁ ହୋଇଛି। ତେବେ ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ଏହାକୁ କିଛିଟା କୋହଳ କରାଯାଇଛି। ଗୋଟିଏ ସ୍ଥାନରେ ୨ରୁ ଅଧିକ ବ୍ୟକ୍ତି ଏକତ୍ରିତ ହୋଇପାରିବେ। କୌଣସି ସଭା, ଶୋଭାଯାତ୍ରା କଲେ ଉପ ଜିଲାପାଳଙ୍କ ଅନୁମତି ନେବାକୁ ପଡିବ ବୋଲି କୁହାଯାଇଛି। ଏ ସମ୍ପର୍କରେ ସମସ୍ତ ଥାନାର ଆଇଆଇସିଙ୍କୁ ଅବଗତ କରାଯାଇଛି। ୧୪୪ ଧାରା ସମ୍ପର୍କରେ ଜୟପୁରର ସମସ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ରରେ ମଧ୍ୟ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ହିଂସା ଦେଖିବାକୁ ମିଳିଥିଲା। ଧନୁପାଲି ରାସ୍ତାର ସୁନାପାଲି, ଭିଏସ୍ଏସ୍ ଷ୍ଟାଡିୟମ ରାସ୍ତା, ବୁଥାପଡ଼ା ଅଞ୍ଚଳରେ ବ୍ୟାପକ ଭଙ୍ଗାରୁଜା ସହ ପୋଡ଼ାଜଳା ହୋଇଥିଲା। ଢେଲା ପଥର ମାଡ଼ରେ ୧୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିଲେ।

### ଅତିକ୍‌ଙ୍କ ପୁଅ...

ସମାବେଶ), ୩୦୨ (ହତ୍ୟା), ୩୦୭ (ହତ୍ୟା ଉଦ୍ୟମ) ଓ ୫୦୬ (ଆପରାଧିକ ଭୟ ପ୍ରଦର୍ଶନ) ବଳରେ ପୋଲିସ ମାମଲା ରୁଜୁ କରିଥିଲା। ସେହିଦିନ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଧାନସଭାରେ କହିଥିଲେ, ଉମେଶଙ୍କ ହତ୍ୟାକାରୀ ଓ ଅନ୍ୟ ଅପରାଧୀମାନଙ୍କୁ ମାଟିରେ ମିଶାଇ ଦିଆଯିବ। ଏହି ବହୁଚର୍ଚ୍ଚିତ ହତ୍ୟା ମାମଲାରେ ଫେରାର ଥିବା ଅସାଦ ଓ ଗୁଲାମଙ୍କୁ ୟୁପି ପୋଲିସ ଖୋଜୁଥିଲା। ଦୁହିଁଙ୍କୁ ଧରାଇଦେଲେ ୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ପୂର୍ବରୁ ପୋଲିସ ଘୋଷଣା କରିଥିଲା। ଏସ୍‌ଟିଏଫ୍ ଟିମ୍‌ର ଏନ୍‌କାଉଣ୍ଟରରେ ଉଭୟଙ୍କ ମୃତ୍ୟୁ ଘଟିଥିବା ସ୍ପେଶାଲ ଆଡିଶନାଲ ଡାଇରେକ୍ଟର ଜେନେରାଲ (ଆଇନ ଶୃଙ୍ଖଳା) ପ୍ରଶାନ୍ତ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏସ୍‌ଟିଏଫ୍ ଟିମ୍‌ର ନେତୃତ୍ୱ ଦୁଇଜଣ ଡିଏସ୍‌ପି ନେଇଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ କେତୋଟି ବିଦେଶୀ ବନ୍ଧୁକ ଜବତ ହୋଇଛି। ଅସାଦ ଓ ଗୁଲାମ ଫେରାର ହେବା ପାଇଁ ବ୍ୟବହାର କରିଥିବା ଏକ ନମ୍ବର ବିହୀନ ବାଇକ୍ ମଧ୍ୟ ସେଠାରୁ ଜବତ କରାଯାଇଛି। ଦୁଇ ମୃତକଙ୍କୁ ଏକ ଆମ୍ବୁଲାନ୍ସରେ ନିଆଯାଇଥିଲା ବୋଲି ଏସ୍‌ଟିଏଫ୍ ଏଡିଜି ଅମିତାଭ ଯଶ ସୂଚନା ଦେଇଛନ୍ତି। ଏନ୍‌କାଉଣ୍ଟର ପରେ ଜୟା ପାଲ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଜୟା କହିଛନ୍ତି, ସେମାନେ ଯାହା କରିଛନ୍ତି ଠିକ୍ କରିଛନ୍ତି। ଯୋଗୀ ପିତୃତୁଲ୍ୟ। ସେ ନ୍ୟାୟ ପ୍ରଦାନ କରିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶାବାଦୀ ଥିବା ଜୟା କହିଛନ୍ତି। ଯୋଗୀ ଓ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ୟୁପି ପୋଲିସ ଏବଂ ଏସ୍‌ଟିଏଫ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଉମେଶ ହତ୍ୟା ମାମଲାରେ ଅତିକ୍‌ଙ୍କୁ ଅହମ୍ମଦାବାଦ୍‌ର ସାବରମତୀ ଜେଲରୁ ପ୍ରୟାଗରାଜସ୍ଥିତ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍ କୋର୍ଟକୁ ଅଣାଯାଇଥିଲା। ତାଙ୍କ ଭାଇ ଖାଲିଦ୍ ଅଜିମ୍ ଓରଫ ଅଶ୍ରଫ୍‌ଙ୍କୁ ମଧ୍ୟ ବରେଲି ଜେଲରୁ ସେଠାକୁ ନିଆଯାଇଥିବାବେଳେ ଅସାଦଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ପୁଅଙ୍କ ମୃତ୍ୟୁ ଖବର ଶୁଣିବା ପରେ ମର୍ମାହତ ଅତିକ୍ କୋର୍ଟରେ ହାଜର ହେବାବେଳେ କାନ୍ଦି ପକାଇଥିଲେ। ସେଠାରେ ଜଣେ ବ୍ୟକ୍ତି ତାଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ମାମଲାର ଅନ୍ୟତମ ଅଭିଯୁକ୍ତ ଅତିକ୍‌ଙ୍କ ସ୍ତ୍ରୀ ଶାଇସ୍ତା ପରବିନ୍‌ଙ୍କୁ ଧରାଇଦେଲେ ୫୦,୦୦୦ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୋଲିସ ପୂର୍ବରୁ ଘୋଷଣା କରିଛି। ଅତିକ୍‌ଙ୍କ ଦୁଇ ବଡ଼ ପୁଅ ଅଲି ଏବଂ ଉମର ଏବେ ଯଥାକ୍ରମେ ପ୍ରୟାଗରାଜର ନୈନି କେନ୍ଦ୍ରୀୟ କାରାଗାର ଓ ଲକ୍ଷ୍ନୌ ଜେଲରେ ଆପରାଧିକ କାର୍ଯ୍ୟକଳାପ ଅଭିଯୋଗରେ ବନ୍ଦୀ ଅଛନ୍ତି। ଅନ୍ୟ ୨ ସାନ ପୁଅ ଯାଆଁଳା ହୋଇଥିବାରୁ ଉମେଶଙ୍କ ହତ୍ୟା ପରଠୁ ଉଭୟଙ୍କୁ ଜୁଭେନାଇଲ ହୋମ୍‌ରେ ରଖାଯାଇଛି। ପ୍ରକାଶ ଯେ, ଅତିକ୍ ବୁଧବାର ଅଭିଯୋଗ ଆଣିଥିଲେ ଯେ, ଗୁଜରାଟର ସାବରମତୀ ସେଣ୍ଟ୍ରାଲ ଜେଲରେ ତାଙ୍କୁ ହଇରାଣ କରାଯାଉଛି। ତାଙ୍କ ପରିବାର ବରବାଦ ହୋଇଯାଇଛି। ତାଙ୍କୁ ହତ୍ୟା କରି ମାଟିରେ ମିଶାଇଦେବା ପାଇଁ ଯୋଗୀ ସରକାର ଯୋଜନା କରୁଛନ୍ତି। ତେଣୁ ଏହି ଏନ୍‌କାଉଣ୍ଟରକୁ ନେଇ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରଶ୍ନ ଉଠାଇଛନ୍ତି।

### ଡଙ୍ଗା ବୁଡ଼ି...



ପୋଡ଼ାଗଡ଼ ଡଙ୍ଗାଘାଟଠାରେ ଚାଲିଥିବା ଉଦ୍ଧାର କାର୍ଯ୍ୟ।

ଜଳଭଣ୍ଡାର ମଧ୍ୟରେ ହଠାତ୍ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ୪ଜଣ ପାଣିରେ ନିଖୋଜ ହୋଇଯାଇଥିଲେ। ଖବରପାଇ ସେମିଳିଗୁଡ଼ା ଓ କୋରାପୁଟ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତତ୍କ୍ଷଣାତ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖୋଜାଖୋଜି କରି ବବିତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପାଣିରେ ଭାସୁଥିବା ଅନ୍ୟ ୪ଜଣଙ୍କୁ ଉଦ୍ଧାରକରି କୂଳକୁ ଆଣିଥିଲେ। ସେମାନଙ୍କୁ ଚିକିତ୍ସା ଲାଗି ପଠାଯାଇଛି। ନିଖୋଜ ଅନ୍ୟବ୍ୟକ୍ତିମାନଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀ ଏବଂ କୋରାପୁଟରୁ ପହଞ୍ଚିଥିବା ଓଡ୍ରାଫ ଟିମ୍ ଖୋଜିବା ଜାରି ରଖିଛନ୍ତି। ପୋଡ଼ଗଡ଼ ଘାଟକୁ ଯାଉଥିବାବେଳେ ଏପରି ଘଟଣା ଘଟିଥିବା ସେମିଳିଗୁଡା ପୋଲିସ ପ୍ରକାଶ କରିଛି। ସୂଚନାଯୋଗ୍ୟ, ଗତ ୨୦ ବର୍ଷ ତଳେ କୋଲାବ ଜଳଭଣ୍ଡାରର ରାଜପୁଟ ପଞ୍ଚାୟତ ନିକଟରେ ଦେଶୀ ଡଙ୍ଗାବୁଡି ପ୍ରାୟ ୭ ଜଣଙ୍କ ମୃତ୍ୟୁ ହୋଇଥିଲା।

### ଟେକ୍ସାସ୍ ଡେଏରି...

ବିସ୍ଫୋରଣ ଥିବା ଆନିମଲ ୱେଲ୍ ଫେୟାର ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କୁହାଯାଇଛି। ବିସ୍ଫୋରଣରେ ୩୬ ନିୟୁତ ଡଲାରର କ୍ଷତି ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯିବା ଆଶଙ୍କା କରାଯାଉଛି। ଘଟଣା ସମୟରେ ଜଣେ ମହିଳା କର୍ମଚାରୀ ଫାର୍ମରେ ଫସିଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ମହିଳାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଉକ୍ତ ଡାଏରି ଫାର୍ମର ପରିଚାଳନା ଫ୍ରାଙ୍କ ବ୍ରାଣ୍ଡ ଡେରିଜ୍ କରୁଥିଲା।

## ଅନ୍ୟାନ୍ୟ ଖବର

## ଅମନ ଶେରାୱତଙ୍କୁ ସ୍ୱର୍ଣ୍ଣ ପଦକ

### ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍



ଅମନ ଶେରାୱତ

ଅଷ୍ଟାନା, ୧୩।୪(ପି.ଟି.)

ଭାରତୀୟ ରେସ୍‌ଲର ଅମନ ଶେରାୱତ ସିନିୟର ସର୍କିଟରେ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଚଳିତ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି। ଗୁରୁବାର ସେ ୫୭ କେଜି କାଟେଗୋରିରେ କିରଗିଜସ୍ତାନର ଅଲମାଜ୍ ସ୍ମାନବେକୋଭ୍‌ଙ୍କୁ ହରାଇ ଦେଇଛନ୍ତି। ଭାରତର ଅନ୍ୟ ଦୁଇଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦିଲ୍ଲୀର ଛତ୍ରସାଲ୍ ଷ୍ଟାଡିୟମରେ ଟ୍ରେନିଂ ନେଉଥିବା ଶେରାୱତ ସେମିଫାଇନାଲରେ ଚାଇନାର ୱାନହାଓ ଝୋଙ୍କୁ ୭-୪ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ କ୍ୱାର୍ଟରଫାଇନାଲରେ ସେ ଜାପାନର ରିକୁତୋ ଆରାଇଙ୍କୁ ୭-୧ରେ ହରାଇ ଦେଇଥିଲେ। ଗତବର୍ଷ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିବା ଶେରାୱତଙ୍କ ୨୦୨୩ରେ ଏହା ହେଉଛି ଦ୍ୱିତୀୟ ପୋଡିୟମ ଫିନିଶ। ଫେବ୍ରୁୟାରୀରେ ଜାଗ୍ରେବ ଓପନରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ଦୀପକ କୁକ୍‌ନା (୭୯କେଜି) ଓ ଦୀପକ ନେହେରା (୯୭କେଜି) ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ। ଦୁହେଁ ସେମାନଙ୍କ ସେମିଫାଇନାଲ ହାରିଯାଇଛନ୍ତି। ଅନୁଜ କୁମାର (୬୫କେଜି) ଓ ମୁଲାୟମ ଯାଦବ (୭୦କେଜି) ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନାହାନ୍ତି। ଭାରତ ଏହି ପ୍ରତିଯୋଗିତାରେ ଗୁରୁବାର ପୂର୍ବରୁ ୧୧ ପଦକ ଜିତିସାରିଛି। ଗ୍ରିକୋ ରୋମାନ ରେସ୍‌ଲରମାନେ ୪ ପଦକ ଜିତିଥିବା ବେଳେ ମହିଳା ରେସ୍‌ଲରମାନେ ୭ ପଦକ ହାସଲ କରିଛନ୍ତି।

## ଆଜି ଅନୁଗୋଳ ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ

ଅନୁଗୋଳ ଅଫିସ, ୧୩।୪



କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହ ଶୁକ୍ରବାର ଅନୁଗୋଳ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଆଠମଲ୍ଲିକ ବ୍ଲକ ନଅଗାଁ ପଞ୍ଚାୟତ କମଳପୁର ଗ୍ରାମରେ ବ୍ୟାକ ଟୁ ହୋମ ସଂସ୍ଥା ଦ୍ୱାରା ଜୈବିକ ଓ ଔଷଧୀୟ କୃଷି ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଉକ୍ତ କାର୍ଯ୍ୟକ୍ରମ ପରେ କେନ୍ଦ୍ରମନ୍ତ୍ରୀ ଅନୁଗୋଳ ସର୍କିଟ ହାଉସରେ ରାତ୍ରିଯାପନ କରିବା ସହ ଶନିବାର ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଗୋଳ ଜିଲା ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ସୂଚନା ଦେଇଛନ୍ତି।

# ସାହସୀ ରିଙ୍କୁ

**କ୍ରିକେଟ୍ କ୍ୟାରିୟର ଆରମ୍ଭରେ କୋଚିଂ ସେଣ୍ଟରରେ ଝାଡୁଦାର ଚାକିରି କରିଥିଲେ ରିଙ୍କୁ ସିଂ। ମାତ୍ର ଏହି କାର୍ଯ୍ୟ ତାଙ୍କୁ ପସନ୍ଦ ଲାଗି ନ ଥିଲା। ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ କେବଳ କ୍ରିକେଟ ହିଁ ଭାଗ୍ୟ ବଦଳାଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା...**



ରିଙ୍କୁ ସିଂ

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପି ଏଲ୍)ର ୧୬ତମ ସଂସ୍କରଣ ଇତିମଧ୍ୟରେ ୨ ସପ୍ତାହ ଅତିକ୍ରମ କରିଛି। ନିଜର ସାହସୀ ପ୍ରଦର୍ଶନ ଦ୍ୱାରା ଜଣେ ଖେଳାଳି ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସେ ହେଉଛନ୍ତି କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ର ରିଙ୍କୁ ସିଂ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ କ୍ରିକେଟ ଲିଗ୍ ଗ୍ଲାମରରେ ପରିପୂର୍ଣ୍ଣ ଏବଂ ଦର୍ଶକରେ ଭରପୂର ଷ୍ଟାଡିୟମରେ ଅସମ୍ଭବ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ମିଳିଥାଏ। ଏହାସହିତ ଯେକୌଣସି ପୃଷ୍ଠଭୂମିର ଲୋକଙ୍କୁ ଏହା ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ ଓ ଆଗକୁ ବଢ଼ିବାର ସୁଯୋଗ ଦେଇଥାଏ। କୋଲ୍‌କାତା ନାଇଟ ରାଇଡର୍ସର ୨୫ ବର୍ଷୀୟ ବ୍ୟାଟର ରିଙ୍କୁ ସିଂ ହେଉଛନ୍ତି ଏହାର ଏକ ଜ୍ୱଳନ୍ତ ଉଦାହରଣ। ଆଇପିଏଲ୍ କିଭଳି ଜଣଙ୍କୁ ଦାରିଦ୍ର୍ୟରୁ ଉଠାଇ ସୁପରଷ୍ଟାର ବନାଇଥାଏ ରିଙ୍କୁଙ୍କ କାହାଣୀ ଏହାର ଅନ୍ୟତମ ଉଦାହରଣ। ଆଇପିଏଲ୍-୨୦୨୨ରେ ରିଙ୍କୁଙ୍କ ବ୍ୟାଟିଂ ଦକ୍ଷତାର ଝଲକ ଦେଖିବାକୁ ମିଳିଥିଲା। ତେବେ ସେ କ'ଣ କରିବାରେ ସମର୍ଥ ତାହା ୨୦୨୩ ସିଜନରେ ଦେଖାଇଛନ୍ତି। ଗତ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ତାଙ୍କ ଦଳ ବିଜୟ ପାଇଁ ଅନ୍ତିମ ଓଭରର ଶେଷ ୫ ବଲ୍‌ରେ ୨୮ ରନ୍ ଆବଶ୍ୟକ କରୁଥିବାବେଳେ ସେ ୫ଟି ଛକାମାରି ଦଳକୁ ଜିତାଇଥିଲେ।

୨୫ ବର୍ଷୀୟ ରିଙ୍କୁ ଅତ୍ୟନ୍ତ ସାଧାରଣ ପରିବାରରୁ ଆସିଛନ୍ତି। ତାଙ୍କ ପିତା ଖାନ୍‌ଚାନ୍ଦ ହେଉଛନ୍ତି ଜଣେ ଗ୍ୟାସ୍ ସିଲିଣ୍ଡର ଡେଲିଭରି ମ୍ୟାନ୍। ଘରକୁ ଘର ଯାଇ ଗ୍ୟାସ୍ ସିଲିଣ୍ଡର ଦେଇ ଆସିଥାନ୍ତି। ତାଙ୍କ ବଡ଼ ପୁଅମାନେ ଏଥିରେ ତାଙ୍କୁ ସହାୟତା କରିଥାନ୍ତି। ଖାନ୍‌ଚାନ୍ଦ ଓ ତାଙ୍କ ସ୍ତ୍ରୀ ବୀଣା ଏକ ଗ୍ୟାସ୍ ସିଲିଣ୍ଡର ଗୋଦାମ ନିକଟରେ ଦୁଇ କୋଠରିବିଶିଷ୍ଟ ଘରେ ରୁହନ୍ତି। ରିଙ୍କୁ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ କ୍ରିକେଟ ଖେଳିବା ଆରମ୍ଭ କରିବା ବେଳେ ତାଙ୍କୁ ଅନ୍ୟ ଭାଇଙ୍କ ଭଳି କାମଧନ୍ଦା କରିବା ଲାଗି ଘରୁ ଚାପ ପଡ଼ିଥିଲା। ତାଙ୍କୁ ଏକ କୋଚିଂ ସେଣ୍ଟରରେ ଝାଡୁଦାର ଚାକିରି ମଧ ମିଳିଥିଲା। ମାତ୍ର ଏହି କାର୍ଯ୍ୟ ତାଙ୍କୁ ପସନ୍ଦ ଲାଗି ନ ଥିଲା। ଉତ୍ତର ପ୍ରଦେଶ ଅନ୍ତର୍ଗତ ଆଲିଗଡ଼ର ରିଙ୍କୁଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ରହିଥିଲା। କେବଳ କ୍ରିକେଟ ହିଁ ତାଙ୍କ ଭାଗ୍ୟ ବଦଳାଇପାରିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ଏହା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ମଧ ନ ଥିଲା। ତେଣୁ ଏହି ଖେଳରେ ସେ ସମ୍ପୂର୍ଣ୍ଣ ମନୋନିବେଶ କରିଥିଲେ। ବର୍ତ୍ତମାନ ତାଙ୍କ କଠିନ ପରିଶ୍ରମର ଫଳ ତାଙ୍କୁ ମିଳିଛି। ରବିବାର ମ୍ୟାଚ୍‌ରେ ନିଜ ଦକ୍ଷତା ଉପରେ ରିଙ୍କୁ ସମ୍ପୂର୍ଣ୍ଣ ଭରସା ଦେଖାଇଥିଲେ। ଜୀବନର ପରିସ୍ଥିତି ଓ ପଡ଼ିଆର ପରିସ୍ଥିତି ତାଙ୍କ ପାଇଁ ସମାନ ରହିଥିଲା। "ମୁଁ ଜଣେ ପ୍ରଫେସନାଲ କ୍ରିକେଟର ହେବା ଯେତିକି ଅସମ୍ଭବ ଥିଲା ସମାନ ଭାବରେ ଅସମ୍ଭବ ଥିଲା ଡିଫେଣ୍ଡି ଚାମ୍ପିୟନ୍ ଗୁଜରାଟ ବିପକ୍ଷରେ ବିଜୟ। ତେବେ ଧୈର୍ଯ୍ୟ ଓ ସାହସ ବଳରେ ସବୁକିଛି ସମ୍ଭବ ହେଲା" ବୋଲି ସେ କହିଛନ୍ତି।

**-ବିଜୟ ରଣା**

# ସୁନେଲିତାଙ୍କ ସ୍ୱପ୍ନ

ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ରେ ହେବାକୁଥିବା ଜାତୀୟ ସିନିୟର ମହିଳା ହକି କୋଚିଂ କ୍ୟାମ୍ପ୍ ପାଇଁ ମନୋନୀତ ହୋଇଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ଖେଳାଳି ସୁନେଲିତା ଟପ୍ପୋ। ସୁନ୍ଦରଗଡ଼ର ଏହି ୧୬ ବର୍ଷୀୟା ଯୁବ ଖେଳାଳି ଜୁନିୟରସ୍ତରରେ ପ୍ରଭାବୀ ପ୍ରଦର୍ଶନ ପରେ ସିନିୟର କ୍ୟାମ୍ପ୍ ପାଇଁ ଭାରତୀୟ ସମ୍ଭାବ୍ୟ କୋର୍ ଦଳରେ ସାମିଲ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାର କୁକୁଡ଼ା ଗାଁ ହେଉଛି ତାଙ୍କ ଘର। ଖଣିଜ ସମ୍ପଦରେ ଭରପୂର ସୁନ୍ଦରଗଡ଼ ଜିଲାର ଆଦିବାସୀ ସମ୍ପ୍ରଦାୟରୁ ଅନେକ ହକି ଖେଳାଳି ସୃଷ୍ଟି ହୋଇଛନ୍ତି। ଓଡ଼ିଶାର ୯୦ ପ୍ରତିଶତ ହକି ଖେଳାଳି କେବଳ ସୁନ୍ଦରଗଡ଼ ଜିଲାରୁ ହିଁ ଆସିଛନ୍ତି। ସୁନେଲିତା ମଧ ଏଥିରୁ ବାଦ୍ ଯାଇନାହାନ୍ତି। ମାତ୍ର ୮ ବର୍ଷ ବୟସରୁ ସେ ହକିକୁ ଆଦରି ନେଇଛନ୍ତି। "ଆମ ଗାଁର ଅଧିକାଂଶ ପିଲା ହକି ଖେଳିଥାନ୍ତି। ସେଠାରେ ଲୋକାଲ ହକି ଟୁର୍ନାମେଣ୍ଟ ମଧ ଆୟୋଜନ ହୋଇଥାଏ। ତେଣୁ ମୁଁ ସ୍ୱତଃ ଏହି କ୍ରୀଡ଼ା ପ୍ରତି ଆଗ୍ରହୀ ହେଲି ଏବଂ ୮ ବର୍ଷ ବୟସରୁ ଏଥିରେ ମନୋନିବେଶ କରିଥିଲି। ତେବେ ମୁଁ ଜଣେ ପେସାଦାର ଖେଳାଳି ହେବି ବୋଲି କେବେ ଭାବି ନ ଥିଲି। କେବଳ ଏହି ଗେମ୍‌କୁ ଉପଭୋଗ କରୁଥିଲି" ବୋଲି ସୁନେଲିତା ପ୍ରକାଶ କରିଛନ୍ତି।

**ଜୁନିୟରସ୍ତରରେ ଉତ୍ତମ ପ୍ରଦର୍ଶନ ପରେ ଏବେ ସିନିୟର ହକିରେ ପାଦ ଥାପିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ମହିଳା ଖେଳାଳି ସୁନେଲିତା ଟପ୍ପୋ। ତାଙ୍କ ବାପା ଜଣେ କୃଷକ ଏବଂ ମା' ଗୃହିଣୀ। ଏହି ଯୁବା ଫରୱାର୍ଡଙ୍କ ପାଇଁ ଜଣେ ପେସାଦାର ହକି ଖେଳାଳି ହେବା ସହଜ ନ ଥିଲେ ମଧ କେବେହେଲେ ହାରି ନ ଯିବାର ପ୍ରବୃତ୍ତି ଏବଂ ପାରିବାରିକ ସମର୍ଥନରେ ସେ ଆଗକୁ ବଢ଼ିବାକୁ ସକ୍ଷମ ହୋଇଛନ୍ତି ...**

ଏହି ଅଞ୍ଚଳରୁ ଆସିଥିବା ଅଧିକାଂଶ ଖେଳାଳିଙ୍କ ଭଳି ସୁନେଲିତାଙ୍କ ପୃଷ୍ଠଭୂମି ମଧ ଭଲ ନୁହେଁ। ତାଙ୍କ ବାପା ଜଣେ କୃଷକ ଏବଂ ମା' ଗୃହିଣୀ। ତେଣୁ ଏହି ଯୁବା ଫରୱାର୍ଡଙ୍କ ପାଇଁ ଜଣେ ପେସାଦାର ହକି ଖେଳାଳି ହେବା ସହଜ ନ ଥିଲା। ତେବେ କେବେହେଲେ ହାରି ନ ଯିବାର ପ୍ରବୃତ୍ତି ଏବଂ ପାରିବାରିକ ସମର୍ଥନ ତାଙ୍କୁ ସୁନ୍ଦରଗଡ଼ସ୍ଥିତ ସାଇ ଟ୍ରେନିଂ ସେଣ୍ଟର (ଏସ୍‌ଟିସି)ରେ ଭର୍ତ୍ତି ହେବାରେ ସହାୟକ ହୋଇଥିଲା। ସେଠାରେ ହକି ସମେତ ଏକାଧିକ କ୍ରୀଡ଼ାରେ ଖେଳାଳିଙ୍କୁ ଟ୍ରେନିଂ ଏବଂ କୋଚିଂ ଦିଆଯାଇଥାଏ। "ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁ ଜଣେ ପେସାଦାର ହକି ଖେଳାଳି ହେବା ପଥରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି। ମାତ୍ର ପରିବାରର ବିଶ୍ୱାସ ମୋ ଉପରେ ରହିଆସିଛି। ସେମାନେ ମୋତେ ମାନସିକସ୍ତରରେ ସମର୍ଥନ କରିଆସିଥିବାରୁ ମୁଁ ଆଜି ଏଠାରେ ପହଞ୍ଚିପାରିଛି" ବୋଲି ସୁନେଲିତା କହିଛନ୍ତି।

ଏସ୍‌ଟିସିକୁ ଆସିବା ପରେ ସୁନେଲିତା ଆଉ ପଛକୁ ଫେରି ଚାହିଁନାହାନ୍ତି। ମହିଳା ଜୁନିୟର ଦଳରେ ସାମିଲ ହେବାପରେ ସେ କ୍ରମାଗତ ଉତ୍ତମ ପ୍ରଦର୍ଶନ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ପରୋକ୍ଷରେ ଏହା ତାଙ୍କୁ ହକି ଇଣ୍ଡିଆ ସିନିୟର ମହିଳା ଜାତୀୟ କୋଚିଂ କ୍ୟାମ୍ପରେ ସାମିଲ ହେବା ପାଇଁ ସହାୟକ ହୋଇଛି। ତାଙ୍କ ମତରେ କଠିନ ପରିଶ୍ରମର ଆଉ କିଛି ବିକଳ୍ପ ନାହିଁ। ଗେମ୍ ଠିକ୍ ଥିଲେ ମଧ ସଫଳତା ପାଇଁ ଆହୁରି ପରିଶ୍ରମ କରିବାକୁ କୋଚ୍ ତାଙ୍କୁ ପରାମର୍ଶ ଦେଇଥିଲେ। ତେଣୁ ପରିଶ୍ରମ ଜାରିରଖି ସେ ଆଗାମୀ ଦିନରେ ଅଧିକରୁ ଅଧିକ ସଫଳତା ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଭବିଷ୍ୟତରେ ଅଲିମ୍ପିକ୍ସରେ ଖେଳିବା ଏବଂ ସେଠାରେ ସ୍ୱର୍ଣ୍ଣପଦକ ଜିତିବା ତାଙ୍କର ଲକ୍ଷ୍ୟ ବୋଲି ସୁନେଲିତା କହିଛନ୍ତି।




ସୁନେଲିତା ଟପ୍ପୋ



ନିର୍ମଳ କୁମାର ମିଶ୍ର

**ଆଇପିଏଲ୍‌ରେ ଏଥର କେତେକ ନୂଆ ନିୟମକୁ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯାଇଛି। ଫିଲ୍ଡ ଅମ୍ପାୟର୍‌ଙ୍କ ଦାୟିତ୍ୱ କିଛିମାତ୍ରାରେ କମାଇ ଦିଆଯାଇଥିବା ବେଳେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ଦେଖିବାକୁ ମିଳୁଛି। ଏଥର ଗୋଟିଏ ଦଳରେ ୧୧ ବଦଳରେ ୧୨ ଜଣ ଖେଳାଳି ପରିସ୍ଥିତି ଅନୁସାରେ ଖେଳିପାରୁଛନ୍ତି। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ନିୟମ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି...**

# ଚର୍ଚ୍ଚାରେ ଆଇପିଏଲ୍‌ର ନୂଆ ନିୟମ

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସଂସ୍କରଣରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚ୍‌ଗୁଡିକ ବେଶ୍ ଚର୍ଚ୍ଚାରେ ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ପ୍ରିମିୟର ଲିଗ୍‌ର ଅନେକ ମ୍ୟାଚ୍‌ରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। କେତେକ ନୂଆ ନିୟମକୁ ଏଥର ବିସିସିଆଇ ପରୀକ୍ଷାମୂଳକ ଭାବେ ପ୍ରଚଳନ କରିଛି, ଯାହାକି ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଫିଲ୍ଡ ଅମ୍ପାୟର୍‌ଙ୍କ ଦାୟିତ୍ୱ କିଛିମାତ୍ରାରେ କମାଇ ଦିଆଯାଇଥିବା ବେଳେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ଦେଖିବାକୁ ମିଳୁଛି। ଏଥର ଗୋଟିଏ ଦଳରେ ୧୧ ବଦଳରେ ୧୨ ଜଣ ଖେଳାଳି ସାମିଲ ହୋଇପାରୁଛନ୍ତି। ଟସ୍ ପରେ ପ୍ଲେୟର ଲିଷ୍ଟ ଦେବା, ଇମ୍ପାକ୍ଟ ପ୍ଲେୟର ନିୟମ, ଅନେକ ସମୟରେ ୱାଇଡ୍ ଓ ନୋ ବଲ୍ ପାଇଁ ତୃତୀୟ ଅମ୍ପାୟରଙ୍କ ସହାୟତା ନେବା, ଖେଳାଳିମାନଙ୍କୁ ଅଧିକ ଆଘାତରୁ ରକ୍ଷା କରିବା ଆଦି ନିୟମ ପ୍ରଣୟନ କରାଯାଇଛି। ପ୍ରଥମ ଦଳ ଭାବେ ଚେନ୍ନାଇ ସୁପର କିଙ୍ଗ୍ସ ଇମ୍ପାକ୍ଟ ଖେଳାଳିଙ୍କୁ ଖେଳାଇଥିଲା। ତୁଷାର ଦେଶ୍‌ପାଣ୍ଡେ ଆଇପିଏଲ ଇତିହାସରେ ପ୍ରଥମ ଇମ୍ପାକ୍ଟ ଖେଳାଳିଭାବେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳିଥିଲେ। ଇମ୍ପାକ୍ଟ ଖେଳାଳିଭାବେ ସୁଯୋଗପାଇ ଯେଉଁ କେତେଜଣ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ତାଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳର ଆୟୁଷ ବଦୋନୀ। ଅନେକ ଷ୍ଟାର ଖେଳାଳିଙ୍କ ଆହତ ସମସ୍ୟା ଟୁର୍ନାମେଣ୍ଟର ଗ୍ଲାମର କମାଇଛି। ଆହତ ଖେଳାଳିଙ୍କ ମଧ୍ୟରେ ଜନି ବେୟାରଷ୍ଟୋ, କେନ୍ ୱିଲିୟମସନ୍, ଶ୍ରେୟସ ଆୟର, ରଜତ ପଟିଦାର, କାଏଲ ଜେମିସନ, ଝେ ରିଚାର୍ଡସନ, ପ୍ରସିଦ୍ଧ କ୍ରିଷ୍ଣା, ୱିଲ ଜ୍ୟାକ୍ସ, ଯଶ୍‌ପ୍ରୀତ ବୁମରା, ରିଷଭ ପନ୍ତ ସାମିଲ।

ପୂର୍ବ ସିଜନଗୁଡ଼ିକ ତୁଳନାରେ ଏଥର ଆଇପିଏଲ ସ୍ୱତନ୍ତ୍ର ଏବଂ ରୋମାଞ୍ଚପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଏହାର କେତେକ ଝଲକ ମଧ ଦେଖିବାକୁ ମିଳିଛି। କାରଣ 'ଇମ୍ପାକ୍ଟ ପ୍ଲେୟର' ନିୟମ ଯୋଗୁ ଦଳରେ ଶ୍ରେଷ୍ଠ ବ୍ୟାଟର ଏବଂ ବୋଲରଙ୍କୁ ଠିକ୍ ସମୟରେ ବ୍ୟବହାର କରିବାକୁ ଅଧିନାୟକମାନେ ଚେଷ୍ଟା କରୁଛନ୍ତି। ଏହି ଇମ୍ପାକ୍ଟ ପ୍ଲେୟର ନିୟମକୁ ସରଳ ଭାଷାରେ(ଟାକ୍‌ଟିକାଲ ସବ୍‌ଷ୍ଟିଚ୍ୟୁଶନ) କୁହାଯାଉଛି। ଏହି ନିୟମ ଅନୁସାରେ କୌଣସି ମ୍ୟାଚ୍‌ର ଟସ୍ ପରେ ଉଭୟ ଦଳ ସେମାନଙ୍କର ଚୂଡ଼ାନ୍ତ ଏକାଦଶ ସମେତ ଆଉ ୫ ବଦଳ ଖେଳାଳିଙ୍କ ନାମ ଘୋଷଣା କରୁଛନ୍ତି। ମ୍ୟାଚ୍ ଚାଲିଥିବା ସମୟରେ ଦଳ ଚାହିଁଲେ ଅତିରିକ୍ତ ପାଞ୍ଚଜଣଙ୍କ ମଧ୍ୟରୁ ଯେକୌଣସି ଜଣେ ଖେଳାଳିଙ୍କୁ ଆବଶ୍ୟକ ଅନୁଯାୟୀ ବଦଳାଇ ପାରୁଛନ୍ତି। ଚୂଡ଼ାନ୍ତ ଏକାଦଶ ମଧ୍ୟରୁ ଜଣେ ଖେଳାଳିଙ୍କୁ ବାଦ୍ ଦେଇ ଉକ୍ତ ସ୍ଥାନରେ ଅତିରିକ୍ତ ଖେଳାଳି ମଧ୍ୟରୁ ଜଣଙ୍କୁ ସାମିଲ କରାଯାଉଛି। ଉଭୟ ଇନିଂସ୍‌ର ୧୪ ଓଭର ମଧ୍ୟରେ ଏହି ଖେଳାଳିଙ୍କୁ ବଦଳା ଯାଇପାରୁଛି। ଶେଷ ୬ ଓଭର ମଧ୍ୟରେ କୌଣସି ଖେଳାଳିଙ୍କୁ ବଦଳାଯାଇ ପାରିବନାହିଁ। ମ୍ୟାଚ୍ ସମୟରେ ଟସ୍ ଯୋଗୁ ମିଳୁଥିବା ଅତିରିକ୍ତ ଫାଇଦାକୁ ଇମ୍ପାକ୍ଟ ପ୍ଲେୟର ନିୟମ ବଳରେ ଚ୍ୟାଲେଞ୍ଜ କରିହେଉଛି। ଭାରତୀୟ ଜଳବାୟୁରେ ସମସ୍ତ ଗ୍ରାଉଣ୍ଡରେ ରାତ୍ରି ସମୟରେ ଟସ୍ ବିଜୟୀ ଦଳ ମୁଖ୍ୟତଃ ଫିଲ୍ଡିଂ ନିଷ୍ପତ୍ତି ନେଉଥିବା ଦେଖାଯାଉଛି। ଅତ୍ୟଧିକ କାକର ଏବଂ ଓଦା ବଲ୍ ଯୋଗୁ ବ୍ୟାଟିଂ ସହଜ ହେଉଛି। ଉଭୟ ଦଳ ବିଭିନ୍ନ ପରିସ୍ଥିତିରେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ବ୍ୟାଟିଂ ଏବଂ ବୋଲିଂକୁ ଶକ୍ତିଶାଳୀ କରିବା ପାଇଁ ଏହି ନିୟମ କାର୍ଯ୍ୟକାରୀ କରାଯାଉଛି। ମାତ୍ର ନିୟମ ଅନୁସାରେ ଦଳରେ ମାତ୍ର ୧୧ଜଣ ବ୍ୟାଟର ବ୍ୟାଟିଂ କରିପାରିବେ। ମ୍ୟାଚ୍ ସମୟରେ କୌଣସି ଖେଳାଳି ଆଘାତପ୍ରାପ୍ତ ହେଲେ ତାଙ୍କ ସ୍ଥାନରେ ଆଉ ଜଣେ ଖେଳାଳିଙ୍କୁ ସାମିଲ କରିହେବ। ଯଦି କୌଣସି ବିଦେଶୀ ଖେଳାଳିଙ୍କୁ ମ୍ୟାଚ୍‌ର ୧୪ ଓଭର ମଧ୍ୟରେ ବଦଳାଯାଏ ତେବେ ଜଣେ ବିଦେଶୀ ଖେଳାଳି ହିଁ ଇମ୍ପାକ୍ଟ ଖେଳାଳି ରୂପେ ମ୍ୟାଚ୍‌ରେ ଖେଳିପାରିବେ।

ଟି୨୦ ନିୟମ ଅନୁଯାୟୀ କୌଣସି ବୋଲର ଗୋଟିଏ ଓଭରରେ ଗୋଟିଏ ମାତ୍ର ବାଉନ୍ସର ବୋଲିଂ କରିପାରିବ। କୌଣସି ବୋଲର ଗୋଟିଏ ଓଭରରେ ୨ଟି ବିମର ବୋଲିଂ କରି ବାସନ୍ଦ ହେବା ପୂର୍ବରୁ ମଧ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇପାରେ। ଏପରି ନୂତନ ନିୟମ ପୂର୍ବରୁ ଅଷ୍ଟ୍ରେଲିଆର ଲୋକପ୍ରିୟ ବିଗ୍ ବାସ ଲିଗ୍‌ରେ ପ୍ରୟୋଗ କରାଯାଇଛି। ମାତ୍ର ଏହାକୁ 'ଏକ୍ସ ଫ୍ୟାକ୍ଟର' ନିୟମ କୁହାଯାଉଛି। ତେବେ ଏହା ଇମ୍ପାକ୍ଟ ପ୍ଲେୟର ନିୟମଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏକ୍ସ ଫ୍ୟାକ୍ଟର ନିୟମରେ କୌଣସି ଖେଳାଳି ପୂର୍ବରୁ ବ୍ୟାଟିଂ କିମ୍ବା ବୋଲିଂ କରି ନ ଥିଲେ ଟିମ୍ ପରିସ୍ଥିତି ଅନୁଯାୟୀ ଖେଳାଳି ବଦଳ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦିନିକିଆ କ୍ରିକେଟରେ ୨୦୦୫ ଓ ୨୦୦୬ରେ ଆଇସିସି 'ସୁପର ସବ୍' ନିୟମ ପ୍ରୟୋଗକରି ଫେଲ୍ ମାରିଥିଲା। ଏହାକୁ ନେଇ ଅନେକ ବିବାଦ ହୋଇଥିଲା। ଫଳରେ ଆଇସିସି ଏପରି ନିୟମକୁ ପ୍ରତ୍ୟାହାର କରିଥିଲା।

ଏବେ ୱାଇଡ୍ ଏବଂ ନୋ'ବଲ୍ ପାଇଁ ମଧ ଡିଆରଏସ୍ ନିୟମ ଲାଗୁ କରାଯାଉଛି। ଫଳରେ ଅନେକ ସମୟରେ ଖେଳରେ ବ୍ୟାଘାତ ସୃଷ୍ଟିହେବା ସହ ଅଯଥା ସମୟ ନଷ୍ଟ ହେଉଛି। ବାରମ୍ବାର ରିଭ୍ୟୁ ପାଇଁ ତୃତୀୟ ଅମ୍ପାୟରର ସହାୟତା ନେବା ଫଳରେ ଫିଲଡ୍ ଅମ୍ପାୟର ସେମାନଙ୍କ ତ୍ରୁଟି ଟେକ୍ନୋଲୋଜି ମାଧମରେ ଦେଖିବା ପରେ ଚାପରେ ରହୁଥିବାର ଦେଖିବାକୁ ମିଳୁଛି, ଯାହାକୁ ନେଇ ଆଇପିଏଲ ଆରମ୍ଭରୁ ବିତର୍କ ଆରମ୍ଭ ହୋଇଯାଇଛି। ଅବଶ୍ୟ ଖେଳକୁ ଅଧିକ ତ୍ରୁଟିଶୂନ୍ୟ କରିବାକୁ ବିସିସିଆଇର ଟେକ୍ନିକାଲ୍ କମିଟି ଏପରି ପଦକ୍ଷେପ ନେଇଛି। ତଥାପି ଟେକ୍ନୋଲୋଜିର ବହୁଳ ପ୍ରୟୋଗ ଖେଳକୁ ଅନାକର୍ଷଣୀୟ କରିବା ସମ୍ଭାବନା ରହିଛି। ଫିଲ୍ଡ ଅମ୍ପାୟରମାନେ ଚାପଗ୍ରସ୍ତ ହୋଇ ସହଜ ନିଷ୍ପତ୍ତିଗୁଡିକୁ 'ରେଫରାଲ' ପାଇଁ ବାରମ୍ବାର ପଠାଉଥିବାରୁ ଏହା ଆଲୋଚନାର ବିଷୟ ହୋଇଛି।




ଆୟୂଷ ବଦୋନୀ

## ବିଦେଶୀ

ଭାରତୀୟ ଲେଡି ହକି ଟିମ୍ ପାଇଁ
କୋଚ୍ ଅଷ୍ଟ୍ରେଲୀୟ ଫାରୀ
ସାଉଥ୍ ଆଫ୍ରିକା ରେହେଟ ହକେଟ
ଜେଣ୍ଟ୍ସ ଟିମ୍ ମଙ୍ଗଧରି
ଏସିଆନ ଗେମ୍ସ ପରି
ନଈ ପାଇଁ ନିଉ ଆନାଲିଟିକାଲ
କୋଚ୍ ନିଯୁକ୍ତ ହରି।

ଭାରୋତ୍ତୋଳିକା ସଞ୍ଜିତା ଚାନୁଙ୍କୁ
ବାସନ୍ଦ କରିଛି ନାଡ଼ା
ଷ୍ଟିପଲଚେଜ୍ ବିଶ୍ୱ ଚାମ୍ପିୟନ ନୋରା
ଜେରୁଟୋ ଖାଇଛି ତଡ଼ା
ଓଷ୍ଟ୍ରାଇନ ଭାଗ କଡ଼ା
କଂଜପଦସନ ପାଇଁ ଦି ବର୍ଷ ବାସନ୍ଦ
ବକ୍ସର ଅମିର ବୁଡ଼ା।

ଅନ୍‌ଲାଇନ୍‌ରେ ରାଷ୍ଟ୍ରପତି ସିଲ୍‌ଭାଙ୍କୁ
ଗାଳି କରି ଡି ସୋଜା
ଏ ବ୍ରାଜିଲ ଭଲିବଲର ସସ୍‌ପେଣ୍ଡ
ଦେଖ ବିଦେଶୀଙ୍କ ଭେଜା
ମଦୁଆଙ୍କୁ ଫ୍ରି ସଜା
ଅଫ୍-ଅନ୍ ମଦ ସପ୍ ବଢ଼ିଚାଲେ
ଯଙ୍ଗ ଜାତି ଆଜି କୁଜା।

**-ସୁବାସ ଚନ୍ଦ୍ର ପ୍ରଧାନ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଭାଇଜାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮୫ ଟଙ୍କାରେ ମୁମ୍ବାଇରୁ ଗୋଆ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ସମସ୍ତ ପଦାର୍ଥର ମୂଲ୍ୟ ବଢ଼ିବାରେ ଲାଗିଛି। ୧୦/୧୨ ବର୍ଷ ପୂର୍ବେ ଯେଉଁ ଜିନିଷର ମୂଲ୍ୟ ଯାହା ଥିଲା, ତାହାର ଦାମ୍ ଏବେ ୨ ଗୁଣାରୁ ଊର୍ଦ୍ଧ୍ୱ ହୋଇଯାଇଛି। ସମସ୍ତ ଦ୍ରବ୍ୟର ମୂଲ୍ୟ ମହଙ୍ଗା ହୋଇଯିବାରୁ ଲୋକଙ୍କର କେବଳ ବ୍ୟବହାରଯୋଗ୍ୟ ସାମଗ୍ରୀରେ ହିଁ ଆୟର ଅଧାରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ଏଥିସହ ବିମାନସେବାର ମୂଲ୍ୟ ମଧ୍ୟ ବଢ଼ାଇ ଦିଆଯାଇଛି। ନିକଟରେ ଲୋକେ ପୁରୁଣା ବିମାନ ଟିକେଟର ଫଟୋ ଶେୟାର କରୁଛନ୍ତି। ସେଥିରେ ବହୁ ବର୍ଷ ପୁରୁଣା ମୁମ୍ବାଇରୁ ଗୋଆର ଯିବାକୁ ହୋଇଥିବା ଏକ ଟିକେଟ ଫଟୋ ଦେଖିବାକୁ ମିଳିଛି। ସେହି ଟିକେଟର ଦାମ୍ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ। ଯାହାକି ଆମେ ଏବେ ଫାଷ୍ଟଫୁଡରେ ଯେତିକି ଟଙ୍କା ଖର୍ଚ୍ଚ କରୁଛେ, ସେତିକି ଟଙ୍କାରେ ସେତେବେଳେ ବିମାନରେ ମୁମ୍ବାଇରୁ ଗୋଆ ଯାତ୍ରା କରିହେଉଥିଲା। ବର୍ତ୍ତମାନ ସମୟରେ ମୁମ୍ବାଇରୁ ବିମାନ ଯୋଗେ ଗୋଆ ଯିବାକୁ ପାଖାପାଖି ୧୫୦୦ ଟଙ୍କା ଲାଗୁଥିବାବେଳେ ୪୮ ବର୍ଷ ପୂର୍ବେ ତାହାର ମୂଲ୍ୟ ମାତ୍ର ୮୫ ଟଙ୍କା ଥିଲା। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋଟି ୧୯୭୫ ସମିହାର ଟିକେଟ୍, ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି।




# କଏଦୀଙ୍କ ପ୍ରେମରେ ଯୁବତୀ




**କାନବେରା:** ପ୍ରେମ ପାଇଁ କୌଣସି ସ୍ଥାନ, କାଳ ନ ଥାଏ। ତାହା କାହା ସହ କେଉଁଠି ବି ହୋଇପାରେ। ନିକଟରେ ଏପରି ଏକ ଭଲପାଇବା ବିଷୟରେ ଜଣାପଡିଛି, ଯାହା ସମସ୍ତଙ୍କୁ ଅଧିକ ଆଶ୍ଚର୍ଯ୍ୟ ଲାଗିବ। ୨୯ ବର୍ଷୀୟା ସବାନା ପିଫର ଏବଂ ୩୧ ବର୍ଷୀୟ ଏଲେକ୍ସ ଦୁହେଁ ଦୁହିଁଙ୍କୁ ଭଲ ପାଆନ୍ତି। ସବାନା ପଶ୍ଚିମ ଅଷ୍ଟ୍ରେଲିଆର ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବାବେଳେ କେହି କାହାରିକୁ ଦେଖି ନାହାନ୍ତି। ସବାନାଙ୍କ କହିବା କଥା ତାଙ୍କୁ ଯେପରି ପୁଅ ଆବଶ୍ୟକ ତାହା ଏଲେକ୍ସଙ୍କ ପାଖରେ ଅଛି। ହେଲେ ଏଠାରେ ଆଶ୍ଚର୍ଯ୍ୟର କଥା ଯେ ସବାନାଙ୍କଠୁ ଏଲେକ୍ସ ୧୫ ହଜାର କିମି ଦୂର ଆମେରିକାର ନେଭଦା ଜେଲରେ ଅଛନ୍ତି। 'ରାଇଟ୍ ଏ ପ୍ରିଜନର୍' ସେବା ମାଧ୍ୟମରେ ଦୁହେଁ କଥା ହୁଅନ୍ତି। ଏହା ଏକ ପ୍ରକାରର ସେବା, ଯେଉଁଥିରେ ଲୋକେ ଆମେରିକାର ବନ୍ଦୀମାନଙ୍କ ସହ ଚିଠି ଜରିଆରେ କଥା ହୋଇପାରିବେ। ସବାନା ସେହି ଜେଲ୍‌ରେ ଥିବା ଅନେକ କଏଦୀଙ୍କୁ ମଧ୍ୟ ଏପରି ଚିଠି ଲେଖିଥିଲେ। ହେଲେ କେହି ତାଙ୍କ ଚିଠିର ଉତ୍ତର ଦେଇ ନ ଥିଲେ। ହେଲେ ଏଲେକ୍ସ ତାଙ୍କ ଚିଠିର ଉତ୍ତର ଦେଇଥିଲେ। ଏହା ପରଠାରୁ ଦୁହେଁ ଦୁହିଁଙ୍କୁ ଚିଠି ଲେଖିବା ଜାରି ରଖିଲେ। ଫଳରେ ଏଲେକ୍ସଙ୍କ ସହ ପ୍ରେମ ହୋଇଯାଇଥିବା ସବାନା କହିଛନ୍ତି। ପରେ ସେମାନେ ଚିଠିରୁ ଫୋନ ମାଧ୍ୟମରେ କଥା ହେବା ଆରମ୍ଭ କଲେ। ଉଭୟ ଉଭୟଙ୍କ କଣ୍ଠସ୍ୱର ଶୁଣିବା ପରେ ସେମାନଙ୍କ ଭଲ ପାଇବା ଅଧିକ ବଢିଯାଇଥିଲା ବୋଲି ସେ କହିଛନ୍ତି। ଡିସେମ୍ବର ୨୦୨୨ ବେଳକୁ ସେମାନଙ୍କ ପ୍ରେମ ଆରମ୍ଭ ହୋଇଥିଲା। ହେଲେ ସେମାନେ କେହି କାହାକୁ ଦେଖି ନାହାନ୍ତି। ସେଥିପାଇଁ ସେ ତାଙ୍କର ଏହି ସମ୍ପର୍କକୁ ସାର୍ବଜନୀନ କରିଦେଇଥିବା ସବାନା କହିଛନ୍ତି। ଏଲେକ୍ସ ଜେଲରେ ମିଳିଥିବା ଟାବଲେଟ୍ ଜରିଆରେ ସବାନାଙ୍କୁ ଇ-ମେଲ କରିଥାନ୍ତି। ସବାନା କହିଛନ୍ତି, ସେ ଏହାଠାରୁ କେବେ ଭଲ ସମ୍ପର୍କରେ ରହିନାହାନ୍ତି। ଏଥିପାଇଁ ସେ ବହୁତ ଖୁସି ଅଛନ୍ତି। ସେ ଏବେ କେବଳ ଏଲେକ୍ସଙ୍କ ଜେଲରୁ ମୁକୁଳିବାକୁ ଅପେକ୍ଷା କରିଛନ୍ତି।

# ଜନସେବାରେ ଉତ୍ସର୍ଗ ଅଗ୍ନିଶମ ବାହିନୀ



## ଜାତୀୟ ଅଗ୍ନିଶମ ସେବା ଦିବସ

କୌଣସିଠାରେ ନିଆଁ ଲାଗିଲେ ଦମକଳ ବାହିନୀ ପହଞ୍ଚି ଜୀବନକୁ ବାଜି ଲଗାଇ ଉଦ୍ଧାର କାର୍ଯ୍ୟ କରିଥାନ୍ତି। ସେମାନଙ୍କ କାର୍ଯ୍ୟ ଏବଂ ଦାୟିତ୍ୱବୋଧକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୪ରେ ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ ହୋଇଥାଏ। ୧୪ ଏପ୍ରିଲ ୧୯୪୪ରେ ବମ୍ବେ ବନ୍ଦରର ଭିକ୍ଟୋରିଆ ଡକ୍‌ରେ ନିଆଁ ଲିଭାଉଥିବା ସମୟରେ ୭୧ ଜଣ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୧୪୦୦ଟନ୍ ବିସ୍ଫୋରକ ସାମଗ୍ରୀ, କପାତୁଲା, ସୁନା, ଗୁଳିଗୋଳା ମାଲ ପରିବହନ କରୁଥିବା ମାଲବାହୀ ଏସ୍ ଫୋର୍ଟ ଷ୍ଟିକାଇନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଥିବା ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ବିସ୍ଫୋରଣ ସ୍ଥାନଠାରୁ ୧୭୦୦ କି.ମି. ଦୂରରେ ଥିବା ସେମ୍ଳରରେ ଏହାକୁ ରେକର୍ଡ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ମୃତ ଅଗ୍ନିଶମ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ଏହା ସହ ସମାଜ ପ୍ରତି ଅଗ୍ନିଶମ କର୍ମଚାରୀଙ୍କ ଅନନ୍ୟ ବଳିଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

# ୨୧ ବର୍ଷୀୟ ଶ୍ରୀରାମଙ୍କ ଚିତ୍ର

**ନୂଆଦିଲ୍ଲୀ:** ନିକଟରେ ଭଗବାନ ଶ୍ରୀରାମଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଗୋଟିଏ ଫଟୋରେ ଶ୍ରୀରାମ ସାଦା ଏବଂ ଅନ୍ୟ ଏକ ଫଟୋରେ ଶ୍ରୀରାମ ସାମାନ୍ୟ ହସୁଥିବାର ଦେଖିବାକୁ ମିଳିଛି। କୁହାଯାଉଛି କି ଶ୍ରୀରାମ ୨୧ ବର୍ଷ ବୟସରେ ଏପରି ଦେଖାଯାଉଥିଲେ। ଏହି ଫଟୋକୁ ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପ୍ରସ୍ତୁତ କରିଛି। ବାଲ୍ମୀକି ରାମାୟଣ, ରାମଚରିତମାନସ ସଂହିତା ଆଦିରେ ଶ୍ରୀରାମଙ୍କ ଚରିତ୍ରକୁ ଯେଉଁଭଳି ଭାବରେ ବର୍ଣ୍ଣନା କରାଯାଇଛି, ତାହାକୁ ଆଧାର କରି ଏଆଇ ଏପରି ଏକ ଚିତ୍ର ପ୍ରସ୍ତୁତ କରିଛି। କେତେ ଲୋକ ଏହି ଚିତ୍ରକୁ ପସନ୍ଦ କରୁଥିବାବେଳେ କେତେକ ଏହାକୁ ଭୁଲ ବୋଲି କହିଛନ୍ତି। ମହର୍ଷି ବାଲ୍ମୀକିଙ୍କ ଲିଖିତ ରାମାୟଣରେ ରାମଙ୍କ ଚେହେରା ଚନ୍ଦ୍ରଙ୍କ ଭଳି ଚମକ, କୋମଳ ଏବଂ ସୁନ୍ଦର। ତାଙ୍କ ଆଖି ପଦ୍ମ ଭଳି ସୁନ୍ଦର। ନାକ ଲମ୍ବା, ଓଠ ସୂର୍ଯ୍ୟଙ୍କ ରଙ୍ଗ ପରି ଲାଲ, କାନ ବହୁତ ବଡ଼ ଥିଲା। ତାଙ୍କ ଚୁଟି ବହୁତ ଗହ, ସୁନ୍ଦର ଏବଂ ଲମ୍ବା ଥିଲା। ରାମଚରିତମାନସ ସଂହିତାରେ କୁହାଯାଇଛି, ମଣିଷ ଆଖି ବନ୍ଦ କରି ଶ୍ରୀରାମଙ୍କୁ ଧ୍ୟାନ କଲେ, ତାଙ୍କ ପ୍ରକୃତ ସ୍ୱରୂପ ଦେଖିପାରିବ।



# ଶୀତବସ୍ତ୍ର ପାଇଁ ଦୀପିକାଙ୍କୁ ଟ୍ରୋଲ୍

**ମୁମ୍ବାଇ:** ବଲିଉଡ୍ ଡିମ୍ପଲ ଗର୍ଲ ଦୀପିକା ପାଦୁକୋନ୍ ତାଙ୍କ ଦମ୍‌ଦାର ଅଭିନୟ ଏବଂ ଡ୍ରେସିଂ ସେନ୍ସକୁ ନେଇ ବେଶ୍ ପରିଚିତ। ତାଙ୍କର ଭିନ୍ନ ଢଙ୍ଗର ପୋଷାକ ପାଇଁ ସେ ଅନେକ ଥର ଲୋକଲୋଚନକୁ ଆସିଥା'ନ୍ତି, ଯାହା ଲୋକଙ୍କ ବେଶ ପସନ୍ଦକୁ ଆସିଥାଏ। ହେଲେ ନିକଟରେ ତାଙ୍କ ପୋଷାକକୁ ନେଇ ଟ୍ରୋଲ ହେବାକୁ ପଡ଼ିଛି। ସେ ମୁମ୍ବାଇରେ ଉଦୁଉଦିଆ ଖରା ବେଳ ଓ ଅସହ୍ୟ ଗରମରେ ଶୀତ ପୋଷାକ ପିନ୍ଧିଥିବା ନଜରକୁ ଆସିଛନ୍ତି, ଯେଉଁଥିପାଇଁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ଦୀପିକା ନିକଟରେ ମୁମ୍ବାଇ ବିମାନବନ୍ଦରରୁ ବାହାରକୁ ଆସୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ ରୌଦ୍ରତାପ ବଢୁଥିବାରୁ ଅସହ୍ୟ ଗରମ ହେଉଛି। ହେଲେ ଏପରି ଅବସ୍ଥାରେ ଦୀପିକାଙ୍କୁ ସ୍ୱେଟର ଜ୍ୟାକେଟ ପିନ୍ଧିଥିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତାଙ୍କର ଏପରି ପୋଷାକ ଋତୁ ଅନୁଯାୟୀ ହୋଇ ନ ଥିବାରୁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ତେବେ ଦୀପିକାଙ୍କୁ ଶେଷ ଥର ପାଇଁ ଶାହରୁଖ୍ ଖାନ୍‌ଙ୍କ ସହ 'ପଠାନ' ଫିଲ୍ମରେ ଦେଖିବାକୁ ମିଳିଥିଲା। ସେହି ଫିଲ୍ମ ଦେଶ ବିଦେଶରେ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଆଗକୁ ଦୀପିକା ୩ଟି ଫିଲ୍ମ 'ଯୱାନ', 'ପ୍ରୋଜେକ୍ଟ କେ', 'ଫାଇଟର'ରେ ବ୍ୟସ୍ତ ଅଛନ୍ତି।




# Classified Everyday
**0674-2580101, 2549949**


REAL ESTATE

## SALE

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Want to sale my plot 10 decimal in Sambalpur, Pardhiapali, on the way to AIIMS COLLEGE. Contact No. 7436986437. D-0083

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837


CONSTRUCTION

**Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101.** D-0081




Newly open health benefits Spa special offer @999 Nayapalli. 7846814019. D-73699

All types of professional body massage by professional therapy. Contact: 9556924059, 7077933109. D-0046

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Newly open Spa Positively health benefit with expert. Contact- 7749976301 D-74532

All type of professional full body massage by professional therapist at Rajmahal @ 999. Contact: 7855053566. D-0078


BUSINESS

Sai Jagannath Waste consultancy services:- For any kind of MSW and Industrial solid waste management issues, kindly contact professional consultant: 7436986437. D-0084

## AFFIDAVIT

I, Suresh Kumar Jain, S/o Ratan Chand Jain, 605 Govind Prasad, Bomikhal. PS.- Laxmi sagar, PO.- Rasulgarh, Bhubaneswar-751010 (Khurda) declare by this affidavit that I shall be know as Suresh Jain for all future purpose. D-71371

By virtue an affidavit before the Executive Magistrate, Bhubaneswar, on dt 13.04.2023 vide C.F No. 05/2023, I Sagarika Biswal, At/ Po- Patasundarpur, P.S- Kakatpur, Dist.- puri, Pin- 752108, declare that, consequent upon my marriage with Dillip Kumar Nayak, I have changed my surname from Sagarika Biswal to Sagarika Nayak for all Govt. purposes. Henceforth I shall be known as Sagarika Nayak for all purposes. D-0101

**ଓଡ଼ିଶା ମହିଳା ସାମ୍ବାଦିକଙ୍କ ଉପରେ ଗବେଷଣା କରି ଡକ୍ଟରେଟ୍ ଲାଭ**



ଓଡ଼ିଶାରେ ମହିଳା ସାମ୍ବାଦିକ: ସ୍ଥିତି, ସମସ୍ୟା, ଆହ୍ୱାନ ଏବଂ ସମ୍ଭାବନା ଶୀର୍ଷକ ବିଷୟରେ ଗବେଷଣା କରି କଳିଙ୍ଗ ଟିଭିର ଡେପୁଟି ଏଡିଟର୍ ଶ୍ରୀମତୀ ସୌମ୍ୟା ପରିଡ଼ା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପାଇଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପ୍ରାକ୍ତନ ପ୍ରଫେସର୍ ସ୍ୱର୍ଗତ ସୁନୀଲକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀମତୀ ପରିଡ଼ା ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ Women Journalists in Odisha : status problems, challenges and prospects ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ପ୍ରଫେସର ଅନୁରାଗ ଡାଭେଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡ. ପରିଡ଼ା ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ବିଶ୍ୱନାଥପୁର ଗ୍ରାମର ଶ୍ରୀମତୀ ତିଳୋତ୍ତମା ସାହୁ ଏବଂ ସ୍ୱର୍ଗତ କାହ୍ନୁଚରଣ ପରିଡ଼ାଙ୍କ ଏକମାତ୍ର କନ୍ୟା। ପୁରୀ ଜିଲ୍ଲା ନିମାପଡ଼ା ଗଡ଼ଅଣ୍ଡିଆ ଗ୍ରାମର ଶ୍ରୀଯୁକ୍ତ ଭବାନୀ ପ୍ରସାଦ ମହାନ୍ତିଙ୍କ ଧର୍ମପତ୍ନୀ ହେଉଛନ୍ତି ଡ. ପରିଡ଼ା। ନିଜ ଗବେଷଣାଲବ୍ଧ କୃତିକୁ ଡ. ପରିଡ଼ା ରାଜ୍ୟ ମହିଳା ସାମ୍ବାଦିକଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଧ-୦୦୧୬

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

ଦେୱାନୀ ଅଦାଲତ (କନିଷ୍ଠ), କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର
ସିଭିଲ୍ ସୁଟ୍ ନଂ-୯୮/୨୦୧୨
ଦୁର୍ଗାଚରଣ ଲେଙ୍କା ଓଗେର ..... ବାଦୀ
ବନାମ
ପ୍ରଭାତ କୁମାର ବିଶ୍ୱାଳ ଓଗେର ..... ପ୍ରତିବାଦୀ

ଦେୱାନୀ ଆଇନ୍ ଅର୍ଡର ୫, ରୁଲ୍ ୨୦ ମୁତାବକ ନୋଟିସ୍ ପ୍ରାପ୍ତେଷୁ,
ଅମଳ ମଜୁମ୍‌ଦାର, ପିତା-କମଳାକାନ୍ତ ମଜୁମ୍‌ଦାର ସା/ପୋ:ଅ.- ଅଠରବାଙ୍କୀ, ଥାନା- ପାରାଦ୍ୱୀପ,ଜିଲ୍ଲା- ଜଗତ୍‌ସିଂହପୁରଙ୍କର ଉତ୍ତରାଧିକାରୀମାନେ।

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି କି ଆପଣଙ୍କର ପୂର୍ବ ପୁରୁଷ ଅମଳ ମଜୁମ୍‌ଦାର ପ୍ରତିପକ୍ଷ ନଂ-୮ ହିସାବରେ ଉପରୋକ୍ତ ମୋକଦ୍ଦମାରେ ପକ୍ଷ ଥାଇ ମୋକଦ୍ଦମା ଲଢୁଥିଲେ କିନ୍ତୁ ତାଙ୍କ ଓକିଲ ପ୍ରତିପକ୍ଷ ନଂ-୮ ମରିଯାଇଛନ୍ତି ଦର୍ଶାଇଛନ୍ତି। ଯଦି କେହି ତାଙ୍କର ଉତ୍ତରାଧିକାରୀ ଅଛନ୍ତି, ତେବେ ଆସନ୍ତା ତା ୧୨।୦୫।୨୦୨୩ ରିଖରେ ଉକ୍ତ ମୋକଦ୍ଦମାରେ ହାଜର ହୋଇ ଆପଣଙ୍କର ଅଭିଯୋଗ ଉପସ୍ଥାପନ କରିବେ। ନଚେତ୍ ମୋକଦ୍ଦମା ଆପଣଙ୍କ ଅନୁପସ୍ଥିତିରେ ବିଚାର କରାଯିବ।

ଅଦ୍ୟ ତା ୧୧।୦୪।୨୦୨୩ ରିଖରେ ଆମ୍ଭ ମୋହର ଏବଂ ସ୍ୱାକ୍ଷର ସହ ନୋଟିସ୍ ଜାରି କରାଗଲା।
ଦେୱାନୀ ଅଦାଲତ (କନିଷ୍ଠ), କୁଜଙ୍ଗ। ଧ-୦୦୯୪

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

## ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



**ସ୍ୱର୍ଗତ ଡାଃ ଅଞ୍ଜନ କୁମାର ଷଡଙ୍ଗୀ**
ବାରିପଦା,ମୟୂରଭଞ୍ଜ
ଆବିର୍ଭାବ : ୧୫.୧୨.୧୯୬୩
ତିରୋଧାନ : ୨୪.୦୪.୨୦୨୨

କାଲି ପରି ଲାଗୁଛି। ଚାହୁଁ ଚାହୁଁ ତୁମର ଅଫେରା ରାଇଜକୁ ଯିବା ବର୍ଷେ ବିତିଗଲା। ତୁମର ଅନୁପସ୍ଥିତି ପ୍ରତ୍ୟେକ ମୁହୂର୍ତ୍ତରେ ଉପଲବ୍ଧି ହେଉଛି। ବିଶ୍ୱାସ ହେଉନାହିଁ ଯେ ତୁମେ ଆମ ଗହଣରେ ଆଉ ନାହିଁ। ତୁମର ସମସ୍ତଙ୍କର ସୁଖ, ଦୁଃଖ ବୁଝିବା, ବିପଦରେ ସାହା ହେବା, ସମସ୍ତଙ୍କୁ ଆପଣାଇବା, ଏକ ଉଦାହରଣ ହୋଇ ସବୁଦିନେ ରହିବ।

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ**
ତୁମର ପତ୍ନୀ, ପୁଅ, ମା, ଭାଇ, ଭଉଣୀ ଓ ଅନ୍ୟ ପରିବାରବୃନ୍ଦ ତଥା ଆତ୍ମୀୟ ସ୍ୱଜନ୍ୟ। ଧ-୦୧୦୦

## "ଭୁଲି ହୁଏନା"



**ସ୍ୱର୍ଗତ ରାଜେଶ୍ୱର ରାୟ**
ପାଣ୍ଡବ ନଗର
ବୈଶାଖ କୃଷ୍ଣପକ୍ଷ ନବମୀ

ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା ତୁମର ଉପସ୍ଥିତି ଏବେ ବି ଆମେମାନେ ଅନୁଭବ କରୁଛୁ। ତୁମର ସ୍ନେହ, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା। ଏହି ପୁଣ୍ୟ ତିଥିରେ ତୁମ ପ୍ରତି ଅଶ୍ରୁଳ ପ୍ରଣିପାତ ଗ୍ରହଣ କରିବ।

ସିଡୁ, ଡାନି, ଉଦି, ଲିଡୁ, ଜୁଲି, ସାରା, ଲିପି, ଟୁକୁନା, ରିକୁନ ଦୀପୁ, ସିନି, ମାମୁନ, ମେନା। ଧ-୦୦୭୦


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଫାଇନାଲରେ ଶିବତେଜ

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାର ବାଳକ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଶିବତେଜ ଶିରଫୁଲେ। ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ନାନ୍ଦେଡର ଶିବତେଜ୍ ପାକିସ୍ତାନର ଆବୁବକର ତାଲ୍ହାଙ୍କୁ ୬-୪,

**୧୪ ବର୍ଷରୁ କମ୍ ଏସିଆନ ଡେଭଲପମେଣ୍ଟ ଟେନିସ ଫାଇନାଲ୍ସ**

୬-୩ରେ ପରାସ୍ତ କରିଥିଲେ। ଶୁକ୍ରବାର ଫାଇନାଲରେ ସେ କୋରିଆର ଓମ୍‌ନିମ୍ କିମଙ୍କୁ ଭେଟିବେ। ଅନ୍ୟତମ ସେମିରେ କିମ୍ ହଂକଂର ଆଲେକ୍ସ ଲାପ୍ ହାଙ୍ଗଙ୍କୁ ୬-୦, ୬-୩ରେ ପରାସ୍ତ କରିଛନ୍ତି। ସେହିପରି କିମ୍ ଡବଲ୍ସ ସେମିରେ ମଧ୍ୟ ମିନ୍ ହ୍ୟୁକ୍ ଚୋଙ୍କୁ ସାଥୀ କରି ଥାଇଲାଣ୍ଡର ର୍ୟୁ କୋଟିକୁଲା ଓ ଧର୍ମା ପାନାଟାରାଟୋର୍ନଙ୍କ ଯୋଡିକୁ ୬-୩ ଓ ୬-୪ରେ ପରାସ୍ତ କରିଥିଲେ।



ବାଳିକା ଡବଲ୍ସ ଫାଇନାଲ୍ ଅବସରରେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ଅତିଥି।

ବାଳିକା ସିଙ୍ଗଲ୍ସ ସେମିରେ ଭାରତର ମାୟା ରାଜେଶ୍ୱରନ୍ ରେବତୀ ପରାସ୍ତ ହେବା ସହିତ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। କୋରିଆର ୟେରୀ ହୋଙ୍ଗଙ୍କ ନିକଟରୁ ସେ ୭-୫, ୬-୨ରେ ପରାସ୍ତ ହୋଇଥିଲେ। ଅନ୍ୟତମ ସେମିରେ କାଜାଖସ୍ତାନର ଏଭା କୋରିଶେଭା ୭-୬(୫), ୬-୩ରେ କୋରିଆର ଜିୟୁନ୍ ଓଙ୍କୁ ପରାସ୍ତ କରିଛନ୍ତି। ବାଳିକା ଡବଲ୍ସ ଫାଇନାଲରେ କାଜାଖସ୍ତାନର ଏଭା କୋରିଶେଭା-ୟେର୍କେଝାଁ ଝାନାଟୟେଭାଙ୍କ ଯୋଡି ୬-୧, ୬-୨ ସେଟରେ ଉଜବେକିସ୍ତାନର ଇଲିମା ଗୁସେନୋଭା-ଏମିଲି କିମ୍‌ଙ୍କ ଯୋଡିକୁ ପରାସ୍ତ କରିଥିଲେ। କ୍ୟାବିନେଟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମହିଳା ଡବଲ୍ସ ଫାଇନାଲରେ ଅଂଶଗ୍ରହଣ କରିଥିଲେ।

# ଗଞ୍ଜାମ, କେନ୍ଦ୍ରାପଡ଼ା, ଗଜପତି ବିଜୟୀ

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

**କଳାହାଣ୍ଡି କପ୍ କ୍ରିକେଟ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ ଡାଇମଣ୍ଡ-ଏ ଓ ସିଲଭର-ଏ ଗ୍ରୁପ୍‌ର ୩ଟି ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଗଞ୍ଜାମ, କେନ୍ଦ୍ରାପଡା ଓ ଗଜପତି ଦଳ ବିଜୟୀ ହୋଇଛନ୍ତି।

**ସନ୍‌ସାଇନ୍ ଗ୍ରାଉଣ୍ଡ:** ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୫ ଉଇକେଟରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାଦୀପ ୧୪୨ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଗଞ୍ଜାମ ୫ ଉଇକେଟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଗଞ୍ଜାମ ପକ୍ଷରୁ କେ ଇଶ୍ୱର ପ୍ରସାଦ ୫ ଉଇକେଟ ନେଇଥିବା ବେଳେ ଅଂଶୁମାନ ଅପରାଜିତ ୪୫ ରନ୍ କରିଥିଲେ।

**ଅଡଶପୁର ଗ୍ରାଉଣ୍ଡ:** ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡା ୮ ଉଇକେଟରେ ମାଲକାନଗିରିକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ମାଲକାନଗିରି ୧୧୪ ରନ୍‌ରେ ଅଲଆଉଟ ହୋଇଥିଲା। ହରେଶ ନାୟକ ୫୦ ରନ୍ କରିଥିବା ବେଳେ ଦୀପ୍ତି ବିହାରୀ ୪ ଉଇକେଟ ନେଇଥିଲେ। ଜବାବରେ ଓମକାର ସିଂଙ୍କ ୫୮ ରନ୍ ବଳରେ କେନ୍ଦ୍ରାପଡା ୧୫.୧ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲେ।


କେ ଇଶ୍ୱର ପ୍ରସାଦ

**ଏମ୍‌ଜିଏମ୍ ଏସ୍‌ଓଏସ୍ ଗ୍ରାଉଣ୍ଡ:** ଏଠାରେ ନୂଆପଡାକୁ ୮ ଉଇକେଟରେ ପରାସ୍ତ କରିଛି ଗଜପତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡା ଦଳ ୧୨୩ ରନ୍‌ରେ ଅଲଆଉଟ ହୋଇଥିଲା। ଏମ୍‌ଡି ନୋମାନ୍ ୩୨ ରନ୍ କରିଥିବା ବେଳେ ବିନାୟକ ସାହୁ ୩ ଉଇକେଟ ନେଇଥିଲେ। ଜବାବରେ ଜ୍ଞାନରଞ୍ଜନଙ୍କ ଅପରାଜିତ ୫୬ ରନ୍ ବଳରେ ଗଜପତି୧୫.୨ ଓଭରରେ ୨ ଉଇକେଟ ହରାଇ ୧୨୪ ରନ୍ କରି ବିଜୟୀ ହୋଇଥିଲା।

# ଆର୍.ପି. ସିଂ ହକି ଇଣ୍ଡିଆ ସିଲେକ୍ସନ କମିଟି ଚେୟାରମ୍ୟାନ



**ନୂଆଦିଲ୍ଲୀ, ୧୩।୪ (ପି.ଟି.):** ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଉତ୍ତର ପ୍ରଦେଶ କ୍ରୀଡ଼ା ନିର୍ଦ୍ଦେଶକ ଆର. ପି. ସିଂ ହକି ଇଣ୍ଡିଆ ସିଲେକ୍ସନ କମିଟିର ନୂଆ ଚେୟାରମ୍ୟାନ ହୋଇଛନ୍ତି। ହରବିନ୍ଦର ସିଂଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ନୂଆ କମିଟି ଏପ୍ରିଲ ୧୫ରୁ କାର୍ଯ୍ୟକରିବ। ସିଂଙ୍କ ବ୍ୟତୀତ ସିଲେକ୍ସନ କମିଟିରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ବଲବିନ୍ଦର ସିଂ, ମହମ୍ମଦ ରିଆଜ, ଏମ୍.ଏମ୍. ସୋମାୟା, ସୁଭଦ୍ରା ପ୍ରଧାନ, ସର୍ଦ୍ଦାର ସିଂ, ବିପି ଗୋବିନ୍ଦା, ଚିଙ୍ଗଲେନ୍‌ସାନା ସିଂ କଙ୍ଗୁଜମ, ରଜନିଶ ମିଶ୍ରା, ଭି.ଆର ରଘୁନାଥ, ସମୀର ଦାଦ୍, ଯୁବରାଜ ବାଲ୍ମିକୀ, ଜୟଦୀପ କୌର ଓ ଅସୁନ୍ତା ଲାକ୍ରା। କମିଟିରେ ମୁଖ୍ୟ କୋଚ୍, ସାଇଣ୍ଟିଫିକ୍ ଉପଦେଷ୍ଟା, ଜାତୀୟ ପୁରୁଷ ଓ ମହିଳା ଦଳର ହାଇ ପରଫର୍ମାନ୍ସ ଡାଇରେକ୍ଟର ରହିବେ। ହକି ଇଣ୍ଡିଆ କମିଟିଗୁଡ଼ିକର ନିଯୁକ୍ତିକୁ ନେଇ ଗତ ମାର୍ଚ୍ଚ ୨୭ରେ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ପରିଷଦର ୯୮ତମ ବୈଠକରେ ସମୀକ୍ଷା କରାଯାଇଥିଲା। ହକି ଇଣ୍ଡିଆ ସିଲେକ୍ସନ କମିଟିର ନୂଆ ଚେୟାରମ୍ୟାନ ଆର୍.ପି ସିଂ ୧୯୯୮ରେ ଜୁନିୟର ସିଲେକ୍ସନ କମିଟିର ଜଣେ ସଦସ୍ୟ ଥିଲେ। ୨୦୨୧ରେ ସେ ହକିଇଣ୍ଡିଆର ହାଇପରଫର୍ମାନ୍ସ ଆଣ୍ଡ୍ ଡେଭଲପମେଣ୍ଟ କମିଟିର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ପରେ ୨୦୨୧ରେ ସେ ସିନିୟର ସିଲେକ୍ସନ କମିଟିର ଜଣେ ସଦସ୍ୟ ଥିଲେ। ଶନିବାର ବେଙ୍ଗାଲୁରୁଠାରେ ଭାରତୀୟ ସିନିୟର ଦଳର ଦୁଇ ଦିନିଆ ସିଲେକ୍ସନ ଟ୍ରାଏଲ୍‌ରେ ସେ ସିଲେକ୍ସନ କମିଟିର ନୂଆ ଚେୟାରମ୍ୟାନ ଭାବେ କାର୍ଯ୍ୟଆରମ୍ଭ କରିବେ।

# ସଞ୍ଜୁ ସାମ୍‌ସନଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା

**ଚେନ୍ନାଇ, ୧୩।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚରେ ସ୍ଲୋ ଓଭର-ରେଟ୍ ବୋଲିଂ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ମାସ୍‌ସନଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଆଇପିଏଲ୍‌ରେ ସ୍ଲୋ ଓଭର-ରେଟ୍ ପୁଣି ଏକ ପ୍ରସଙ୍ଗ ହୋଇ ଦେଖା ଦେଇଛି। ବହୁ ମ୍ୟାଚ ୪ ଘଣ୍ଟା ସୀମା ଅତିକ୍ରମ କରିଯାଉଛି। ଚଳିତ ସିଜନରେ ରାଜସ୍ଥାନ ରୟାଲ୍ସ ପ୍ରଥମ ଥର ଆଇପିଏଲ୍ ଆଚରଣବିଧିର ଏକ ଅଂଶ ସ୍ଲୋ ଓଭର-ରେଟ୍ ନିୟମ ଉଲ୍ଲଂଘନ କରିଛି। ରାଜସ୍ଥାନ ଏହି ମ୍ୟାଚର ଅନ୍ତିମ ବଲ୍‌ରେ ବିଜୟ ଲାଭ କରିଥିଲା। ୨୦ତମ ଓଭରରେ ବୋଲିଂ କରୁଥିବା ସନ୍ଦୀପ ଶର୍ମା ବିଜୟ ଲକ୍ଷ୍ୟ ହାସଲ କରିବାକୁ ସୁଯୋଗ ଦେଇ ନ ଥିଲେ।

# ରୁଦ୍ରାଂଶ, ଅଞ୍ଜୁମ୍‌ଙ୍କୁ ଆର୍ଥିକ ପୁରସ୍କାର ମିଳିବ

**ନୂଆଦିଲ୍ଲୀ, ୧୩।୪ (ପି.ଟି.):** ଗତବର୍ଷ ପ୍ରେସିଡେଣ୍ଟ୍ସ କପ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ଭାରତର ବିଶ୍ୱ ଚାମ୍ପିୟନ ରାଇଫଲ ଶୁଟର ରୁଦ୍ରାଂଶ ପାଟିଲ ଓ ତାଙ୍କ ମହିଳା ଟିମ୍‌ମେଟ୍ ଅଞ୍ଜୁମ ମୋଦ୍‌ଗିଲ୍‌ଙ୍କୁ ସେମାନଙ୍କ ଆର୍ଥିକ ପୁରସ୍କାର ମିଳିବ। ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍)ର ବିଭିନ୍ନ ପଦବୀରେ ପରିବର୍ତ୍ତନ ଯୋଗୁ ପୁରସ୍କାର ପାଇବା ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଗତବର୍ଷ ନଭେମ୍ବରରେ କାଇରୋଠାରେ ଅନୁଷ୍ଠିତ ପ୍ରେସିଡେଣ୍ଟ୍ସ କପ୍‌ରେ ମହାରାଷ୍ଟ୍ରର ରୁଦ୍ରାଂଶ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ପୁରସ୍କାର ୧୫,୦୦୦ ୟୁରୋ (ପ୍ରାୟ ୧୩.୨୫ ଲକ୍ଷ ଟଙ୍କା) ଜିତିଥିବା ବେଳେ ଅଞ୍ଜୁମ ମହିଳା ବିଭାଗ ରାଇଫଲ ୩-ପୋଜିଶନ ଇଭେଣ୍ଟରେ ରୌପ୍ୟ ପାଇ ପ୍ରାୟ ୬.୨୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଜିତିଥିଲେ। କିନ୍ତୁ ବିଶ୍ୱ ଶୁଟିଂ ପରିଚାଳନା ପରିଷଦ ଆଇଏସ୍‌ଏସ୍‌ଏଫ୍‌ର ପୂର୍ବତନ ମୁଖ୍ୟ ଭ୍ଲାଡିମିର ଲିସିନ୍ ଭୋଟ୍‌ରେ ତାଙ୍କ ପଦବୀରୁ ବହିଷ୍କୃତ ହେବାରୁ ସେ ତାଙ୍କର ଆର୍ଥିକ ପ୍ରତିବଦ୍ଧତା ପୂରଣ କରିପାରି ନ ଥିଲେ। ନୂଆ ଆଇଏସ୍‌ଏସ୍‌ଏଫ୍ ମୁଖ୍ୟ ଲୁସିଆନୋ ରୋସି କିନ୍ତୁ ବୁଧବାର ଘୋଷଣା କରିଛନ୍ତି ଯେ ସିଜନ ଶେଷ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିଥିବା ସମସ୍ତ ଆଥଲେଟ ସେମାନଙ୍କ ପୁରସ୍କାର ପାଇବେ। ସୂଚନାଯୋଗ୍ୟ, ପ୍ରେସିଡେଣ୍ଟ୍ସ କପ୍‌ରେ ପ୍ରତ୍ୟେକ ବ୍ୟକ୍ତିଗତ ଅଲିମ୍ପିକ ଶୁଟିଂ ଇଭେଣ୍ଟ ୨୦୨୨ ବିଶ୍ୱ ର୍‍ୟାଙ୍କିଙ୍ଗ ଅନୁସାରେ ଶ୍ରେଷ୍ଠ ୧୨ ଆଥଲେଟ୍‌ଙ୍କୁ ନେଇ ହୋଇଥାଏ। ଏଥିପାଇଁ ଚଳିତବର୍ଷ ମୋଟ ପୁରସ୍କାର ରାଶି ୭,୯୨,୦୦୦ ୟୁରୋ ରଖାଯାଇଛି। ଗତବର୍ଷ କିନ୍ତୁ ପ୍ରତ୍ୟେକ ବିଭାଗ ପାଇଁ ୬୬,୦୦୦ ୟୁରୋ ପୁରସ୍କାର ବ୍ୟବସ୍ଥା ହୋଇଥିଲା। ବିଜେତାଙ୍କ ଲାଗି ୧୫,୦୦୦ ୟୁରୋ ପୁରସ୍କାର ରହିଥିଲା। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିକଟତର ଥିବାରୁ ପଦ ଛାଡ଼ିବା ଲାଗି ତାଙ୍କ ଉପରେ ଚାପ ପଡ଼ିଥିଲା।

# ଆଇନର ଆଶ୍ରୟ ନେବେ ଆର୍ଯ୍ୟନ୍


ଖବରଦାତା ସମ୍ମିଳନୀରେ ଆର୍ଯ୍ୟନ ବ୍ରାହ୍ମିନ ଓ ଗୌରୀଶଙ୍କର ମିଶ୍ର।

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

**ସ୍ପେଶାଲ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ମାମଲା**

ଭାରତ ପାଇଁ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳିଥିବା ଆର୍ଯ୍ୟନ୍ ବ୍ରାହ୍ମିନ୍ ୩ କୋଚ୍‌ଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଏହା ସହିତ ଆଇନର ଆଶ୍ରୟ ନେବେ ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଆର୍ଯ୍ୟନ୍ ଓ ତାଙ୍କ ପିତା ତଥା ହ୍ୟାଣ୍ଡବଲ୍ କୋଚ୍ ଗୌରୀ ଶଙ୍କର ମିଶ୍ର। ସ୍ପେଶାଲ ଅଲିମ୍ପିକ୍ସ ୟୁନିଫାଏଡ୍ ହ୍ୟାଣ୍ଡବଲ ପାଇଁ ଅନୁଷ୍ଠିତ ଜାତୀୟ ଶିବିରରେ ଏଭଳି ହୋଇଥିବା ନେଇ ବ୍ରାହ୍ମିନ୍ ଅଭିଯୋଗ କରିଛନ୍ତି। ୨୦୨୨ ଜୁଲାଇରେ ହରିୟାଣାର ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଥମ କ୍ୟାମ୍ପରେ ଆର୍ଯ୍ୟନ୍ ଯୋଗ ଦେଇଥିଲେ। ଏହାପରେ ଅକ୍ଟୋବର ୯-୧୪ ଅନୁଷ୍ଠିତ ଦ୍ୱିତୀୟ କ୍ୟାମ୍ପରେ ଆର୍ଯ୍ୟନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ସେ କହିଛନ୍ତି। ଏହାର ପରବର୍ତ୍ତୀ ଦିନ ଆର୍ଯ୍ୟନ୍‌ଙ୍କ ପିତା ସ୍ପେଶାଲ ଅଲିମ୍ପିକ୍ସ ଓଡ଼ିଶା (ଏସ୍‌ଓବି) ନିକଟକୁ ଏକ ମେଲ୍ ଜରିଆରେ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପରେ ଏସ୍‌ଓବି ପକ୍ଷରୁ ମାମଲାର ତଦନ୍ତ କରାଯାଇ ପୁନର୍ବାର ଏଭଳି ଘଟଣା ଘଟିବ ନାହିଁ ବୋଲି ମଧ୍ୟ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରି କି ଆର୍ଯ୍ୟନ୍‌ଙ୍କ ଚୟନ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଡିସେମ୍ବରରେ ଅନୁଷ୍ଠିତ ତୃତୀୟ କ୍ୟାମ୍ପରେ ମଧ୍ୟ ଯୋଗ ଦେଇଥିଲେ ଆର୍ଯ୍ୟନ୍। ଚଳିତ ମାସରେ ଦିଲ୍ଲୀରେ ଆମିଟି ୟୁନିଭରସିଟିରେ ହେବାକୁ ଥିବା ଚତୁର୍ଥ କ୍ୟାମ୍ପରୁ ଆର୍ଯ୍ୟନ୍‌ଙ୍କୁ ବାଦ୍ ଦିଆଯାଇଥିଲା। ଏହା ପଛରେ କିଛି ଚକ୍ରାନ୍ତ ରହିଥିବା ନେଇ ଆର୍ଯ୍ୟନ୍ ଓ ଗୌରୀଶଙ୍କର ଅଭିଯୋଗ କରିଛନ୍ତି। ଏହା ସହିତ ଚୟନରେ ଚକ୍ରାନ୍ତ ଆଗାମୀ ଦିନରେ କୋଚ୍ ଓ ମ୍ୟାନେଜମେଣ୍ଟ ବିରୋଧରେ ଆଇନଗତ ପଦକ୍ଷେପ ନେବା ସମ୍ପର୍କରେ ଉଭୟ ଘୋଷଣା କରିଛନ୍ତି।

# ସିଙ୍ଗଲ୍ସ କ୍ୱାର୍ଟରରେ ପ୍ରମୋଦ ଭଗତ

**ବ୍ରାଜିଲ୍ ଓପନ୍ ପାରା ବ୍ୟାଡ୍‌ମିଣ୍ଟନ୍**

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ସାଓପାଉଲୋରେ ଅନୁଷ୍ଠିତ ବ୍ରାଜିଲ୍ ଓପନ୍ ପାରା ବ୍ୟାଡମିଣ୍ଟନ୍ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ। ପ୍ରମୋଦ ନିଜ ଦ୍ୱିତୀୟ ମ୍ୟାଚରେ ଚିଲିର ପାର୍ଟିସିଓ ଆନ୍ଦ୍ରେସ ଏକେଭେରିଆଙ୍କୁ ୨୧-୪, ୨୧-୩ ସେଟରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ପ୍ରମୋଦ ଓ ସୁକାନ୍ତ କଦମଙ୍କ ଯୋଡି ସ୍ଥାନୀୟ ଖେଳାଳି ବ୍ରେନୋ ଜୁହାନ୍ ଓ ଲିଓନାର୍ଡୋ ଜୁଫୋଙ୍କୁ ୨୧-୧୪, ୨୧-୮ ସେଟରେ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସରେ ମନୀଷା ରାମଦାସ ଓ ପ୍ରମୋଦଙ୍କ ଯୋଡି ଦ୍ୱିତୀୟ ଗ୍ରୁପ୍ ମ୍ୟାଚରେ ଫ୍ରାନ୍ସର କ୍ୟାଥେରିନ୍ ନୁଡିନ୍ ଓ ଇବ୍ରାହିମ୍ ଆଲିୟେଭଙ୍କୁ ୨୧-୯ ଓ ୨୧-୩ ସେଟ୍‌ରେ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ଅନ୍ୟତମ ଭାରତୀୟ ଯୋଡି ଦିଲେଶ୍ୱର ଓ ନବୀନ ୨୧-୨ ଓ ୨୧-୬ସେଟ୍‌ରେ ରେସନ୍ ଫେରେରିଆ ଓ ଆଡ୍ରିକ୍ ମିରାଣ୍ଡା ଡୋସ୍‌ଙ୍କୁ ପରାସ୍ତ କରିଛନ୍ତି।


ପ୍ରମୋଦ ଭଗତ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୩ | ୧ | ୬ | +୧.୫୮୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୧.୦୪୮ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୦.୩୪୧ |
| କୋଲକାତା ନାଇଟ ରାଇଡର୍ସ | ୩ | ୨ | ୧ | ୪ | +୧.୩୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୩ | ୧ | ୨ | ୨ | -୦.୮୦୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | -୦.୮୭୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୧.୫୦୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୦ | ୪ | ୦ | -୧.୫୭୬ |

# ଚାଇନାଠାରୁ ହାରିଲା ଭାରତ

**ତାଶକେଣ୍ଟ, ୧୩।୪ (ପି.ଟି.):** ବିଲି ଜିନ୍ କିଙ୍ଗ୍ କପ୍ ଏସିଆ/ଓସେନିଆ ଗ୍ରୁପ୍-୧ ପ୍ରତିଯୋଗିତାରେ ଭାରତ ଏହାର ତୃତୀୟ ମୁକାବିଲାରେ ୦-୩ରେ ଚାଇନାଠାରୁ ହାରି ତୃତୀୟ ସ୍ଥାନକୁ ଖସି ଆସିଛି। ପ୍ରଥମ ଓପନିଂ ସିଙ୍ଗଲ୍ସ ମ୍ୟାଚରେ ଭାରତର ଋତୁଜା ଭୋସ୍‌ଲେ ୩-୬, ୫-୭ରେ ଚାଇନାର ଜିନ୍‌ୟୁ ଜିଆଙ୍ଗଙ୍କୁ ହରାଇ ଦେଇଛନ୍ତି। ପୁରୁଖା ଅଙ୍କିତା ରାଇନା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ସେ ୟୁଇ ୟୁଆନ୍‌ଙ୍କଠାରୁ ୫-୭, ୧-୬ ସେଟ୍‌ରେ ହାରିଯାଇଥିଲେ। ଫଳରେ ଚାଇନା ୨-୦ରେ ଅଗ୍ରଣୀ ଲାଭ କରିନେଇଥିଲା। ଚାଇନିଜ ଯୋଡ଼ି ଜିନ୍‌ୟୁ ଜିଆଙ୍ଗ୍ ଓ ଝାଓଜୁଆନ ୟାଙ୍ଗ୍ ଭାରତୀୟ ଯୋଡ଼ି ଶ୍ରୀଭାଲି ରଶ୍ମିକା ଭାମିଡିପାଟି ଓ ବୈଦେହୀ ଚୌଧାରୀଙ୍କୁ ୬-୦, ୬-୧ରେ ପରାସ୍ତ କରି ତାଙ୍କ ଦଳକୁ ୩-୦ରେ ବିଜୟୀ କରାଇଥିଲେ। ଏହି ପରାଜୟ ଦ୍ୱାରା ଭାରତ ଗ୍ରୁପ୍‌ରେ ତୃତୀୟ ସ୍ଥାନକୁ ଖସି ଆସିଛି। ଜାପାନ ଖେଳିଥିବା ଏହାର ସମସ୍ତ ମ୍ୟାଚରେ ବିଜୟ ହାସଲ କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ଚାଇନା ଦ୍ୱିତୀୟ ସ୍ଥାନରେ ଅଛି। ଭାରତ ଏହାର ପ୍ରଥମ ଦୁଇଟି ମ୍ୟାଚରେ ଥାଇଲାଣ୍ଡ ଓ ଉଜ୍‌ବେକସ୍ତାନକୁ ପରାସ୍ତ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶୁକ୍ରବାର ଜାପାନ ବିପକ୍ଷରେ ଖେଳିବ। ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ପ୍ଲେଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ।

# ଜୁନିୟର ଶୁଟିଂ ବିଶ୍ୱକପ୍ ପାଇଁ ଭାରତୀୟ ଦଳ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ଜର୍ମାନୀର ସୁହଲଠାରେ ଜୁନ୍ ୧ରୁ ୬ ପର୍ଯ୍ୟନ୍ତ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ କପ୍ ଜୁନିୟର ରାଇଫଲ/ପିସ୍ତଲ/ଶଟ୍‌ଗନ୍ ପ୍ରତିଯୋଗିତା ହେବ। ଏଥିପାଇଁ ଗୁରୁବାର ଭାରତ ଏକ ୧୬ ଜଣିଆ ଦଳ ଘୋଷଣା କରିଛି। ଜୁନିୟର ବିଶ୍ୱକପ୍ ପରେ ଜୁଲାଇରେ କୋରିଆର ଚାଙ୍ଗଓ୍ୱନ୍‌ଠାରେ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ଘୋଷଣା କରାଯାଇଥିବା ଦଳରେ କେତେଜଣ ଜଣାଶୁଣା ନାମ ରହିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି, ପିସ୍ତଲରେ ସିମରନଜିତ୍ କୌର ବ୍ରାର୍, ରାଜକନୱର ସିଂ ସାନ୍ଧୁ ଓ ସମୀର, ରାଇଫଲରେ ଅଭିନବ ଶ' ଓ ଧନୁଶ ଶ୍ରୀକାନ୍ତ ଏବଂ ଶଟ୍‌ଗନ୍‌ରେ ଶାର୍ଦ୍ଦୂଳ ବିହାନ ଓ ପ୍ରିତି ରଜକ। କେତେଜଣ ଉଦୀୟମାନ ଶୁଟରଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ସେମାନେ ହେଲେ ରାଇଫଲରେ ଗୌତମୀ ଭାନୋଟ ଓ ସ୍ୱାତୀ ଚୌଧାରୀ, ପିସ୍ତଲରେ ଅଭିନବ ଚୌଧାରୀ ଓ ଶୁଭମ ବିସ୍‌ଲା, ଶଟ୍‌ଗନ୍‌ରେ ହାର୍‌ମେହର ସିଂ ଲାଲି।

# ଆଇଜଲକୁ ହରାଇ ଶୀର୍ଷରେ ଓଏଫ୍‌ସି

**ଭୁବନେଶ୍ୱର, ୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

**ସୁପର କପ୍ ଫୁଟ୍‌ବଲ**

ସୁପର କପ୍ ଫୁଟ୍‌ବଲରେ ଗୁରୁବାର ଆଇଜଲ ଏଫ୍‌ସିକୁ ୩-୦ରେ ପରାସ୍ତ କରି ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଗ୍ରୁପ୍ ବି'ର ଶୀର୍ଷରେ ପହଞ୍ଚିଛି । ଓଏଫ୍‌ସି ପକ୍ଷରୁ ଡିଏଗୋ ମରିସିଓ(୪୭), ଭିକ୍ଟର ରଡ୍ରିଗୁଏଜ୍ (୫୬) ଓ ନନ୍ଦ କୁମାର ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଇଷ୍ଟବେଙ୍ଗଲ ଏଫ୍‌ସି ସହିତ ପଏଣ୍ଟ ବାଣ୍ଟିଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚର ୧୧ତମ ମିନିଟରେ ଆଇଏସ୍‌ଏଲ୍ ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓଙ୍କ ଶଟ୍ ଅଟକାଇଥିଲେ ଆଇଜଲ୍ ଗୋଲକିପର। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମ୍ୟାଚ୍‌ର ୪୭ତମ ମିନିଟରେ ସ୍କୋର କରିଥିଲେ ମରିସିଓ। ଓଏଫ୍‌ସିକୁ ମିଳିଥିବା କର୍ନରକୁ ସେ ଗୋଲ୍‌ରେ ପରିଣତ କରିବା ସହିତ ଦଳକୁ ୧-୦ରେ


ଓଡ଼ିଶା ଏଫ୍‌ସି ଓ ଆଇଜଲ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌।

ଆଗୁଆ କରିଥିଲେ। ଏହାର ୯ ମିନିଟ୍ ପରେ ଭିକ୍ଟର ରଡ୍ରିଗୁଏଜ୍ ଦଳର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଡିଫେଣ୍ଡର ଅନିକେତ ଯାଦବଙ୍କ ପାସ୍‌କୁ ଫୁଲ୍ ବ୍ୟାକ୍ ଜେରୀ ଭିକ୍ଟରଙ୍କୁ ପାସ୍ କରିଥିଲେ। ଭିକ୍ଟର ଏହାକୁ ଗୋଲ୍‌ରେ ପରିଣତ କରିବା ସହିତ ଓଏଫ୍‌ସିକୁ ୨-୦ରେ ଆଗୁଆ କରିଥିଲେ। ୮୨ ତମ ମିନିଟ୍‌ରେ ଆଇଜଲ୍‌କୁ ଏକ ଫ୍ରି କିକ୍ ମିଳିଥିଲେ ମଧ୍ୟ ଓଏଫ୍‌ସି ଗୋଲ୍‌କିପର ଏଲ୍ ରାଲ୍‌ଟେ ଏହାକୁ ଅଟକାଇ ଦେଇଥିଲେ। ୯୦+୨ ମିନିଟରେ ନନ୍ଦ କୁମାର ଶେକର ଆଉ ଏକ ଗୋଲ ସ୍କୋର କରିବା ସହିତ ଦଳକୁ ୩-୦ରେ ବିଜୟୀ କରିଥିଲେ। ଇଞ୍ଜୁରୀ ଟାଇମ୍‌ରେ ୯୦+୪ ମିନିଟରେ ଓଏଫ୍‌ସିକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଏହାକୁ ଗୋଲ ଦେବାରେ ବିଫଳ ହୋଇଥିଲେ ଡିଏଗୋ ମରିସିଓ। ଏହି ବିଜୟ ସହିତ ଦୁଇଟି ମ୍ୟାଚ୍‌ରୁ ୪ ପଏଣ୍ଟ ଅର୍ଜନ କରି ଗ୍ରୁପ୍ ବି' ଶୀର୍ଷରେ ପହଞ୍ଚିଛି ଓଡ଼ିଶା ଏଫ୍‌ସି।

# ଟାଉନ୍ କ୍ଲବ ଜୁନିୟର କ୍ରିକେଟ ୧୫ରୁ

**ଭୁବନେଶ୍ୱର, ୧୩।୪ (କ୍ରୀଡ଼ା ପ୍ରତିନିଧି)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୫ରୁ ଆରମ୍ଭ ହେବ। ୨୩ ତାରିଖ ପର୍ଯ୍ୟନ୍ତ ଏହା ଟାଉନ୍ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୨୫ ଓଭର ବିଶିଷ୍ଟ ରହିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଟାଉନ୍ କ୍ଲବ-ବି, ସହିଦ ସ୍ପୋର୍ଟିଂ, ଶେଖର ସ୍ପୋର୍ଟିଂ, ଗ୍ରୁପ୍-ବି'ରେ ପ୍ରଗତି ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ଗ୍ରୀନ୍ସ ଏକାଡେମୀ, ଗ୍ରୁପ୍ 'ସି'ରେ ଟାଉନ୍ କ୍ଲବ-ଏ, ଓସ୍କାର ସ୍ପୋର୍ଟିଂ, ମୁକ୍ତେଶ୍ୱର କ୍ରିକେଟ କ୍ଲବ ଏବଂ ଗ୍ରୁପ୍ 'ଡି'ରେ ପାରାମାଉଣ୍ଟ ସ୍ପୋର୍ଟିଂ, ବିବିସିଏ ଓ ଜାଗୃତି କ୍ରିକେଟ କ୍ଲବ ସ୍ଥାନ ପାଇଛି। ପ୍ରତିଦିନ ୨ଟି ଲେଖାଏ ମ୍ୟାଚ ଖେଳାଯିବ। ୧୫ ତାରିଖରେ ଟାଉନ୍ କ୍ଲବ-ବି ଓ ଶେଖର ସ୍ପୋର୍ଟିଂ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ। ସେହିଦିନ ଦ୍ୱିତୀୟ ମ୍ୟାଚରେ ପ୍ରଗତି ଓ ରାମେଶ୍ୱର ମଧ୍ୟରେ ମୁକାବିଲା ହେବ। ପ୍ରତି ଗ୍ରୁପର ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ୨୧ ତାରିଖରେ ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ ବୋଲି ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟାଉନ୍ କ୍ଲବ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ନିହାରକାନ୍ତ ପଟ୍ଟନାୟକ, ଆୟୋଜକ କମିଟି ସଦସ୍ୟ ପ୍ରମୋଦ କୁମାର ଦାସ, ଦୀପ୍ତି ରଞ୍ଜନ ଜେନା, ବିଶାଳ କର, ଆଶିଷ ରଞ୍ଜନ ପଟ୍ଟନାୟକ ଓ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି ଆୟୋଜକ କ୍ଲବ୍‌ର କର୍ମକର୍ତ୍ତା।



TATA ଉତ୍ପାଦନ
TANISHQ
Stunning every Ear
ପ୍ରାଚୁର୍ଯ୍ୟର ନୂତନ ପ୍ରଭାତକୁ ସ୍ୱାଗତ କରିଆଣନ୍ତୁ, ଏହି ଅକ୍ଷୟ ତୃତୀୟାରେ !
20% ପର୍ଯ୍ୟନ୍ତ ଛାଡ଼*
ସୁନା ଅଳଙ୍କାରର ମଜୁରୀରେ ଆଉ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟରେ
ପାଆନ୍ତୁ 100%*
ଏକ୍ସଚେଞ୍ଜ୍ ମୂଲ୍ୟ ଯେକୌଣସି ଜ୍ୱେଲର୍‌ଙ୍କ ଠାରୁ କିଣାଯାଇଥିବା ସୁନା ଉପରେ
ଗୋଲ୍ଡ ରେଟ୍ ପ୍ରୋଟେକଶନ୍**
ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ ।
FLAT ₹4,000 INSTANT DISCOUNT* SBI card
#Min. Trxn.: ₹80,000. Valid once per credit card. Validity: 14 Apr - 23 Apr 2023. T&C Apply.
To locate your nearest store and know more on 6366920017. Buy online at tanishq.co.in or Download our App *Conditions apply | **Limited Period Offer
Now also at Jeypore: Ground Floor, S.R Central Mall. Tel: 06854-233227; Bhubaneswar: Master Canteen Square & Chandrashekharpur; Cuttack: Cantonment Road; Rourkela: Keshar Bhavan at Main Road; Brahmapur: City High School Road; Sambalpur: Buddharaja Road; Angul: Amalapada; Balasore: Vivekanand Marg; Jharsuguda: Beheremal Chowk; Puri: Grand Road; Jajpur Road: Chorda Road Bypass; Bargarh: Bhatli Chowk Road
Scan and Discover.




MARUTI SUZUKI
NEXA
INSPIRING 3 LAKH+ CUSTOMERS
DRIVEN TO ACHIEVE.
CREATE. INSPIRE.
Scan the QR code for more details.
Ciaz
BE IN A GOOD SPACE
Smart Hybrid Technology
SmartPlay Studio
Automatic Transmission
K15 (1.5L) Petrol Engine
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
*T&C apply. Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only. Offers may vary across variants. Maruti Suzuki reserves the right to withdraw offers at any point in time.
VISIT YOUR NEAREST NEXA DEALERSHIP TO GET EXCITING OFFERS.*
Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), NEXA RAJ BHAVAN ROAD (NARAYANI MOTORS PH: 9583022008, 9583022012), NEXA CYBER CITY (JYOTE MOTORS PH: 9776615032),
CUTTACK: NEXA STADIUM RD (JYOTE MOTORS PH: 7440005202).
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)
Scan to know more.

# ନିୟମିତ ହେବେ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ

■ ପ୍ରକାଶ ପାଇଲା ବିଜ୍ଞପ୍ତି
■ ନିଯୁକ୍ତି ବର୍ଷ ଆଧାରରେ ବରିଷ୍ଠତା ବିଚାର ହେବ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ହାଇସ୍କୁଲରେ ଚୁକ୍ତିଭିତ୍ତିକ ଓ ଇନିସିଆଲ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କ ଚାକିରି ନିୟମିତ ହେବ। ଗୁରୁବାର ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାଦ୍ୱାରା ରାଜ୍ୟର ପ୍ରାୟ ୧୮,୦୦୦ରୁ ଊର୍ଦ୍ଧ୍ୱ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପକୃତ ହେବେ। ଶିକ୍ଷକଙ୍କ ନିଯୁକ୍ତି ବର୍ଷ ଓ ମେରିଟ୍ ଲିଷ୍ଟ ଅନୁସାରେ ସେମାନଙ୍କ ବରିଷ୍ଠତା ବିବେଚନା କରାଯିବ।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଡ଼ିଶା ଗ୍ରୁପ୍-ବି ପଦବୀ (ଚୁକ୍ତିଭିତ୍ତିକ ନିଯୁକ୍ତି) ନିୟମ-୨୦୧୩ ଅନ୍ତର୍ଗତ ଯେଉଁ ଶିକ୍ଷକମାନେ ଇନିସିଆଲ ନିଯୁକ୍ତି ପାଇଥିଲେ, ସେମାନଙ୍କ ଚାକିରି ଓଡ଼ିଶା ଗ୍ରୁପ୍-ବି, ସି, ଡି ପଦବୀ (ଉଚ୍ଛେଦ ଓ ସ୍ୱତନ୍ତ୍ର ପ୍ରାବଧାନ) ରୁଲ୍‌ସ-୨୦୨୨ ଆଧାରରେ ନିୟମିତ ହେବ। ସେହିପରି ଯେଉଁ ଶିକ୍ଷକମାନେ ଓଡ଼ିଶା ଗ୍ରୁପ୍-ବି ପଦବୀ (ଚୁକ୍ତିଭିତ୍ତିକ ନିଯୁକ୍ତି) ରୁଲ୍‌ସ-୨୦୧୩ ପୂର୍ବରୁ ଠିକା ନିଯୁକ୍ତି ପାଇଥିଲେ ଏବଂ ସେମାନେ ଏହି ରୁଲ୍‌ସ ବିଜ୍ଞପ୍ତି ଜାରି ହେବା ପୂର୍ବରୁ ୬ ବର୍ଷ ଚାକିରି ପୂରଣ କରିନାହାନ୍ତି, ସେମାନଙ୍କ ଚାକିରିର ନିୟମିତ ଅବଧି ଗଣଶିକ୍ଷା ବିଭାଗ ୨୦୦୮ ଓ ୨୦୧୧ରେ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ବିବେଚନା କରାଯିବ। ଓଆର୍‌ଭି ନିୟମକୁ ପାଳନ କରି ଏହି ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ନିଯୁକ୍ତିକୁ ନିୟମିତ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିସ୍ତୃତ ଗାଇଡ୍‌ଲାଇନ୍ ଓ ଏସ୍‌ଓପି ଜାରି କରାଯିବ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ଉକ୍ତ ବର୍ଗର ଶିକ୍ଷକଙ୍କ ଚାକିରି ନିୟମିତ କରିବା ନେଇ ବିଜ୍ଞପ୍ତି ପ୍ରକାଶ କରିବାରେ ବିଳମ୍ବ ହୋଇଥିଲା। ଏହାକୁ ନେଇ ଚୁକ୍ତିଭିତ୍ତିକ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତରୁ ଫେରି ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦାବି ପୂରଣ ହୋଇଥିବାରୁ ଶିକ୍ଷକମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ପିଲାଙ୍କୁ ଗୋଇଠା ସହ ବେଲ୍ଟରେ ପିଟିଲେ



ତଳେ ଶୁଆଇ ପିଲାଙ୍କୁ ମାଡ଼ ହେଉଛି।

## ଗୋଳିଆ ପାଣିରେ ଗାଧୋଇବାରୁ ଦଣ୍ଡ

**ପାଟଣା, ୧୩।୪(ସ୍ୱ.ପ୍ର.)**

୭ଜଣ ପିଲା ଗାଁ ଗାଡ଼ିଆରେ ଗାଧୋଇବାରୁ ୨ରୁ ୩ ଜଣ ଉନ୍ମତ୍ତ ଯୁବକ ମାନବିକତା ଭୁଲିଯାଇ ଗୋଇଠା ମାରିବା ସହ ବେଲ୍ଟରେ ନିର୍ମମ ଭାବେ ପିଟିଛନ୍ତି। ଘଟଣାଟି କେବେର ସ୍ପଷ୍ଟ ହୋଇ ନ ଥିବା ବେଳେ ଏବେ ଭିଡିଓ ଭାଇରାଲ ହେବା ପରେ ଚର୍ଚ୍ଚାକୁ ଆସିଛି। ଘଟଣାଟି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ କଣ୍ଟିଆପଡ଼ା ଗ୍ରାମର ବୋଲି ଜଣାପଡ଼ିଛି।

ଏବେ ଅସହ୍ୟ ଗରମ ସହ ତାପମାତ୍ରା ବୃଦ୍ଧି ଯୋଗୁ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ଗରମରୁ ରକ୍ଷା ପାଇବା ପାଇଁ କଣ୍ଟିଆପଡ଼ା ଗ୍ରାମର ଛୋଟ ଛୋଟ ୭ରୁ ୮ ପିଲା ଏକ ଗାଡ଼ିଆରେ ଗାଧୋଉଥିଲେ। ଗାଡ଼ିଆରେ ଥିବା ଗୋଳିଆ ପାଣି ଓ କାଦୁଅରେ ଗାଧୋଉଥିବାରୁ ଗାଁର ୨ ଯୁବକ ପିଲାମାନଙ୍କୁ ତାଗିଦ୍ କରିବା ସହ ଦଣ୍ଡ ଦେବାକୁ ପିଲାଙ୍କୁ ଅମାନୁଷିକ ଭାବେ ଗୋଡ଼ ତଳେ ପକାଇ ବେଲ୍ଟରେ ନିର୍ମମ ଭାବେ ପିଟିଥିଲେ। ଅନ୍ୟ ଜଣେ ଯୁବକ ପିଲାଙ୍କୁ ଗୋଇଠା ମାରୁଥିବା ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। କାହିଁକି ପାଣି ଗୋଳିଆ କଲ ବୋଲି କହୁଥିବା ଜଣାଯାଇଛି। ଏହି ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଗ୍ରାମବାସୀ ନାପସନ୍ଦ କରିବା ସହ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ୪୦ ଡିଗ୍ରୀ ଉପରେ ୨୫ ସହର

## ୨ ଅଂଶୁଘାତ ମୃତ୍ୟୁ ଅଭିଯୋଗ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମ ସାରା ରାଜ୍ୟକୁ କଲବଲ କରୁଛି। ସକାଳ ୮ଟା ହେବା ମାତ୍ରେ ଚାରିଆଡେ ଉତ୍ତପ୍ତ ହୋଇଯାଉଛି। ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଟାଇଁ ଟାଇଁ ଖରା ସାଙ୍ଗକୁ ନିସ୍ତବ୍ଧ ଉଷ୍ମ ପରିବେଶ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। କେବଳ ମନୁଷ୍ୟ ନୁହନ୍ତି ଜୀବଜନ୍ତୁ, ପଶୁପକ୍ଷୀ ତାତିରେ ଛଟପଟ ହେଉଛନ୍ତି। ପ୍ରବଳ ଖରା ଯୋଗୁ ରାଜ୍ୟରେ ୨ଟି ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ନୂଆପଡ଼ା ଜିଲା ଗୋଡ଼ଫୁଲ ପଞ୍ଚାୟତ ଜୁନାନୀ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ପଦ୍ମାବତୀ ସାହୁ(୪୭) ଗୁରୁବାର ଅପରାହ୍ନରେ ନିଜ ବାଡ଼ିରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଟଳି ପଡ଼ିଥିବା ଅଭିଯୋଗ ମଧ୍ୟ ହୋଇଛି।

ତେବେ ଗୁରୁବାର ବାରିପଦା ରାଜ୍ୟର ଉତ୍ତପ୍ତ ସହର ପାଲଟି ଯାଇଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୨୫ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ☞ପୃଷ୍ଠା-୬

**୪୮ ଘଣ୍ଟାରେ ଅଂଶୁଘାତ ମୃତ୍ୟୁ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**
☞ପୃଷ୍ଠା-୬

# ଚାଇନାକୁ ଲକ୍ଷେ ମାଙ୍କଡ଼ ବିକିବ ଶ୍ରୀଲଙ୍କା

■ ଚାଇନାର ହଜାରେ ଚିଡ଼ିଆଖାନାକୁ ମାଙ୍କଡ଼ର ଆବଶ୍ୟକତା ରହିଛି: ମନ୍ତ୍ରୀ
■ ସ୍ପଷ୍ଟୀକରଣ ମାଗିଲା ପ୍ରାଣୀ ଅଧିକାର ଗ୍ରୁପ୍

**କଲମ୍ବୋ, ୧୩।୪**

ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଭାରତର ପଡ଼ୋଶୀ ଦ୍ୱୀପ ରାଷ୍ଟ୍ର ଶ୍ରୀଲଙ୍କା। ଏଥିଯୋଗୁ ଦେଶବାସୀ ନାହିଁ ନ ଥିବା ଅସୁବିଧା ଦେଇ ଗତି କରୁଛନ୍ତି। ଦେଶର ଆର୍ଥିକ ସ୍ଥିତିରେ ସ୍ଥିରତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ବର୍ତ୍ତମାନ ସମୟରେ ଶ୍ରୀଲଙ୍କା ଚାଇନାକୁ ପାଖାପାଖି ୧ ଲକ୍ଷ ଟୋକ୍ ମାଙ୍କଡ଼ ବିକ୍ରି କରିବ ବୋଲି କୃଷିମନ୍ତ୍ରୀ ସୂଚନା ଦେଇଛନ୍ତି।

ଚାଇନାର ୧,୦୦୦ ଚିଡ଼ିଆଖାନାରେ ମାଙ୍କଡ଼ର ଆବଶ୍ୟକତା ଥିବାଯୋଗୁ ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ ଏ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା କୃଷି ମନ୍ତ୍ରୀ ମହିନ୍ଦା ଅମରାୱିରା ସୂଚନା ଦେଇଛନ୍ତି। ଏ ନେଇ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଶ୍ରୀଲଙ୍କାରେ ବହୁଳ ସଂଖ୍ୟାରେ ଦେଖାଯାଉଥିବା ଟୋକ୍ ମାଙ୍କଡ଼କୁ ଅନ୍ତର୍ଜାତୀୟ ୟୁନିୟନ୍ ଫର୍ କଞ୍ଜର୍ଭେଶନ୍ ଅଫ୍ ନେଚର (ଆଇୟୁସିଏନ୍) ରେଡ୍ ଲିଷ୍ଟ ଭୁକ୍ତ କରିଥିଲା। ଏପରିସ୍ଥଳେ ସରକାରଙ୍କ ମାଙ୍କଡ଼ ବିକ୍ରି କରିବା ନିଷ୍ପତ୍ତି ନେଇ ପ୍ରକୃତି ସଂରକ୍ଷକ ଚିନ୍ତା ପ୍ରକଟ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଦେଖାଯିବା ପରଠାରୁ ଶ୍ରୀଲଙ୍କାରେ ପ୍ରାଣୀ ରପ୍ତାନି ପ୍ରାୟତଃ ନିଷିଦ୍ଧ କରାଯାଇଛି।

ଦେଶରେ ଟୋକ୍ ମାଙ୍କଡ଼ଙ୍କୁ କୀଟ ସହିତ ତୁଳନା କରାଯାଉଛି। କାରଣ ଖାଦ୍ୟ ଅନ୍ୱେଷଣରେ ମାଙ୍କଡ଼ ସବୁ ଗୋଟିଏ ଗୋଟିଏ ଗାଁ ଉପରେ ଚଢ଼ାଉ କରିବା ସହ ଅନେକ ସମୟରେ ମଣିଷଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ଫସଲ ନଷ୍ଟ କରିବାରେ ମଧ୍ୟ ଏମାନଙ୍କ ଭୂମିକା ରହିଛି। ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯିବା ପରଠୁ ୩ ପ୍ରକାର ମାଙ୍କଡ଼ ସମେତ ମୟୂର, ବାର୍‌ହାଙ୍କୁ ସଂରକ୍ଷିତ ସୂଚୀରୁ ବାଦ୍ କରାଯାଇଛି ଏବଂ ସେମାନଙ୍କ ହତ୍ୟା ପାଇଁ କୃଷକଙ୍କୁ ଅନୁମତି ମିଳିଛି। ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶରେ ମାଙ୍କଡ଼ଙ୍କ ସର୍ଭେ କରାଯାଇ ନ ଥିବାବେଳେ ୧ ଲକ୍ଷ ମାଙ୍କଡ଼ଙ୍କୁ ଚାଇନା ପଠାଯିବା ନିଷ୍ପତ୍ତିକୁ ଶ୍ରୀଲଙ୍କାର ପ୍ରାଣୀ ଅଧିକାର ଗ୍ରୁପ୍ 'ଦ ଏନ୍‌ଭାଇରନ୍‌ମେଣ୍ଟାଲ୍ ଫାଉଣ୍ଡେଶନ୍' ପକ୍ଷରୁ ସମାଲୋଚନା କରାଯାଇଛି। ଅନ୍ୟପକ୍ଷେ ଚାଇନା ଏତେମାତ୍ରାରେ ମାଙ୍କଡ଼ ନେଇ କ'ଣ କରିବ ସେ ନେଇ ସ୍ପଷ୍ଟୀକରଣ ଦେବା ଲାଗି ଫାଉଣ୍ଡେଶନ୍ ପକ୍ଷରୁ ଦାବି କରାଯାଇଛି।




DADLS - 06



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0014/2324

DADLS - 06

ଓଡ଼ିଶା ସରକାର



ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମହାପ୍ରଭୁଙ୍କ ଆଶୀର୍ବାଦରୁ ଓଡ଼ିଆ ନୂଆବର୍ଷ ସମସ୍ତଙ୍କ ଜୀବନରେ ଆନନ୍ଦ ଭରିଦେଉ, ସୁଖ ଓ ସମୃଦ୍ଧି ଭରିଦେଉ । ଆସନ୍ତୁ, ଏ ମହାର୍ଘ ଅବସରରେ ସଂକଳ୍ପ ନେବା – ଏକ ସଶକ୍ତ ଓଡ଼ିଶା, ଏକ ନୂଆ ଓଡ଼ିଶା ଗଠନ ଦିଗରେ ନିଜର ଶ୍ରେଷ୍ଠ ଅବଦାନ ରଖିବା ।

ଜୟ ଜଗନ୍ନାଥ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0014/2324



ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

DADLS - 06

ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସମସ୍ତଙ୍କର ସୁଖ-ସମୃଦ୍ଧି କାମନା କରୁଛି ।

ଓଡ଼ିଶାର ମହାନ ଐତିହ୍ୟ, ସମୃଦ୍ଧ ପରମ୍ପରା ଏବଂ ଅନନ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖୁଥିବା ବିଭିନ୍ନ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ମଧ୍ୟରୁ ମହାବିଷୁବ ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର ।

ବିକାଶଧାରାରେ ସାମିଲ ହୋଇ ଓଡ଼ିଶାକୁ ଦେଶର ଶ୍ରେଷ୍ଠତମ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଏହି ପବିତ୍ର ଦିବସରେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0014/2324

# ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି

## ୨୦୨୨-୨୩ ଆର୍ଥିକ ବର୍ଷରେ ୬% ବୃଦ୍ଧି

ନୂଆଦିଲ୍ଲୀ,୧୩।୪



ଗତ କିଛି ବର୍ଷ ହେବ ଦେଶର ରପ୍ତାନି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଦେଖାଦେଇଛି। ବିଶେଷକରି କୋଭିଡ୍ କାରଣ ଯୋଗୁ ରପ୍ତାନି କ୍ଷେତ୍ର କିଛି ପରିମାଣରେ ମାନ୍ଦା ପଡ଼ିଥିଲା। ଏପରିକି କୋଭିଡ୍ ପରବର୍ତ୍ତୀ ସମୟରେ ସୁଧାର ସହ ରପ୍ତାନି କ୍ଷେତ୍ର ପୂର୍ବାବସ୍ଥାକୁ ଫେରିଆସିଛି ବୋଲି ନିକଟରେ କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ରପ୍ତାନି ପରିମାଣ ୬% ବୃଦ୍ଧି ଘଟି ପ୍ରାୟ ୪୪୭ ବିଲିୟନ ଡଲାରରେ ପହଞ୍ଚିଛି। ଏହା ଏକ ରେକର୍ଡ ପରିମାଣର କାରବାର ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷର ପରିମାଣ ପ୍ରାୟ ୧୪% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶେଷକରି ପେଟ୍ରୋଲିୟମ, ଔଷଧ, ରସାୟନ ସାମଗ୍ରୀ ତଥା ସାମୁଦ୍ରିକ କ୍ଷେତ୍ରର ରପ୍ତାନିରେ ଉତ୍ତମ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଆର୍ଥିକ ବର୍ଷ ୨୦୨୧-୨୨ରେ ରପ୍ତାନି ୪୨୨ ବିଲିୟନ ଡଲାର ରହିଥିଲା। ସେହିପରି ଦେଶର ଆମଦାନୀ ମଧ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ୧୬.୫% ବଢ଼ି ୭୧୪ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୧-୨୨ରେ ୬୧୩ ବିଲିୟନ ଡଲାର ରହିଥିଲା। ଉଲ୍ଲେଖଯୋଗ୍ୟ, ଦେଶର ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ରପ୍ତାନି ନୂଆ ପରିମାଣ ଏକ ବିରଳ ରେକର୍ଡ କରିଛି। ଏ କ୍ଷେତ୍ରରେ ରପ୍ତାନି ୨୦୨୨-୨୩ ଆର୍ଥିକ ବର୍ଷରେ ୧୪% ବଢ଼ି ୭୭୦ ବିଲିୟନ ଡଲାର ହୋଇଛି। ଏପରିକି ଆଇଟି କ୍ଷେତ୍ର ଭଳି ସେବାର ରପ୍ତାନି କ୍ଷେତ୍ର ମଧ୍ୟ ୨୦୨୨-୨୩ ଆର୍ଥିକ ବର୍ଷରେ ୨୭.୧୬% ବଢ଼ି ୩୨୩ ବିଲିୟନ ଡଲାର ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୨୫୪ ବିଲିୟନ ଡଲାର ରହିଥିଲା।

# ଶୀର୍ଷରେ ଜିଓର ଡାଉନ୍‌ଲୋଡ୍ ସ୍ପିଡ୍

ନୂଆଦିଲ୍ଲୀ,୧୩।୪

ରିଲାଏନ୍ସ ଜିଓ ୫ଜି ଗ୍ରାହକମାନଙ୍କୁ ହାଇ ସ୍ପିଡ୍ ଡାଟା ପ୍ରଦାନ କରୁଛି। ଜିଓ ଗ୍ରାହକଙ୍କୁ ହାରାହାରି ୩୧୫.୩ ଏମ୍‌ବିପିଏସ୍‌ର ସୁପର ଡାଉନ୍‌ଲୋଡ୍ ସ୍ପିଡ୍ ମିଳିଛି। ଏୟାରଟେଲ୍‌ର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୬୧.୨ ଏମ୍‌ବିପିଏସ୍ ରହିଛି। ଓପନ୍ ସିଗ୍ନାଲର ମୋବାଇଲ୍ ନେଟ୍‌ୱର୍କ ଏକ୍ସପେରିଏନ୍ସ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୫ଜି ସ୍ପିଡ୍ ସହିତ ୫ଜି କଭରେଜ୍‌ରେ ମଧ୍ୟ ଜିଓ ନିଜ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍‌ଠାରୁ ପ୍ରାୟ ୩ ଗୁଣା ଆଗରେ ରହିଛି। ଜିଓ ଗ୍ରାହକମାନେ ୩୨.୫% ସମୟ ୫ଜି ନେଟ୍‌ୱର୍କରେ ବିତାଉଥିବା ବେଳେ ଏୟାରଟେଲ୍ ଗ୍ରାହକମାନେ ମାତ୍ର ୧୧.୪% ସମୟ ବିତାଉଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେହେତୁ ଗ୍ରାହକମାନେ ଏବେ ଉଭୟ ୪ଜି ଓ ୫ଜି ନେଟ୍‌ୱର୍କରେ ସମୟ ବିତାଉଛନ୍ତି ତେଣୁ, ଓପନ୍ ସିଗ୍ନାଲ୍ ପକ୍ଷରୁ କଭରେଜ୍ ମାପିବା ଲାଗି ଗ୍ରାହକମାନଙ୍କ ୫ଜି ନେଟ୍‌ୱର୍କରେ ବିତାଇଥିବା ସମୟ ବିଚାରକୁ ନିଆଯାଇଛି।

# 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ

## ଖିମ୍‌ଜୀ ଜୁଏଲର୍ସରେ ଆକର୍ଷଣୀୟ କଲେକ୍ସନ ସହ ଅଫର

ଭୁବନେଶ୍ୱର,୧୩।୪



ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ପାଇଁ 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ କରାଯାଇଛି। ଏପରିକି ଅକ୍ଷୟ ତୃତୀୟା ପାଇଁ ଖିମ୍‌ଜୀ ଜୁଏଲର୍ସରେ ଆକର୍ଷଣୀୟ ଅଳଙ୍କାର ସଂଗ୍ରହ ସହ ଅନେକ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ବିଶେଷକରି ସୁନା ଓ ରୁପା କିଣିବା ପାଇଁ ଅକ୍ଷୟ ତୃତୀୟା ସବୁଠାରୁ ପବିତ୍ର ଏବଂ ଶୁଭଦିନ ଭାବେ ବିବେଚନା କରାଯାଏ। ଫଳରେ ଏହି ପବିତ୍ର ପର୍ବକୁ ପାଳନ କରିବା ପାଇଁ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫରର ଘୋଷଣା କରାଯାଇଛି। ଏହି ଅଫର ୨୦୨୩ ଏପ୍ରିଲ ୩୦ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଖିମ୍‌ଜୀ ଷ୍ଟୋରରେ ଉପଲବ୍ଧ ରହିବ। ଉକ୍ତ ଅଫର ଜରିଆରେ ଗ୍ରାହକମାନେ ୧୦ଗ୍ରାମ୍ ଏଚ୍‌ୟୁଆଇଡି ସୁନାରେ ଫ୍ଲାଟ୍ ୨,୭୦୦ ଟଙ୍କାର ରିହାତି ଦିଆଯାଉଥିବା ବେଳେ ହୀରା ମୂଲ୍ୟର କେବଳ ୮୧% ଅର୍ଥ ଦେଇ କିଣିପାରିବେ ଏବଂ ରୁପା ଜିନିଷର ଗଢ଼ା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଚଳିତ ବର୍ଷର ଅକ୍ଷୟ ତୃତୀୟାରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ସୁବିଧା ସହ ଅଫର ଓ ରିହାତି ଦିଆଯାଉଛି। ବିଶେଷକରି ଅକ୍ଷୟ ତୃତୀୟାରେ ସୁନା କିଣିବା ଶୁଭ ଏବଂ ସମୃଦ୍ଧତା ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ଏପରିକି ଆମର 'ଦି ଗ୍ରାଣ୍ଡ୍ ଅକ୍ଷୟ ତୃତୀୟା ସେଲ୍'ରୁ ଗ୍ରାହକମାନେ ଅଧିକରୁ ଅଧିକ ଲାଭ ଉଠାଇବା ସହ ଘରକୁ ସୁଖ ଏବଂ ସମୃଦ୍ଧତାର ଉତ୍ସାହ ନେବାର ସୁଯୋଗ ଦେଉଛୁ। ସେହିଭଳି ଆମର ସମସ୍ତ ମୂଲ୍ୟବାନ୍ ଗ୍ରାହକଙ୍କୁ ସର୍ବୋତ୍ତମ ଅଳଙ୍କାର ଯୋଗାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଭବିଷ୍ୟତରେ ସର୍ବଦା ବ୍ରାଣ୍ଡ୍ ବିଶ୍ୱାସ ଏବଂ ଗୁଣବତ୍ତାର ପ୍ରତିଶ୍ରୁତିକୁ ଆମେ ବଜାୟ ରଖିବୁ।

# ଓଡ଼ିଶାର ୩୯ରୁ ଅଧିକ ସହରରେ ଜିଓ ଫାଇବର

ନୂଆଦିଲ୍ଲୀ,୧୩।୪

ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନକାରୀ ଜିଓ ଫାଇବର ବର୍ତ୍ତମାନ ଓଡ଼ିଶାର ୩୯ରୁ ଅଧିକ ସହର ଓ ନଗରରେ ଉପଲବ୍ଧ। ନିକଟରେ ବାରିପଦା, ଉମରକୋଟ୍, ପାରଳାଖେମୁଣ୍ଡି ଓ ସୋନପୁର ଭଳି ସହରର ପ୍ରମୁଖ ଅଞ୍ଚଳରେ ଜିଓ ଫାଇବର ବ୍ରଡ୍‌ବ୍ୟାଣ୍ଡ୍ ସେବାର ଶୁଭାରମ୍ଭ ହୋଇଥିବା ବେଳେ କମ୍ପାନୀ ଅନ୍ୟ ପ୍ରମୁଖ ସହର ଓ ନଗରକୁ ଏହାର ସେବା ଦ୍ରୁତଗତିରେ ସମ୍ପ୍ରସାରଣ କରୁଛି। ଏପରିକି ଜିଓଫାଇବର ସେବା ଭୁବନେଶ୍ୱର, କଟକ, ପୁରୀ, ଜଟଣୀ, ଅନୁଗୋଳ, ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର, ସୁନ୍ଦରଗଡ଼, ବଲାଙ୍ଗୀର, କେନ୍ଦୁଝର, ଭବାନୀପାଟଣା, କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ରୋଡ୍, ଭଦ୍ରକ, ତାଳଚେର, ଖୋର୍ଦ୍ଧା, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର, ରାଜଗାଙ୍ଗପୁର, ଢେଙ୍କାନାଳ, ସେମିଳିଗୁଡ଼ା, ବରଗଡ଼, ନବରଙ୍ଗପୁର, ଫୁଲବାଣୀ, ଜଳେଶ୍ୱର, ଛତ୍ରପୁର, ଘସିପୁରା, ବଡ଼ବିଲ, ବାରିପଦା, ଉମରକୋଟ, ପାରଳାଖେମୁଣ୍ଡି ଓ ସୋନପୁର ଭଳି ସହରରେ ଉପଲବ୍ଧ। ପୂର୍ବରୁ ଜିଓ ଫାଇବର ଉପଲବ୍ଧ ଥିବା ସହରଗୁଡ଼ିକର ନୂଆ ଅଞ୍ଚଳ ତଥା ସହର ଉପକଣ୍ଠକୁ ସେବାର ବ୍ୟାପକ ଭାବେ ସମ୍ପ୍ରସାରଣ କରାଯାଉଥିବା ବେଳେ ବ୍ୟକ୍ତିଗତ ପରିବାରଠାରୁ ଆରମ୍ଭକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଛୋଟ ବ୍ୟବସାୟ ଓ ବିଭିନ୍ନ କ୍ଷେତ୍ରର ପେସାଦାରମାନଙ୍କ ଭଳି ହଜାର ହଜାର ଗ୍ରାହକଙ୍କ ଆବଶ୍ୟକତା ପୂରଣକରି ସେମାନଙ୍କ ପାଖରେ ଅସୀମିତ ମନୋରଞ୍ଜନ, ଖବର, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ଲାଟ୍‌ଫର୍ମ ପହଞ୍ଚାଇ ସେମାନଙ୍କୁ ସମୃଦ୍ଧ ଅନୁଭୂତି ପ୍ରଦାନ କରୁଛି। ଅପରପକ୍ଷରେ ଜିଓ ପକ୍ଷରୁ ମାସିକ ମାତ୍ର ୧୯୮ ଟଙ୍କାରେ ୧୦ ଏମ୍‌ବିପିଏସ୍‌ର ଅସୀମିତ ହୋମ୍ ବ୍ରଡ୍‌ବ୍ୟାଣ୍ଡ୍ ସହ ନୂଆ ବ୍ରଡ୍‌ବ୍ୟାଣ୍ଡ୍ 'ବ୍ୟାକ୍-ଅପ୍ ପ୍ଲାନ୍' ସମ୍ପର୍କରେ ଘୋଷଣା କରାଯାଇଛି। ମାଗଣା ଲ୍ୟାଣ୍ଡ୍‌ଲାଇନ ସଂଯୋଗ ଓ ଅସୀମିତ କଲିଂ ସୁବିଧା ସହିତ ଏହି ପ୍ଲାନ୍‌ରେ ଗ୍ରାହକମାନଙ୍କୁ ୧ କିମ୍ବା ୨ କିମ୍ବା ୭ ଦିନିଆ ବିକଳ୍ପରେ ସେମାନେ ଯେତେବେଳେ ଚାହିଁବେ ସେମାନଙ୍କ ସ୍ପିଡ୍‌କୁ ୧୦ ଏମ୍‌ବିପିଏସ୍‌ରୁ ୩୦ କିମ୍ବା ୧୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି କରିପାରିବାର ସୁବିଧା ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୩ ଜାନୁୟାରୀ ୩୧ ସୁଦ୍ଧା ଓଡ଼ିଶାରେ ୧.୯୭ ଲକ୍ଷରୁ ଅଧିକ ଜିଓ ଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ରହିଛନ୍ତି।

# ତନିସ୍କର ଅକ୍ଷୟ ତୃତୀୟା କଲେକ୍ସନ 'ଷ୍ଟନିଂ ଏଭ୍ରି ଇୟର'



ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ତନିସ୍କ ପକ୍ଷରୁ ଆକର୍ଷଣୀୟ ଷ୍ଟନିଂ ଏଭ୍ରି ଇୟର କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତନିସ୍କ ଏକ୍ସକ୍ଲୁସିଭ ଷ୍ଟୋରରେ 'ଷ୍ଟନିଂ ଏଭ୍ରି ଇୟର' କଲେକ୍ସନର ଉନ୍ମୋଚନ କରାଯାଉଛି। ଏହି ଅବସରରେ ଉଭୟ ତନିସ୍କ ବ୍ରାଣ୍ଡ୍ ଓ ଷ୍ଟୋରର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୪

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା କଲେକ୍ସନ 'ଷ୍ଟନିଂ ଏଭ୍ରି ଇୟର'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ 'ଷ୍ଟନିଂ ଏଭ୍ରି ଇୟର'ର ଉନ୍ମୋଚନ କରାଯାଇଛି। ବିଶେଷକରି ସୁନା ଏବଂ ହୀରାର ବ୍ୟାପକ ସମ୍ଭାରଯୁକ୍ତ ତଥା ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଆଧୁନିକ କାନଫୁଲ କଲେକ୍ସନ 'ଷ୍ଟନିଂ ଏଭ୍ରି ଇୟର'ର ବଜାର ପ୍ରବେଶ ହୋଇଯାଇଛି। ସେହିଭଳି ଏହି ନୂଆ କଲେକ୍ସନ ସହ ବ୍ରାଣ୍ଡ୍ ତା'ର କାନଫୁଲ ଡିଜାଇନଗୁଡ଼ିକୁ ସମ୍ପ୍ରସାରଣ କରିଛି। ପ୍ରତି ମହିଳାଙ୍କ ଷ୍ଟାଇଲ ପାଇଁ କିଛି ନା କିଛି ଏହା ପ୍ରଦାନ କରୁଛି। ପ୍ରତି ହଳ କାନଫୁଲରେ ଏକ କାହାଣୀ ରହିଛି। ଏହାର ନିଜସ୍ୱ ପରିଚୟ ରହିଛି, ଯାହାକି ଏହାକୁ ସମସ୍ତଙ୍କ ପାଇଁ ଉପଯୁକ୍ତ ମ୍ୟାଚ୍ କରି ଗଢ଼ି ତୋଳିଛି। ଅପରପକ୍ଷରେ ଉକ୍ତ କଲେକ୍ସନରେ ସୁନ୍ଦର ଭାବେ ପ୍ରସ୍ତୁତ ଇୟରିଂର ବ୍ୟାପକ ରେଞ୍ଜ ରହିଛି। ପ୍ରତି ପସନ୍ଦ, ଷ୍ଟାଇଲ, ପରିଧାନ ଏବଂ ଅବସର ପାଇଁ ଏଗୁଡ଼ିକୁ ଡିଜାଇନ କରାଯାଇଛି। ଉକ୍ତ କଲେକ୍ସନରେ ପାରମ୍ପରିକ ଝୁମ୍‌କା, ସୁନ୍ଦର ଷ୍ଟଡ୍, ସମସାମୟିକ ଡ୍ରପ୍ ଇୟରିଂ ଭଳି ଆହୁରି ଅନେକ କିଛି ରହିଛି। ପ୍ରତ୍ୟେକ ପିସ୍‌କୁ ଅତି ଯତ୍ନର ସହ ପ୍ରସ୍ତୁତ କରାଯାଇଛି। ବିଶେଷକରି ୧୮ ଏବଂ ୨୪ କ୍ୟାରେଟ୍ ସୁନାରେ ଅନେକ ଆକର୍ଷଣୀୟ ଡିଜାଇନ ଉପଲବ୍ଧ।

ଉଲ୍ଲେଖଯୋଗ୍ୟ, ଚଳିତ ଅକ୍ଷୟ ତୃତୀୟାରେ ତନିସ୍କର ଆକର୍ଷଣୀୟ ଡିଜାଇନ ଏବଂ ଅଫର ସହ ସୁନା ଗହଣା ଗଢ଼ା ମୂଲ୍ୟ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହି ଅଫର ୨୦୨୩ ଏପ୍ରିଲ ୧୪ ରୁ ୨୪ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଯେକୌଣସି ଗହଣା ଦୋକାନରୁ କିଣିଥିବା ପୁରୁଣା ସୁନାକୁ ବଦଳାଇ ଗ୍ରାହକ ୧୦୦% ବଦଳ ମୂଲ୍ୟରେ ତନିସ୍କରୁ ଆକର୍ଷଣୀୟ ଡିଜାଇନ୍‌ର ଇୟରିଂ ମଧ୍ୟ ପାଇପାରିବେ। ବିଶେଷକରି ବ୍ୟାପକ ଡିଜାଇନ ଏବଂ ଷ୍ଟାଇଲ ମଧ୍ୟରୁ ଗ୍ରାହକ ନିଜର ପରିଧାନକୁ ଖାପ ଖୁଆଇଲା ଭଳି ଉପଯୁକ୍ତ କାନଫୁଲ ପାଇପାରିବେ। ଏପରିକି ନିକଟସ୍ଥ ତନିସ୍କ ଷ୍ଟୋରକୁ ଯାଇ ଗ୍ରାହକ ଗୋଲ୍ଡ ରେଟ୍ ପ୍ରୋଟେକ୍ସନର ଫାଇଦା ମଧ୍ୟ ନେଇପାରିବେ। ଆଗୁଆ ବୁକିଂକରି ଗ୍ରାହକ ଗୋଲ୍ଡ ରେଟ୍ ପ୍ରୋଟେକ୍ସନର ଲାଭ ନେଇପାରିବେ ଏବଂ ଏପ୍ରିଲ ୩୦ ଯାଏ କୌଣସି ପ୍ରକାର ସୁନା ଦର ବୃଦ୍ଧିରୁ ନିଜକୁ ସୁରକ୍ଷିତ ରଖିପାରିବେ।

# ରୟାଲ ଡିଏସ୍ଏମ୍‌ର ଫର୍ଟିଫାଏଡ୍ ରାଇସ କେର୍ନେଲ

ନୂଆଦିଲ୍ଲୀ,୧୩।୪

ରୟାଲ ଡିଏସ୍ଏମ୍ ପକ୍ଷରୁ ନୂତନ ଫର୍ଟିଫାଏଡ୍ ରାଇସ କେର୍ନେଲ ଉତ୍ପାଦନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଖାଦ୍ୟ ସହ ଜଡ଼ିତ ରୟାଲ ଡିଏସ୍ଏମ୍ ହାଇଦ୍ରାବାଦ ନିକଟରେ ନୂତନ ଫର୍ଟିଫାଏଡ୍ ରାଇସ କେର୍ନେଲ ଉତ୍ପାଦନ କରିବ ବୋଲି ଜଣାପଡ଼ିଛି। ବିଶେଷକରି ଦେଶର ଜନସାଧାରଣଙ୍କର ପୁଷ୍ଟିକର ଆବଶ୍ୟକତାକୁ ଏହା ପୂରଣ କରିବ। ସେହିଭଳି ଏହା ଏକ ପ୍ରଥମ ବ୍ୟବସାୟିକ ଉତ୍ପାଦନ ପ୍ଲାଣ୍ଟ, ଯାହା ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ସର୍ବୋଚ୍ଚ ଗୁଣାତ୍ମକ ଉତ୍ପାଦନ ପ୍ରଣାଳୀକୁ ବ୍ୟବହାର କରି ପୁଷ୍ଟିକରଯୁକ୍ତ ଚାଉଳ କେର୍ନେଲ ପ୍ରସ୍ତୁତ କରିବ। ଏହି କାରଖାନା ଆଇଏସ୍ଓ ୨୨୦୦୦ ୨୦୧୮ ଅନୁକୂଳ ଏବଂ ପ୍ରତି ବର୍ଷ ୩୬୦୦ ଟନ୍ କେର୍ନେଲ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଅଧିକାଂଶ ଭାରତୀୟ ରାଜ୍ୟଗୁଡ଼ିକରେ ଧଳା ଚାଉଳ ଏକ ପ୍ରମୁଖ ଖାଦ୍ୟ। କିନ୍ତୁ ପାରମ୍ପରିକ ପଦ୍ଧତିରେ ଏହାର ଉତ୍ପାଦନ ଦ୍ୱାରା ପୋଷକତତ୍ତ୍ୱଗୁଡ଼ିକ ନଷ୍ଟ ହୋଇଯାଏ, ଯଦ୍ୱାରା ଅଣୁପୋଷକତତ୍ତ୍ୱ ଏଥିମଧ୍ୟରୁ ସଂଗ୍ରହ ହୋଇପାରେ ନାହିଁ। ସେହିପରି ନୂତନ ଚାଉଳ କେର୍ନେଲ ଉତ୍ପାଦନ ପାଇଁ ଡିଏସ୍ଏମ୍‌ର ସ୍ୱତନ୍ତ୍ର ପ୍ରଣାଳୀରେ ଖୁଦ ଚାଉଳଗୁଡ଼ିକୁ ଗରମ ନିର୍ବାହ ପ୍ରକ୍ରିୟାରେ ସୁରକ୍ଷିତ ଭାବେ ମିନେରାଲ ଏବଂ ଭିଟାମିନ୍ ମିଶ୍ରିତ କରାଯାଇଥାଏ। ଏପରିକି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କୌଶଳ ମାଧ୍ୟମରେ ସରକାରଙ୍କ ଦ୍ୱାରା ସୁପାରିସ ଅନୁଯାୟୀ ସମଗ୍ର ବିଶ୍ୱରେ ଠିକ୍ ପରିମାଣ ପ୍ରଦାନ କରିପାରିବ।

ଏ ସମ୍ପର୍କରେ ଡିଏସ୍ଏମ୍ ଦକ୍ଷିଣ ଏସିଆର ହେଲ୍ଥ ନ୍ୟୁଟ୍ରିସିଅନ୍ ଆଣ୍ଡ କେୟାରର ନିର୍ଦ୍ଦେଶକ ଆନନ୍ଦ ଦିୱାନଜୀ କହିଛନ୍ତି, ଖାଦ୍ୟ ପୋଷକତତ୍ତ୍ୱର ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ଡିଏସ୍ଏମ୍‌ର ବିଶ୍ୱସ୍ତରୀୟ ଦକ୍ଷତାକୁ ଆଣି ଆମେ ବେଶ୍ ଆନନ୍ଦିତ, ଯାହା ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ। ଏପରିକି ସମଗ୍ର ବିଶ୍ୱର ଅଦୃଶ୍ୟ ତତ୍ତ୍ୱଗୁଡ଼ିକୁ ପୂରଣ କରିବାରେ କମ୍ପାନୀ ଭାରତ ସରକାରଙ୍କ ଏଜେଣ୍ଡାକୁ ସମର୍ଥନ କରୁଛି। ଆମେ ଆଶା କରୁଛୁ କି ଏହି କାରଖାନା ଆଗାମୀ ଦିନରେ ଏକ ନୂତନ ମାନଦଣ୍ଡ ସୃଷ୍ଟି କରିବ। ଏହି କାରଖାନା ଏଫ୍ଏସ୍ଏସ୍ଏଆଇର ଜିଏମ୍‌ପି ମାନକ ଏବଂ ନିୟମାବଳୀକୁ ଅନୁସରଣ କରେ। ଜଳ ସହିତ ବାଷ୍ପ ପ୍ରକ୍ରିୟା ମଧ୍ୟ ଆଇଏସ୍ ୧୦୫୦୦ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହୁଏ। ଡିଏସ୍ଏମ୍ ଆଶା କରିଛି ଯେ ହାଇଦ୍ରାବାଦ କାରଖାନା ଭାରତ ତଥା ଦକ୍ଷିଣ ଏସିଆର ବ୍ୟାପକ ଅଞ୍ଚଳ ଯେଉଁଠାରେ ଚାଉଳ ଏକ ପ୍ରମୁଖ ଖାଦ୍ୟ। ସେଠାରେ ଯୋଗାଣ କରିବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ଭାବେ କାର୍ଯ୍ୟ କରିବ।

# ମାରୁତି ସୁଜୁକି ସହ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ସହଭାଗିତା



ନୂଆଦିଲ୍ଲୀ,୧୩।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଥିବା ଜଣାପଡ଼ିଛି। ଏପରିକି ଉଭୟ କମ୍ପାନୀ ମଧ୍ୟରେ ଏକ ସହଭାଗିତା ହୋଇଛି। ଏହି ସହଭାଗିତାର ଏକ ଅଂଶ ଭାବେ ବ୍ୟାଙ୍କ ମାରୁତି ସୁଜୁକି ଗାଡି କିଣିବାକୁ ଚାହୁଁଥିବା ଗ୍ରାହକଙ୍କୁ ନୂତନ କାର୍ ଲୋନ, ପ୍ରି-ମାଲିକାନା କାର୍ ଲୋନ ଏବଂ ବାଣିଜ୍ୟିକ ଯାନ ଲୋନ୍ ମଧ୍ୟରେ ବ୍ୟକ୍ତିଗତ ଆର୍ଥିକ ବିକଳ୍ପ ପ୍ରଦାନ କରିବ। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ସହିତ ସର୍ବଶେଷ ସହଭାଗିତା ସହ ମାରୁତି ସୁଜୁକି ସମଗ୍ର ଦେଶରେ ଗ୍ରାହକଙ୍କ ପାଇଁ ବିଭିନ୍ନ ପ୍ରକାରର ଆର୍ଥିକ ବିକଳ୍ପ ପ୍ରଦାନ ଜାରି ରଖିଛି।

ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍, ମାର୍କେଟିଂ ଆଣ୍ଡ ସେଲ୍ସ, ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ଆମର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ଲାଭଜନକ ଆର୍ଥିକ ସମାଧାନ ପ୍ରଦାନ କରିବାକୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ସହିତ ଆମର ସହଭାଗିତା ଘୋଷଣା କରି ଆମେ ଆନନ୍ଦିତ। ସେହିଭଳି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ସିଓଓ ମାଧିଭାନନ ବାଲାକ୍ରିଷ୍ଣନ କହିଛନ୍ତି,କଷ୍ଟୋମାଇଜ୍ ଏବଂ ଅଭିନବ ଲୋନ୍ ଅଫର ମାଧ୍ୟମରେ ଗ୍ରାହକଙ୍କ ଗାଡି କ୍ରୟ ଏବଂ ଆର୍ଥିକ ଅଭିଜ୍ଞତାକୁ ସୁବିଧା କରିବା ପାଇଁ ମାରୁତି ସୁଜୁକି ସହିତ ସହଭାଗୀ ହୋଇ ଆମେ ବେଶ୍ ଆନନ୍ଦିତ।




# ଅନୁଗୋଳରେ ରେଳ ମିଲ୍ କରିବ ଜେଏସ୍‌ପି

ଭୁବନେଶ୍ୱର,୧୩।୪



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ପକ୍ଷରୁ ଓଡ଼ିଶାରେ ରେଳ ମିଲ୍ ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜେଏସ୍‌ପି ଓଡ଼ିଶାର ଅନୁଗୋଳସ୍ଥିତ ଷ୍ଟିଲ୍ କମ୍ପ୍ଲେକ୍ସଠାରେ ୧.୨ ଏମ୍‌ଟିପିଏ କ୍ଷମତାସମ୍ପନ୍ନ ଏକ ନୂତନ ରେଳ ମିଲ୍ ସ୍ଥାପନ କରାଯିବ। ବିଶେଷକରି ଉକ୍ତ ମିଲ୍ ସ୍ଥାପନ ସହ କାର୍ଯ୍ୟକ୍ଷମ ହୋଇଗଲା ପରେ କମ୍ପାନୀର ସମୁଦାୟ ରେଳ ଧାରଣା ତିଆରି କ୍ଷମତା ୨.୨ ଏମ୍‌ଟିପିଏ ହୋଇଯିବ ବୋଲି ଜେଏସ୍‌ପି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଜେଏସ୍‌ପିର ଛତିଶଗଡ଼ସ୍ଥିତ ରାୟଗଡ଼ ପ୍ଲାଣ୍ଟଠାରେ ୧୧୭୫ ଏଚ୍‌ଟି, ଏସିମେଟ୍ରିକ ରେଳ, ଆର୍ ୩୫୦ ଏଚ୍‌ଟି ଏବଂ ବିଶେଷକରି ମେଟ୍ରୋ ଓ ଦ୍ରୁତ ରେଳ ପରିବହନ ପ୍ରକଳ୍ପ ନିମନ୍ତେ ୧୦୮୦ ଏଚ୍‌ଏଚ୍ ରେଳର ବିକଶିତ କରିଛି। ଏହିସବୁ ଉତ୍ପାଦ ଆମଦାନୀ ବିକଳ୍ପ ଏବଂ ୨୫ ଏମ୍‌ଟିରୁ ଅଧିକ ଏକ୍ସେଲ ଲୋଡ୍ ନିମନ୍ତେ ମଧ୍ୟ ଆବଶ୍ୟକ ହୋଇଥାଏ। ଏହି ରେଳ ଗୁଡିକ ମୌଳିକତଃ ମେଟ୍ରୋ ରେଳ ନିଗମ, ଦ୍ରୁତ ଗତି ଏବଂ ବୁଲେଟ ଟ୍ରେନ୍ ପ୍ରକଳ୍ପରେ ବ୍ୟବହୃତ ହୋଇଥାଏ। ସେହିଭଳି ରାୟଗଡ଼ ରେଳ ମିଲ୍ ନିୟମିତ ଭାବେ ଭାରତୀୟ ରେଳ, ଡିଏଫ୍‌ସିସି ଏବଂ ରାଷ୍ଟ୍ରର ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ପରିଯୋଜନା ନିମନ୍ତେ ୨୬୦ ମିଟର ରେଳର ଯୋଗାଣ କରିଛି। ଏଥିରେ ନ୍ୟୂନତମ ୱେଲଡିଂ ହେବା ସହ ରେଳ ଟ୍ରାକର ସୁରକ୍ଷା ସହ ଆରାମଦାୟକ ଯାତ୍ରା ପ୍ରଦାନ କରିବା ନିମନ୍ତେ ଏହା ବେଶ୍ ଉପଯୋଗୀ। ଜେଏସ୍‌ପିର ୧୦୮୦ ଏଚ୍‌ଏଚ୍ ଗ୍ରେଡ୍‌ର ସ୍ୱତନ୍ତ୍ର ରେଳର ଉପଯୋଗ ଦେଶର ପ୍ରାୟ ସମସ୍ତ ମେଟ୍ରୋ ଏବଂ ଆର୍‌ଆର୍‌ଟିଏସ୍ ପରିଯୋଜନାରେ ବ୍ୟବହୃତ ହୋଇଥାଏ। ଏହି ରେଳଗୁଡିକ ରାଷ୍ଟ୍ରର ସ୍ୱତନ୍ତ୍ର ନାଗରିକ, ସୈନ୍ୟ ଏବଂ ଅନ୍ୟାନ୍ୟ ଦୁର୍ଗମ ପରିଯୋଜନାରେ ବ୍ୟବହୃତ ହୋଇଥାଏ। ଉଲ୍ଲେଖଯୋଗ୍ୟ, ଜମ୍ମୁ-କଶ୍ମୀରର ୟୁଏସ୍‌ବିଆର୍‌ଏଲ୍ ଏବଂ ପଶ୍ଚିମବଙ୍ଗର ସିବୋକ-ରଙ୍ଗପୋ ପରିଯୋଜନା ଇତ୍ୟାଦି।

ଏ ସମ୍ପର୍କରେ ଜେଏସ୍‌ପିର ପରିଚାଳନା ନିର୍ଦ୍ଦେଶକ ବିମଳେନ୍ଦ୍ର ଝା କହିଛନ୍ତି, ଦେଶରେ ଘରୋଇ ଉତ୍ପାଦ ଉପଲବ୍ଧ କରାଇବା ସହ ଆତ୍ମନିର୍ଭର ଭାରତ ପଥରେ ଏକ ସମର୍ପିତ ସହଯୋଗୀ ହେବା ଏବଂ ସରକାରଙ୍କ ଉଲ୍ଲେଖନୀୟ ଗତିଶକ୍ତି ଯୋଜନାକୁ ସମର୍ଥନ କରିବା ନିମନ୍ତେ କମ୍ପାନୀ ପ୍ରତିବଦ୍ଧ। ଜେଏସ୍‌ପି ଭାରତୀୟ ରେଳ ନେଟ୍‌ୱାର୍କର ଆଧୁନିକୀକରଣରେ ସହଯୋଗ କରିବା ସହ ନିଜର ରେଳ ନିର୍ମାଣ କ୍ଷମତା ମଧ୍ୟ ବୃଦ୍ଧି କରୁଛି। ଏପରିକି ଆମେ ଦୂରଗାମୀ ଭାବେ ଭବିଷ୍ୟତରେ ଦେଶର ଚାହିଦା ପୂରଣ କରିବା ସହ ବିଦେଶରେ ମଧ୍ୟ ରେଳ ଧାରଣା ଯୋଗାଣ ନିମନ୍ତେ ତତ୍ପର ଅଛୁ। ବିଶେଷ କରି ରେଳ ଭିତ୍ତିଭୂମି ନିର୍ମାଣରେ ଜେଏସ୍‌ପି ସଫଳତାର ସହ ୬୦ଇ୧ ୧୧୭୫ ଏଚ୍‌ଟି ରେଳ ଧାରଣା ତିଆରି କରୁଛି।

# ଶିଳ୍ପ ଉତ୍ଥାନଭିତ୍ତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୩।୪

ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ)ର ବାଲେଶ୍ୱର ଶାଖାର କାର୍ଯ୍ୟକଳାପ ଓ ଆଭିମୁଖ୍ୟ ଏବଂ ସଫଳତା ସମ୍ପର୍କରେ ଓଡ଼ିଶା ସରକାରଙ୍କ ଇ ଆଣ୍ଡ ଆଇଟି ବିଭାଗର ବିଭାଗୀୟ ପରାମର୍ଶଦାତା ଅନୁଭବ ପଟ୍ଟନାୟକ ଅବଗତ ହୋଇଛନ୍ତି। ଏପରିକି ଆଗାମୀ ଦିନରେ ଶାଖାର ଆଭିମୁଖ୍ୟ କ'ଣ ରହିଛି ସେ ସମସ୍ତ ବିଷୟରେ ଅବଗତ ହେବା ସହ ଶିଳ୍ପ ଉତ୍ଥାନଭିତ୍ତିକ କାର୍ଯ୍ୟକ୍ରମକୁ ଅନୁଭବ ବେଶ୍ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ଟିପିଆଇ ବାଲେଶ୍ୱର ସେଣ୍ଟରର ପ୍ରଚଳିତ କାର୍ଯ୍ୟକଳାପ ଏବଂ ଶାଖା ହାସଲ କରିଥିବା ସଫଳତା ସମ୍ପର୍କରେ ଏସ୍‌ଟିପିଆଇ-ଭୁବନେଶ୍ୱରର ଡାଇରେକ୍ଟର ସୂର୍ଯ୍ୟକୁମାର ପଟ୍ଟନାୟକ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଇ ଆଣ୍ଡ ଆଇଟି ବିଭାଗର ପରାମର୍ଶଦାତା ଅନୁଭବ ପଟ୍ଟନାୟକ ରାଜ୍ୟର ୨ୟ ବର୍ଗର ସହରଗୁଡ଼ିକରେ ପ୍ରୋତ୍ସାହନ ଜରିଆରେ ସମାନ ଆଇଟି ଅଭିବୃଦ୍ଧି ହାସଲ ଲକ୍ଷ୍ୟ ପୂରଣ ନିମନ୍ତେ ଏସ୍‌ଟିପିଆଇ-ବାଲେଶ୍ୱରକୁ ପ୍ରଶଂସା କରିଥିଲେ। ଭାରତକୁ ଏକ ବୈଶ୍ୱିକ ଆଇଟି ଆଉଟ୍‌ସୋର୍ସିଂ ସ୍ଥଳ ଭାବରେ ଗଢ଼ି ତୋଳିବା ଏବଂ ନବସୃଜନ ଭିତ୍ତିକ ଔଦ୍ୟୋଗିକତା ସୃଷ୍ଟି ସହିତ ଏକ ସହଯୋଗଭିତ୍ତିକ ପରିବ୍ୟବସ୍ଥା ନିର୍ମାଣ ଜରିଆରେ ଅଧୁନାତନ ପ୍ରଯୁକ୍ତିଗୁଡ଼ିକ କ୍ଷେତ୍ରରେ ଭାରତର ନେତୃତ୍ୱ ସ୍ଥାନ ସୁଦୃଢ଼ କରିବା କ୍ଷେତ୍ରରେ ଏସ୍‌ଟିପିଆଇର ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ବିଶେଷକରି ଏସ୍‌ଟିପିଆଇ ନେକ୍ସଟ ଜେନେରେଶନ ଇନ୍‌କ୍ୟୁବେସନ ସ୍କିମ୍ (ଏନ୍‌ଜିଆଇଏସ୍), ପ୍ଲଗ୍ ଆଣ୍ଡ ପ୍ଲେ ମଡର୍ନ ଇନ୍‌କ୍ୟୁବେଶନ ମିଳିତ କାର୍ଯ୍ୟସ୍ଥଳ ଭଳି ସର୍ବାଧୁନିକ ଭିତ୍ତିଭୂମି ସୁବିଧା ସୃଷ୍ଟି କରିବା ସହିତ ବାଲେଶ୍ୱର ଏବଂ ଉତ୍ତର ଓଡ଼ିଶାର ଆଇଟି-ଆଇଟିଇଏସ୍ ଶିଳ୍ପ ସମୂହ ଆବଶ୍ୟକତା ପୂରଣ ନିମନ୍ତେ ଏସ୍‌ଟିପିଆଇ-ବାଲେଶ୍ୱରରେ ମିଳିତ କାର୍ଯ୍ୟସ୍ଥଳ ଯୋଗାଇ ଦିଆଯାଇଛି। ଗସ୍ତ କାଳରେ ଅନୁଭବ ପଟ୍ଟନାୟକ ଏସ୍‌ଟିପିଆଇ ସୁବିଧାଗୁଡ଼ିକ ବୁଲି ଦେଖିବା ସହିତ ଇନ୍‌କ୍ୟୁବେଟ ଏବଂ ଆଇଟି କମ୍ପାନୀଗୁଡ଼ିକ ସହିତ ସେମାନଙ୍କର ମୂଳ ସାମର୍ଥ୍ୟ ଏବଂ ସେମାନେ ଯୋଗାଇ ଦେଉଥିବା ସେବା ସମ୍ପର୍କରେ ଜାଣିବା ସହିତ ସେମାନଙ୍କ ସହ ଆଲୋଚନା କରିଥିଲେ।

# ଓଡ଼ିଆଙ୍କ ପ୍ରାଣ 'ପଣା'

## ଆଜି ଓଡ଼ିଆ ନବବର୍ଷ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

କୁହାଯାଏ 'ପଣା'ରେ ରହିଛି ଓଡ଼ିଆଙ୍କ ପ୍ରାଣ। ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ, ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି। ଏହି ଦିନଟିକୁ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ। ଏହିଠାରୁ ବର୍ଷ ଆରମ୍ଭ ସହ ଖରା ତାତି ଓ ବାୟୁର ଗତି ପ୍ରଖର ହୋଇଥାଏ। ତେଣୁ ଓଡ଼ିଆ ପରିବାରରେ ଦେବୀଦେବଙ୍କଠାରେ ସ୍ୱତନ୍ତ୍ର ପୂଜା, ଭୋଗ, ହୋମ ଆଦି କରାଯାଇଥାଏ। ଏହି ଦିନରେ ମନ୍ଦିରଗୁଡ଼ିକରେ ଛତୁ ଓ ପଣା ଭୋଗର ବିଧି ରହିଛି। ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ତେଣୁ ଏହିଦିନକୁ ପଣାସଂକ୍ରାନ୍ତି ବୋଲି କୁହାଯାଇଥାଏ।। ରାସ୍ତାକଡ଼ରେ ପଥିକଙ୍କ ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ହିନ୍ଦୁ ପରିବାରରେ ଚଉଁରାରେ ପୂଜା ପାଉଥିବା ତୁଳସୀ ବୃକ୍ଷ ଉପରେ ଛାମୁଡ଼ିଆ କରି ଘଡ଼ିରେ ଜଳ ରଖି ସୂକ୍ଷ୍ମ ଧାରରେ ଜଳଦାନ କରାଯାଇଥାଏ। ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟନାମ ଜଳସଂକ୍ରାନ୍ତି ବୋଲି କହିଥାନ୍ତି। ସେହିପରି ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତି ପାଳନ କରାଯାଏ। ଓଡ଼ିଆମାନଙ୍କ ପାଇଁ ଏହି ଦିନଟି ଅତ୍ୟନ୍ତ ସ୍ୱତନ୍ତ୍ର। ତେଣୁ କିଏ ଏହାକୁ ପଣା ବାଣ୍ଟି ପାଳନ୍ତି ତ ଆଉ କିଏ ଓଡ଼ିଆ ନବ ବର୍ଷର ଶୁଭେଚ୍ଛା ସହ ଦିନଟିକୁ ବିତାନ୍ତି। ରାଜଧାନୀରେ ଅନେକ ସାମାଜିକ ଅନୁଷ୍ଠାନ ରାସ୍ତା ପାର୍ଶ୍ୱରେ ପଣା ବାଣ୍ଟିବାର ବ୍ୟବସ୍ଥା କରିଛନ୍ତି।



ଭୁବନେଶ୍ୱରସ୍ଥିତ ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'ରେ ସେଫ୍‌ମାନଙ୍କ ସହ ସେଲିବ୍ରିଟିମାନେ ପଣା ପ୍ରସ୍ତୁତ କରୁଛନ୍ତି।

### 'ନିମନ୍ତ୍ରଣ'ରେ ପଣା ପ୍ରସ୍ତୁତି ଉତ୍ସବ

ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୁରୁବାର ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'ରେ ପଣା ପ୍ରସ୍ତୁତି ଉତ୍ସବ ପାଳନ କରାଯିବା ସହ ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷକୁ ସ୍ୱାଗତ କରାଯାଇଛି। ଓଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଟିଡିସି ଅଧକ୍ଷ ଲେନିନ ମହାନ୍ତି, ବିଭାଗର ଅତିରିକ୍ତ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ, ଯୁଗ୍ମ ସଚିବ ଏଲୋରା ଭାରତୀ ଜେନା, ଆର୍ଥିକ ପରାମର୍ଶଦାତା ରାଜକିଶୋର ପଲେଇ, ଓଟିଡିସି ଜେନେରାଲ ମ୍ୟାନେଜର ଲଗ୍ନଜିତ ରାଉତ, ମ୍ୟାନେଜର ଅଭିଜିତ ସ୍ୱାଇଁ, ପର୍ଯ୍ୟଟନ ବିଭାଗ ଓଏସ୍‌ଡି ଅଂଶୁମାନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ନିମନ୍ତ୍ରଣର ମୁଖ୍ୟ ସେଫ୍ ସଞ୍ଜୟ ସରକାର ପଣା ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ୨୫ଜଣ ସେଲିବ୍ରିଟି ସେଫ୍‌ମାନଙ୍କ ସହ ମିଶି ପଣା ପ୍ରସ୍ତୁତ କରିଥିଲେ। ପ୍ରଥମେ ଅଲଗା କରି ପଣାରେ ପଡୁଥିବା ବିଭିନ୍ନ ଆବଶ୍ୟକ ଉପକରଣକୁ ଆକର୍ଷଣୀୟ ଭାବେ ସଜାଯାଇଥିଲା। ପରେ ୨ ପ୍ରକାର ପଣା ପ୍ରସ୍ତୁତ କରାଯାଇ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ସମସ୍ତ ସେଫ୍‌ଙ୍କୁ ସମ୍ମାନିତ କରାଯାଇଥିଲା।

# ପଣା ସଂକ୍ରାନ୍ତି



ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହି ଦିନଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ। ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ। ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ। ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଯାତ, ଦଣ୍ଡନାଚ ଓ ଉତ୍ତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥା'ନ୍ତି। ମହାବିଷୁବ ସଂକ୍ରାନ୍ତିଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ। ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ। ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥା'ନ୍ତି। ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ। ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।

ଓଡ଼ିଆ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂକ୍ରାନ୍ତି ଦିନଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ ଅନ୍ୟ ଭାବରେ କେହି କେହି ଜଳ ସଂକ୍ରାନ୍ତି ବୋଲି କହିଥା'ନ୍ତି। ଏହି ଦିନରୁ ବାୟୁର ଗତି ପ୍ରଖର ହୋଇଥାଏ ଏବଂ କିଛି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ବ୍ରାହ୍ମଣ ବା ଯାଚକମାନଙ୍କୁ ସୂର୍ଯ୍ୟଦେବଙ୍କ କୋପରୁ ରକ୍ଷା କରିବା ପାଇଁ ସେମାନଙ୍କୁ ତାଳପତ୍ରରେ ତିଆରି ଛତ୍ର ବା କଠଉ ପାଦୁକା ପ୍ରଦାନ କରିଥାଆନ୍ତି। ଏହି ସଂକ୍ରାନ୍ତିର ଆଉ ଏକ ବିଶେଷତ୍ୱ ହେଉଛି ଆମ ରାଜ୍ୟରେ ପବିତ୍ର



ଝାମୁବ୍ରତର ଉଦ୍‌ଯାପନ ହୋଇଥାଏ, ଯାହାକି ଏକ ମାସ ପୂର୍ବରୁ ବ୍ରତଚାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥା'ନ୍ତି। କେବଳ ଓଡ଼ିଶା ନୁହେଁ, ଭାରତର ଉତ୍ତର ଭାଗରେ ମହାବିଷୁବ ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଆଧ୍ୟାତ୍ମିକ ଭାବନାରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତିଠାରୁ ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ଶ୍ରଦ୍ଧାଳୁମାନେ ଆରମ୍ଭ କରନ୍ତି। ଏହି ବ୍ରତ ଯେଉଁମାନେ ପାଳନ କରନ୍ତି, ସେମାନେ ମହାବିଷୁବ ସଂକ୍ରାନ୍ତିଠାରୁ ନିଜର ମନୋମତ ବ୍ରତ ଆରମ୍ଭ କରି ପୁଣି ବର୍ଷକ ପରେ ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପନ କରନ୍ତି। ମହାବିଷୁବ ସଂକ୍ରାନ୍ତି ଦିନ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ପଣା ଲାଗିର ବିଧି ରହିଛି। ତେଣୁ ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ।

ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣାଟକରେ ବିଷୁପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡ଼ା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ। ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ଆଧ୍ୟାତ୍ମିକ ଚେତନାରେ ମହାବିଷୁବ ସଂକ୍ରାନ୍ତିର ଏକ ସ୍ୱତନ୍ତ୍ରତା ରହିଥାଏ। ମକର ସଂକ୍ରାନ୍ତି, ଫେବୃୟାରୀ ମାସର କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତ୍ରତା ଥାଏ। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।

**–ଡ. ରାଜକିଶୋର ମିଶ୍ର**
ମୋ: ୭୦୦୮୧୮୧୮୨୦

### ପଣା ସଂକ୍ରାନ୍ତିରେ ପଣାର ସ୍ୱତନ୍ତ୍ରତା ରହିଛି



ଖରାଦିନ ଆସିଲେ ତ ଘରେ ପଣା ହୁଏ। ଗାଁରେ ଥିବାବେଳେ ବାଡ଼ିରେ ବେଲ, ନଡ଼ିଆ ମିଳିଯାଏ। ତା'ସହ ଯାହା ଆବଶ୍ୟକ ତାହା ମଧ୍ୟ ଶୁଦ୍ଧ ଭାବେ ମିଳିଥାଏ। ଭୁବନେଶ୍ୱରରେ ସବୁ କିଣିବାକୁ ପଡୁଛି। ହେଲେ ପଣା ସଂକ୍ରାନ୍ତିରେ ପଣାର ସ୍ୱତନ୍ତ୍ରତା ରହିଛି। ଘରେ ପଣା କରି ସାହିପଡ଼ିଶାଙ୍କୁ ବାଣ୍ଟିବାର ଦିନ ହେଉଛି ପଣା ସଂକ୍ରାନ୍ତି। ମୁଁ ପରିବାର ସହ ମିଶି ସକାଳୁ ମନ୍ଦିର ଯାଏ। ସେଠାରୁ ଫେରି ପଣା କରି ପରିବାର ସହ ସମୟ କାଟୁ।

**–ସୁନୀତା ମିଶ୍ର, ରାଜଧାନୀ ବାସିନ୍ଦା**

### ଖରାରେ ପଣା ଶୀଘ୍ର ଶକ୍ତି ସଞ୍ଚାରିତ କରିଥାଏ



ଘରେ ତ ପଣା ହୁଏ, କିନ୍ତୁ ଆମେ ସାଙ୍ଗମାନେ ମିଶି ପ୍ରତିବର୍ଷ ନୂଆ ଭାବେ ପଣା ସଂକ୍ରାନ୍ତି ପାଳନ କରୁ। ବସ୍ତି ଓ ରାସ୍ତା ପାର୍ଶ୍ୱରେ ପଣା ବାଣ୍ଟିଥାଉ। ଏଥର ଖରାର ମାତ୍ରା ବହୁତ ଅଧିକ ରହିଛି। ଲୋକଙ୍କୁ ପଣାଠାରୁ ଥଣ୍ଡା ପାଣି ପର୍ଯ୍ୟନ୍ତ ଆବଶ୍ୟକତା ଅଧିକ ରହିଛି। ପଣା ପିଇଲେ ଶୀଘ୍ର ଶକ୍ତି ସଞ୍ଚାରିତ ହୋଇଥାଏ। ସେଥିପାଇଁ ଏଥର ଆମେ କିଛି ସାଙ୍ଗମିଶି ଆଚାର୍ଯ୍ୟବିହାରଠାରେ ପଣା ସହ ଥଣ୍ଡାପାଣିର ବ୍ୟବସ୍ଥା ମଧ୍ୟ କରିବାର ଯୋଜନା ରଖିଛୁ।

**–ସୌରଭ ସେନାପତି, ରାଜଧାନୀ ବାସିନ୍ଦା**

### ହଜମ କ୍ରିୟା ତ୍ୱରାନ୍ୱିତ କରେ ପଣା

ପଣାର ପାରମ୍ପରିକ ମହତ୍ତ୍ୱ ଯେତିକି, ସ୍ୱାସ୍ଥ୍ୟଗତ ଉପକାରିତା ମଧ୍ୟ ସେତିକି। ଏଥିରେ ଛତୁଆ, ନଡ଼ିଆ, କଦଳୀ, ସେଓ, ଅଙ୍ଗୁର ଆଦି ଫଳ ଶରୀରକୁ ପୋଷକ ତତ୍ତ୍ୱ ପ୍ରଦାନ କରିଥାଏ। ଅନ୍ୟପଟେ



ବେଲ, ଗୋଲ ମରିଚ, ଅଦା ଅନେକ ପେଟ ସମସ୍ୟା ଦୂର କରିଥାଏ। ଏହି ପଣା ବଦହଜମୀ ଆଦି ସମସ୍ୟା ଦୂର କରିବା ସହ ହଜମ କ୍ରିୟାକୁ ତ୍ୱରାନ୍ୱିତ କରିବା ଓ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏଥିରେ ଜୀବସାର ମଧ୍ୟ ପ୍ରଚୁର ପରିମାଣର ରହିଥାଏ ।

**–ବାସୁଦେବ ପ୍ରଧାନ, ଆୟୁର୍ବେଦିକ ବିଶେଷଜ୍ଞ**
























ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଏପ୍ରିଲ, ୨୦୨୩

**ଗଞ୍ଜେଇ ଜବତ, ଯୁବକ ଗିରଫ**

ଭୁବନେଶ୍ୱର, (ବ୍ୟୁରୋ): ବେଆଇନ ଭାବେ ଗଞ୍ଜେଇ ବିକ୍ରିବେଳେ ତମାଣ୍ଡୋ ପୋଲିସ ଚଢ଼ାଉ କରି ଜଣେ ନିଶା ବେପାରୀକୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନାଞ୍ଚଳରେ ରହୁଥିବା ବୌଦ୍ଧର ସଞ୍ଜୀବ ମହାନନ୍ଦିଆ। ତାଙ୍କଠାରୁ ୪.୨୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



# ଚକନାଳ ପୋଡି ପ୍ଲଟିଂ

ପୁରୁଣା ଭୁବନେଶ୍ୱର, ୧୩।୪ (ଡି.ଏନ୍.ଏ.)

କେନ୍ଦ୍ର ସରକାର ଚାଷୀ ଓ ଚାଷର ଉନ୍ନତି ପାଇଁ ଅନେକ ନୀତି ନିୟମ ପ୍ରଣୟନ କରୁଛନ୍ତି। ମାତ୍ର ରାଜସ୍ୱ ବିଭାଗର ନିଷ୍କ୍ରିୟତା ଯୋଗୁ ଅନେକ ଚାଷ ଜମି ସହିତ ଚକନାଳ, ଚକରାସ୍ତା, କାଡ଼ାନାଳୀ ଉଭାନ ହେବାକୁ ବସିଲାଣି। ଫଳରେ ଚାଷଜମି ଏକପ୍ରକାର ନିଶ୍ଚିହ୍ନ ହେବା ସହ ସେଠାରେ କଂକ୍ରିଟ ଘର ଦ୍ୱାରା ନିର୍ମାଣ ହେଉଛି। ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ମୌଜାରେ ଜଣେ ବିଲ୍ଡର ୩୦୦ଏକରରୁ ଊର୍ଦ୍ଧ୍ୱ ଚାଷ ଜମିର କିସମ ବଦଳାଇ ଘରବାରି କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘରବାରି ପ୍ଲଟିଂ ଯୋଗୁ ଇଟିପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ବସନ୍ତପୁର ଓ ପଳାଶପୁର ଅଞ୍ଚଳରେ ଉପରୋକ୍ତ ସମାନ ଘଟଣାରୁ ଚାଷୀ ସର୍ବସ୍ୱାନ୍ତ ହେବାକୁ ବସିଲେଣି। ବସନ୍ତପୁର ଶାସନ ମୌଜାର ୩୫୯ ଖାତା ଅନ୍ତର୍ଗତ ପ୍ରାୟ ଅଧିକାଂଶ ଚକନାଳ ପ୍ରଭାବଶାଳୀ ବ୍ୟକ୍ତି, ତହସିଲ କର୍ମଚାରୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଅସାଧୁ କର୍ମଚାରୀଙ୍କ ସହାୟତାରେ ୧୨ଫୁଟର କମ ଓସାରିଆ ଚକରାସ୍ତା ଥିବା ଚାଷଜମି କିସମ ଘରବାରି କରୁଛନ୍ତି। ସେଗୁଡ଼ିକୁ କୌଣସି ଲେଆଉଟ ଅନୁମତି ନ ନେଇ ଓରେରା ନିୟମକୁ ଅଣଦେଖା କରି ଏହି ବେଆଇନ ପ୍ଲଟିଂ କରୁଛନ୍ତି। ଏ ନେଇ ବିଭାଗ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ମୋବାଇଲ ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ

## ୧୦ ମୋବାଇଲ, ବାଇକ ଜବତ

ଭୁବନେଶ୍ୱର, ୧୩।୪ (ବ୍ୟୁରୋ)

ମୋଟରସାଇକେଲରେ ପଛରୁ ଆସି ହାତରୁ ମୋବାଇଲ ଫୋନ୍ ଝାମ୍ପିନେଇ ଫେରାର ହୋଇଯାଉଥିବା ଏକ ଲୁଟେରା ଗ୍ୟାଙ୍ଗକୁ ଶହୀଦନଗର ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଏଥିସହ ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ରାଜୁ ଓରଫ ଫାରାଜ ଖାନ, ରାଜା ଓରଫ ସାହିଦ ଖାନ୍ ଓ ଧଉଳିର ସାଗର ଶମ୍ଭୁବରାଳ। ସେମାନଙ୍କଠାରୁ ୧୦ ମୋବାଇଲ ଜବତ ଓ ଗୋଟିଏ ମୋଟରସାଇକେଲ ଜବତ କରିଛି ପୋଲିସ।

ସୂଚନାନୁସାରେ, ସାହିଲ ନାମକ ଜଣେ ଯୁବକ ଆଚାର୍ଯ୍ୟବିହାରସ୍ଥିତ ଓମ୍‌ଫେଡ୍ ଦୋକାନ ଆଗରେ ଠିଆ ହୋଇ ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ଅଭିଯୁକ୍ତ ଫାରାଜ ଓ ସାହିଦ ଏକ ବାଇକ୍‌ରେ ଆସି ତାଙ୍କର ମୋବାଇଲ ଫୋନ୍‌ଟିକୁ ଛଡାଇ ନେଇ ପଳାଇଥିଲେ। ଏନେଇ ସାହିଲ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିବା ସହ ଶାନ୍ତିପଲ୍ଲୀ ବସ୍ତିରୁ ଉଭୟ ଅଭିଯୁକ୍ତଙ୍କୁ ବାଇକ୍ ସହିତ କାବୁ କରି ତଦନ୍ତ ପାଇଁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନଙ୍କ ଗ୍ୟାଙ୍ଗ୍ ସମ୍ପର୍କରେ ଜଣାପଡିଥିଲା।


ଗିରଫ ଲୁଟେରା ଓ ଜବତ ମୋବାଇଲ୍।

# ‘ମୋ ସେବା କେନ୍ଦ୍ର ପରିଦର୍ଶନ’ କଲେ ଅନୁଭବ ପଟ୍ଟନାୟକ

ଭୁବନେଶ୍ୱର, ୧୩।୪ (ବ୍ୟୁରୋ)

ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଗୁରୁବାର ବାପୁଜୀନଗରସ୍ଥିତ ସହରାଞ୍ଚଳ ସମନ୍ୱିତ ‘ମୋ ସେବା କେନ୍ଦ୍ର’ ପରିଦର୍ଶନ କରି ବିଭିନ୍ନ ସେବା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ସହରାଞ୍ଚଳବାସୀଙ୍କୁ ବିଭିନ୍ନ ସରକାରୀ ସେବା ଯୋଗାଉଥିବା ଏହି କେନ୍ଦ୍ରରେ ୪ଟି ସାଧାରଣ କାଉଣ୍ଟର ଓ ୨ଟି ଆଧାର କାଉଣ୍ଟର ରହିଛି। ଆଧାରଠାରୁ ଆରମ୍ଭ କରି ଅନ୍‌ଲାଇନ ମାଧ୍ୟମରେ ମିଳୁଥିବା ସମସ୍ତ ସରକାରୀ ସୁବିଧା ଯଥା ରାଶନ କାର୍ଡ, ପ୍ୟାନ କାର୍ଡ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ମଧୁବାବୁ ପେନ୍‌ଶନ ଯୋଜନା ସମ୍ବନ୍ଧୀୟ ସେବା ଏଠାରେ ଉପଲବ୍ଧ ହୋଇପାରୁଛି। ଏହି କେନ୍ଦ୍ରରେ ୧୫୦ରୁ ଊର୍ଦ୍ଧ୍ୱ ସେବା ଉପଲବ୍ଧ ହୋଇପାରୁଛି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ଏହି କେନ୍ଦ୍ର ଜନସାଧାରଣଙ୍କୁ ସମସ୍ତ ସେବା ଯୋଗାଇବାରେ ସଫଳ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହାପରେ ପଟ୍ଟନାୟକ ବାରିମୁଣ୍ଡ ଗ୍ରାମ ପଞ୍ଚାୟତସ୍ଥିତ ମୋ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ। ମିଶନ ଶକ୍ତିର ଅଞ୍ଜନା ବାରିକଙ୍କ ତତ୍ତ୍ୱାବଧାନରେ ଏହି ସେବା କେନ୍ଦ୍ର ପରିଚାଳିତ ହେଉଛି। ମୋ ସେବା କେନ୍ଦ୍ର ମୁଖ୍ୟ ବିବେକାନନ୍ଦ ପାଣିଗ୍ରାହୀଙ୍କ ସହ ଓକାକ କର୍ମଚାରୀ ଉପସ୍ଥିତ ଥିଲେ।


ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଉପଦେଷ୍ଟା ଅନୁଭବ ପଟ୍ଟନାୟକ ବାପୁଜୀନଗରସ୍ଥିତ ସହରାଞ୍ଚଳ ସମନ୍ୱିତ ‘ମୋ ସେବା କେନ୍ଦ୍ର’ରେ ବିଭିନ୍ନ ସେବା ସମ୍ପର୍କରେ ପଚାରି ବୁଝୁଛନ୍ତି।

# ରାସ୍ତା ପାରବେଳେ ଦୁର୍ଘଟଣାରେ ଶ୍ରମିକ ମୃତ

ପୁରୁଣା ଭୁବନେଶ୍ୱର, ୧୩।୪ (ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଉତ୍ତରା ଛକ ନିକଟବର୍ତ୍ତୀ ରାସ୍ତାରେ ଗୁରୁବାର ଗାଡ଼ି ଧକ୍କାରେ ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଶ୍ରମିକ ଜଣକ ଏକ ମାର୍ବଲ ଦୋକାନରେ କାର୍ଯ୍ୟ କରନ୍ତି। ରାତି ପ୍ରାୟ ୧୧ଟାରେ ସେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। କାର୍ଯ୍ୟ ସାରି ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## NOTIFIED AREA COUNCIL, NUAPADA
### EXPRESSION OF INTEREST

No. 765 Date: 12.04.2023

No. C-82: The Notified Area Council, Nuapada invites Expression of Interest from Mission Shakti Groups (SHG) i.e. Women Self Help Groups (SHG) to identify and select IA/IP for the project on **"Rejuvenation and Management of Water Bodies through Community Participation"** for Notified Area Council, Nuapada.

EOI should reach the undersigned on or before 25.04.2023 during office hours through Speed Post/Registered Post/ Courier service and the same will be opened on 27.04.2023 at 9.30 A.M. in the Office Chamber Executive Officer in presence of the Self Help Groups (SHG) representatives who intend to attend. Each SHG should submit the details as desired by the undersigned in the EOI. The details can be found in the district website i.e. **nuapada.nic.in**. Further clarifications can be obtained from this offie. The undersigned reserves the right to accpet or reject any EOI without assigning any reason thereof.

**Sd./- Executive Officer**
**N.A.C., Nuapada**
**OIPR-13158/11/0003/2324**

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT
### OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR

No. B-60 **E-mail: ceworldbankprojects@gmail.com**

**Bid Identification No. CE-W.B.P. (O)-01/2023-24**

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Road works
3. No. of work : 02 Nos.
4. Tender cost : Rs.10,000.00 (online)
5. Class of Contractor : A/ Special Class Contractor
6. Available of bid document in the website : From 10.00 AM of 15.04.2023 to 5.00 PM of 01.05.2023
7. Date of opening of Bid : Dt.02.05.2023 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Chief Engineer, World Bank Project, Odisha**
OIPR-34003/11/0005/2324

## OFFICE OF THE NOTIFIED AREA COUNCIL, CHANDBALI

**PIN - 756133 (Odisha)**
**E-Mail: chandbalin-hud@gov.in/chandbali.nac@gmail.com**
**Letter No. 1127 Dt.: 12.04.2023**

### EXPRESSION OF INTEREST

No. C-90: Chandbali NAC proposes to undertake **"Conducting Drone Survey, Hydrographic Survey for Rejuvenation of Waterboides under Jurisdiction of Chandbali NAC area"**. proposals are invited in two cover system for conduct the assignment and submit the deliverables from Public Sector Undertakings/Autonomous Bodies/Consulting firms that have requisite experience in preparation of drainage/pipeline/ sewerage network plan and infrastructre. Preference shall be given to those who have already rendered similar services to various Urban Local Bodies within the State of Odisha.

The details of EOI/Proposal forms can be available at the Office of the Executive Officer, Chandbali NAC on receipt of **Rs.600.00 (Rupees Six Hundred)** only in shape of Cash/ DD from any Scheduled Bank in favour of Executive Officer, Chandbali NAC, payable at Chandbali, from dated **15.04.2023** to dated **24.04.2023** within office hours (Except Holidays).

The complete application as per instructions in the EOI document, should reach the following address by hand/ Registered Post/Speed Post/Courier latest by **Dt.25.04.2023 by 11.00 A.M.** & open on **25.04.2023 at 12.30 P.M.** in presence of interested party or their authorized agent.

The authority has the reserves the sole right to accpet or reject any or all proposals without assigning any reason thereof.

**Sd./- Executive Officer**
**Chandbali NAC**
**OIPR-13129/11/0002/2324**

## COLLECTORATE, JAJPUR

**Ph. 06728-222001(O), 222330(R), FAX-222087**
**Email: dm-jajpur@nic.in website: www.jajpur.nic.in**

### TENDER NOTICE

**TENDER FOR PROVIDING SERVICES OF 35 (THIRTY FIVE) NUMBERS OF GROUP-D MANPOWER ON OUTSOURCING BASIS THROUGH SERVICE PROVIDING AGENCY IN DISTRICT OFFICE & SUBORDINATE OFFICES UNDER THE ADMINISTRATIVE CONTROL OF THE COLLECTOR, JAJPUR**

**Tender Notice No. IE-166/2022-1458/Estt. Dated: 13.04.2023**

No. F-09:- Sealed tender is invited under two-bid system from reputed and experienced Service Providing Agency for providing the services of 35 (Thirty five) Group-D manpower on outsourcing basis for a period of one year in Collectorate and it's Subordinate Offices under the Administrative Control of the Collector, Jajpur to manage the day to day official work.

The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Issue of Tender | 13.04.2023 |
| 2. | Tender Due Date andTime | 01.05.2023 1.00 PM |
| 3. | Opening of Technical Bid | 02.05.2023 10 AM |
| 4. | Opening of Financial Bid | 09.05.2023 10 AM |

The bid document containing eligibility criteria, scope of the work and other terms and conditions of the tender can be downloaded from https://jajpur.nic.in. The authority reserves the right to reject any/all proposals and cancel tender process without assigning any reason thereof.

OIPR-24163/11/0009/2324 **Sd./- COLLECTOR, JAJPUR**

## Office of the Superintendent
## Sardar Vallavbhai Patel Post Graduate Institute of Pediatrics Health & F.W. Department, Govt. of Odisha

**Cuttack-753002, Tel/Fax: 0671-2508978**
**E-Mail ID- svppgip_cuttack@rediffmail.com, www.svppgip.org**

### TENDER NOTICE

**No.E-29:**The Superintendent SVPPGIP, Cuttack invites sealed tenders from the GSTN registered wholesaler/retailer having valid drug license for supply of Disposable items to this institute on rate contract basis during the year 2023-24. The bid is two bid systems such as Technical bid and price bid. The last date of submission of sealed tender is 06.05.2023 up to 05pm by Regd. post/Speed post only. The details about tender with term and condition can be found in tender paper which will be available from website of Institution i.e www.svppgip.org. The tender paper cost of Rs 1000/- in the form of BD to be submitted along with technical bid.

**Superintendent SVPPGIP, Cuttack**
**OIPR-10176/11/0003/2324**

No.CAD-148

idco | ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR

**Bid Identification No. Civil/EST-01/2023-24**
**TCN No. 11062, Dt.12.04.2023**

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work: Extension of Sculpture Department at Utkal University of Culture at Madanpur, Bhubaneswar
2. Value of the Work: Rs.176.90/- Lakhs
3. Period of Completion: 06 (Six) Calendar Months
4. Availability of tender online for Bidding:
   - I. Start Date: 18.00 hours of Dt.20.04.2023.
   - II. End Date: 15.00 hours of Dt.03.05.2023.
   - III. Opening Date: 16.00 hours of Dt.03.05.2023.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
OIPR-14003/11/0006/2324 **IDCO, Bhubaneswar**

GOVERNMENT OF ODISHA

## OFFICE OF THE PANCHAYAT SAMITI DASARATHPUR, JAJPUR

**No.i-63:**

**'E' PROCUREMENT NOTICE No. Tender Online 01/ 2023-24**

1. Name of work : Building Works.
2. Total No of Work : 05 No. of Work.
3. Estimated Cost(Approx.) : 32.22 lakhs to 32.23 lakhs
4. Period of Completion : 270 days
5. Class of contractors : C & B

Other details as follows:

- a) Procurement officer : Block Development Officer, Dasarathpur, Jajpur
- b) Availability of tender online & submission of bid : 18.04.2023 at 11.00 AM to 27.04.2023 upto 5.00 PM
- c) Last date & time of seeking of tender clarification : 26.04.2023 up to 1:00 PM
- d) Opening of Tender : 29.04.2023 at 11.30A.M.

Further details can be seen from the Govt. website **www.tendersodisha.gov.in**

**Sd./- Block Development Officer, Dasarathpur**
**OIPR-19353/11/0001/2324**

No.CAD-153:

OPHWC

## THE ODISHA STATE POLICE HOUSING & WELFARE CORPORATION LTD.

**(A Government of Odisha Undertaking)**
**JANAPATH, BHOINAGAR, BHUBANESWAR-22**
**Ph.:0674-2541545, 2542921, Fax:0674-2541543**
**Email:ophwc.od@nic.in, Website:www.ophwc.nic.in**

**e-Procurement Notice No.:03/OPHWC/ELECT/2023-24**

| | | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites Percentage rate bids in single cover system in ONLINE MODE only, for work as detailed below: | | |
| 2. | Name of Work | : | Supply, Erection, Testing & Commissioning of 01 No. 10 Passenger, (G+1) floor Elevator including all Civil, Electrical & Cladding works at New Ladies Hostel for PWDs, Rajendra University, Bolangir. Make: OTIS/Johnson/Mitsubishi/Schindler N.B.: The details of work and Specifications are indicated in the BOQ. |
| 3. | No. of Work | : | 01 No. |
| 4. | Value of Tender | : | Rs.12,12,000.00 (Exclusive of GST) |
| 5. | EMD & Bid Cost | : | (As per column 4 & 5 of the IFB) |
| 6. | Class of Contractor | : | Manufacturing Companies OTIS/Johnson/Mitsubishi/Schindler or their Authorised Dealers |
| 7. | Availability of Bid documents in the website | : | Dt.17.04.2023 to Dt.26.04.2023 upto 5.00 PM |
| 8. | Last date/time of Receipt of Bids in the Portal | : | Dt.26.04.2023 upto 5.00 PM |
| 9. | Date of Opening of Bid | : | Dt.27.04.2023 at 11.30 A.M. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

**Sd./- Chief Engineer**
**OIPR-12118/11/0005/2324**

No.C-77:

## WATCO
## OFFICE OF THE CHIEF EXECUTIVE OFFICER, WATCO

**Ground Floor, Unnati Bhawan,**
**H.B. Colony, Satyanagar, Bhubaneswar-751007,**
**Odisha, India, Telefax:- +91-674-2391444**
**E-mail - mail@watcoodisha.in, md@watcoodisha.in**

### INVITATION FOR BID (IFB)

**Bid Identification No. WATCO (W) -02/2023-24, Dtd.12.04.2023**
**WATCO No.2111, Date: 12.04.2023**

1. Name of the work :- 1. Construction of approach road from Cuttack-Puri Bye Pass Road to Odisha Urban Academy & STP to SeTP at Basuaghai, Bhubaneswar
2. Estimated cost :- 1) Rs.177.19 Lakh
3. Period of completion :- 01 (One) Month.
4. Date & time of availability of bid document in the portal :- From 11.00 AM of Dt.18.04.2023 to 5.00 PM of 02.05.2023
5. Last date / time of receipt of bids in the portal :- 5.00 PM of 02.05.2023
6. Date & time of opening of technical bids :- 12.30 PM of 03.05.2023
7. Name and address of the Officer Inviting Bid :- CEO, WATCO Telefax:- 0674-2391444. E-Mail: mail@watcoodisha.in md@watcoodisha.in mailto:eephibbsr@ori.nic.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

**Sd./- CEO, WATCO**
**OIPR-13194/11/0007/2324**

## OFFICE OF THE SUPERINTENDING ENGINEER, GANGADHAR MEHER LIFT IRRIGATION PROJECT DIVISION NO-III, BURLA

**AT/PO- BURLA, DIST.SAMBALPUR (ODISHA) 768017**
**e-mail:-eegmlcdiv@gmail.com**

No- 445 /Dated 06.04.2023

**TENDER CALL NOTICE No. 01/2023-24 Dated: 06.04.2023**

No. A-22:- Sealed Bids in conformity with terms and conditions in the prescribed form are invited from reputed and experienced manpower service provider for providing Outsourcing Personnel in the office of the Superintending Engineer, Gangadhar Meher Lift Irigation Project Division No-III, Burla.

The details of the Tender Call Notice and Document are available in the websites **https://dowrodisha.gov.in, https://odishagov.in** and **https://sambalpur.nic.in**. Date & time of sale of Bid Document is from **15.04.2023 (07.00AM)** to **21.04.2023 (1.00 PM)**. The last date & time of dropping of Bid **at Office of the Superintending Engineer**, Gangadhar Meher Lift Irrigation Project Division No.III, **Burla** is **24.04.2023** upto **11.00 AM** and will be opened on **24.04.2023 at 11.30 AM**.

**Sd./- Superintending Engineer**
**Gangadhar Meher Lift Irrigation Project,**
OIPR-32445/11/0001/2324 **Division No.III, Burla**

No.B-62

## GOVERNMENT OF ODISHA
## SUPERINTENDING ENGINEER, BOUDH (R&B) DIVISION, BOUDH

**E-mail - eeboudhrb@gmail.com**

### INVITATIONS FOR BIDS (IFB)
### "e" procurement Notice

**Letter No. 2031 Dated 10.04.2023**

**Bid Identification No. SE (R&B)-BDH 01/2023-24**

1) Name of the work : 02 (Two) Nos. of Civil work (Double cover)
2) Estimated Cost : 115.35 lakhs and 146.82 lakhs
3) Period of Completion : 5 (Five) Calendar months.
4) Date & Time of availability of Bid documents in the portal : From 17.04.2023, 10.00 AM to 28.04.2023, 5.00 PM
5) Last date/time for seeking of Tender Clarification : 28.04.2023 up to 1.00 P.M
6) Last date / time for receipt of bids in the portal : Up to 5.00 P.M. of dated 28.04.2023
7) Date & time of opening of tender /Bid : 29.04.2023 at 11.30 A.M
8) Name and address of the O.I.T. : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

**Sd./- Superintending Engineer, Boudh (R&B) Division, Boudh**
OIPR-34134/11/0001/2324

## BHUBANESWAR MUNICIPAL CORPORATION

**Vivekanand Marg, Near Kalpana Square, Bhubaneswar - 751014**
**No. 17130/BMC Dt.11.04.2023**

### NOTICE INVITING EXPRESSION OF INTEREST (EOI)

**XXXXX-II-SWMPMU-106-2022-23**

No. C-88: On behalf of the Commissioner, Bhubaneswar Municipal Corporation (BMC), Dy. Commissioner (Sanitation), BMC invites expression of interest from the experienced and qualified interested Proprietorship firm/Company/registered partnership firm, registered company, registered society or registered trust for **"Operation & Maintenance of 200 TPD Windrow Compost Plant in Bhubaneswar for a Period of one (1) Year"**. The detail EOI document can be seen and downloaded from BMC website: **http://bmc.gov.in**.

For queries, interested parties may contact the office of Deputy Commissioner (Sanitation), Bhubaneswar Municipal Corporation at ICOMC Tower at Satya Nagar, Infront of Satya Nagar Kali Temple on Janpath, Unit-IX, Bhubaneswar - 751007, Odisha, India.

1. Schedule of Events:

| | |
|---|---|
| Availability of EoI Document | 12.04.2023 (12.00 Noon) to till 5.00 P.M. on 27.04.2023 (Downloadable from website: **(http://bmc.gov.in)**) |
| Last date & time for receipt of EoI | 27.04.2023 by 05.00 P.M. (Through Speed/Registered Post/ Courier/Hand Delivery) |
| Place of submission of EoI in hard Copy | Office of Dy. Commissioner (Sanitation), Bhubaneswar Municipal Corporation ICOMC Tower at Satya Nagar, Infront of Satya Nagar Kali Temple on Janpath, Unit - IX, Bhubaneswar - 751007, Odisha, India |
| Date and Time of Opening of EoI | 28.04.2023 at 4.00 P.M. |
| For further enquiries, please email at: | **dc-sanitation@bmc.gov.in/ swmpmubmc@gmail.com** |

2. All amendments, clarifications, time extension etc. will be uploaded in the website only. Interested parties should regularly visit the above website to keep themselves updated.

By Order of Commissioner, BMC
**Sd./- Dy. Commissioner (Sanitation)**
**Bubaneswar Municipal Corporation**
**OIPR-13002/11/0011/2324**

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍ - ୭୫୯୦୦୧
ଇ-ମେଲ୍: **dhenkanalm.hud@gmail.com**

ପତ୍ର ସଂଖ୍ୟା: ୧୨୯୬ ତା୧୨।୦୪।୨୦୨୩ରିଖ

### ଅଭିବ୍ୟକ୍ତି ପ୍ରକାଶନ (EXPRESSION OF INTEREST)

No. C-84: ଏତଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ଭାଗୀରଥି ସାଗର, ୱାର୍ଡ଼ ନଂ. ୦୪ (ସଂଲଗ୍ନ ୱାର୍ଡ଼ ୧୨ ଏବଂ ୧୩)ର ଉନ୍ନତୀକରଣ ନିମନ୍ତେ ୱାର୍ଡ଼ ନଂ. ୦୪, ୧୨ ଓ ୧୩ ମଧ୍ୟରେ ଥିବା ଇଚ୍ଛୁକ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍‌ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବାର ନିଷ୍ପତ୍ତି ନିଆଯାଇଅଛି। ଏହି ଭାଗୀରଥି ସାଗରର ଉନ୍ନତୀକରଣ ନିମନ୍ତେ ୨୨ ଗୋଟି ଭିନ୍ନ ଭିନ୍ନ ଗ୍ରୁପ୍‌ର ସମ୍ଭାବ୍ୟ ଆବଶ୍ୟକତା ରହିଅଛି। ଏଥି ନିମନ୍ତେ ନିମ୍ନ ଲିଖିତ ଯୋଗ୍ୟତା ଥିବା ମିଶନ ଶକ୍ତି ଗ୍ରୁପ୍‌ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଆବଶ୍ୟକୀୟ କାଗଜାତ ସହିତ ତା୧୫।୦୪।୨୦୨୩ରିଖଠାରୁ ତା୨୪।୦୪।୨୦୨୩ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବା ହେବେ। ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

ଆହୁରି ମଧ୍ୟ ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୨ ଗୋଟି ଭିନ୍ନ ଭିନ୍ନ ମିଶନ ଶକ୍ତି ଗୋଷ୍ଠୀକୁ ପୌରପାଳିକା ଦ୍ୱାରା ଚୟନ କରାଯାଇ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ କାର୍ଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରାଯିବ। ସମସ୍ତ ୨୨ଗୋଟି ଗ୍ରୁପ୍ କାର୍ଯ୍ୟ ପାଇବା ଏବଂ ନ ପାଇବାର ସମ୍ଭାବନା ଉକ୍ତ ପ୍ରକଳ୍ପର ସମ୍ଭାବ୍ୟ ଅଟକଳ ଉପରେ ନିର୍ଭର କରାଯିବ। ଯାହାର ଡି.ପି.ଆର୍. ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇ ଆସିବାର ଅଛି। ଯେହେତୁ ଆଗକୁ ବର୍ଷାଦିନ ଆସୁଅଛି, ତେଣୁ କାର୍ଯ୍ୟରେ ବିଳମ୍ବତାକୁ ଏଡ଼ାଇବା ନିମନ୍ତେ ଆଗୁଆ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଯଦି କୌଣସି ଗ୍ରୁପ୍ କାର୍ଯ୍ୟାଦେଶ ପାଇବାରୁ ବଞ୍ଚିତ ହେବେ ତେବେ, ଏଥି ନିମନ୍ତେ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କିମ୍ବା କୌଣସି ଗ୍ରୁପ୍ ଏଥି ନିମନ୍ତେ ପୌରପାଳିକା ନିକଟରେ ଦାବି କରିପାରିବେ ନାହିଁ।

**ଦାଖଲ କରିବାକୁ ଥିବା ଆବଶ୍ୟକୀୟ କାଗଜାତ**

୧. ମିଶନ ଶକ୍ତି ଗ୍ରୁପ୍ ୱାର୍ଡ଼ ନଂ. ୦୪, ୧୨ ଓ ୧୩ର ଗୃହ ଓ ନଗର ଉନ୍ନୟନ ବିଭାଗ/ମିଶନ ଶକ୍ତି ବିଭାଗଙ୍କ ଦ୍ୱାରା ପଞ୍ଜୀକୃତ ଗ୍ରୁପ୍ ହୋଇଥିବେ।
୨. ଉକ୍ତ ଗ୍ରୁପ୍ ପଞ୍ଚସୂତ୍ର ଅନୁକରଣ କରୁଥିବେ।
୩. ଉକ୍ତ ଗ୍ରୁପ୍ ଅଭିବ୍ୟକ୍ତି ପ୍ରକାଶନର ଧାର୍ଯ୍ୟ ତାରିଖ ଏକ ବର୍ଷ ପୂର୍ବରୁ ଗଠିତ ହୋଇଥିବେ।
୪. ଉକ୍ତ ମିଶନ ଶକ୍ତି ଗ୍ରୁପ୍‌ଙ୍କ ବ୍ୟାଙ୍କ ଆକାଉଣ୍ଟ କ୍ରିୟାଶୀଳ ହୋଇଥିବା ଆବଶ୍ୟକ।
୫. ଉକ୍ତ ମିଶନ ଶକ୍ତି ଗ୍ରୁପ୍‌ଙ୍କ ନାମରେ ପ୍ୟାନ୍ କାର୍ଡ଼ ହୋଇଥିବା ଆବଶ୍ୟକ।
୬. ଉକ୍ତ ମିଶନ ଶକ୍ତି ଗ୍ରୁପ୍ ବ୍ୟାଙ୍କ ଋଣ ପ୍ରଦାନରେ ଖିଲାପକାରୀ କିମ୍ବା ଅନ୍ୟ କୌଣସି ସଂସ୍ଥାରୁ ଲୋନ୍/ଋଣ ଖିଲାପକାରୀ ହୋଇନଥିବେ।

ବି.ଦ୍ର.: ଯେ କୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି **EXPRESSION OF INTEREST**କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି।

**ସ୍ୱା./- ନିର୍ବାହୀ ଅଧିକାରୀ**
**ଢେଙ୍କାନାଳ ପୌରପାଳିକା**
**OIPR-13146/11/0001/2324**

See Career Appointment on every Wednesday & Saturday

**୧୫ରୁ ରାଜ୍ୟସ୍ତରୀୟ ୧୪ତମ ଭଲିବଲ ଟୁର୍ଣ୍ଣାମେଣ୍ଟ**

ଗୋପ,(ଡି.ଏନ୍.ଏ.)- ନାଗପୁର ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ନାଗପୁର ମେଳାପଡ଼ିଆ ନିକଟ କ୍ଲବ ଖେଳପଡ଼ିଆରେ ୧୪ତମ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ୧୫ ତାରିଖରୁ ଅନୁଷ୍ଠିତ ହେବ। ଏନେଇ କ୍ଲବ ସଭାପତି ସୁଶାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବଛାବଛା ଭଲିବଲ୍ ଟିମ୍ ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ସ୍ପୋର୍ଟ୍ସ ହଷ୍ଟେଲ, ଜଟଣୀ କ୍ଲବ, ଭଦ୍ରକର ସୂର୍ଯ୍ୟଶିକ୍ଷା କ୍ଲବ, ନାଗପୁର ସ୍ପୋର୍ଟ୍ସ ସହିତ ଆଉ କେତେକ କ୍ଲବ ଭାଗ ନେବେ ବୋଲି କ୍ଲବ ସମ୍ପାଦକ ସୁକାନ୍ତ କିଶୋର ମିଶ୍ର, ଉପଦେଷ୍ଟା ଶ୍ରୀକାନ୍ତ ପ୍ରମୁଖ କହିଛନ୍ତି। ଏହି ଭଲିବଲ୍ ଟୁର୍ଣ୍ଣାମେଣ୍ଟକୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିବାକୁ ଥିବାବେଳେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାକୁ ଉଦ୍‌ଯାପନ କରିବେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୪।୨୦୨୩

| ୨,୬୧,୩୬୪ ଟଙ୍କା | |
|---|---|
| ସୁନା | ୪.୭୦୦ ଗ୍ରାମ୍ |
| ରୁପା | ୧୦୮ ଗ୍ରାମ୍ |

# ଶ୍ରୀକ୍ଷେତ୍ରରେ ଅଧିକାଂଶ ସିସିଟିଭି ଅଚଳ

### ଆସୁଛି ରଥଯାତ୍ରା, ସୁରକ୍ଷା ନେଇ ବଢୁଛି ଚିନ୍ତା

**ପୁରୀ ଅଫିସ, ୧୩।୪:**

ପାଖେଇ ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରାକୁ ସମାପନ କରିବା ପାଇଁ ପୁରୀ ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଛି। ପୁରୀ ଏସ୍‌ପି ଡ. କନୱର ବିଶାଳ ସିଂହ କିଛିଦିନ ପୂର୍ବେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ମିଶି ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀମନ୍ଦିର ଚାରିପାଖ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଶେଷକରି ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ କିଭଳି ସଫଳ ଭାବେ ହୋଇପାରିବ ସେନେଇ ଏସ୍‌ପି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ତେବେ ରଥଯାତ୍ରା ଆଉ କିଛି ମାସ ବାକି ଥିବାବେଳେ ସହରରେ ଥିବା ଅଧିକାଂଶ ସିସିଟିଭି ଅଚଳ ହୋଇପଡ଼ିଛି। ଏହାର ଫାଇଦା ନେଇ ଅପରାଧୀମାନେ ବିଭିନ୍ନ ଅପରାଧ ଘଟାଉଛନ୍ତି। ତେଣୁ ଭକ୍ତଙ୍କ ସୁରକ୍ଷା ପାଇଁ ପୋଲିସ ତୁରନ୍ତ ଅଚଳ ସିସିଟିଭିକୁ କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି କରାଯାଇଛି।

ଗତ କିଛିଦିନ ହେବ ପୁରୀ ସହରରେ ବିଭିନ୍ନ ମାରଣାସ୍ତ୍ର ଦ୍ୱାରା ଗୋଷ୍ଠୀ ସଂଘର୍ଷ ହୋଇଥିବାବେଳେ ଏଥିରେ ଅନେକ ଗୁରୁତର ହୋଇଛନ୍ତି। ଗୁରୁବାର ରାତିରେ ଜଣେ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଆଧ୍ୟାତ୍ମିକ ନଗରୀ ପୁରୀରେ ଦୁର୍ବୃତ୍ତଙ୍କ ଆତଙ୍କରାଜକୁ ନେଇ ଭକ୍ତ, ପର୍ଯ୍ୟଟକ ଏବଂ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଆଗାମୀ ରଥଯାତ୍ରାକୁ ସଫଳ କରିବା ପାଇଁ ହେଲେ ଅପରାଧ ରୋକାଯିବା ସହ ଅପରାଧୀଙ୍କୁ ସାବାଡ୍ କରାଯିବା ଜରୁରୀ। ତେଣୁ ସହରରେ ବଢୁଥିବା ଅପରାଧକୁ ରୋକିବା ପାଇଁ ପୋଲିସ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସହରରେ ଥିବା ଅଚଳ ସିସିଟିଭିଗୁଡ଼ିକୁ ମରାମତି କରାଯିବା ଜରୁରୀ। ସମ୍ପ୍ରତି ଅନୁଷ୍ଠିତ ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକରେ କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ କହିଥିଲେ, ପୁରୀରେ ଅନେକ ସିସିଟିଭି ଲଗାଯିବ, ଯାହାଫଳରେ ଗହଳି ନିୟନ୍ତ୍ରଣ ସହ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖାଯାଇପାରିବ। ପୋଲିସ ଏନେଇ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଥିଲେ। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଉଛି। ରଥଯାତ୍ରା ପାଇଁ ସମୟ ଥିବାରୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟ ହେବ ବୋଲି ଏସ୍‌ପି କନୱର.ବିଶାଳ ସିଂହ କହିଛନ୍ତି।

# ଚନ୍ଦନ ଯାତ୍ରା, ରଥ ନିର୍ମାଣ ନେଇ ଆଲୋଚନା

### ୧୮ରେ ନୀତି ସବ୍‌କମିଟି ବୈଠକ

**ପୁରୀ ଅଫିସ, ୧୩।୪:**

ଆସନ୍ତା ୨୩ତାରିଖରେ ପବିତ୍ର ଅକ୍ଷୟତୃତୀୟା ଅବସରରେ ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ସେହିପରି ଅକ୍ଷୟତୃତୀୟା ଠାରୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ୨୧ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଅନୁଷ୍ଠିତ ହେବ। ବାହାର ଚନ୍ଦନଯାତ୍ରାର ନୀତିକାନ୍ତି ସହ ରଥନିର୍ମାଣ କାର୍ଯ୍ୟ ଶୃଙ୍ଖଳିତ ଭାବରେ କିପରି କରାଯିବ ସେ ନେଇ ଏକ ବୈଠକ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ବାହାର ଚନ୍ଦନଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ଠିକ୍ ସମୟରେ ହୋଇପାରିବ, ମହାପ୍ରଭୁଙ୍କ ବିଜେ ଓ ବାହୁଡ଼ା ବିଜେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ରଥଖଳାରେ ନିର୍ମାଣ ହେବାକୁ ଥିବା ରଥଗୁଡ଼ିକ କିପରି ନିର୍ଦ୍ଧାରିତ ସମୟ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ସମ୍ପର୍କରେ ଜିଲାପାଳ ସମ୍ପୃକ୍ତ ସେବାୟତ, ବିଶ୍ୱକର୍ମା, ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ନୀତି ପ୍ରଶାସନ ଜିତେନ୍ଦ୍ର କୁମାର ଦାସ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସମେତ ବଢ଼ୁ ସୁଆର ନିଯୋଗ, ବିମାନବଡ଼ୁ ନିଯୋଗ, ବିଶ୍ୱକର୍ମା ମହାରଣାମାନେ ଉପସ୍ଥିତ ଥିଲେ। ମିଳିଥିବା ସୂଚନାନୁଯାୟୀ ଚଳିତ ମାସ ୧୮ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହେବ। ଉକ୍ତ ନୀତି ସବ୍ କମିଟି ବୈଠକରେ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା, ଭିତର ଚନ୍ଦନ ଯାତ୍ରା ସହ ଅନ୍ୟାନ୍ୟ ପର୍ବାପର୍ବାଣୀର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯିବ।

## ଆଜି କ'ଣ କେଉଁଠି

**ପୁରୀ**

- ଉର୍ଜାବାନ ଓଡ଼ିଶା ପକ୍ଷରୁ ଟଙ୍କତୋରାଣି ବଣ୍ଟନ, ଗୁଣ୍ଡିଚା ମନ୍ଦିର ନିକଟ, ସକାଳ ୯ଟା ୪୫।
- ଆମ୍ବେଦକରଙ୍କ ଜୟନ୍ତୀ ସମୋରୋହ, ସଦଭାବନା ସଭାଗୃହ, ସକାଳ ୧୦ ଟା।
- ଶାନ୍ତି ପକ୍ଷରୁ ଶୀତଳ ବାମ୍ଫ ସେବା, ପୌର ସଦନ, ମଧ୍ୟାହ୍ନ ୧୨ ଟା।
- ଦେକୁଦୀ ଗ୍ରାମବାସୀ ଓ ତାରିଣୀ ଉନ୍ନୟନ କମିଟି ପକ୍ଷରୁ ତାରିଣୀ ମହୋତ୍ସବ, ଦେକୁଦୀ, ବ୍ରହ୍ମଗିରି, ସନ୍ଧ୍ୟା ୭ଟା।



କଣାସଠାରେ ଆୟୋଜିତ ଦଣ୍ଡଯାତ୍ରା ଅବସରରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଉଛି ।

## ତାଲୁକ ଆଇନ ସେବା କମିଟିର ସଚେତନତା ଶିବିର

**ନିମାପଡ଼ା,୧୩।୪(ଡି.ଏନ୍.ଏ.)**

ନିମାପଡ଼ା କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ (ଏଡିଜେ) ଲୋକନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସିଭିଲ ଜଜ୍ ଜୁନିୟର ଡିଭିଜନ ସୁରକ୍ଷିତ ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜେଏମ୍ଏଫ୍‌ସି-୧ ମିଲନ ତାଣ୍ଡି, ଜେଏମ୍ଏଫ୍‌ସି -୨ ବ୍ରଜେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଇନର ବିଭିନ୍ନ ଦିଗ ଏଫ୍ଆଇଆର୍, ଜାମିନ, ସମନ, ୱାରେଣ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ ଓ ଅବଗତ କରିଥିଲେ। ଶିବିରରେ ବରିଷ୍ଠ ଆଇନଜୀବୀ ଅଶୋକ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ପ୍ରତାପ ମହାନ୍ତି, ଦେବରାଜ ପଟ୍ଟନାୟକ, ଜୟଦେବ ମିଶ୍ର, ଦିଲୀପ ପଟ୍ଟନାୟକ, ଗୌରାଙ୍ଗ ସାହୁଙ୍କ ସମେତ ବହୁ ଆଇନଜୀବୀ, ବହୁ ଅତିରିକ୍ତ ବରିଷ୍ଠ ବ୍ୟକ୍ତି, ସାଧାରଣ ଜନତା ଯୋଗ ଦେଇଥିଲେ। ଏହି ଶିବିର ଯୋଗୁ ଜନସାଧାରଣ ଆଇନ ସମ୍ପର୍କରେ ବହୁଳ ଉପକୃତ ଓ ଅବଗତ ହେଉଥିବା ଜଣାପଡ଼ିଛି।


DBS

**ନିଲାମ ବିଜ୍ଞପ୍ତି**

ଏହା ଦ୍ୱାରା ସୂଚନା ଦିଆଯାଇଛି ଯେ ଆମର କିଛି ସୁନା ଋଣ ଗ୍ରାହକ ସେମାନଙ୍କ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଏହା ପୋଷ୍ଟ ମାଧ୍ୟମରେ ଏକାଧିକ ସ୍ମାରକପତ୍ର/ ନୋଟିସ୍ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଠିକଣାରେ ପ୍ରଦାନ କରାଯାଇଛି।

ନିମ୍ନଲିଖିତ ବ୍ୟକ୍ତି / ମାନଙ୍କୁ ଏଠାରେ ସୂଚିତ କରାଯାଇଛି ଯେ ଯେହେତୁ ସେମାନେ ଋଣ ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ବ୍ୟାଙ୍କ 17-04-2023 ରେ କିମ୍ବା ପୂର୍ବରୁ ସମ୍ପୂର୍ଣ୍ଣ ଦେୟ ନଦେଲେ ସେମାନଙ୍କ ବନ୍ଧକ ସୁନା ନିଲାମ କରିବାକୁ ବାଧ୍ୟ ହେବ |

ଉପରୋକ୍ତ ତାରିଖ ସୁଦ୍ଧା ଦେୟ ଗ୍ରହଣ ନକରିବା କ୍ଷେତ୍ର ରେ, ସର୍ବସାଧାରଣ ସାମ୍ନାରେ , ଋଣ କର୍ତ୍ତାଙ୍କ ବ୍ୟୟରେ, ବ୍ୟାଙ୍କ ପରିସରରେ କିମ୍ବା https://egold.auctiontiger.net, ଏକ ଇ-ନିଲାମ ପ୍ଲାଟଫର୍ମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା 18-04-2023 ,11.00 AM ରେ ସୁନା ନିଲାମ /ବିକ୍ରି ହେବ କିମ୍ବା ତା'ପରେ ଅନ୍ୟ କୌଣସି ସୁବିଧାଜନକ ତାରିଖ, ବିନା ବିଜ୍ଞପ୍ତିରେ ଏବଂ ବ୍ୟାଙ୍କର ସମ୍ପୂର୍ଣ୍ଣ ବିବେଚନା ଅନୁଯାୟୀ ହେଇପାରିବ |

| ଅନନ୍ୟ ରେଫ୍ # | ଗ୍ରାହକଙ୍କ ନାମ | ଶାଖା ନାମ | ସମୁଦାୟ ଓଜନ | ଶୁଦ୍ଧ ଓଜନ |
|---|---|---|---|---|
| 34531832 | ସାଣ୍ଟୋଶ କୁମାର ଦାଶ | ଜାମୁକୋଲି | 12.30 | 9.64 |

ତାରିଖ: 10-04-2023
ସ୍ଥାନ: ଚେନ୍ନାଇ

ଶାଖା ପରିଚାଳକ |
DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ |

*DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ ହେଉଛି ସିଙ୍ଗାପୁରର DBS ବ୍ୟାଙ୍କ ଲିମିଟେଡ୍ ର ଏକ ସମ୍ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀ |


# ନିଆଁରେ ଚାଲିଲେ, କଣ୍ଟାରେ ଗଡ଼ିଲେ

### ଦଣ୍ଡଯାତ୍ରା ଉଦ୍‌ଯାପିତ

**କଣାସ,୧୩।୪(ସ୍ୱ.ପ୍ର.)**

କଣାସଠାରେ ପାରମ୍ପରିକ ଦଣ୍ଡଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମାନସିକଧାରୀମାନେ ମାସେ ଆଗରୁ ଆମିଷ ପରିତ୍ୟାଗ କରି ଅରୁଆ ଖାଇ ନିଷ୍ଠାର ସହ ଏହି ଦଣ୍ଡଯାତ୍ରା ବ୍ରତକୁ ପାଳନ କରିଥା'ନ୍ତି। କଣାସ ବ୍ଲକର ପ୍ରତି ଗ୍ରାମରେ ଥିବା ଠାକୁରଙ୍କ କୋଠିରେ ଉପାସକ ଭକ୍ତମାନେ ପଣା ପିଇ ନିଷ୍ଠାର ସହିତ ଦଣ୍ଡର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଗ୍ରାମ ଓ ପରିବାରର ମଙ୍ଗଳ ମନାସି ଦଣ୍ଡଯାତ୍ରାର ହକ ଡାକି ଗ୍ରାମ ପରିକ୍ରମା କରି ମାନସିକଧାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଗୁରୁବାର ଦଣ୍ଡଯାତ୍ରାର ଶେଷ ଉତ୍ସବ ହୋଇଥିବାରୁ ଭକ୍ତମାନେ ପ୍ରଭାତରୁ ସ୍ନାନ ସାରି ଦିନତମାମ କଣ୍ଟାରେ ଗଡ଼ିବା, ନିଆଁରେ ଚାଲିବା, ଅନେକ କୋଠିରେ ପୂର୍ବ ପରମ୍ପରା ଥିବାରୁ ତାହା ପାଳନ କରାଯାଇଥିଲା। ଠାକୁରଙ୍କୁ ଧରି ଭକ୍ତମାନେ ଗ୍ରାମରେ ଥିବା ପୁଷ୍କରିଣୀରେ ସ୍ନାନ କରାଇବା ସହିତ ନିଜେ ସ୍ନାନ କରି ଠାକୁରଙ୍କୁ ଫୁଲମାଳ ପିନ୍ଧାଇଥିଲେ। ବାଦ୍ୟଧ୍ୱନି, ଘଣ୍ଟଧ୍ୱନି, ଘୋଡ଼ାନାଚ ମାଧ୍ୟମରେ ଭକ୍ତମାନେ ଗ୍ରାମ ପରିକ୍ରମା କରିବା ସମୟରେ ଗ୍ରାମର ମଙ୍ଗଳ ପାଇଁ ମାନସିକଧାରୀମାନେ ଠାକୁରଙ୍କ ଆଗରେ ଗୁହାରିଆ ପଡୁଥିଲେ। ସେମାନଙ୍କୁ ହକ ଡାକି ଆଶୀର୍ବାଦ ପ୍ରଦାନ କରି ଗ୍ରାମ ପରିକ୍ରମା କରି ମନ୍ଦିରକୁ ଯାଇ ସେଠାରେ ବିଭିନ୍ନ ପୂଜାର୍ଚ୍ଚନା ସହ ଦଣ୍ଡଉପାସ ଶେଷ କରିଥିଲେ। ଶୁକ୍ରବାର ସମସ୍ତ ଭକ୍ତ ମନ୍ଦିରର କୋଠି ନିକଟରେ ଏକ ଭୋଜିଭାତ ଆୟୋଜନ କରିଛନ୍ତି।

## ସଂକ୍ଷେପରେ

### ସର୍ପ ଦଂଶନରେ ମହିଳାଙ୍କ ମୃତ୍ୟୁ

ଗୋପ,୧୩।୪(ଡି.ଏନ୍.ଏ.)- ଗୋପ ଥାନା ନାଗପୁର ପଞ୍ଚାୟତ ପାଇକସାହି ଗ୍ରାମର ଜଣେ ମହିଳାଙ୍କ ବିଷାକ୍ତ ସର୍ପ ଦଂଶନରେ ମୃତ୍ୟୁ ଘଟିଛି। ତାଙ୍କ ନାମ ରିନା ଜେନା (୫୪)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ପରିବାରର ସମସ୍ତେ ଖାଇ ସାରିବା ପରେ ମହିଳା ଜଣକ ବାଡ଼ିପଟେ ଥିବା ନଳକୂପ ନିକଟକୁ ବାସନ ନେଇ ଯାଇଥିଲେ। ମାତ୍ର ଆସିବାରେ ବିଳମ୍ବ ହେବାରୁ ମହିଳାଙ୍କ ସ୍ୱାମୀ ନିରଞ୍ଜନ ନଳକୂପ ନିକଟକୁ ଯିବାବେଳକୁ ସ୍ତ୍ରୀ ତଳେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ସ୍ତ୍ରୀଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ଥାନା ଅଧିକାରୀ ସୁନିଲ ପ୍ରଧାନ ସେଠାରେ ପହଞ୍ଚି ମହିଳାଙ୍କ ମତଦେହ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଗୁରୁବାର ସକାଳେ ଚାରିଛକ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଶ୍ରୀବାଟମହାବୀର ପୀଠରେ ଶ୍ରୀଶ୍ରୀ ରାମ ତାରକ ମହାଯଜ୍ଞ

ସାକ୍ଷୀଗୋପାଳ,୧୩।୪(ଡି.ଏନ୍.ଏ./ ସ୍ୱ.ପ୍ର.)- ସାକ୍ଷୀଗୋପାଳ ବ୍ଲକ ଛକ ନିକଟ ଶ୍ରୀଶ୍ରୀ ବାଟମହାବୀରଙ୍କ ପୀଠରେ ୨୬ତମ ବାର୍ଷିକ ଶ୍ରୀଶ୍ରୀ ରାମ ତାରକ ମହାଯଜ୍ଞ ହେଉଛି। ମଙ୍ଗଳବାର ଆଦ୍ୟ ଦିବସରେ ଅଙ୍କୁର ରୋପଣ କରାଯାଇ ବୁଧବାର ଜଳଯାତ୍ରା, କର୍ମାରମ୍ଭ, ବ୍ରାହ୍ମଣବରଣ ହୋଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଶାଳାପୂଜା ପରେ ଶୁକ୍ରବାର ପବିତ୍ର ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତିରେ ପୂର୍ଣ୍ଣାହୁତି କରାଯିବ। ଏହି ଅବସରରେ ମହାବୀରଙ୍କ ପୀଠକୁ ସୁନ୍ଦର ଭାବେ ଆକର୍ଷଣୀୟ କରାଯାଇଛି। ସନ୍ଧ୍ୟା ସମୟରେ ସମବେତ ଭକ୍ତଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯିବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସତ୍ୟବାଦୀର ସିଦ୍ଧବକୁଳ ପୀଠ ସନ୍ନିକଟ ଶ୍ରୀଶ୍ରୀ ସିଦ୍ଧ ମହାବୀର ଦେବ ମନ୍ଦିରର ବାର୍ଷିକ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବା ସହ ହୋମଯଜ୍ଞ, ନାମ ସଂକୀର୍ତ୍ତନ କରାଯିବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ପିପିଲି,୧୩।୪(ସ୍ୱ.ପ୍ର.)**



ପିପିଲି ବ୍ଲକ ଉତ୍ତରାସ୍ଥିତ ଶକୁନ୍ତଳା ପ୍ୟାଲେସ୍ ଆର୍ଟ ଗ୍ୟାଲେରୀଠାରେ ଚତୁର୍ଥ ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ପ୍ରଦର୍ଶନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଶିବିରରେ ଭାରତ ସମେତ ନେପାଳ, ତୁର୍କୀ, ବାଂଲାଦେଶ ଓ ଭିଏତନାମା ପ୍ରଭୃତି ରାଷ୍ଟ୍ରର ୧୭ ମହିଳା ଓ ୩୦ ପୁରୁଷ ଚିତ୍ରଶିଳ୍ପୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କିଟ୍ ଷ୍ଟୁଡେଣ୍ଟ କାଉନସିଲିଂର ଡାଇରେକ୍ଟର ତଥା ଚିତ୍ରକଳା, କଳାଭାସ୍କର୍ଯ୍ୟରେ ଦେଶ ବିଦେଶରୁ ସମ୍ମାନିତ ସୁଚେତା ପ୍ରିୟବାଦିନୀ ଯୋଗ ଦେଇଥିଲେ। ଗ୍ୟାଲେରୀର ମୁଖ୍ୟ ପରିଚାଳକ ଶ୍ରୀଜନାର୍ଦ୍ଦନ ପରମଗୁରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚିତ୍ରଶିଳ୍ପୀ ମମତା ସାମନ୍ତରାୟ ଓ ପ୍ରଦୀପ ପାଣ୍ଡେ ଜଳେଶ୍ୱର ଫାଉଣ୍ଡେଶନର ମୁକ୍ତିପଦ ନନ୍ଦୀ, ଲିପିଶ୍ରୀ ନାୟକ, ରାଜକିଶୋର ମହାରଣା, ନମିତା ସାହୁ ପ୍ରମୁଖ ଏହି ସମାରୋହରେ ସହଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ।


**PARADIP PORT AUTHORITY**
**MARINE DEPRATMENT**
**e-TENDER CALL NOTICE**

No.: MD/ACCTS/WK-R-3/2023/466 Date: 11.04.2023
Name of the Work: "Supply of 01 no Pilot Launch on Hire for Three shifts operation per day along with operational crew for a period of five (05) years". Estimated Cost: Rs.8,54,98,433/- excluding fuel cost & GST. With reference to the above e-tender, last date & time of submission of tender through on-line bidding is till 1500 hours on Dt.23.05.2023. Technical Bids shall be opened at 1630 hours on Dt.24.05.2023. For further details, please log on to the Website: https://eprocure.gov.in/eprocure/app.

Sd/-Dy. Conservator
Paradip Port Authority
PPA/PR/04/2023-24 dtd.13.04.2023



**Social Security & Empowerment of Persons with Disabilities Department, Govt. of Odisha, Bhubaneswar**

No.2870/SSEPD Dt.12.04.2023

**Residential Training in Beauty Wellness & Spa for Transgender Persons**

No.gg-02:- SSEPD Deptt. will organise a one-year residential training programme for Transgender Persons in Beauty, Wellness & Spa in collaboration with World Skill Centre, Bhubaneswar.

Eligible interested Transgender Persons are requested to apply online **https://ssepd.gov.in:8443/swp/skilltrainingfortransgenderpersons** on or before dt.30.04.2023 for selection and admission to the course.

Sd./- Special Secretary to Government
SSEPD Deptt.
OIPR-46001/11/0003/2324


# ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ଅନାଥ ଭଉଣୀଭାଇ

**ପୁରୀ ଅଫିସ,୧୩।୪**

ନ୍ୟାୟ ପାଇଁ ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବଡ଼ ହରିଶଙ୍କର ପୁର ଗ୍ରାମର ମୁନାଲ ନାୟକ ଏବଂ ତାଙ୍କ ଭଉଣୀ ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁନାଲଙ୍କ ଅଭିଯୋଗ ଅନୁଯାୟୀ, ୨୨ ବର୍ଷ ତଳେ ତାଙ୍କ ମାତାପିତାଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ। ପରେ ମାତାପିତା ଛେଉଣ୍ଡ ପିଲାମାନଙ୍କୁ ଜିଲାପାଳ ସହଯୋଗ କରି ଶିକ୍ଷାଦାନ ନିମନ୍ତେ ଉତ୍କଳ ବାଳାଶ୍ରମକୁ ପଠାଇଥିଲେ। ତେବେ ସାକ୍ଷୀ ଓ ପ୍ରମାଣ ଅଭାବରୁ ହତ୍ୟାକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ନ୍ୟାୟାଧିଶ। ଅପରପକ୍ଷ ମୁନାଲ ଓ ତାଙ୍କ ଭଉଣୀ ଉତ୍କଳ ବାଳାଶ୍ରମ ଶିକ୍ଷାଦାନ ସାରିବା ପରେ ଯେତେବେଳେ ଘରକୁ ଫେରିଥିଲେ,ସେତେବେଳେ ମୁନାଲଙ୍କ ପିଉସୀ ପୁଅ ତାଙ୍କୁ ଘରେ ପୂରାଇ ନ ଦେବାକୁ ଉଦ୍ୟମ କରିଥିଲେ। ଏବଂ ତାଙ୍କ ମାତାପିତାଙ୍କୁ ହତ୍ୟା କରାଯାଇଥିଲା, ସେଭଳି ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ମୁନାଲ ଓ ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ଅନେକ ଅସୁବିଧାର ସମ୍ମୁଖୀନ ହେବାପରେ ମୁନାଲ ଏବଂ ତାଙ୍କ ଭଉଣୀ ସତ୍ୟବାଦୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେଠାରେ ଥାନା ଅଧିକାରୀଙ୍କଠାରୁ ନ୍ୟାୟ ନ ପାଇ ନିରାଶ ହୋଇଥିଲେ। ଫଳରେ ଉଭୟ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ନ୍ୟାୟ ମାଗିଛନ୍ତି। ଉପଯୁକ୍ତ ତଦନ୍ତ କରି ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି।


**ଦ. ପୂ. ରେଳପଥ - ଟେଣ୍ଡର**

**ଭ୍ରମ ସଂଶୋଧନ**

ଟେଣ୍ଡର ବିଜ୍ଞପ୍ତି ନଂ. ସିଓଏମ୍ଏମ୍ଏଲ୍.୮୦/ୟୁଟିଏସ୍-ପିଆର୍ଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର/୦୩/୨୦୨୩, ତା୩୧।୦୩।୨୦୨୩ରିଖ ସନ୍ଦର୍ଭରେ, ଉକ୍ତ ଟେଣ୍ଡର ତା୩୧।୦୧।୨୦୨୪ ପର୍ଯ୍ୟନ୍ତ ବୈଧ ଥିଲା, ଯାହା ତା୦୫।୦୪।୨୦୨୩ରିଖରେ ଖବରକାଗଜ (ପ୍ରଭାତ ଖବର ଆଦି)ରେ ପ୍ରକାଶିତ ହୋଇଥିଲା । ରେଲୱେ ବୋର୍ଡ ପତ୍ର ସଂ. ୨୦୧୧/ଟିକି-I/୧୦/ଏଟିଭିଏମ୍/ଫାସିଲିଟେଟର/ଇ-ଫାଇଲ୍ ତାରିଖ: ୦୬।୦୪।୨୦୨୩ ଅନୁଯାୟୀ ଟେଣ୍ଡରର ବୈଧତାକୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବୈଧତାକୁ ତା୩୧।୦୩।୨୦୨୪ରିଖ, ପୁଣିଥରେ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ଭ୍ରମ ସଂଶୋଧନ ଜାରି କରାଯାଉଛି । ସମସ୍ତ ଆବେଦନକାରୀ ସୂଚିତ ରହିବା ଆବଶ୍ୟକ ।

ଆଦେଶକ୍ରମେ
(PR-42/C)



**e-Procurement Cell**
**BUILDING CONSTRUCTION DEPARTMENT, JHARKHAND, RANCHI**

**Short Term e-Procurement Notice**

**Re-e-Tender Reference No.-BCD/Special Works Division /01//2023-24 Date-13-04-2023**

| | | |
|---|---|---|
| 1 | Name of Work | Proposed Construction of State Command Control Center at Ranchi |
| 2 | Estimated Cost (Rs.) | Rs. 77,62,23,500/- (Rupees Seventy Seven Crores Sixty Two Lacs Twenty Three Thousand Five Hundred ) only. |
| 3 | Time of Completion | 24(Twenty Four) Months |
| 4 | Date of Publication of Tender on Website | 24-04-2023 at 11:00 A.M. |
| 5 | Date of Pre Bid Meeting | 10-05-2023 at 03:00 P.M. |
| 6 | Last Date/Time of Submission of Bid | 15-05-2023 up to 05:00 P.M. |
| 7 | Last Date/Time of Submission of Bid Security Money and Tender Fee | 17-05-2023 up to 11:30 A.M. |
| 8 | Date/Time of opening of Bid | 17-05-2023 at 12:00 P.M. |
| 9 | Name & Address of office Inviting tender | e-Procurement Cell, Building construction department, Jharkhand, Ranchi-834004 |
| 10 | Contact no. of Procurement officer | 0651-2446166 |
| 11 | Helpline Number of e-procurement Cell | 0651-2446166 |

• *Any Change can be seen on* http://jharkhandtenders.gov.in
• *Any other information can be seen on* http://jharkhandtenders.gov.in

Nodal Officer
e-Procurement Cell
Building Construction Department, Jharkhand, Ranchi.

PR 295149 (Building) 23-24 (D)


# ୧୫ରୁ ଜାତୀୟ ସ୍ତରୀୟ ଗୋ ସମୃଦ୍ଧି, ଗୋ ସେବା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୧୩।୪:**

ଶିକରୀୟା ଗୋ ସେବା ସମିତି ପକ୍ଷରୁ ଗୋସମ୍ପଦର ସୁରକ୍ଷା ତଥା ସନାତନ ସଂସ୍କୃତିର ରକ୍ଷା ପାଇଁ ପୁରୀରେ ପ୍ରଥମ ଥର ସକାଶେ ଗୋବିଶେଷଜ୍ଞଙ୍କୁ ନେଇ ଜାତୀୟ ସ୍ତରୀୟ ଗୋ ସମୃଦ୍ଧି ଓ ଗୋ ସେବା କାର୍ଯ୍ୟକ୍ରମ ହେବ। ଏନେଇ ଗୁରୁବାର ବଡ଼ଦାଣ୍ଡସ୍ଥିତ ପୁରୀ ସେବା ସମିତି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଆୟୋଜକମାନେ କହିଛନ୍ତି, ଏପ୍ରିଲ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ପାର୍ଶ୍ୱସ୍ଥ ସ୍ୱାମୀ ନାରାୟଣ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସକାଳ ୯ଟାରୁ ଅପରାହ୍ନ ଗୋଟାଏ ଏବଂ ସନ୍ଧ୍ୟା ୪ରୁ ରାତି ୮ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନ ହେବ। ପ୍ରଥମ ଅଧିବେଶନରେ ଗୋସମ୍ପଦର ସୁରକ୍ଷା, ଗୋ ସେବା, ଗୋ ସଂରକ୍ଷଣ ଓ ଗୋ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହେବ। କେବଳ ଦେଶୀଗାଇ ହିଁ ପ୍ରକୃତ ଗାଈ। କ୍ଷୀର ଓ ଗୋବରରେ ଔଷଧୀୟ ଶକ୍ତି ରହିଛି। ଏ ସମ୍ପର୍କରେ ଆୟୁର୍ବେଦ ଶାସ୍ତ୍ର ଓ ଅନେକ ଗବେଷଣାତ୍ମକ ତଥ୍ୟ ରହିଛି। ଏକ ଗବେଷଣାରୁ ଜଣାପଡ଼ିଛି, ଗାଈ ଭସ୍ମ ପାଣିରେ ମିଶାଇ ରଖିଲେ ପାଣିରେ ୨୦ ପ୍ରତିଶତ ଅମ୍ଳଜାନ ସୃଷ୍ଟି ହେବ। ଏହି ୭ଦିନିଆ ସମ୍ମିଳନୀରେ ଡ. ଜ୍ଞାନେନ୍ଦ୍ର ପ୍ରସାଦ ପଞ୍ଚଗବ୍ୟ ଆଧାରିତ ଚିକିତ୍ସା ସେବା କରିବେ। ଉତ୍ତରାଖଣ୍ଡର ନୀରଜ କୁମାର ଗୋବରରୁ ପ୍ରସ୍ତୁତ କଳାକୃତି ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ, କୃଷି ବିଭାଗ, ଓର୍ମାସ୍, ଏଏମ୍ଏସ୍ଏମଇ ସହଯୋଗ କରୁଛି। ସେହିପରି ମହାରାଷ୍ଟ୍ରର ଧନଞ୍ଜୟ ସିଣ୍ଡେ ଗୋବରରୁ ବାୟୋ ଗ୍ୟାସ ପ୍ରସ୍ତୁତି ଓ ଏହାର କାର୍ଯ୍ୟକାରିତା ଉପରେ ବୁଝାଇବାର କାର୍ଯ୍ୟକ୍ରମ ରହିଛି। ସେହିପରି ରାଜସ୍ଥାନ ବିକାନେରର ନିର୍ମଳ ବରାଡ଼ିଆ ଜୈବିକ ଖତ ଉପରେ ସୂଚନା ଦେବେ। ରାଜସ୍ଥାନ ଗୋ ସେବା ସଂଘ ସଭାପତି ସୁରଜ୍ ମଲ୍ଲସିଂହ ନିର୍ମାଣା ଗୋ ପ୍ରଜନନ ସମ୍ପର୍କରେ କହିବେ। ରୋହିତ ଭାଇ ରାୱଲ୍ ଗୋଦୁଗ୍ଧ ଓ ଘିଅ ସମ୍ପର୍କରେ ଉଦ୍‌ବୋଧନ ଦେବେ। ଏହି କାର୍ଯ୍ୟକ୍ରମ ଶିକରୀୟା ଗୋ ସେବା ସମିତିର ଅଧ୍ୟକ୍ଷ ଶ୍ୟାମସୁନ୍ଦର ଶିକରୀୟା ଆୟୋଜନ କରୁଛନ୍ତି। ପୁରୀ ସେବା ସମିତି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେବାୟତ ଇପ୍‌ସିତ ପ୍ରତିହାରୀ, ସୁବ୍ରତ କୁମାର ଭୂୟାଁ, ଜ୍ୟୋତିରଞ୍ଜନ ନାଥଶର୍ମା ଏବଂ ରାମକୃଷ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-04, ତା:08.04.2023

**କାର୍ଯ୍ୟର ନାମ :** ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS), ବ୍ରିଜ୍ ଇତ୍ୟାଦି ସମ୍ବନ୍ଧୀତ ବିବିଧ କାର୍ଯ୍ୟ (1) ଲାଖୋଲୀ-ଥେରୁବାଲୀ ସେକ୍ସନ ଠାରେ 19 ସଂଖ୍ୟକ ସ୍ଲୋନ ସ୍ଲାବ ବ୍ରିଜ ର ପ୍ରତିସ୍ଥାପନ, (2) ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ଠାରେ ଆୟୋଦଲା - ଦହୀକାଲୁ ଷ୍ଟେସନ ମଧ୍ୟରେ ତଟବନ୍ଧ ର ସୁରକ୍ଷା ପାଇଁ KM. 266/6-7 ଠାରେ ଅତିରିକ୍ତ ଜଳ ମାର୍ଗ, (3) ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ଠାରେ ବ୍ରିଜ୍ ନଂ. 385, 395, 397, 399 ଏବଂ 517 ଠାରେ ଅତିରିକ୍ତ ଜଳ ମାର୍ଗ, (4) ସମ୍ବଲପୁର ମଣ୍ଡଳ ରେ ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନ ମଧ୍ୟରେ KM.215/2-3 ଠାରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍ ସଂଖ୍ୟା RV-172 ଠାରେ ସ୍ୱଚ୍ଛ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ବ୍ୟବସ୍ଥା ଏବଂ (5) ସମ୍ବଲପୁର ମଣ୍ଡଳ ର କଣ୍ଟାବାଞ୍ଜୀ - ଲାଞ୍ଜିଗଡ଼ ରୋଡ଼ ସେକ୍ସନ ରେ 19 ସଂଖ୍ୟକ ସ୍ଲୋନ ସ୍ଲାବ ବ୍ରିଜ (ବ୍ରିଜ ନଂ 365 UP, 366 UP, 367 UP, 369 UP, 371 UP, 372 UP, 383 UP, 384 DN, 390 DN, 392 UP, 396 UP, 396 DN, 402 DN, 403 DN, 405 DN, 285 UP, 286 UP, 323 UP ଏବଂ 326 UP) ର ପ୍ରତିସ୍ଥାପନ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 1,39,59,972/-, EMD (ଟଙ୍କାରେ) : 2,19,800/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.05.2023ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-53/O/23-24



**NAGAR PANCHAYAT, SHRI BANSHIDHAR NAGAR**
Nagar Panchayat Office, Shri Banshidhar Mandir road, Shri Banshidhar Nagar, District- Garhwa. Jharkhand - 822121
Phone No.: 7763988693 email ID: npnagaruntari@gmail.com
(NIT No. 01/2023-24)

**6th Call**

Reference No.- ULB/NIT/SHRI BANSHIDHAR NAGAR SEPTAGE/TENDER/1910/2022/ 253 Date: 10- 04-2023

**Short Term Tender Notice**
**IMPORTANT INFORMATION**

| | | |
|---|---|---|
| 1 | Name of Work | Construction and Commissioning of Feacal Sludge Treatment Plant of Capacity 6 cum/day at Shri Banshidhar Nagar town (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 1,36,52,734/- Operation & Maintenance Cost₹ 87,57,955/- Total: ₹ 2,24,10,689/- |
| 3 | Bid Security (INR) | ₹ 2,24,000/- (Rupees) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 10-04-2023, 16:00 Hrs |
| 7 | Document downloading start Date | 10-04-2023, 16:00 Hrs |
| 8 | Start date for seeking clarification | 10-04-2023, 16:00 Hrs |
| 9 | End date for seeking clarification | 20-04-2023, 17:00 Hrs |
| 10 | Pre bid meeting date, Time & Venue | 20-04-2023, 14:00 Hrs at Chamber of Office of Executive Officer, Nagar Panchayat Office,Shri Banshidhar Nagar Mandir road, Shri Banshidhar Nagar, Distt. Garhwa, Jharkhand – 822121. |
| 11 | Bid submission end date | 28-04-2023, 16:00 Hrs |
| 12 | Last day for the submission of Bid Security, cost of bid document | 29-04-2023, 14:00 Hrs |
| 13 | Bid opening date (online) | 29-04-2023, 16:00 Hrs |

Complete bid document is available on website http://Jharkhandtenders.gov.in other details can be seen in the bidding documents.
*Bid security 1% of Bid amount.

जानकारी के लिये के बेबसाईट www.jharkhandtenders.gov.in, www.garhwa.nic.in, https://udhd.jharkhand.gov.in/Other/Notifications.aspx एवं कार्यालय की सूचना पट्ट पर देखा जा सकता है।

कार्यपालक पदाधिकारी,
नगर पंचायत, श्री बंशीधर नगर।

PR 295051 (Urban Development) 23-24 (D)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଉପଲକ୍ଷେ ମାରାଥନ, ଓଡ଼ିଶା ବିଧାନସୌଧ ସମ୍ମୁଖ, ସକାଳ ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଦି ଗୀତିନାଟ୍ୟକାର ଲୋକକବି ଜଗନ୍ନାଥ ପାଣିଙ୍କ ଜୟନ୍ତୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତୀସ୍ଥଳୀ, ସକାଳ ୮ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଡଃ. ଭୀମରାଓ ଆମ୍ବେଡକରଙ୍କ ରାଜସ୍ତରୀୟ ଜୟନ୍ତୀ, ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଜୟ ଓଡ଼ିଶା ଶକ୍ତି ପକ୍ଷରୁ ରକ୍ତଦାନ ଶିବିର, କ୍ୟାପିଟାଲ ହସ୍ପିଟାଲ, ସକାଳ ୯ଟା।
- ଖାଲ୍‌ସା ସଜ୍‌ନା (ବୈଶାଖୀ) ଦିବସ, ଗୁରୁଦ୍ୱାର ସିଂ ସଭା,ଖାରବେଳ ନଗର, ସକାଳ ୯ଟା ୩୦।
- ମନ୍ଥନର ୨୭ତମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ସକାଳ ୧୦ଟା।
- ଉତ୍କଳ ବିକାଶ ପରିଷଦର ୨୫ତମ ବାର୍ଷିକ ଅଧିବେଶନ, ରବୀନ୍ଦ୍ର ମଣ୍ଡପ, ସକାଳ ୧୦ଟା।
- ଭାରତୀୟ କ୍ଷେତ୍ ମଜଦୁର ୟୁନିୟନ ପକ୍ଷରୁ ବାବା ସାହେବ ଆମ୍ବେଦରଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା, ରାଜମହଲ, ସକାଳ ୧୦ଟା।
- ଆମ୍ବେଡକର ଇଣ୍ଟରନ୍ୟାସନାଲ ସେଣ୍ଟର ପକ୍ଷରୁ ରାଜ୍ୟସ୍ତରୀୟ ଆମ୍ବେଡକର ଜୟନ୍ତୀ ସମାରୋହ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ, ଲକ୍ଷ୍ମୀନାରାୟଣ ପୀଠ, ଖଣ୍ଡଗିରି, ଅପରାହ୍ନ ୩ଟା।
- ମା' ସର୍ବମଙ୍ଗଳାଙ୍କ ପୀଠରେ ୨୮ତମ ବାର୍ଷିକୀ ବିଶ୍ୱଶାନ୍ତି ମହାଯଜ୍ଞ, ଖଣ୍ଡଗିରି ବାରି, ଅପରାହ୍ନ ୪ଟା ୩୦।
- ନମାମି ମନ୍ଦାକିନି ନବବର୍ଷ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିର ପରିସର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ରାତି ୮ଟା।

**ବାଲିଅନ୍ତା**

- ହନୁମାନ ଜୟନ୍ତୀ ଓ ମହାବିଷୁବ ମିଳନ ପାଳନ, ଦୁଦୁରାବସ୍ତର ମହାବୀର ମନ୍ଦିର, ସକାଳ ୮ଟା।
- ଠାକୁରାଣୀ ମାର୍ଜନା ଓ ସଙ୍କୀର୍ତ୍ତନ, ମହାନ୍ତିପାଟଣା ଗ୍ରାମ, ସନ୍ଧ୍ୟା -୬ଟା।
- ବାଦି ପାଲା ପରିବେଷଣ, ସୁନ୍ଦରାପାଟଣା- ରୁଦ୍ରପୁର ଗ୍ରାମର ମା' ଗେହ୍ଲାଦୋଇଙ୍କ ପୀଠ, ସନ୍ଧ୍ୟା ୭ଟା।
- ରାମଲୀଳାର ନାଟକ, 'ଲକ୍ଷ୍ମଣ ଶକ୍ତିଭେଦ', କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ ପଡ଼ିଆ, ରାତି ୧୧ଟା।
- ରାମଲୀଳାର ନାଟକ, 'କୁମ୍ଭକର୍ଣ୍ଣ ବଧ', ବେଣୁପର ରାମଲୀଳା ପଡ଼ିଆ, ରାତି ୧୧ଟା।
- ରାମଲୀଳାର ନାଟକ, 'ରାଣର ଛତ୍ର ଭଙ୍ଗ', ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ରାତି ୧୧ଟା ୩୦।

# 'ଭୁବନେଶ୍ୱର' ଶତସହସ୍ର ସ୍ୱପ୍ନାଭିଳାଷୀଙ୍କୁ ଟାଣିଆଣୁଛି

## ୧୩ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର,୧୩।୪(ବ୍ୟୁରୋ)



ଉତ୍କଳ ମଣ୍ଡପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ 'ରାଜଧାନୀ ଗୌରବ' ସମ୍ମାନ ପାଇଥିବା ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର ୨୦୧୬ରେ ଭାରତର ପ୍ରଥମ ସହର ଭାବେ ସ୍ମାର୍ଟ ସିଟିର ମାନ୍ୟତା ପାଇଥିଲା। ସ୍ମାର୍ଟ ସିଟି ସହ ଆଜି ଏହି ସହର ନିବେଶକଙ୍କର ପ୍ରଥମ ପସନ୍ଦ ହୋଇପାରିଛି। ସଫଳତାର ସହ କ୍ରମାଗତ ଦୁଇଥର ପୁରୁଷ ବିଶ୍ୱକପ୍ ହକି ଆୟୋଜନ କରି ଏହା ବର୍ତ୍ତମାନ କ୍ରୀଡ଼ା ରାଜଧାନୀ ଭାବରେ ସମଗ୍ର ଦେଶରେ ପରିଚିତି ଲାଭ କରିଛି ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ଭୁବନେଶ୍ୱର ପ୍ରତିଷ୍ଠାର ୭୫ତମ ପୂର୍ତ୍ତି ଦିବସ ପାଳନ ଅବସରରେ ଗୁରୁବାର ଉତ୍କଳ ମଣ୍ଡପଠାରେ ବର୍ଣ୍ଣାଢ଼୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଅମାତ କହିଲେ, ଭୁବନେଶ୍ୱର କେବଳ ଭାରତ ନୁହେଁ, ବରଂ ବିଶ୍ୱର ଏକ ଅଗ୍ରଣୀ ତଥା ଅନନ୍ୟ ସହରରେ ପରିଣତ ହୋଇ ପ୍ରତିଦିନ ଶତସହସ୍ର ବିଦ୍ୟାର୍ଥୀ ଓ ସ୍ୱପ୍ନାଭିଳାଷୀଙ୍କୁ ଟାଣିନେଇ ଆସୁଛି । ଆଗାମୀ କିଛିବର୍ଷ ମଧ୍ୟରେ ଭୁବନେଶ୍ୱର ଭାରତର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ପ୍ରାଣକେନ୍ଦ୍ର ସାଜିବ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିବା ସହ ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ଜଣ ବ୍ୟକ୍ତିତ୍ୱ ରତ୍ନ ମଞ୍ଜରୀ ଦାଶ, ପୁଷ୍ପଲତା ମହାନ୍ତି, ଡ. ବିଜୟ କୁମାର ମିଶ୍ର, ବାପି ହାଁସଦା, ରିନୁ ମିଞ୍ଜ, ପୂଜା ସିଂ, ପ୍ରିୟଦର୍ଶୀ ମହାପାତ୍ର, ପ୍ରବୋଧ ମହାନ୍ତି, ଯୁଧିଷ୍ଠିର ସାହୁ, ବିନାୟକ ମିଶ୍ର, ବିନୋଦ ମହାର ଣା, ପ୍ରଫେସର କୁଳମଣି ପରିଡ଼ା ଓ ବିଜୟ କୁମାର ଜେନାଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମି ସହ ଅନ୍ୟ ସବୁକ୍ଷେତ୍ରରେ ଭୁବନେଶ୍ୱର ଦେଶର ଅନ୍ୟ ରାଜଧାନୀମାନଙ୍କଠାରୁ ଢେର ଆଗରେ ରହିଛି। ବିଏମ୍‌ସି ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ପ୍ରଭୁ ଲିଙ୍ଗରାଜଙ୍କ ଆଶୀର୍ବାଦରେ ବିଗତ କିଛିବର୍ଷ ମଧ୍ୟରେ ଭୁବନେଶ୍ୱର ସହର ଅବିଶ୍ୱସନୀୟ ପ୍ରଗତି ହାସଲ କରିଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ଭୁବନେଶ୍ୱର ଓଡ଼ିଶାର ମୁଖଶାଳା। ଏହି ମୁଖଶାଳାକୁ ଆମେ ଯେତିକି ସୁନ୍ଦର ରଖିବା ରାଜ୍ୟର ସୁନାମ ସେତିକି ବୃଦ୍ଧି ପାଇବ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଲେ, ଭୁବନେଶ୍ୱର ଏବେ ଦେଶର କ୍ରୀଡ଼ା ରାଜଧାନୀ ଓ ଦକ୍ଷତା ବିକାଶ କେନ୍ଦ୍ର ଭାବେ ଉଭା ହୋଇଛି । ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ । ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସି ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ମିହିର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଆତସବାଜି କାର୍ଯ୍ୟକ୍ରମ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ପରେ ଓଡ଼ିଶା ତଥା ଭୁବନେଶ୍ୱରର ଗୌରବମୟ ସାଂସ୍କୃତିକ ପରମ୍ପରା ଏବଂ ଐତିହ୍ୟ ଆଧାରିତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ରାଜଧାନୀର ଅତୀତ ପୃଷ୍ଠାରୁ ବର୍ତ୍ତମାନ

## ଫଟୋଚିତ୍ର ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର,୧୩।୪(ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ସୂଚନା ଭବନରେ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଛି। ଗୌରବମୟ ଅତୀତ ଓ ବର୍ତ୍ତମାନକୁ ଏକତ୍ରିତ କରି ଭୁବନେଶ୍ୱରର ପ୍ରାଚୀନ ଐତିହ୍ୟ, ପ୍ରତିଷ୍ଠା, କ୍ରମବିକାଶ ଓ ସମୃଦ୍ଧିର ବାର୍ତ୍ତାବହନ କରିଛି ଏହି ପ୍ରଦର୍ଶନୀ। ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହାକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ମନ୍ତ୍ରୀ କହିଲେ, ମନ୍ଦିରମାଳିନୀ ଭୁବନେଶ୍ୱର ଭାରତର ଏକ ଅତ୍ୟାଧୁନିକ ସହରରେ ପରିଣତ ହୋଇଛି। ଦୀର୍ଘ ୭୫ ବର୍ଷର ଇତିହାସକୁ ଏହି ପ୍ରଦର୍ଶନୀରେ ଯେଉଁଭଳି ସାବଲୀଳ ଢଙ୍ଗରେ ସ୍ଥାନିତ କରାଯାଇଛି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜଧାନୀ ପ୍ରତିଷ୍ଠାର ଆଦ୍ୟପର୍ବ, ରାଜଧାନୀ ଶିଳାନ୍ୟାସ ଫଳକ, ଓଟୋ ଏଚ୍. କୋନିଙ୍ଗସ୍‌ବର୍ଗରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ୟୁନିଟ ପ୍ରସ୍ତାବିତ ନକ୍ସା ପ୍ରଦର୍ଶିତ କରାଯାଇଛି। ଖଣ୍ଡିଗିରି, ଉଦୟଗିରି, ବ୍ରାହ୍ମୀ ଭାଷା ଶିଳାଲେଖ, ଶିଶୁପାଳଗଡ଼ର ଛବି ରାଜଧାନୀର ଐତିହ୍ୟକୁ ବର୍ଣ୍ଣନା କରୁଛି। ସେଦିନର ସଚିବାଳୟଠୁ ନେଇ ଆଜିର ଲୋକସେବା ଭବନ, ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ରଠୁ ନେଇ ସ୍ମାର୍ଟ ସିଟି, ବିମାନ ବନ୍ଦର, ରାଜ୍ୟ ଗ୍ରନ୍ଥାଗାର, ରାଜ୍ୟ ଅଭିଲେଖାଗାର, ଭଞ୍ଜକଳା ମଣ୍ଡପ, ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ସୂଚନା ଭବନ, ରାଜ୍ୟ ସଂଗ୍ରହାଳୟ, ଜନଜାତି ସଂଗ୍ରହାଳୟ ଆଦି ଫଟୋ ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଅତୀତରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭୁବନେଶ୍ୱରର ଶିଳାନ୍ୟାସ ଉଦ୍‌ଘାଟନ କରିବାଠୁ ନେଇ ବର୍ତ୍ତମାନ ରାଜଧାନୀର ପ୍ରତିଟି ବିକାଶର ଗାଥା ଗାଉଛି ଏହି ଫଟୋ ପ୍ରଦର୍ଶନୀ। ପ୍ରଦର୍ଶନୀର ଉଦ୍‌ଘାଟନ ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି କର୍ମକର୍ତ୍ତାଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟରଞ୍ଜନ ମହାନ୍ତି ଫଟୋଚିତ୍ରଗୁଡ଼ିକ ସମ୍ବନ୍ଧରେ ଅତିଥିଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀଟି ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ରାତି ୯ ଘଣ୍ଟିକା ଯାଏ ସର୍ବସାଧାରଣଙ୍କ ପାଇଁ ଖୋଲାରହିବ ।

# ଏମ୍‌ପିଙ୍କୁ ନିମନ୍ତ୍ରଣ କରା ନ ଯିବା ନେଇ ରାଜନୀତି ଜୋର ଧରିଲା

## ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ରାଜଧାନୀ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ନିମନ୍ତ୍ରଣ କରା ନ ଯିବା ଘଟଣାକୁ ନେଇ ଏବେ ରାଜନୀତି ତେଜିଛି। ବିଶେଷକରି ଏମ୍‌ପିଙ୍କୁ କୌଣସି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରା ନ ଯିବା ନେଇ ବିଏମ୍‌ସି ମେୟର ସୁଲୋଚନା ଦାସ କୁଆଡ଼େ ପ୍ରସ୍ତୁତି ବୈଠକରେ କହିଥିବା ନେଇ ମତ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଏମ୍‌ପିଙ୍କୁ ନିମନ୍ତ୍ରଣ ପତ୍ର ଦିଆଯିବ କିନ୍ତୁ ଡକାଯିବ ନାହିଁ ବୋଲି ମେୟର କହିଥିବା ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ସାଧାରଣ ସମ୍ପାଦକ ସନତ ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର ରେଳ ଷ୍ଟେଶନର ଆଧୁନିକୀକରଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟରଙ୍କୁ ଆମନ୍ତ୍ରିତ କରାଯାଇ ନ ଥିଲା। ଏପରି କି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ମଧ୍ୟ ତାଙ୍କୁ ବକ୍ତବ୍ୟ ରଖିବାକୁ ସୁଯୋଗ ଦିଆଯାଇ ନ ଥିଲା। ସେହି କାରଣରୁ ବିଏମ୍‌ସି ପାଳନ କରୁଥିବା ପ୍ରତିଷ୍ଠା ଦିବସ ସମାରୋହକୁ ଏମ୍‌ପିଙ୍କୁ ନିମନ୍ତ୍ରଣ ନ କରିବା ପାଇଁ ମେୟର ଦାସ କହିଥିବା କମିଟି ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି କହିଛନ୍ତି। ସେପଟେ କାର୍ଯ୍ୟକ୍ରମକୁ ନ ଡାକିବା ପ୍ରସଙ୍ଗରେ ଏମ୍‌ପି ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଯେଉଁ ଲୋକମାନେ ଭୋଟ ଦେଇ ତାଙ୍କୁ ଏମ୍‌ପି ଭାବେ ନିର୍ବାଚିତ କରିଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଅପମାନିତ କରିଛନ୍ତି। ସାମ୍ବିଧାନିକ ପଦବୀର ଅପମାନ ହୋଇଥିବା ସେ ଅଭିଯୋଗ ଆଣିବା ସହ ଆଗାମୀ ଦିନରେ ଆଇନର ସାହାଯ୍ୟ ନେବାକୁ ସେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ରାଜଧାନୀ ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ଡକାଯାଇଥିବା ମେୟର ଦାସ କହିଛନ୍ତି।

ପୂର୍ବାହ୍ନରେ ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ ପରେ ଏନେଇ କମିଟି ସଦସ୍ୟ ପ୍ରତିକ୍ରିୟା ରଖିବା ପରେ ଏନେଇ ଆଲୋଚନା ଜୋର ଧରିଥିଲା। ଏପରି କି ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ଆୟୋଜିତ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ ସମାରୋହକୁ ଭୁବନେଶ୍ୱରର ୩ ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ ସଚିବ ଆସି ନ ଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ମନ୍ତ୍ରୀ ଉଷା ଦେବୀ ଓ ସଚିବ ଜି ମାଥିଭାଥନନ ମଧ୍ୟ ସମ୍ମାନ ପ୍ରଦାନ ଉତ୍ସବରୁ ଦୂରେଇ ରହିଥିବା ନଜରକୁ ଆସିଛି। ସକାଳେ ସମାରୋହରେ ଉପସ୍ଥିତ ଥିବା ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନେ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଘଟଣା ମଧ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ରାସ୍ତାରେ ଝୁଲୁଛି କେବୁଲ ତାର

## ମୋ ବସ୍ ହଟହଟା



**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ରାଜଧାନୀ ସାରା ବେଆଇନ ଭାବେ କେବୁଲ୍ ଝୁଲି ରହିଛି। ଇଣ୍ଟରନେଟ୍, ବିଦ୍ୟୁତ୍, ଟିଭି ଓ ଅନ୍ୟାନ୍ୟ ତାର ଝୁଲି ରହୁଥିବାରୁ ବିଭିନ୍ନ ସମୟରେ ଭାରିଯାନ ଯାତାୟତ ବେଳେ ସମସ୍ୟା ସୃଷ୍ଟି ହେଉଛି। ସମାନ ଚିତ୍ର ଗୁରୁବାର ବଡ଼ଗଡ଼ ବ୍ରିଟ୍ କଲୋନୀରେ ଦେଖିବାକୁ ମିଳିଛି। ଅପରାହ୍ନରେ ଏକ ମୋ ବସ୍ ଯାଉଥିବାବେଳେ ରାସ୍ତାର ଏପାଖରୁ ସେପାଖ ବିପଦସଂକୁଳ ଭାବେ ଏରିଏଲ୍ କେବୁଲ ଝୁଲି ରହିଥଲା। ଫଳରେ ବସଟି ଅତିକ୍ରମ କରି ନ ପାରି ବହୁ ସମୟ ଧରି ଅଟକି ରହିଥିଲା। ବସ୍ କର୍ମଚାରୀ ଓ ସ୍ଥାନୀୟ ଜଣେ ଯୁବତୀଙ୍କ ସହାୟତାରେ ସେଠାରୁ ବସ୍ ବାହାରିବାରେ ସକ୍ଷମ ହୋଇଥିଲା। ଯୁବତୀଙ୍କ କାର୍ଯ୍ୟକୁ ଦେଖଣାହାରୀ ପ୍ରଶଂସା କରିଥିବାବେଳେ ବେଆଇନ ଭାବେ ତାରଗୁଡ଼ିକ ଲମ୍ବିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସସିଏଲ୍) ପକ୍ଷରୁ ଭୂତଳ କେବୁଲ ବିଛାଇବା ପାଇଁ ବିଭିନ୍ନ ଘରୋଇ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଉଥିବା କୁହାଯାଉଛି। ତେବେ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦିରେ ବିପଦଜନକ ଭାବେ କେବୁଲ ଝୁଲି ରହୁଥିବାବେଳେ ବିଏସ୍‌ସିଏଲ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ସ୍ଥିତି ଉପୁଜୁଛି।

# ଛାତ୍ରୀଛାତ୍ର ସଫଳ ନାଗରିକ ହେବାକୁ ପରାମର୍ଶ



ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

## ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୩।୪ (ବ୍ୟୁରୋ)

ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦେବାଶିଷ ପରିଡାଙ୍କ ଅଧ୍ୟକ୍ଷତାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ସଫଳ ନାଗରିକ ହୋଇ ଦେଶମାତୃକାର ସେବା ଓ ସମ୍ମାନ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଶଶିଭୂଷଣ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମାଜର ସେବା ତଥା ଦେଶର ସୁରକ୍ଷା ପାଇଁ ବଦ୍ଧପରିକର ହେବାକୁ କହିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷା ବିକାଶ ସମିତି ଓଡିଶାର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ସରସ୍ୱତୀ ଶିଶୁ ମନ୍ଦିର ଯୋଜନାର ମହତ୍ତ୍ୱ ଓ ତା'ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଇନ୍ଦ୍ରମଣି ସେଣ୍ଠ ସ୍ୱାଗତ ଭାଷଣ, ପ୍ରଧାନଆଚାର୍ଯ୍ୟ କେଦାର ନାଥ ସେଠୀ ବାର୍ଷିକ ବିବରଣୀ ପାଠ, ବରିଷ୍ଠ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ବେହେରା ଅତିଥି ପରିଚୟ ଓ +୨ ବିଜ୍ଞାନ ବିଭାଗ ଅଧ୍ୟକ୍ଷ ଅକ୍ଷୟ କୁମାର ଭଞ୍ଜ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଏମ୍‌ସିର ପ୍ରାୟ ୩୦ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**DBS**

**ନିଲାମ ବିଜ୍ଞପ୍ତି**

ଏହା ଦ୍ୱାରା ସୂଚନା ଦିଆଯାଇଛି ଯେ ଆମର କିଛି ସୁନା ଋଣ ଗ୍ରାହକ ସେମାନଙ୍କ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ଏହା ପୋଷ୍ଟ ମାଧ୍ୟମରେ ଏକାଧିକ ସ୍ମାରକପତ୍ର/ ନୋଟିସ୍ ବ୍ୟାଙ୍କରେ ପଞ୍ଜୀକୃତ ହୋଇଥିବା ଠିକଣାରେ ପ୍ରଦାନ କରାଯାଇଛି।

ନିମ୍ନଲିଖିତ ବ୍ୟକ୍ତି / ମାନଙ୍କୁ ଏଠାରେ ସୂଚିତ କରାଯାଇଛି ଯେ ଯେହେତୁ ସେମାନେ ଋଣ ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ବ୍ୟାଙ୍କ 17-04-2023 ରେ କିମ୍ବା ପୂର୍ବରୁ ସମ୍ପୂର୍ଣ୍ଣ ଦେୟ ନଦେଲେ ସେମାନଙ୍କ ବନ୍ଧକ ସୁନା ନିଲାମ କରିବାକୁ ବାଧ୍ୟ ହେବ |

ଉପରୋକ୍ତ ତାରିଖ ସୁଦ୍ଧା ଦେୟ ଗ୍ରହଣ ନକରିବା କ୍ଷେତ୍ର ରେ, ସର୍ବସାଧାରଣ ସାମ୍ନାରେ , ଋଣ କର୍ତ୍ତାଙ୍କ ବ୍ୟୟରେ, ବ୍ୟାଙ୍କ ପରିସରରେ କିମ୍ବା https://egold.auctiontiger.net, ଏକ ଇ-ନିଲାମ ପ୍ଲାଟଫର୍ମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା 18-04-2023 ,11.00 AM ରେ ସୁନା ନିଲାମ /ବିକ୍ରି ହେବ କିମ୍ବା ତା'ପରେ ଅନ୍ୟ କୌଣସି ସୁବିଧାଜନକ ତାରିଖ, ବିନା ବିଜ୍ଞପ୍ତିରେ ଏବଂ ବ୍ୟାଙ୍କର ସମ୍ପୂର୍ଣ୍ଣ ବିବେଚନା ଅନୁଯାୟୀ ହୋଇପାରିବ |

| ଅନନ୍ୟ ରେଫ୍ # | ଗ୍ରାହକଙ୍କ ନାମ | ଶାଖା ନାମ | ସମୁଦାୟ ଓଜନ | ଶୁଦ୍ଧ ଓଜନ |
|---|---|---|---|---|
| 34531832 | ସାଣ୍ଟୋଶ କୁମାର ଦାଶ | ଜାମୁକୋଲି | 12.30 | 9.64 |

ତାରିଖ: 10-04-2023 ଶାଖା ପରିଚାଳକ |
ସ୍ଥାନ: ଚେନ୍ନାଇ DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ |

*DBS ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ ହେଉଛି ସିଙ୍ଗାପୁରର DBS ବ୍ୟାଙ୍କ ଲିମିଟେଡ୍ ର ଏକ ସମ୍ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀ |

**PARADIP PORT AUTHORITY**
**MARINE DEPRATMENT**
**e-TENDER CALL NOTICE**

No.: MD/ACCTS/WK-R-3/2023/466 Date: 11.04.2023
**Name of the Work:** "Supply of 01 no Pilot Launch on Hire for Three shifts operation per day along with operational crew for a period of five (05) years". **Estimated Cost: Rs.8,54,98,433/-** excluding fuel cost & GST. With reference to the above e-tender, last date & time of submission of tender through on-line bidding is till 1500 hours on Dt.23.05.2023. Technical Bids shall be opened at 1630 hours on Dt.24.05.2023. For further details, please log on to the Website: https://eprocure.gov.in/eprocure/app.

Sd/-Dy. Conservator
Paradip Port Authority
PPA/PR/04/2023-24 dtd.13.04.2023

**Social Security & Empowerment of Persons with Disabilities Department, Govt. of Odisha, Bhubaneswar**

No.2870/SSEPD Dt.12.04.2023

**Residential Training in Beauty Wellness & Spa for Transgender Persons**

No.gg-02:- SSEPD Deptt. will organise a one-year residential training programme for Transgender Persons in Beauty, Wellness & Spa in collaboration with World Skill Centre, Bhubaneswar.

Eligible interested Transgender Persons are requested to apply online **https://ssepd.gov.in:8443/swp/skilltrainingfortransgenderpersons** on or before dt.30.04.2023 for selection and admission to the course.

Sd./- Special Secretary to Government
SSEPD Deptt.
OIPR-46001/11/0003/2324

**ଦ. ପୂ. ରେଳପଥ - ଟେଣ୍ଡର**

**ଭ୍ରମ ସଂଶୋଧନ**

ଟେଣ୍ଡର ବିଜ୍ଞପ୍ତି ନଂ. ସିଏମ୍‌ଏମ୍‌ଏଲ୍.୮୦/ୟୁଟିଏସ୍-ପିଆର୍‌ଏସ୍ ସେଲ୍/ଏଟିଭିଏମ୍ ଫାସିଲିଟେଟର/୦୩/୨୦୨୩, ତା୩୧।୦୩।୨୦୨୩ରିଖ ସନ୍ଦର୍ଭରେ, ଉକ୍ତ ଟେଣ୍ଡର ତା୩୧।୦୧।୨୦୨୪ ପର୍ଯ୍ୟନ୍ତ ବୈଧ ଥିଲା, ଯାହା ତା୦୫।୦୪।୨୦୨୩ରିଖରେ ଖବରକାଗଜ (ପ୍ରଭାତ ଖବର ଆଦି)ରେ ପ୍ରକାଶିତ ହୋଇଥିଲା । ରେଲୱେ ବୋର୍ଡ ପତ୍ର ସଂ. ୨୦୧୧/ଟିଜି-।/୧୦/ଏଟିଭିଏମ୍/ଫାସିଲିଟେଟର/ଇ-ଫାଇଲ୍ ତାରିଖ: ୦୬।୦୪।୨୦୨୩ ଅନୁଯାୟୀ ଟେଣ୍ଡରର ବୈଧତାକୁ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବୈଧତାକୁ ତା୩୧।୦୩।୨୦୨୪ରିଖ, ପୁଣିଥରେ ତା୩୧।୦୩।୨୦୨୪ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ଭ୍ରମ ସଂଶୋଧନ ଜାରି କରାଯାଉଛି । ସମସ୍ତ ଆବେଦନକାରୀ ସୂଚିତ ରହିବା ଆବଶ୍ୟକ ।

ଆଦେଶକ୍ରମେ
(PR-42/C)

**e-Procurement Cell**
**BUILDING CONSTRUCTION DEPARTMENT, JHARKHAND, RANCHI**

**Short Term e-Procurement Notice**

Re-e-Tender Reference No.-BCD/Special Works Division /01//2023-24 Date-13-04-2023

| | | |
|---|---|---|
| 1 | Name of Work | Proposed Construction of State Command Control Center at Ranchi |
| 2 | Estimated Cost (Rs.) | Rs. 77,62,23,500/- (Rupees Seventy Seven Crores Sixty Two Lacs Twenty Three Thousand Five Hundred ) only. |
| 3 | Time of Completion | 24(Twenty Four) Months |
| 4 | Date of Publication of Tender on Website | 24-04-2023 at 11:00 A.M. |
| 5 | Date of Pre Bid Meeting | 10-05-2023 at 03:00 P.M. |
| 6 | Last Date/Time of Submission of Bid | 15-05-2023 up to 05:00 P.M. |
| 7 | Last Date/Time of Submission of Bid Security Money and Tender Fee | 17-05-2023 up to 11:30 A.M. |
| 8 | Date/Time of opening of Bid | 17-05-2023 at 12:00 P.M. |
| 9 | Name & Address of office Inviting tender | e-Procurement Cell , Building construction department , Jharkhand, Ranchi-834004 |
| 10 | Contact no. of Procurement officer | 0651-2446166 |
| 11 | Helpline Number of e-procurement Cell | 0651-2446166 |

• *Any Change can be seen on* http://jharkhandtenders.gov.in
• *Any other information can be seen on* http://jharkhandtenders.gov.in

Nodal Officer
e-Procurement Cell
Building Construction Department, Jharkhand, Ranchi.

PR 295149 (Building) 23-24 (D)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-04, ତା:08.04.2023

**କାର୍ଯ୍ୟର ନାମ :** ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS), ବ୍ରିଜ୍ ଇତ୍ୟାଦି ସମ୍ବନ୍ଧୀତ ବିବିଧ କାର୍ଯ୍ୟ (1) ଲାଖୋଲୀ-ଥେରୁବାଲୀ ସେକ୍ସନ ଠାରେ 19 ସଂଖ୍ୟକ ଷ୍ଟୋନ ସ୍ଲାବ ବ୍ରିଜ ର ପ୍ରତିସ୍ଥାପନ, (2) ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ଠାରେ ଆମ୍ଭୋଦଲା - ଦହୀକାଲୁ ଷ୍ଟେସନ ମଧ୍ୟରେ ତଟବନ୍ଧ ର ସୁରକ୍ଷା ପାଇଁ KM. 266/6-7 ଠାରେ ଅତିରିକ୍ତ ଜଳ ମାର୍ଗ, (3) ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ଠାରେ ବ୍ରିଜ୍ ନଂ. 385, 395, 397, 399 ଏବଂ 517 ଠାରେ ଅତିରିକ୍ତ ଜଳ ମାର୍ଗ, (4) ସମ୍ବଲପୁର ମଣ୍ଡଳ ରେ ଟିଟିଲାଗଡ଼ - ଥେରୁବାଲୀ ସେକ୍ସନ ରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନ ମଧ୍ୟରେ KM.215/2-3 ଠାରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍ ସଂଖ୍ୟା RV-172 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ବ୍ୟବସ୍ଥା ଏବଂ (5) ସମ୍ବଲପୁର ମଣ୍ଡଳ ର କଣ୍ଟାବାଞ୍ଜୀ - ଲାଞ୍ଜିଗଡ଼ ରୋଡ଼ ସେକ୍ସନ ରେ 19 ସଂଖ୍ୟକ ଷ୍ଟୋନ ସ୍ଲାବ ବ୍ରିଜ (ବ୍ରିଜ ନଂ 365 UP, 366 UP, 367 UP, 369 UP, 371 UP, 372 UP, 383 UP, 384 DN, 390 DN, 392 UP, 396 UP, 396 DN, 402 DN, 403 DN, 405 DN, 285 UP, 286 UP, 323 UP ଏବଂ 326 UP) ର ପ୍ରତିସ୍ଥାପନ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 1,39,59,972/-, EMD (ଟଙ୍କାରେ) : 2,19,800/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.05.2023ରିଖ 1100 ଘଣ୍ଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-53/O/23-24

**NAGAR PANCHAYAT, SHRI BANSHIDHAR NAGAR**
Nagar Panchayat Office, Shri Banshidhar Mandir road, Shri Banshidhar Nagar, District- Garhwa. Jharkhand - 822121
Phone No.: 7763988693 email ID: npnagaruntari@gmail.com
(NIT No. 01/2023-24)

**6th Call**

Reference No.- ULB/NIT/SHRI BANSHIDHAR NAGAR SEPTAGE/TENDER/1910/2022/ 253 Date: 10- 04-2023

**Short Term Tender Notice**
**IMPORTANT INFORMATION**

| | | |
|---|---|---|
| 1 | Name of Work | Construction and Commissioning of Feacal Sludge Treatment Plant of Capacity 6 cum/day at Shri Banshidhar Nagar town (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 1,36,52,734/- Operation & Maintenance Cost₹ 87,57,955/- Total: ₹ 2,24,10,689/- |
| 3 | Bid Security (INR) | ₹ 2,24,000/- (Rupees) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 10-04-2023, 16:00 Hrs |
| 7 | Document downloading start Date | 10-04-2023, 16:00 Hrs |
| 8 | Start date for seeking clarification | 10-04-2023, 16:00 Hrs |
| 9 | End date for seeking clarification | 20-04-2023, 17:00 Hrs |
| 10 | Pre bid meeting date, Time & Venue | 20-04-2023, 14:00 Hrs at Chamber of Office of Executive Officer, Nagar Panchayat Office,Shri Banshidhar Nagar Mandir road, Shri Banshidhar Nagar, Distt. Garhwa, Jharkhand – 822121. |
| 11 | Bid submission end date | 28-04-2023, 16:00 Hrs |
| 12 | Last day for the submission of Bid Security, cost of bid document | 29-04-2023, 14:00 Hrs |
| 13 | Bid opening date (online) | 29-04-2023, 16:00 Hrs |

Complete bid document is available on website http://Jharkhandtenders.gov.in other details can be seen in the bidding documents.
*Bid security 1% of Bid amount.

जानकारी के लिये के बेबसाईट www.jharkhandtenders.gov.in, www.garhwa.nic.in, https://udhd.jharkhand.gov.in/Other/Notifications.aspx एवं कार्यालय की सूचना पट्ट पर देखा जा सकता है।

कार्यपालक पदाधिकारी,
नगर पंचायत, श्री बंशीधर नगर।

PR 295051 (Urban Development) 23-24 (D)

# ୪୮ ଘଣ୍ଟାରେ ଅଂଶୁଘାତ ମୃତ୍ୟୁ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ରାଜ୍ୟର କୌଣସି ଅଞ୍ଚଳରୁ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଲେ ଏହାର ଯୁଗ୍ମ ତଦନ୍ତ କରି ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟକୁ ରିପୋର୍ଟ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଲେ ତାହା ଜିଲା ପ୍ରଶାସନ ସ୍ତରରେ ତୁରନ୍ତ ତଦନ୍ତ କରାଯାଇ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଅନୁକମ୍ପାମୂଳକ ସହାୟତା ରାଶି ୫୦,୦୦୦ ଟଙ୍କା ମୃତ ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ ଦେବା ପାଇଁ କୁହାଯାଇଛି। ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ବିଭିନ୍ନ ବିଭାଗଗୁଡିକ ସହ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏକ ସମୀକ୍ଷା ବୈଠକ କରିଛନ୍ତି। ରାଜ୍ୟରେ ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି ଏହାର ନିରାକରଣ ନିମନ୍ତେ ରାଜ୍ୟ ଓ ଜିଲାସ୍ତରରେ ହିଟ୍ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଛି। ଅଂଶୁଘାତଜନିତ ମୃତ୍ୟୁକୁ ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଲାଗି ବ୍ୟାପକ ସଚେତନତା ସୃଷ୍ଟିକରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ସମସ୍ତ ବଜାର, ବସ୍ଷ୍ଟାଣ୍ଡ ଓ ଜନଗହଳିପୂର୍ଣ୍ଣ

### ଗ୍ରୀଷ୍ମପ୍ରବାହ ମୁକାବିଲା ସମୀକ୍ଷା ବୈଠକ

ସ୍ଥାନରେ ପାନୀୟଜଳ ସେବାକେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହାଛଡା ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ନଳକୂପ ଏବଂ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାଗୁଡ଼ିକର ତୁରନ୍ତ ମରାମତି କରି ସେଗୁଡ଼ିକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟରେ ଯଥେଷ୍ଟ ପରିମାଣର ଜୀବନରକ୍ଷକ ଔଷଧ, ସାଲାଇନ୍ ଏବଂ ଓଆର୍ଏସ୍ ମହଜୁଦ ରଖିବା ସଙ୍ଗେ ସଙ୍ଗେ ଅଂଶୁଘାତରେ ଶିକାର ହୋଇଥିବା ରୋଗୀମାନଙ୍କର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବେଡ୍‌ର ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଯାତ୍ରୀବାହୀ ଯାନ ଚଳାଚଳ ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ବାଧିକ ଉତ୍ତାପ ଥିବା ସମୟରେ ଶ୍ରମିକମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳୀଗୁଡ଼ିକରେ ବିଶ୍ରାମନେବା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳୀ ସହିତ ଯଥେଷ୍ଟ ପରିମାଣର ଥଣ୍ଡା ପାନୀୟ ଜଳ ଏବଂ ଓଆର୍ଏସ୍ ପ୍ୟାକେଟ୍ ମହଜୁଦ ରଖିବା ପାଇଁ ସମ୍ପୃକ୍ତ ଠିକାଦାରମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଭାଗକୁ ପରାମର୍ଶ ଦିଆଯାଇଛି। ଗୃହପାଳିତ ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ପାଇଁ ସ୍ୱତନ୍ତ୍ର ଜଳପୂର୍ଣ୍ଣପାତ୍ର ଓ କୁଣ୍ଡର ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ କରିବା ପାଇଁ ଶକ୍ତି ବିଭାଗକୁ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କ ସଚେତନତା ପାଇଁ ଗ୍ରୀଷ୍ମପ୍ରବାହଜନିତ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟରମାନ ପ୍ରସ୍ତୁତ କରାଯାଇ ଜିଲା ସ୍ତରରେ ବଣ୍ଟନ କରାଯାଉଛି । ଏହାବ୍ୟତୀତ ଚଳିତ ବର୍ଷ ବିଭିନ୍ନ ଇଲେକ୍‌ଟ୍ରୋନିକ ଗଣମାଧ୍ୟମ ଓ ଖବରକାଗଜ ମାଧ୍ୟମରେ ଗ୍ରୀଷ୍ମପ୍ରବାହରୁ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଲୋକମାନଙ୍କ ନିକଟରେ ପହଞ୍ଚାଇବାର କାର୍ଯ୍ୟକ୍ରମ କରାଯାଉଛି । ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ସମସ୍ତ ଜିଲାପାଳ ଏବଂ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

**ଅଂଶୁଘାତରେ ମୃତ୍ୟୁ ଅଭିଯୋଗ**

# କାଠ ପାଇଁ ଯାଇ ଫେରି ନ ଥିଲେ ଯୁବକ

**ନୂଆପଡ଼ା ଅଫିସ,୧୩।୪**

ଗତ କିଛିଦିନ ହେବ ଓଡ଼ିଶା ହଟ୍‌ସ୍ପଟ୍ ପାଲଟିଛି। ପାରଦ ଉପରମୁହାଁ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ବେହାଲ। ଆକାଶରୁ ବର୍ଷୁଛି ଅଗ୍ନି। ଜଳିପୋଡ଼ି ଯାଉଛି ଦେହମୁଣ୍ଡ। ଏଭଳି ସ୍ଥିତିରେ ନୂଆପଡ଼ା ଜିଲା ସଦର ବ୍ଲକ ଗୋଡ଼ଫୁଲା ପଞ୍ଚାୟତ ଜୁନାନୀ ଗାଁର ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାରବର୍ଗ ପକ୍ଷରୁ ଅଭିଯୋଗ କରାଯାଇଛି। ମୃତକ ହେଲେ ଉକ୍ତ ଗାଁର ବାଜେବନ ବିଭାର (୪୫)। ପ୍ରାପ୍ତ ସୂଚନା ଅନୁସାରେ ବାଜେବନ ବୁଧବାର ଅପରାହ୍ନ ୨ଟାରେ ସାଇକେଲ ଓ ଟାଙ୍ଗିଆ ଧରି ପାଖ ଗାଁ ପଗାରପାଣି ଜଙ୍ଗଲକୁ ଜାଳେଣି କାଠ ଆଣିବା ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଗାଁ ଲୋକେ ସେହି ଜଙ୍ଗଲକୁ ଜାଳେଣି କାଠ ଓ ମହୁଲଫୁଲ ଗୋଟାଇବା ଯାଇଥିଲେ। ଜଙ୍ଗଲ ଭିତରେ ଜଣେ ବ୍ୟକ୍ତିଙ୍କ ଜମିରେ ଥିବା ନଳକୂପ ପାଖରେ ବାଜେବନଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବାଜେବନ ସାଇକେଲ ଓ କାଠ ନଳକୂପଠାରୁ ୧୦ରୁ ୧୫ ମିଟର ଦୂରରେ ରଖି ପାଣି ପିଇବା ପାଇଁ ଯାଇ ସେଠାରେ ପଡିଯାଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ବଢିଥିବାରୁ ପରିବାର ଲୋକେ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ବୋଲି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୩) ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି ଡାକ୍ତର ଏବଂ ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।

# ଜାଳେଣି ସଂଗ୍ରହ ବେଳେ ଟଳିପଡ଼ିଲେ ମହିଳା

**ଧାମନଗର, ୧୩।୪ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ପଦ୍ମାବତୀ ସାହୁ(୪୭) ଗୁରୁବାର ଅପରାହ୍ନରେ ନିଜ ବାଡ଼ିରେ ଜାଳେଣି ସଂଗ୍ରହ କରୁଥିବା ବେଳେ ଟଳି ପଡ଼ିଥିଲେ। ତାଙ୍କୁ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ପଦ୍ମାବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ଅଭିଯୋଗ ହୋଇନାହିଁ।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

**No.CAD-150:** Tender Call Notice No.
File No: BBSR File No.BBSR/ELECT/E-4410/22-23/764 Date: 11/04/2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the work:** Supply, Installation, Testing & Commissioning of 11 kV Industrial Feeder from 33/11 kV Ankuli PSS, Upgradation of 11/0.4kV 63kVA Transformer to 11/0.4 kV,500 kVA Plinth mounted Substation & construction of new 3 ph- 5WLT Line on existing poles for reliable Power Supply to the Industrial Consumers in Industrial Estate, Ankuli, Berhampur in District of Ganjam.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO,IDCO Tower, Janpath, Bhubaneswar | Bid ID No. BBSR/ELECT/e-25/23-24 | 17.00 hours of 24.04.2023 | 17.00 hours of 02.05.2023 |

Further details can be seen from the e-procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**OIPR-14003/11/0008/2324** **Sd./- Divisional Head (Elect), IDCO, Bhubaneswar**


# ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

## ପୁଞ୍ଜିଲାଲ ମେହେର ଜାମିନ୍ ଆବେଦନ ମାମଲା

**କଟକ ଅଫିସ,୧୩।୪**

ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ସୂତ୍ରଧର ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ହୋଇଛି। ପୁଞ୍ଜିଲାଲ ପିଏଚ୍‌ଡି ଥେସିସ ଦାଖଲ କରିବା ନିମନ୍ତେ ୩ ମାସ ଜାମିନରେ ଯିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଏହି ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଏ ବାବଦରେ ରିପୋର୍ଟ ତଲବ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମେ ମାସ ପ୍ରଥମ ସପ୍ତାହକୁ ଧାର୍ଯ୍ୟ କରାଯାଇଛି। ସରକାରଙ୍କ ପକ୍ଷରୁ ପ୍ରିୟବ୍ରତ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୮ ଫେବୃୟାରୀ ୨୩ରେ ନବ ବିବାହିତ ସୌମ୍ୟଶେଖର ଓ ପତ୍ନୀ ରୀମା ବାହାଘର ଭୋଜିରେ ମିଳିଥିବା ଉପହାର ପାର୍ସଲ ଖୋଲୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ସୌମ୍ୟଶେଖରଙ୍କ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ସୌମ୍ୟଶେଖର ଓ ରୀମାଙ୍କୁ ବଲାଙ୍ଗୀର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୌମ୍ୟଶେଖରଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ରୀମାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହାକୁ ନେଇ ପ୍ରଥମେ ପାଟଣାଗଡ଼ ଥାନା ପୋଲିସ ଫେବୃୟାରୀ ୨୩ ତାରିଖରେ ଏକ ମାମଲା ରୁଜୁ କରିଥିଲା। ମାମଲାକୁ ମାର୍ଚ୍ଚ ୨୩ରେ କ୍ରାଇମବ୍ରାଞ୍ଚର ଏସ୍ଆଇଟିକୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ୨୦୧୮ ଏପ୍ରିଲ ୨୫ରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ହାଇକୋର୍ଟରେ ସେ ନିୟମିତ ଜାମିନ ଆବେଦନ କରିଥିଲେ। ପୁଞ୍ଜିଲାଲଙ୍କ ଜାମିନ ଆବେଦନ ୨୦୧୯ ମାର୍ଚ୍ଚ ୨୫ ଓ ୨୦୨୨ ଜୁଲାଇ ୨୨ରେ ଖାରଜ ହୋଇଥିଲା। ପୁଣି ସେ ମଧ୍ୟବର୍ତ୍ତୀକାଳୀନ ଜାମିନ ଲୋଡ଼ି ଏକ ଅନ୍ତରୀଣ ଆବେଦନ ହାଇକୋର୍ଟରେ ଦାଖଲ କରିଥିବା ବେଳେ ଶୁଣାଣି ହୋଇ ପାରି ନ ଥିଲା।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କଟକ ସଦର,୧୩।୪(ଡି.ଏନ୍.ଏ.)**

୪୨ ମୌଜା ଥାନା ଅନ୍ତର୍ଗତ ବହଳପଡ଼ା ଗ୍ରାମର ରାଜେନ୍ଦ୍ର ସାହୁ(୨୧) ବୁଧବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସ୍ଥାନୀୟ ପୋଲିସ ଗୁରୁବାର ମୃତଦେହକୁ କଟକ ବଡ଼ ଡାକ୍ତରଖାନାରୁ ଜବତ କରି ସେଠାରେ ବ୍ୟବଚ୍ଛେଦ କରାଇଥିଲେ। ପରେ ମୃତଦେହକୁ ସତ୍କାର ପାଇଁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଥାନାରେ ନଂ. ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଆତ୍ମହତ୍ୟାର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି।

# ୪୦ ଡିଗ୍ରୀ ଉପରେ ...

**ପ୍ରଥମ ପୃଷ୍ଠାରୁ...**

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨, ଭବାନୀପାଟଣା ୪୨, ବଲାଙ୍ଗୀର ୪୨, ଟିଟିଲାଗଡ ୪୨.୨, ସୋନପୁର ୪୨.୫, ବୌଦ୍ଧ ୪୨.୫, ଝାରସୁଗୁଡା ୪୧.୮, ସମ୍ବଲପୁର ୪୧.୬, ସୁନ୍ଦରଗଡ଼ ୪୧, ଫୁଲବାଣୀ ୪୦.୩, ନୟାଗଡ଼ ୪୦, ପାରଳାଖେମୁଣ୍ଡି ୪୦.୬, ଭୁବନେଶ୍ୱର ୪୦.୮, ଭଦ୍ରକ ୪୧, ଯାଜପୁର ୪୦.୨, ଢେଙ୍କାନାଳ ୪୦.୫, ବାଲେଶ୍ୱର ୪୦, ଚାନ୍ଦବାଲି ୪୧.୩, କଟକ ୪୧.୪, ନୂଆପଡ଼ା ୪୦, ଜଗତ୍‌ସିଂହପୁର ୪୦.୫ ଏବଂ ରାଉରକେଲାରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବୋଚ୍ଚ ୩୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୯.୫, ଦେବଗଡ ୩୯.୪, ଖୋର୍ଦ୍ଧା ୩୯ ଏବଂ କେନ୍ଦ୍ରାପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୯.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆସନ୍ତା ଶନିବାର ଯାଏ ଜାରି ରହିବ। ଶୁକ୍ରବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ ଓ ବାଲେଶ୍ୱର ଏବଂ ଶନିବାର ଦେବଗଡ଼, ଅନୁଗୋଳ, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ସୋନପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ପ୍ରବାହିତ ହେବ। ଏହି ସବୁ ଜିଲାଗୁଡିକ ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାରେ ସତର୍କତାମୂଳକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୧୬ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତାତି କମିବା ସହ କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି।


**OFFICE OF THE PANCHAYAT SAMITI, KHORDHA**
AT/PO-PALLAHAT, DIST-KHORDHA, STATE-ODISHA, PIN-752056
E-mail: ori-bkhurda@nic.in, Tel-(06755) 220762
INVITATION FOR BIDS (IFB)
Bid Identification No.-01/S.S/2023-24 Tender Call Notice No.1154/ dt.12.04.2023

**No.i-67:**The Block Development Officer, Khordha on behalf of Governor of Odisha invites Percentage Rate bid in ONLINE MODE for the construction of Building works as detailed in the Detailed Tender Call Notice (D.T.C.N) from the eligible class of contractors.

| SL. No. | Name of the Work | Approximate Value of Work (in Rs.) | Bid Security (EMD) | Class of Contractor | Cost of Documents (non-refund-able) (in Rs.) | Period of Completion in Calendar Months | Bids Opening date & time |
|---|---|---|---|---|---|---|---|
| 1 | Construction of Two nos. Additional Class rooms at Mahamaya Govt. High School, Nuapada Muktapur, Khordha | Rs.1937697/- | As per DTCN | "D" & "C" | 6000/- | 06 (Six) | 01.05.2023 at 11 A.M. |
| 2 | Construction of Two nos. Additional Class rooms at Bhagabat Dev Govt. High School, Jankia, Khordha | Rs.1946489/- | | "D" & "C" | 6000/- | 06 (Six) | |
| 3 | Construction of One no. Additional Class room at Govt. Primary School. Bagheitangi, Khordha | Rs.963521/- | | "D" & "C" | 4000/- | 06 (Six) | |

The Bidders have to participate in ONLINE bidding only. Further details can be seen from the website https://tendersodisha.qov.in. Any corrigendum / Addendum will be displayed in the said website. The date & time of bid documents available in website & receipt online from 3.00 P.M. of 19/04/2023 to 5.00 P.M of 29/04/2023. The last date for any clarification will be as on 5.00 P.M of 27/04/2023.

**Sd./- Block Development Officer, Khordha Block**
OIPR-19215/11/0004/2324



**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9437086137, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Bid Identification No.EEPHBLS-02 of 2023-24, dt.11.04.2023

**No.C-74:**The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Single Bid System in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price Bid |
|---|---|---|---|---|---|---|---|---|
| | | | | | From | To | | |
| 1 | Construction of P.H. Section office and store at newly created Dhamnagar N.A.C | EEPHBLS-02 dt.11.04.2023 | 31.00 | 04 (Four) Calendar Month | 11.00 Hrs. of dt.18.04.2023 | 17.00 Hrs. of dt.03.05.2023 | 17.00 Hrs. of dt.27.04.2023 | 11.00 Hrs. of dt.04.05.2023 |

**The bidders shall have to participate in ONLINE bidding only. Further details can be seen from the website:https://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.**
**Name and Address of the Officer Inviting Bid: The Executive Engineer, P.H. Division, Balasore At-Samalpur, Post-Balia, Dist-Balasore, Pin-756056, Odisha, Phone:9437086137**

**OIPR-13053/11/0002/2324** **Sd./- Executive Engineer, P.H. Division,Balasore**



Government Of Odisha **No.i-65:**
**OFFICE OF THE PANCHAYAT SAMITI, LOISINGHA**
**INVITATION FOR BIDS (IFB)**
**Detail Tender Call Notice No.01/Loisingha/2023-24**
**E-mail ID:ori-loisingha@nic.in**

| Sl. No. | Name of Work | Approximate value of work | Class of Contractor | Concerned office with head qrs. | Security E.M.D. (Rs.) | Tender Paper Cost (Rs.) | Period of Completion |
|---|---|---|---|---|---|---|---|
| 1 | Construction of Day Care Sub Centre Building at Hirapur under Loisingha Block of Balangir Dist. (Civil. El, PH) (Composite Tender) | Civil -Rs 32.41.033/- El - Rs 2,28.398/- PH-Rs 3.79.596/- **Total Rs.38.49.027/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |
| 2 | Construction of Day Care Sub Centre Building at Kutenpali (Pandrani) under Loisingha Block of Balangir Dist. (Civil, El. PH) (Composite Tender) | Civil-Rs 32,41.245/- El- Rs.2.28.398/- PH - Rs 3.79.705/- **Total Rs.38,49,348/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |
| 3 | Construction of Day Care Sub Centre Building at Uperbahal under Loisingha Block of Balangir Dist (Civil. El. PH) (Composite Tender) | Civil -Rs.32,41,057/- El- Rs2.28.398/- PH - Rs 3 79.971/- **Total Rs.38,49,426/-** | "C" Class & "B" Class | Panchayat Samiti, Loisingha | 39,000/- | 6,000/- | 6 (Six) Calendar Months |

1. The tender Call Notice, DTCN with Tender document can only be downloaded from the District Portal (http://www.balangir.nic.in) from dt dt.20.04.2023 to dt.09.05.2023.
2. The tender document completing in all respect will be received in the Office of the Block Development Officer, Loisingha till dt.09.05.2023 upto 1.00 P.M. through Regd./Speed Post only in Official address of Block Development Officer, Loisingha . The document must be super scribed as "Name of the Work with location.'The tender document received after 1.00 PM of dt.09.05.2023 will not be considered. Incase of any postal delay the authority shall not be held responsible.
3. The Bids will be opened on the Dt. 10.05.2023 at 9.00 AM in the office of the undersigned, in the presence of the members of tender committee of Panchayat Samiti, Loisingha, bidders or their authorized representatives attend at the time of Opening.
4. Further details can be seen from the website portal (http://www.balangir.nic.in)

**Sd./- Block Development Officer, Loisingha**
OIPR-19245/11/0001/2324



**GOVERNMENT OF ODISHA**
**DEPARTMENT OF AGRICULTURE & FARMERS EMPOWERMENT**
**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**
**Notice No. DE-AGR-984 / Dated: 12.04.2023**

No. L-09: Invitation for Expression of Interest (EoI) for post-delivery inspection of Farm Implements/ Machineries booked and supplied on the eve of "District level mela on Farm Mechanisation" and post mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha.

Expression of Interest (EoI) is invited in sealed cover from eligible bidders to undertake post delivery inspection of Farm Implements/Machineries booked and supplied on the eve of "District level mela on Farm Mechanisation" and post mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha. Interested bidders fulfilling the prescribed eligibility criteria can access and download the ToR and other details from the website: **www.odishagov.in / www.agrisnetodisha.in**. The major events under the bid process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of ToR | 15.04.2023 |
| 2 | Pre bid discussion at Krushi Bhawan | 25.04.2023 at 3.30 P.M. |
| 3 | Last date for Submission of EoI | 08.05.2023 5.00 P.M. |
| 4 | Date of Opening of Technical Proposal | 09.05.2023 at 11.30 A.M. |

The proposal (EoI) complete in all respects must reach the Development Engineer, OFMRDC, Satyanagar, Bhubaneswar - 751007 by Speed Post/Registered Post/Courier only latest by 08.05.2023 upto 5.00 P.M. in a selaed envelope clearly mentioning on the top of it "EoI-Post Delivery Inspection of Farm Implements/ Machineries booked and supplied on the eve of District level Mela on Farm Mechanisation and Post Mela (from 01.01.2023 to 31.03.2023) for the F.Y. 2022-23 under State Agriculture Policy (Farm Mechanization) in specific districts of Odisha". For any other information relating to the EoI, the designated person can be contacted over Mobile No. 9778312631.

EoI document received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Address for Submission of Proposal:**
**Development Engineer, OFMRDC,**
**Satya Nagar, Bhubaneswar - 751007**
**Email: ofmrdc.dag@nic.in/de.ofmrdc21@gmail.com**

**Sd./- Director of Agriculture & Food Production**
**Odisha, Bhubaneswar**
OIPR-01051/11/0001/2324



**OFFICE OF THE D.G. & I.G. OF POLICE, ODISHA, CUTTACK**
**RFP No.: RFP-02-PMUSD Dtd.15.04.2023**

No. D-14: Online Bids through e-Tender Portal **https://tendersodisha.gov.in** are invited from the eligible consulting firms for setting up of Project Management Unit for Strategic Development of Odisha Police during the Current Financial year, 2023-24 as per the particulars mentioned below.

| Sl. No. | Particulars | Details |
|---|---|---|
| 1. | Date of Issue of RFP | 15.04.2023 |
| 2. | Deadline for Submission of Pre-Proposal/Pre-Bid Queries | 21.04.2023 |
| 3. | Issue of Pre-proposal Clarifications | 26.04.2023 |
| 4. | Proposal Due Date | 16.05.2023 till 5 P.M. |
| 5. | Date of Opening of Pre-Qualification Proposal | 17.05.2023 3 P.M. |
| 6. | Date of Opening of Technical Proposal | To be informed later |
| 7. | Date of Presentation | To be informed later |
| 8. | Date of Opening of Financial Proposal | To be informed technically qualified bidders |
| 9. | Pre-Proposal Meeting | A pre-proposal meeting will be held on 25.04.2023 3 P.M. (Online Link shall be shared based on the request receive from bidder on **aig-prov.odpol@gov.in** before 15.00 hours, 21.04.2023 |

The bid document with all information relating to the bidding process including cost of bid document, Pre-qualification criteria and terms & conditions are available in the websites: **www.odishapolice.gov.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**
OIPR-12139/11/0002/2324



**OFFICE OF THE D.G. & I.G. OF POLICE, ODISHA, CUTTACK**
**RFP No.: RFP-01-CB-OPSC&IC Dtd.15.04.2023**

No. D-14: Online Bids through e-Tender Portal **https://tendersodisha.gov.in** are invited from the eligible consulting firms for setting up of Odisha Police Strategic Communication and Information Cell for Odisha Police during the Current Financial year, 2023-24 as per the particulars mentioned below.

| Sl. No. | Particulars | Details |
|---|---|---|
| 1. | Date of Issue of RFP | 15.04.2023 |
| 2. | Deadline for Submission of Pre-Proposal/Pre-Bid Queries | 21.04.2023 |
| 3. | Issue of Pre-bid Clarifications | 27.04.2023 |
| 4. | Proposal Due Date | 17.05.2023 till 5 P.M. |
| 5. | Date of Opening of Pre-Qualification Proposal | 18.05.2023 3 P.M. |
| 6. | Date of Opening of Technical Proposal | To be informed later |
| 7. | Date of Presentation | To be informed later |
| 8. | Date of Opening of Financial Proposal | To be informed technically qualified after bidders |
| 9. | Pre-Bid Meeting | To be informed later |
| 10. | Tentativeness of Schedule | A pre-proposal meeting will be held on 26.04.2023 3 P.M. (Online Link shall be shared based on the request receive from bidder on **aig-prov.odpol@gov.in** before 15.00 hours, 21.04.2023 |

The bid document with all information relating to the bidding process including cost of bid document, Pre-qualification criteria and terms & conditions are available in the websites: **www.odishapolice.gov.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**
OIPR-12139/11/0001/2324

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ ଅଫିସ, ୧୩।୪: ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସୂଚନାନୁସାରେ, ପୂର୍ବାହ୍ନରେ ମହାପ୍ରଭୁଙ୍କ ସକାଳଧୂପ ଶେଷହୋଇ ଭୋଗମଣ୍ଡପ ଉଠିଥିଲା। ପରେ ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ସେଠାରେ କେହି ଭକ୍ତ ବାନ୍ତି କରିଦେଇଥିବା ଦେଖିବାକୁ ମିଳିଥିଲା। ଫଳରେ ଦର୍ଶନ ଓ ନୀତି ବନ୍ଦ ରଖାଯାଇ ବଡ଼ ମହାସ୍ନାନ ନୀତି କରାଯାଇଥିଲା। ଏହାପରେ ପୁଣି ଅନ୍ୟାନ୍ୟ ନୀତି ସ୍ୱାଭାବିକ ଭାବେ ଆଗେଇଥିଲା। ତେବେ ବଡ଼ମହାସ୍ନାନ ପାଇଁ ପ୍ରାୟ ପ୍ରାୟ ୧ ଘଣ୍ଟା ଅନ୍ୟ ନୀତି ବିଳମ୍ବ ହୋଇଥିଲା।

### ନିବେଶ ନାଁରେ ଦମ୍ପତିଙ୍କଠାରୁ ୨୦ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୧୩।୪ (ବ୍ୟୁରୋ) - ଘରୋଇ ମ୍ୟୁଚୁଆଲ ଫଣ୍ଡ୍ କମ୍ପାନୀରେ ପୁଞ୍ଜି ନିବେଶ କଲେ ଅଧିକ ଟଙ୍କା ମିଳିବାର ପ୍ରଲୋଭନ ଦେଖାଇ ଦମ୍ପତିଙ୍କଠାରୁ ୨୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପାତ୍ରପଡାରେ ରହୁଥିବା ବାଲେଶ୍ୱର ଜିଲାର ଅଜିତ କୁମାର ଭୋଳ। କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତ ଅଜିତ ଅଭିଯୋଗକାରିଣୀଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ କରି କୋଭିଡ୍ ମହାମାରୀ ସମୟରେ ତାଙ୍କ ଘରକୁ ଆସି ନିଜକୁ ଏକ ଘରୋଇ ବୀମା/ ମ୍ୟୁଚୁଆଲ ଫଣ୍ଡ କମ୍ପାନୀର ଏଜେଣ୍ଟ ଭାବେ ପରିଚୟ ଦେଇଥିଲେ। ମ୍ୟୁଚୁଆଲ ଫଣ୍ଡ୍‌ରେ ଟଙ୍କା ଲଗାଇଲେ ଅଧିକ ଟଙ୍କା ମିଳିବାର ଲୋଭ ଦେଖାଇଥିଲେ। ଅଜିତଙ୍କ କଥାକୁ ବିଶ୍ୱାସ କରି ଉଭୟ ସ୍ୱାମୀସ୍ତ୍ରୀ ୧୮ ଲକ୍ଷ ୧୦ ହଜାର ୯୯୦ ଟଙ୍କାର ଏକ ଚେକ୍ ଓ ୧ ଲକ୍ଷ ୮୯ ହଜାର ୧୦ ଟଙ୍କା ନଗଦ ଆକାରରେ ଦେଇଥିଲେ। କିଛିଦିନ ପରେ ଅଜିତ ଅଭିଯୋଗକାରିଣୀଙ୍କ ନାମରେ ଏକ ମ୍ୟୁଚୁଆଲ୍ ଫଣ୍ଡ୍ କମ୍ପାନୀର ନକଲି କାଗଜପତ୍ର (ଫୋଲିଓ ନଂ.୨୩୧୫୫୧୩୯) ପ୍ରଦାନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀ ଉକ୍ତ ନଂ.ରେ ଜମାରାଶିର ଅଭିବୃଦ୍ଧି ଯାଞ୍ଚବେଳେ ତାହା କାହାକୁ ଦିଆଯାଇ ନ ଥିବା କମ୍ପାନୀ ପକ୍ଷରୁ କୁହାଯିବା ପରେ ଚିନ୍ତାରେ ପଡିଥିଲେ। ତେବେ ଠକାମିର ଶିକାର ହୋଇଥିବା ଜାଣିବା ପରେ ସେ ଅଜିତଙ୍କୁ ଯୋଗାଯୋଗ କରିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ମହିଳାଜଣକ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

### ଚାକିରି ଦେବା ନାଁରେ ୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୪ (ବ୍ୟୁରୋ) - ଚାକିରି ଦେବା ନାଁରେ ଜଣେ ଯୁବକଙ୍କଠାରୁ ୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଧଉଳି ଥାନା ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା କାକଟପୁର ଥାନା ଅଞ୍ଚଳର ସେକ ସାକିର ହୁସେନ (୪୪) । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ସେକ ନିଜାମ ବେରୋଜଗାର ଥିବାରୁ ଅଭିଯୁକ୍ତ ସାକିର ତାଙ୍କୁ ବିଦେଶରେ ଏକ କମ୍ପାନୀରେ ସ୍ଥାୟୀ ଚାକିରି ଯୋଗାଇ ଦେବାକୁ କହି ୫ ଲକ୍ଷ ଟଙ୍କା ମାଗିଥିଲେ । ହେଲେ ଟଙ୍କା ନେବାପରେ ସାକିର ୩ବର୍ଷ କାଳ ସମୟ ଗଡ଼ାଇଥିଲେ। ପରବର୍ତୀ ସମୟରେ ଅର୍ଥାତ୍ ଗତବର୍ଷ ଜୁନ ମାସରେ ନିଜାମ ଓ ସାକିରଙ୍କ ମଧ୍ୟରେ ଟଙ୍କା ଫେରସ୍ତ ପାଇଁ ଚୁକ୍ତି ହୋଇଥିଲା। ସାକିର ୫ଟି ଚେକରେ ଗତ ସେପ୍ଟେମ୍ବର ୧୦ ସୁଦ୍ଧା ସମସ୍ତ ଟଙ୍କା ଫେରସ୍ତ କରିବାକୁ କହିଥିଲେ ମଧ୍ୟ ଦେଇ ନ ଥିଲେ । ଏହାପରେ ନିଜାମ ତାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ ।

# ଭୁବନେଶ୍ୱର ରେଳ ଷ୍ଟେଶନରେ ବିସ୍ଫୋରକ

## କୋଣାର୍କ ଏକ୍ସପ୍ରେସ୍‌ରୁ ଜବତ ହେଲା

## ମାମଲା ରୁଜୁ କରି 'ଆର୍‌ପିଏଫ୍'ର ତଦନ୍ତ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେଶନରୁ ବିସ୍ଫୋରକ ମିଳିଛି। ଷ୍ଟେଶନରେ ଅଟକି ରହିଥିବା କୋଣାର୍କ ଏକ୍ସପ୍ରେସ୍‌ରୁ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏହି ବିସ୍ଫୋରକକୁ ଜବତ କରିଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହୁଥିବା ଷ୍ଟେଶନ ମଧ୍ୟରୁ ବୁଧବାର ବିଳମ୍ବିତ ରାତିରେ ଏଭଳି ସାମଗ୍ରୀ ମିଳିବା ପରେ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି ହୋଇଛି। ଜବତ ସାମଗ୍ରୀରେ ୮ଟି ରେଡ୍ ପାରାଚ୍ୟୁଟ ସିଗ୍‌ନାଲ, ୧୫ଟି ରକେଟ ପାରାଚ୍ୟୁଟ ଫ୍ଲାର୍ସ ଏବଂ ଗୋଟିଏ ପାଥ୍ ଫାଇଣ୍ଡର ଶର୍ଟ ରହିଥିବା ସୂଚନା ଦିଆଯାଇଛି। ଏଗୁଡ଼ିକ ଦୂର ସମୁଦ୍ରରେ ଥିବା ଜାହାଜର ସିଗ୍‌ନାଲ ଦେବା ପାଇଁ ବ୍ୟବହାର କରାଯାଏ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଏନେଇ ଆର୍‌ପିଏଫ୍ ଅଧିକାରୀ ଶ୍ରୀନିବାଶ ପଟ୍ଟନାୟକ କହିଛନ୍ତି, ସନ୍ଦେହଜନକ ଅବସ୍ଥାରେ ମିଳିଥିବା ବିସ୍ଫୋରକ ସାମଗ୍ରୀକୁ ଏକ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଏହାକୁ ଯାଞ୍ଚ କରିବା ପାଇଁ ଶୁକ୍ରବାର ସକାଳେ ବୋମା ନିଷ୍କ୍ରିୟକାରୀ ଦଳ ଆସିବେ। ବମ୍ ସ୍କ୍ୱାଡ୍ ପକ୍ଷରୁ ରିପୋର୍ଟ ଦିଆଯିବା ପରେ ଏନେଇ ଅଧିକ ସ୍ପଷ୍ଟ ହେବ। ଏଭଳି ସାମଗ୍ରୀକୁ କେଉଁ ଉଦ୍ଦେଶ୍ୟରେ କିଏ ଆଣିଥିଲେ ସେନେଇ ଜାଣିବାକୁ ଭୁବନେଶ୍ୱର ଷ୍ଟେଶନ ସମେତ ଟ୍ରେନ୍ ଆସିଥିବା ଅନ୍ୟାନ୍ୟ ଷ୍ଟେଶନର ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି। ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଆର୍‌ପିଏଫ୍ ପକ୍ଷରୁ ଏକ ମାମଲା (ନଂ. ସିଏସି/୩୭୭/୨୦୨୩) ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି। ତେବେ ଏଭଳି ବିସ୍ଫୋରକ ସାମଗ୍ରୀ ଠାବ ହେବା ଫଳରେ ଷ୍ଟେଶନର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, କୋଣାର୍କ ଏକ୍ସପ୍ରେସ୍ ବୁଧବାର ମୁମ୍ବାଇରୁ ଆସି ରାତି ପ୍ରାୟ ୧୧ଟା ୩୦ରେ ଭୁବନେଶ୍ୱର ରେଳ ଷ୍ଟେଶନର ୨.ନଂ ପ୍ଲାଟଫର୍ମରେ ଲାଗିଥିଲା। ତେବେ ରାତି ପ୍ରାୟ ୩ଟାବେଳେ ସଫେଇ କର୍ମଚାରୀମାନେ ଟ୍ରେନ୍ ସଫା କରୁଥିବାବେଳେ ସାଧାରଣ ବଗିରୁ ଏକ ଶବ୍ଦ ଶୁଣିବାକୁ ପାଇଥିଲେ। ଶବ୍ଦ ଶୁଣି ସେମାନେ ଚମକି ପଡ଼ିବା ସହ ଭୟଭୀତ ହୋଇ ପଡ଼ିଥିଲେ। ତୁରନ୍ତ କର୍ମଚାରୀମାନେ ସେଠାକୁ ଯିବା ପରେ ଉକ୍ତ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ସଂକ୍ରାନ୍ତରେ ଆର୍‌ପିଏଫ୍‌କୁ ଜଣାଇଥିଲେ। ଆର୍‌ପିଏଫ୍ ଅଧିକାରୀମାନେ ସେଠାକୁ ଯାଇ ଯାଞ୍ଚ କରିଥିଲେ। ପରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ପରେ ଏଗୁଡ଼ିକ ବିସ୍ଫୋରକ ସାମଗ୍ରୀ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ଅଧିକ ଯାଞ୍ଚ ପାଇଁ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଯାଇଛି।



କୋଣାର୍କ ଏକ୍ସପ୍ରେସରୁ ଜବତ ବିସ୍ଫୋରକ ସାମଗ୍ରୀ।



ଓଡ଼ିଆ ନବବର୍ଷକୁ ସ୍ୱାଗତ ଜଣାଇ ଶିଳ୍ପୀମାନେ ଗୁରୁବାର ଶ୍ରୀମନ୍ଦିର ସମ୍ମୁଖରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

### ଡେଲିଭରି ବୟଙ୍କ ମୃତ୍ୟୁ, ଅଂଶୁଘାତ ସନ୍ଦେହ

ଭୁବନେଶ୍ୱର,୧୩।୪ (ବ୍ୟୁରୋ)

ରାଜଧାନୀରେ ଗୁରୁବାର ଜଣେ ଡେଲିଭରି ବୟଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲାର ସୁବ୍ରତ ବଇରୀ ଗଞ୍ଜାନ (୫୦)। ସେ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ ଡେଲିଭରି ବୟ ଭାବେ କାମ କରୁଥିଲେ। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ଅଂଶୁଘାତଜନିତ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଖୋଳତାଡ ଚଳାଇଛି। ମୃତ ସୁବ୍ରତ ଡମଣାରୁ ପଟିଆ ଅଭିମୁଖ୍ୟ ଏକ ପାର୍ସଲ ନେଇ ଯାଉଥିବାବେଳେ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରେ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ଗାଡିରୁ ଓହ୍ଲାଇ ଛିଡା ହୋଇଥିବାବେଳେ ତଳେ ପଡିଗଲେ। ପୋଲିସ ପହଞ୍ଚି ସୁବ୍ରତଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ ଓ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ, ସମ୍ମାନିତ ଅତିଥି ଆଇସିଏଆର୍‌ର ପୂର୍ବତନ ମହାନିର୍ଦ୍ଦେଶକ ତଥା ଡିଏଆର୍‌ଇର ସମ୍ପାଦକ ଡ. ତ୍ରିଲୋଚନ ମହାପାତ୍ର, ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ. ଜି. ନରହରି ଶାସ୍ତ୍ରୀ, ସ୍ଥାପନା ଦିବସ ଆୟୋଜକ କମିଟିର ସଂଯୋଜକ ଡ. ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଡ. ଶାସ୍ତ୍ରୀ ଆର୍‌ଆର୍‌ଏଲ୍ ଲାବରେଟୋରିରୁ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ୬୦ ବର୍ଷର ଯାତ୍ରା ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିବା ସହ ୨୦୨୨ର ବାର୍ଷିକ ବିବରଣୀ ପାଠ କରିଥିଲେ। ସେ କହିଥିଲେ, ଖଣିଜ ଓ ପଦାର୍ଥ କ୍ଷେତ୍ରରେ ସିଏସ୍‌ଆଇଆର୍ - ଆଇଏମ୍‌ଏମ୍‌ଟି ବହୁ ଅନୁସନ୍ଧାନ କରିଛି। ଏହା ଦେଶର ବହୁ ଅଗ୍ରଣୀ କମ୍ପାନୀଙ୍କ ପାଇଁ ଉତ୍ପାଦନ କ୍ଷେତ୍ରରେ ସହାୟକ ହେଉଛି। ଆମେ ବିଭିନ୍ନ ପ୍ରକାରର କର୍ମଶାଳା ଆୟୋଜନ କରି ସମସ୍ତ କ୍ଷେତ୍ରରେ ଖଣିଜ ପଦାର୍ଥର ସ୍ଥାୟୀ ଏବଂ ଉନ୍ନତ ସମାଧାନ ପାଇଁ ଚେଷ୍ଟାରତ। ଆମର ସକ୍ଷମତା ଓ ସାମର୍ଥ୍ୟକୁ ଆହୁରି ବଢାଇବୁ, ଯଦ୍ୱାରା ଭାରତ ଏହି କ୍ଷେତ୍ରର ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ସିଏସ୍‌ଆଇଆର୍- ଆଇଏମ୍‌ଏମ୍‌ଟିକୁ ଉପଯୁକ୍ତ ମନେ କରିବେ ବୋଲି ସେ କହିଥିଲେ। ଏହି ଅବସରରେ ହିନ୍ଦୀ ପତ୍ରିକା 'ଅଭିବ୍ୟକ୍ତି' ଉନ୍ମୋଚିତ ହୋଇଥିଲା। ସଂଯୋଜକ ଡ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ହୀରକ ଜୟନ୍ତୀ ଓ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥିମାନେ।

### ଆଜିଠାରୁ କିଟ୍‌ରେ ୟୁଥ୍-୨୦

#### ମୁଖ୍ୟ ଆକର୍ଷଣ ସାଜିବେ ରିକି କେଜ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

କିଟ ବିଶ୍ୱବିଦ୍ୟାଳୟରେ ଶୁକ୍ରବାରଠାରୁ ଆରମ୍ଭ ହେବ ୟୁଥ-୨୦ କନ୍‌ସଲ୍‌ଟେଶନ୍। ଏଥିରେ ଯୋଗଦେବାକୁ ଆସିଥିବା ଆମେରିକା, ବ୍ରିଟେନ, ଜର୍ମାନ, ୟୁକ୍ରେନ, ସୁଇଜରଲାଣ୍ଡ, ପୋଲାଣ୍ଡ, ଆର୍ମେନିଆ, ସ୍ଲୋଭାକିଆ, ବୁଲଗେରିଆ, କଙ୍ଗୋ, ଆଇଭେରି କୋଷ୍ଟ ଆଦି ୨୦ ଦେଶର ଏମ୍‌ପି ଗୁରୁବାର କିସ ପରିଦର୍ଶନ କରିଥିଲେ। କିସ୍ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେମାନେ କହିଛନ୍ତି, ଯୁବଗୋଷ୍ଠୀ ହେଉଛନ୍ତି ବିଶ୍ୱର ଭବିଷ୍ୟତ। ସେମାନେ ଚାହିଁଲେ ଏକ ଶାନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଶ୍ୱ ତିଆରି କରିପାରିବେ। ଏହି କାର୍ଯ୍ୟକ୍ରମରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ, କିସ ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଲି ପ୍ରମୁଖ ଉପସ୍ଥିତ ଥିଲେ । ୟୁଥ-୨୦ କନ୍‌ସଲ୍‌ଟେସନ୍ ପାଇଁ ମୁଖ୍ୟ ଆକର୍ଷଣ ରହିଛନ୍ତି ୩ଥର ଗ୍ରାମି ପୁରସ୍କାର ପାଇଥିବା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଭାରତୀୟ ସଂଗୀତଜ୍ଞ ରିକି କେଜ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଣେଶ



@ ଗୁପ୍ତ



@ ସୌରଭ



@ ସୁହାନି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ ଗ୍ରାମରେ ଗୁରୁବାର ଅନୁଷ୍ଠିତ ଧୂଳିଦଣ୍ଡ ଉତ୍ସବରେ ମାନସିକଧାରୀମାନେ ଧୂଳିରେ ଦଣ୍ଡ ଗଡୁଛନ୍ତି।




ଓଡ଼ିଆ ନବବର୍ଷ ଉପଲକ୍ଷେ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।



ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପରିପ୍ରେକ୍ଷୀରେ ଗୁରୁବାର କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ୍‌ଠାରେ ମୋ ପରିବାର ପକ୍ଷରୁ ଅନୁଷ୍ଠିତ ଜୀବନବିନ୍ଦୁ କାର୍ଯ୍ୟକ୍ରମ।

# ଟାଇଟନ୍ସର ତୃତୀୟ ବିଜୟ




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମୋହିତ ଶର୍ମା।

**ମୋହାଲି, ୧୩।୪**

ମୋହାଲିର ଆଇଏସ୍ ବିନ୍ଦ୍ରା କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୧୮ ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୬ ଉଇକେଟରେ ପରାସ୍ତ କରି ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ହାସଲ କରିଛି ଗୁଜରାଟ ଟାଇଟନ୍ସ । ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୫୩ ରନ୍ କରିଥିବା ବେଳେ ଗୁଜରାଟ ଗୋଟିଏ ବଲ୍ ପୂର୍ବରୁ ୪ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଭାନୁକା ରାଜପାକ୍ସେଙ୍କ ସ୍ଥାନରେ ରାହୁଲ ଚହର ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳିଥିଲେ। ଟସ୍ ହାରି ବ୍ୟାଟିଂ କରିଥିବା ପଞ୍ଜାବର ଦୁଇ ଓପନର ପ୍ରଭସିମରନ୍ ସିଂ(୦) ଓ ଶିଖର ଧାୱନ୍ (୮) ବିଫଳ ହୋଇଥିଲେ। ଟପ୍ ସ୍କୋରର ମାଥ୍ୟୁ ଶର୍ଟ ୩୬ ରନ୍ କରି ଇନିଂସ ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ପାୱାର ପ୍ଲେ ଓଭର ଶେଷ ହେବାର ଠିକ୍ ପରେ ସେ ରଶିଦ୍ ଖାନଙ୍କ ଶିକାର ହୋଇଥିଲେ। ମଧ୍ୟକ୍ରମରେ ଜିତେଶ ଶର୍ମା ୨୩ ବଲ୍‌ରୁ ୨୫ ଓ ଭାନୁକା ରାଜପାକ୍ସେ ୨୬ ବଲ୍‌ରୁ ୨୦ ରନ୍ ଅତ୍ୟନ୍ତ ଧୀମା ବ୍ୟାଟିଂ କରିଥିଲେ। ସାମ୍ କୁରାନ୍ ୨୨ ବଲ୍‌ରୁ ୨୨ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ଶେଷ ଦୁଇ ଓଭରରେ ଶାହରୁଖ ଖାନ୍ ଦ୍ରୁତ ୨୨ ରନ୍ କରିବାରୁ ଦଳ ୧୫୦ ରନ୍ ପାର କରିଥିଲା। ଶାହରୁଖ ୯ ବଲ୍ ଖେଳି ୧ଚୌକା ଓ ୨ ଛକା ମାରିଥିଲେ। ମୋହିତ ଶର୍ମା ଦୁଇ ଉଇକେଟ ନେଇଥିବା ବେଳେ ଅନ୍ୟ ସମସ୍ତ ବୋଲର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୪ ରନ୍‌ର ପିଛା କରୁଥିବା ଗୁଜରାଟ ପକ୍ଷରୁ ଶୁବମାନ ଗିଲ୍ ୬୭ ରନ୍ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋଦ୍ଧିମାନ ସାହା ୩୦ ଓ ସାଇ ସୁଦର୍ଶନ ୧୯ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର, ଅର୍ଶଦୀପ ସିଂ, ସାମ୍ କୁରାନ୍ ଓ କାଗିସୋ ରବାଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**କୋଲକାତା ବନାମ ହାଇଦ୍ରାବାଦ**
ସ୍ଥାନ:କୋଲକାତା, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୫୩/୮(ମାଥ୍ୟୁ ଶର୍ଟ-୩୬, ଜିତେଶ ଶର୍ମା-୨୫, ଶାହରୁଖ ଖାନ୍-୨୨, ମୋହିତ ଶର୍ମା-୨/୧୮, ରଶିଦ୍ ଖାନ୍-୧/୨୬, ଜୋସୁଆ ଲିଟିଲ-୧/୩୨)। ଗୁଜରାଟ ଟାଇଟନ୍ସ: ୧୯.୫ ଓଭରରେ ୧୫୪/୪(ଶୁବମାନ ଗିଲ୍-୬୭ ,ଋଦ୍ଧିମାନ ସାହା-୩୦, ସାଇ ସୁଦର୍ଶନ-୧୯, ହରପ୍ରୀତ୍ ବ୍ରାର-୧/୨୦, ସାମ୍ କୁରାନ୍, ଅର୍ଶଦୀପ ସିଂ-୧/୩୩)।

## ଦ୍ରୁତତମ ୧୦୦ ଉଇକେଟ କ୍ଲବରେ ରବାଡା

**ମୋହାଲି, ୧୩।୪:** ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଖେଳୁଥିବା ଦକ୍ଷିଣ ଆଫ୍ରିକା ବୋଲର କାଗିସୋ ରବାଡା ଆଇପିଏଲରେ ୧୦୦ ତମ ଉଇକେଟ ଅକ୍ତିଆର କରିଛନ୍ତି। ମ୍ୟାଚ୍‌ର ପଞ୍ଚମ ଓଭରରେ ଋଦ୍ଧିମାନ ସାହାଙ୍କୁ ଆଉଟ କରି ସେ ଏହି ସଫଳତା ହାସଲ କରିଥିଲେ। ଏହା ସହିତ ଆଇପିଏଲରେ ୧୦୦ ଉଇକେଟ ହାସଲ କରିଥିବା ବୋଲରଙ୍କ ମଧ୍ୟରେ ରବାଡା ଦ୍ରୁତତମ ବୋଲର ପାଲଟିଛନ୍ତି। ୧୪୩୮ ତମ ବଲ୍‌ରେ ସେ ଏହି ସଫଳତା ହାସଲ କରିଥିବା ବେଳେ ପୂର୍ବରୁ ଏହି ରେକର୍ଡ ଲାସିଥ୍ ମାଲିଙ୍ଗାଙ୍କ ନାମରେ ରହିଥିଲା। ମାଲିଙ୍ଗା ୧୬୨୨ ବଲ୍‌ରେ ଏହି ସଫଳତା ହାସଲ କରିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ